ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୮/୨୦୧୯ (୨୦ ପୃଷ୍ଠା) Bhubaneswar, Sunday, August 18/2019 (ଛୁଟିଦିନ ସହ) ★★★★★★
୪୫ଶ ଭାଗ ୨୬୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ସ୍ମିଥ୍‌ଙ୍କ ପ୍ରଭାବୀ ବ୍ୟାଟିଂ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟରେ ଫର୍ମରେ ଥିବା ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ୯୨ ରନ ସଂଗ୍ରହ କରିଛନ୍ତି।

୧୮ ୦୮

**ଅଭିନୟରୁ ଆନନ୍ଦ ମିଳେ: ଅନୁପ୍ରିୟା**

ଫିଲ୍ମରେ ଅଭିନୟ କରିବାରେ ଖୁବ୍ ଖୁସି ଅନୁଭବ କରନ୍ତି ବୋଲି ବଲିଉଡ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କା ପ୍ରକାଶ କରିଛନ୍ତି।





ନୂଆଦିଲ୍ଲୀସ୍ଥିତ ଏମ୍ସରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ୟମ ଚାଲିଛି।
(ରିପୋର୍ଟ: ପୃଷ୍ଠା-୨)

■ ଠେଲାପେଲା କରିବା ଯୋଗୁ ମହିଳାଙ୍କ ଗର୍ଭପାତ ହୋଇଥିବା ଅଭିଯୋଗ

# ସୁନ୍ଦରଗଡ଼ ଏସ୍‌ପିଙ୍କ ନାଁରେ ମାମଲା

**ସୁନ୍ଦରଗଡ଼, ୧୭।୮ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କନିକା ଗ୍ରାମରେ ଜୁଲାଇ ୪ରେ ଏକ ଦୁର୍ଘଟଣାକୁ କେନ୍ଦ୍ରକରି ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ଧରୁନାହିଁ। ପୋଲିସ ସେତେବେଳେ ଫାଣ୍ଡି ଭଙ୍ଗାରୁଜା ଘଟଣାରେ ୧୪ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲାବେଳେ ବର୍ତ୍ତମାନ ୨ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ପୋଲିସର ମାତ୍ରାଧିକ କାର୍ଯ୍ୟକୁ ନେଇ କୋର୍ଟରେ ଅଭିଯୋଗ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରାଙ୍କ ବିରୋଧରେ ହେମଗିର ଥାନାରେ ୨ଟି ମାମଲା ରୁଜୁ ହୋଇଛି।



ଏସ୍‌ପି ସୌମ୍ୟା ମିଶ୍ରା

କନିକାର ଜଣେ ବରିଷ୍ଠ ନାଗରିକ ଦିଲୀପ ପଟ୍ଟନାୟକ ଗତ ଜୁଲାଇ ୧୧ରେ ସୁନ୍ଦରଗଡ ଏସ୍‌ଡିଜେଏମ୍ କୋର୍ଟରେ ଏସ୍‌ପି ମିଶ୍ରାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଜୁଲାଇ ୨୫ରେ ହେମଗିର ଥାନାରେ ଏସ୍‌ପିଙ୍କ ବିରୋଧରେ ପ୍ରଥମ ମାମଲା ରୁଜୁ ହୋଇଥିଲା। ଏହା ପରେ ଅନ୍ୟ ଜଣେ ମହିଳା ପ୍ରିୟା ଦେ ଅଗଷ୍ଟ ୫ରେ ଏସ୍‌ପିଙ୍କ ବିରୋଧରେ ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ଗତ ଜୁଲାଇ ୪ ରାତିରେ ସ୍ୱାମୀ ଉତ୍ତମ ଦେ ଫାର୍ମ ହାଉସରେ ଶୋଇଥିବା ବେଳେ ଏସ୍‌ପି ତାଙ୍କ ଘର ଭିତରେ ପଶି ଠେଲାପେଲା କରି ଗାଳିଗୁଲଜ କରିଥିଲେ। ଫଳରେ ମହିଳାଙ୍କ ଗର୍ଭପାତ ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏସ୍‌ପିଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଗ୍ରହଣ କରି କୋର୍ଟ ହେମଗିର ପୋଲିସକୁ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ହେମଗିର ଥାନାରେ ଏସ୍‌ପିଙ୍କ ବିରୋଧରେ ନଂ.୭୪ ରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ପୋଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ଏସ୍‌ପି ମିଶ୍ରା ଦୃଢ଼ ଭାବେ ଖଣ୍ଡନ କରିବା ସହ ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ବୋଲି କହିଛନ୍ତି।

■ ପାକିସ୍ତାନକୁ ଶକ୍ତ ଝଟ୍‌କା

# ୪୪୦ ନିୟୁତ ଡଲାର ସହାୟତା କମାଇଲା ଆମେରିକା

**ନୂଆଦିଲ୍ଲୀ,୧୭।୮**

ଗୁରୁତର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନକୁ ଆଉ ଏକ ବଡ଼ ଝଟକା ଲାଗିଛି। ଆମେରିକା ପାକିସ୍ତାନକୁ ଯୋଗାଉଥିବା ଆର୍ଥିକ ସହାୟତାକୁ ୪୪୦ ନିୟୁତ ଡଲାର ହ୍ରାସ କରିଛି। ପାକିସ୍ତାନ ବର୍ଦ୍ଧିତ ସହଭାଗିତା ରାଜିନାମା (ପିଇପିଏ),୨୦୧୦ଅନୁଯାୟୀଆମେରିକାଇସ୍‌ଲାମାବାଦ୍‌କୁ ଏହି ସହାୟତା ଯୋଗାଇଆସୁଛି। ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ୱାଶିଂଟନ ଗସ୍ତର ତିନି ସପ୍ତାହ ପୂର୍ବରୁ ଆମେରିକା ସହାୟତା ହ୍ରାସ ସମ୍ପର୍କରେ ଜଣାଇଦେଇଥିଲା। ପୂର୍ବରୁ ଏହି ସହାୟତା ପରିମାଣ ୪.୫ ବିଲିୟନ ଡଲାର ଥିଲା। ୪୪୦ ନିୟୁତ ଡଲାର କମାଇବା ଫଳରେ ତାହା ୪.୧ ବିଲିୟନ ଡଲାରକୁ ହ୍ରାସ ପାଇଛି। ଇସ୍‌ଲାମାବାଦ ଆତଙ୍କବାଦ ଦମନ କ୍ଷେତ୍ରରେ ବିଫଳ ହୋଇଥିବାରୁ ଆମେରିକା ଦେବାକୁ ଥିବା ୩୩୦ ନିୟୁତ ଡଲାର ପ୍ରତିରକ୍ଷା ସହାୟତାକୁ ଗତବର୍ଷ ସେପ୍ଟେମ୍ବରରେ ବାତିଲ କରିଦେଇଥିଲା। ହକାନି



ଡୋନାଲ୍ଡ ଟ୍ରମ୍ପ୍ ଇମ୍ରାନ୍ ଖାନ୍

ଆତଙ୍କବାଦୀ ନେଟୱର୍କକୁ ଦମନ କରିବାରେ ବିଫଳ ପାକିସ୍ତାନକୁ ଗତବର୍ଷ ଜାନୁୟାରୀରେ ପେଣ୍ଟାଗନ ୧ ବିଲିୟନ ଡଲାର ଆର୍ଥିକ ସହାୟତା ହ୍ରାସ କରିଥିଲା। ଆତଙ୍କବାଦ ପ୍ରତି ଇସ୍‌ଲାମାବାଦର କୋହଳ ମନୋଭାବ ଯୋଗୁ ୧.୩ ବିଲିୟନ ଡଲାର ସହାୟତା ବାତିଲ କରାଯାଇଥିବା ଗତ ମାସରେ ଇମ୍ରାନ ଖାନ୍‌ଙ୍କ ସହ ଆଲୋଚନା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜଣାଇଥିଲେ।

# ଗଗନ ଧଳ ଓଏଫ୍‌ଡିସି ଅଧ୍ୟକ୍ଷ

- ଗ୍ରହଣ ହେଲାନି ଇସ୍ତଫା
- ଅସିତ୍‌ଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି
- ସଞ୍ଜୀବ ଚୋପ୍ରାଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ
- ମୋନା ଶର୍ମାଙ୍କୁ ଜଙ୍ଗଲ ଓ ପରିବେଶ



ଗଗନ ଧଳ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ରାଜ୍ୟ ସରକାର ପ୍ରଶାସନର ଶୀର୍ଷସ୍ତରରେ ଶନିବାର ଅଦଳବଦଳ କରିଛନ୍ତି। କୃଷି ଉତ୍ପାଦନ କମିଶନର(ଏପିସି)ଥିବା ଗଗନ ଧଳଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ(ଓଏଫ୍‌ଡିସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପଦବୀ ମୁଖ୍ୟ ଶାସନ ସଚିବ ପାହ୍ୟା ସହ ସମତୁଲ୍ୟ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ହେଲେ ଶୁକ୍ରବାର ଗଗନ ଧଳ ଚଳିତ ମାସ ୬ରୁ ସରକାରୀ ଚାକିରିରୁ ଇସ୍ତଫା ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଥିବା ନେଇ ସାଧାରଣ ପ୍ରଶାସନ(ଜିଏ) ବିଭାଗ ସ୍ପଷ୍ଟ କରିଥିଲା। ତେଣୁ ରାଜ୍ୟ ସରକାର ତାଙ୍କ ଇସ୍ତଫା ଗ୍ରହଣ କରି ନ ଥିବା କୁହାଯାଇଛି। ହେଲେ ଧଳ ଇସ୍ତଫା ନିଷ୍ପତ୍ତି ପରିବର୍ତ୍ତନ କରି ନୂଆ ଦାୟିତ୍ୱ ନେଉଛନ୍ତି ନା ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଲ୍ଲେଖଯୋଗ୍ୟ, ଗଗନଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଶେଷ ଆଡକୁ ସମାପ୍ତ ହେବାକୁ ଯାଉଛି। ତେଣୁ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀ ହୋଇଥିବାରୁ ତାଙ୍କୁ ଏକ ପ୍ରକାର ପ୍ରଶାସନିକ ଥଇଥାନ କରାଯାଇଥିବା ଆଲୋଚନା ହେଉଛି।

ଉନ୍ନୟନ କମିଶନର ଥିବା ଅସିତ କୁମାର ତ୍ରିପାଠୀଙ୍କୁ ମୁଖ୍ୟ ଶାସନ ସଚିବ ନିଯୁକ୍ତି ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମୁଖ୍ୟ ଶାସନ ସଚିବ ହୋଇଥିବାରୁ ଅସିତ ରାଜ୍ୟ ମୁଖ୍ୟ ଉନ୍ନୟନ କମିଶନର ଭାବେ ମଧ୍ୟ କାର୍ଯ୍ୟ କରିବେ। ଗତ ସ୍ୱାଧୀନତା ଦିବସରେ ଅସିତଙ୍କ ନୂତନ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଘୋଷଣା ☞ପୃଷ୍ଠା-୪

# ପ୍ରମୋଦଙ୍କୁ ଅର୍ଜୁନ ପୁରସ୍କାର

**ଭୁବନେଶ୍ୱର,୧୭।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟର ଜଣାଶୁଣା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଦେଶର ଅନ୍ୟ ୧୮ଜଣ କ୍ରୀଡ଼ାବିତ୍‌ଙ୍କ ସମେତ ପ୍ରମୋଦଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଶନିବାର ଚୟନ କରାଯାଇଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ତାରାକା ରେସଲର ବଜରଙ୍ଗ ପୁନିଆଙ୍କ ସମେତ ପାରା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଦୀପା ମଲିକଙ୍କ ନାମ ମନୋନୀତ କରାଯାଇଛି। କ୍ରିକେଟର ରବୀନ୍ଦ୍ର ଜାଡେଜା, ମହିଳା କ୍ରିକେଟର ପୁନମ ଯାଦବ, ଫୁଟବଲର ଗୁରପ୍ରୀତ ସିଂ ସାନ୍ଧୁ ଓ ଅନ୍ୟମାନେ ଏଥର ଅର୍ଜୁନ ପୁରସ୍କାର ପାଇବେ। ସେହିପରି ଦ୍ରୋଣାଚାର୍ଯ୍ୟ ପୁରସ୍କାର ରେଗୁଲାର କାଟାଗୋରି ଓ ଲାଇଫ୍ ଟାଇମ୍ ବର୍ଗ ପାଇଁ ମଧ୍ୟ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ସେହିପରି ୫ଜଣ ପୂର୍ବତନ କ୍ରୀଡ଼ାବିତ ଧ୍ୟାନଚାନ୍ଦ ପୁରସ୍କାର ପାଇବେ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ଭବନରେ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୋଦଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ତାଙ୍କ ସଫଳତା କାମନା କରିଛନ୍ତି।



ପ୍ରମୋଦ ଭଗତ




**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**ଆଭ୍ୟନ୍ତରୀଣ କନ୍ଦଳର କ୍ଷତ**

**ଆଜିର ମନ୍ତବ୍ୟ**

"କଶ୍ମୀରୀଙ୍କ ଦୁର୍ଦ୍ଦଶା ଦୂର କରିବା ଜାତିସଂଘ ସୁରକ୍ଷା ପରିଷଦର ଉତ୍ତରଦାୟିତ୍ୱ।"

-ଇମ୍ରାନ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ୩୦୧ ଲକ୍ଷ ହେକ୍ଟରରେ ଖରିଫ ଧାନ ଚାଷ ହୋଇଥିବା ବେଳେ ଏହା ଗତବର୍ଷ ତୁଳନାରେ ୧୧% କମ୍।

– କୃଷି ମନ୍ତ୍ରଣାଳୟ

NECC NATIONAL EGG CO-ORDINATION COMMITTEE 17.08.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 69 | 118 | 128 |
| DKL | 68 | 116 | 126 |
| BDK | 70 | 119 | 129 |
| BLS | 71 | 120 | 130 |
| ANG | 69 | 118 | 128 |
| BHM | 67 | 105 | 125 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers





ଜମ୍ମୁ-କଶ୍ମୀର କଂଗ୍ରେସ ମୁଖ୍ୟ ଗୁଲାମ ଅହମଦ ମୀରଙ୍କୁ ଗୃହବନ୍ଦୀ କରି ରଖାଯିବା ଅପମାନଜନକ ଓ ବେଆଇନ କାମ।
-ପି. ଚିଦାମ୍ବରମ୍,
କଂଗ୍ରେସର ବରିଷ୍ଠ ନେତା



# ସ୍ୱାଭାବିକ ବାଟରେ ଉପତ୍ୟକା

ଶ୍ରୀନଗର/ଜମ୍ମୁ,୧୭।୮ (ପି.ଟି.)

କଶ୍ମୀର ଉପତ୍ୟକା ସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି। କେତେକ ଅଞ୍ଚଳରେ ଜନସାଧାରଣଙ୍କ ଚଳପ୍ରଚଳ ଉପରେ ରହିଥିବା କଟକଣାକୁ ଶନିବାର କୋହଳ କରିଦିଆଯାଇଛି। ଏଥିସହିତ ବିଭିନ୍ନ ଅଞ୍ଚଳରେ ଲ୍ୟାଣ୍ଡଲାଇନ ଟେଲିଫୋନ ସେବା ଆରମ୍ଭ ହୋଇଥିବାବେଳେ ଜମ୍ମୁର ୫ଟି ଜିଲାରେ ୨ଜି ମୋବାଇଲ ଇଣ୍ଟରନେଟ୍ ସେବା ପୁନଃ ସଂଯୋଗ କରାଯାଇଛି। ତେବେ ଇଣ୍ଟରନେଟର ଅପବ୍ୟବହାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରିଦିଆଯାଇଛି। ସୁରକ୍ଷା ବ୍ୟବସ୍ଥା ପୂର୍ବଭଳି କଡ଼ାକଡ଼ି ରହିଥିବା ଜଣେ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, କଶ୍ମୀରର ୩୫ଟି ଥାନା ଅଞ୍ଚଳରେ କଟକଣା କୋହଳ ହେବା ସହ ୯୬ଟି ଟେଲିଫୋନ ଏକ୍ସଚେଞ୍ଜ ମଧ୍ୟରୁ ୧୭ଟିକୁ କାର୍ଯ୍ୟକ୍ଷମ କରାଯାଇଛି। ଯାହା ଫଳରେ ୫୦ ହଜାରରୁ ଅଧିକ ଲ୍ୟାଣ୍ଡଫୋନ୍‌ରେ ଯୋଗାଯୋଗ କରାଯାଇପାରୁଛି। ତେବେ ରାସ୍ତାଘାଟରେ ବାରିକେଡ୍ ସହିତ ସୁରକ୍ଷା





ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କ ବାସଭବନ ନିକଟ ରାସ୍ତାକୁ ପୋଲିସ ଅବରୋଧ କରିଛି।



ଶ୍ରୀନଗରରେ କଟକଣା ହଟିବା ପରେ ବ୍ୟବସାୟୀମାନେ ପସରା ଖୋଲିଛନ୍ତି।

କର୍ମୀ ମୁତୟନ ରହିଛନ୍ତି। ଲୋକମାନଙ୍କ ପରିଚୟ ଯାଞ୍ଚ ପରେ ଯାତାୟାତ ଲାଗି ଅନୁମତି ଦିଆଯାଉଛି। ସୋମବାରଠାରୁ ସ୍କୁଲ କଲେଜ ଖୋଲିବା ସହ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେବ ବୋଲି ରାଜ୍ୟ ପ୍ରଶାସନର ମୁଖପାତ୍ର ରୋହିତ କଂସଲ କହିଛନ୍ତି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ସହ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଅକ୍ଟୋବର ମାସରୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ହେବାକୁ ଯାଉଛି। ତେବେ ଏହି ନିଷ୍ପତ୍ତିକୁ ନେଇ ଜମ୍ମୁ-କଶ୍ମୀରରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ନେତାଙ୍କୁ ଅଟକ ରଖାଯିବା ସହ

■ ଜମ୍ମୁର ୫ ଜିଲାରେ ୨ଜି ମୋବାଇଲ ଇଣ୍ଟରନେଟ ସେବା

■ ୩୫ ଥାନା ଅଞ୍ଚଳରୁ କଟକଣା ହଟିଲା

ଲୋକମାନଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କର୍ଫ୍ୟୁ ଓ ୧୪୪ ଧାରା ଜାରି ହୋଇଥିଲା। ଟେଲିଫୋନ ଏବଂ ଇଣ୍ଟରନେଟ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଆଇନ ଶୃଙ୍ଖଳା ରକ୍ଷା ପାଇଁ ୪୬ ହଜାର ଅତିରିକ୍ତ ସୁରକ୍ଷା ବଳ ପଠାଯାଇଥିଲା। ତେବେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜି ନାହିଁ। ଅବସ୍ଥା ସ୍ୱାଭାବିକ ହେଉଥିବାରୁ ପର୍ଯ୍ୟାୟକ୍ରମେ କଟକଣା କୋହଳ କରିବା ଲାଗି ରାଜ୍ୟ ପ୍ରଶାସନ ନିଷ୍ପତ୍ତି ନେଇଛି।

ଶନିବାର ସକାଳେ ସିଭିଲ ଲାଇନରେ କେତେକ ଦୋକାନ ଖୋଲିବା ସହ ଘରୋଇ ଗାଡ଼ି ଚଳାଚଳ ବୃଦ୍ଧି ପାଇଥିଲା। ଶ୍ରୀନଗରର ସିଭିଲ୍ ଲାଇନ, କ୍ୟାଣ୍ଟନମେଣ୍ଟ, ବିମାନବନ୍ଦର, ରାଜ୍‌ବାଗ ଏବଂ ଜବାହର ନଗରରେ ଲ୍ୟାଣ୍ଡଲାଇନ ଟେଲିଫୋନ ସେବା ଆରମ୍ଭ ହୋଇଛି। କେନ୍ଦ୍ରୀୟ କଶ୍ମୀର ଅନ୍ତର୍ଗତ ବଡ୍‌ଗାମ୍, ସୋନାମାର୍ଗ ଏବଂ ମନିଗ୍ରାମ୍ ଅଞ୍ଚଳରେ ଆଉ ୨୦ଟି ଟେଲିଫୋନ୍ ଏକ୍ସଚେଞ୍ଜ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉତ୍ତର କଶ୍ମୀରର ଗୁରେଜ, ଟାଙ୍ଗମାର୍ଗ, ଉରି, କେରନ, କରନାହ ଓ ଟଙ୍ଗଧର ଅଞ୍ଚଳ ଏବଂ ଦକ୍ଷିଣ କଶ୍ମୀରର କାଜିଗଣ୍ଡ ଓ ପହଲଗାମ୍ ଅଞ୍ଚଳରେ ଟେଲିଫୋନ ସେବା ଆରମ୍ଭ ହୋଇଛି।

## ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୭।୮

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା ବଳରେ ଉଚ୍ଛେଦ କରାଯାଇଥିବାରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। କେତେଜଣ ଅବସରପ୍ରାପ୍ତ ସାମରିକ ଓ ପ୍ରଶାସନିକ ଅଧିକାରୀ ରାଷ୍ଟ୍ରପତୀୟ ନିର୍ଦ୍ଦେଶନାମା ବିରୋଧରେ ସର୍ବୋଚ୍ଚ ଅଦାଲତରେ ପିଟିଶନ୍ ଦାଏର କରିଛନ୍ତି। ଗତ ୫ ତାରିଖରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ। ଏହାର ଦିନକ ପୂର୍ବରୁ ସେଠାରେ ଟେଲିଫୋନ୍, ଇଣ୍ଟରନେଟ ଓ ଟେଲିଭିଜନ ସେବା ବନ୍ଦ କରିଦିଆଯାଇଥିଲା।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପୂର୍ବତନ ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ୨୦୧୦-୧୧ରେ ଜମ୍ମୁ-କଶ୍ମୀର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗଠିତ ମଧ୍ୟସ୍ଥ କମିଟିର ପୂର୍ବତନ ସଦସ୍ୟ ରାଧା କୁମାର,ଜମ୍ମୁ-କଶ୍ମୀର କ୍ୟାଡରର ପୂର୍ବତନ ଆଇଏଏସ୍ ଅଫିସର ହିନ୍ଦଲ ହାଇଦର ତୟାବ୍‌ଜି, ଅବସରପ୍ରାପ୍ତ ଏୟାର ଭାଇସ୍ ମାର୍ଶାଲ କପିଲ କାକ୍। କପିଲ ପ୍ରତିରକ୍ଷା ଅଧ୍ୟୟନ ଓ ଅନୁଶୀଳନ ସଂସ୍ଥାର ଉପନିର୍ଦ୍ଦେଶକ ମଧ୍ୟ



**ସୁପ୍ରିମକୋର୍ଟ ଗଲେ ପୂର୍ବତନ ସେନା ଓ ପ୍ରଶାସନିକ ଅଧିକାରୀ**

ଥିଲେ। ଏହାବ୍ୟତୀତ ଅବସରପ୍ରାପ୍ତ ମେଜର ଜେନେରାଲ ଅଶୋକ କୁମାର ମେହେଟା, ପଞ୍ଜାବ କ୍ୟାଡର ଆଇଏଏସ ଅମିତାଭ ପାଣ୍ଡେ, କେରଳ କ୍ୟାଡର ଆଇଏଏସ ଅଫିସର ତଥା ଅବସରପ୍ରାପ୍ତ ସ୍ୱରାଷ୍ଟ୍ର ସଚିବ ଗୋପାଳ ପିଲାଇ ମଧ୍ୟ ପିଟିଶନର ଗୋଷ୍ଠୀରେ ସାମିଲ ଅଛନ୍ତି। ରାଷ୍ଟ୍ରପତୀୟ ନର୍ଦ୍ଦେଶନାମାକୁ ରଦ୍ଦ କରିବା ସହ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ ବାତିଲ ପାଇଁ ପିଟିଶନ୍‌ରେ ଅନୁରୋଧ କରାଯାଇଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ଏହା ହେଉଛି ସପ୍ତମ ପିଟିଶନ୍। ପୂର୍ବରୁ ସୁପ୍ରିମକୋର୍ଟରେ ୬ଟି ପିଟିଶନ ଦାଏର ହୋଇଥିଲା।

■ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର

## ୧୧ ଦୃଷ୍ଟିଶକ୍ତି ହରାଇଲେ

ଭୋପାଳ,୧୭।୮ (ଆଇଏଏନ୍‌ଏସ୍)

ଇନ୍ଦୋର ଆଇ ହସ୍ପିଟାଲ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ୧୧ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ଅସ୍ତ୍ରୋପଚାର କକ୍ଷକୁ ସିଲ୍ କରିଦେବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମରେ ଗତ ୮ ତାରିଖରେ ୧୩ ଜଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଝାପ୍‌ସା ଦେଖାଯାଉଥିବା ଅଭିଯୋଗ ହୋଇଛି ବୋଲି ମୁଖ୍ୟ ମେଡିକାଲ ତଥା ସ୍ୱାସ୍ଥ୍ୟ ଅଧିକାରୀ ପ୍ରବୀଣ ଜାଡିୟା ସୂଚନା ଦେଇଛନ୍ତି। ୯ ତାରିଖରେ ଆଖିରେ ଆଇ ଡ୍ରପ୍ ପକାଯିବା ପରେ ସେମାନଙ୍କୁ ଭଲ ଦେଖାଯାଉ ନ ଥିବା ଅଭିଯୋଗ କରିଥିଲେ। ସେମାନଙ୍କ ମଧ୍ୟରୁ କେତେକ କେବଳ କଳା ଛାଇ ଦେଖୁଥିବା କହିଥିଲେ। ରୋଗୀଙ୍କ ଆଖିରେ ସଂକ୍ରମଣ ହୋଇଥିବା ଡାକ୍ତର ସ୍ୱୀକାର କରିଛନ୍ତି। ତେବେ ସଂକ୍ରମଣର କାରଣ ଜଣାପଡିନାହିଁ ବୋଲି ଚକ୍ଷୁ ବିଭାଗ ମୁଖ୍ୟ ଡ. ସୁଧୀର ମହାଶବ୍‌ଦେ କହିଛନ୍ତି। ରାଜ୍ୟ ସରକାର ଉକ୍ତ ହସ୍ପିଟାଲର ଲାଇସେନ୍ସ ରଦ୍ଦ କରିଥିବାବେଳେ ମୁଖ୍ୟମନ୍ତ୍ରୀ କମଳ ନାଥ ରୋଗୀମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ସେମାନଙ୍କୁ ଚେନ୍ନାଇର ଶଙ୍କର ନେତ୍ରାଳୟର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



ପ୍ରବଳ ବର୍ଷାରେ ଜଳାର୍ଣ୍ଣବ କୋଲକାତା ରାସ୍ତାରେ ଶନିବାର ଜଣେ ଚାଳକ ହାତଟଣା ରିକ୍ସାରେ ଯାତ୍ରୀଙ୍କୁ ନେଉଛନ୍ତି।

■ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

## କର୍ନାଟକରେ କଡ଼ା ସୁରକ୍ଷା

ବେଙ୍ଗାଲୁରୁ,୧୭।୮ (ପି.ଟି.)

ଦକ୍ଷିଣ ଭାରତୀୟ ରାଜ୍ୟ କର୍ନାଟକରେ ଆତଙ୍କବାଦୀ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସୂଚନା ମିଳିବା ପରେ ସେଠାର ବୃହତ୍ ସହରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ଗଳିକନ୍ଦିଗୁଡ଼ିକରେ ବ୍ୟାପକ ପୋଲିସ ଓ ଅର୍ଦ୍ଧସାମରିକ ଯବାନ ମୁତୟନ କରାଯିବା ସହ ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ସହାୟତାରେ ଜୋରଦାର ଯାଞ୍ଚ କରାଯାଉଛି। ସମସ୍ତ ପୋଲିସ ଅଧିକାରୀଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଗୋଇନ୍ଦା ସୂଚନା ଆଧାରରେ ବିଭିନ୍ନ ସହରର ଜନଗହଳି ସ୍ଥାନ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ମାର୍କେଟ, ମଲ୍, ସରକାରୀ କାର୍ଯ୍ୟାଳୟରେ ସୁରକ୍ଷା ବଢ଼ାଇଦିଆଯାଇଛି। ବେଙ୍ଗାଲୁରୁ ସମେତ ହୁବଲି-ଧରୱାଡ, କଲାବୁରଙ୍ଗି, ଚାଇବୁର, ଚିତ୍ରଦୁର୍ଗ, ମାଙ୍ଗାଲୁରୁ, ମହୀଶୂର, ତୁମକୁରୁ ଆଦି ସହରକୁ ହାଇ ଆଲର୍ଟରେ ରଖାଯାଇଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ମଙ୍ଗଳବାର ୟେଦୁରପ୍ପାଙ୍କ କ୍ୟାବିନେଟ ସମ୍ପ୍ରସାରଣ

**ବେଙ୍ଗାଲୁରୁ, ୧୭।୮:** କର୍ନାଟକରେ ଭାଜପା ସରକାରର କ୍ୟାବିନେଟ ସମ୍ପ୍ରସାରଣ ମଙ୍ଗଳବାର ଅପରାହ୍ନରେ କରାଯିବ। ସେହିଦିନ ପୂର୍ବାହ୍ନରେ ଭାଜପା ବିଧାୟକ ଦଳର ବୈଠକ ବସିବା ସହ ମନ୍ତ୍ରିମଣ୍ଡଳର ରୂପରେଖ ଚୂଡ଼ାନ୍ତ କରାଯିବ ବୋଲି ଜଣାପଡ଼ିଛି। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସନ୍ଧ୍ୟାରେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ଭାବେ ବି.ଏସ୍. ୟେଦୁରପ୍ପା ଶପଥଗ୍ରହଣ କରିବାର ୨୧ ଦିନ ପରେ ଏହି କ୍ୟାବିନେଟ ସମ୍ପ୍ରସାରଣ କରାଯାଉଛି।

## ସ୍ଥାନାନ୍ତର ହେବ ଇଣ୍ଡୋନେସିଆ ରାଜଧାନୀ

ଜାକର୍ତ୍ତା,୧୭।୮

ବିଶ୍ୱ ମାନଚିତ୍ରରୁ ହଜିବାକୁ ଯାଉଛି ଇଣ୍ଡୋନେସିଆ ରାଜଧାନୀ ଜାକର୍ତ୍ତା। ପରିବେଶ ବିଶେଷଜ୍ଞମାନଙ୍କ ମତରେ ଯଦି ବର୍ତ୍ତମାନ ହାରରେ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଏ ତେବେ ୨୦୫୦ ବେଳକୁ ଜାକର୍ତ୍ତାର ଏକ-ତୃତୀୟାଂଶ ଅଞ୍ଚଳ ଜଳମଗ୍ନ ହୋଇଯିବ। ସେଥିପାଇଁ ଇଣ୍ଡୋନେସିଆ ସରକାର ରାଜଧାନୀକୁ ଜାକର୍ତ୍ତାରୁ ଅନ୍ୟତ୍ର ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ନୂଆ ରାଜଧାନୀ ସମ୍ପର୍କରେ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ସ୍ଥାନୀୟ ଏକ ଗଣମାଧ୍ୟମରେ ପ୍ରକାଶ ପାଇଛି। ତେବେ ଏହା ବୋର୍ଣିଓ ଦ୍ୱୀପକୁ ସ୍ଥାନାନ୍ତର ହେବ ବୋଲି ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ ଟୁଇଟ୍ କରିଛନ୍ତି। କୋଟିଏରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ରାଜଧାନୀ ସହର ଜାକର୍ତ୍ତା ସମୁଦ୍ର ଗର୍ଭରେ ଲୀନ ହେବାକୁ ଯାଉଛି। ଯେତେବେଳେ ବନ୍ୟା ଆସେ ସେତେବେଳେ ସହରବାସୀ ଭୟରେ ଥରିବାକୁ ଲାଗନ୍ତି ବୋଲି ଜଣେ ସ୍ଥାନୀୟ ବ୍ୟକ୍ତି କହିଛନ୍ତି। ଭୂକମ୍ପ ଜୋନ୍ ତଥା ଆର୍ଦ୍ରଭୂମିରେ ନିର୍ମିତ ଏହି ରାଜଧାନୀ ସହର ନିକଟରେ ୧୩ ନଦୀ ପ୍ରବାହିତ ହେଉଛି। ସହରର କେତେକ ଅଞ୍ଚଳ ସମୁଦ୍ରପତ୍ତନଠାରୁ ୪ ମିଟର ତଳେ ଅବସ୍ଥିତ।





**ସମୁଦ୍ରରେ ଲୀନ ହେବ ଜାକର୍ତ୍ତା**

## ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

ନୂଆଦିଲ୍ଲୀ, , ୧୭।୮ (ପି.ଟି.)

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଏବେ ସେ ଲାଇଫ୍ ସପୋର୍ଟ ସିଷ୍ଟମରେ ରହିଛନ୍ତି। ଏକ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ଜେଟ୍‌ଲୀଙ୍କୁ ଦେଖିବା ଲାଗି ଏମ୍ସକୁ ଶନିବାର ବହୁ ବରିଷ୍ଠ ରାଜନେତା ଯାଇଥିଲେ। ସେମାନଙ୍କ ମଧ୍ୟରେ ଅଛନ୍ତି, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ, କଂଗ୍ରେସ ନେତା ଅଭିଷେକ ମନୁ ସିଙ୍ଘ୍‌ଭି, ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ବିଏସ୍‌ପି ମୁଖ୍ୟ ମାୟାବତୀ। ଏମାନେ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ, ଭାଜପା ନେତା ସତୀଶ ଉପାଧ୍ୟାୟ, ବାୟୁସେନା ମୁଖ୍ୟ ବୀରେନ୍ଦ୍ର ସିଂ ଧନୋଆ ପ୍ରମୁଖ ଏମ୍ସ ଯାଇଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଶୁକ୍ରବାର ଏମ୍ସ ଗସ୍ତକରି ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରକାଶଥାଉ କି, ଅସୁସ୍ଥତା ଅନୁଭବ କରିବାରୁ ଜେଟ୍‌ଲୀଙ୍କୁ ଗତ ୯ରେ ଏମ୍ସ ନିଆଯାଇଥିଲା।



**ହସ୍ପିଟାଲରେ ଭେଟିଲେ ନୀତୀଶ, ଗୋଏଲ, ସିଙ୍ଘ୍‌ଭି, ସିନ୍ଧିଆ, ମାୟାବତୀ**

## ଏମ୍ସରେ ଭୟାବହ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, , ୧୭।୮ (ପି.ଟି.)

ଶନିବାର ସନ୍ଧ୍ୟାରେ ଏମ୍ସର ଇମର୍ଜେନ୍ସି ୱାର୍ଡ ନିକଟରେ ଅଗ୍ନିକାଣ୍ଡ ଘଟିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସଙ୍ଗେସଙ୍ଗେ ଚାରିଆଡ଼ ଧୂଆଁମୟ ହୋଇପଡ଼ିଥିଲା। ୩୪ଟି ଦମକଳ ଗାଡ଼ିରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ନିଆଁକୁ ଆୟତ କରାଯାଇଥିଲା। ପ୍ରଥମ ଚାରି ମହଲା ଅଗ୍ନିକାଣ୍ଡ ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଅନେକ କାଗତପତ୍ର ଓ ଯନ୍ତ୍ରପାତି ପୋଡ଼ି ଯାଇଥିବା ଖବର ମିଳିଛି। ପଞ୍ଚମ ମହଲା ସାମାନ୍ୟ ପ୍ରଭାବିତ ହୋଇଥିବା ପ୍ରକାଶ। କେତେକ ରୋଗୀଙ୍କୁ ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବାବେଳେ ଅଗ୍ନିକାଣ୍ଡର କାରଣ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ପ୍ରକାଶଥାଉ କି, ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ଚିକିତ୍ସିତ ହେଉଛନ୍ତି।

## ସୀମାପାର ଗୁଳିରେ ଯବାନ ଶହୀଦ

ଜମ୍ମୁ,୧୭।୮ (ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରି ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଶନିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଓ ମୋର୍ଟାର ମାଡ଼ କରିବାରୁ ଜଣେ ଯବାନ ଶହୀଦ ହୋଇଛନ୍ତି। ଶହୀଦ ଲାନ୍ସ ନାଏକ୍ ସନ୍ଦୀପ୍ ଥାପା (୩୫)ଙ୍କ ଘର ଡେରାଡୁନ୍‌ରେ। ନୌଶେରା ସେକ୍ଟରରେ ଥିବା ଭାରତୀୟ ଆଗୁଆ ଘାଟିଗୁଡିକୁ ଟାର୍ଗେଟ କରି ପାକ୍ ସେନା ମୋର୍ଟାର ମାଡ଼ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ଦୀପ ଜଣେ ଦୁଃସାହସୀ ଯବାନ। ସେ ୧୫ ବର୍ଷ ହେଲା ସେନାବାହିନୀରେ କାର୍ଯ୍ୟ କରୁଥିଲେ ବୋଲି ପ୍ରତିରକ୍ଷା ମୁଖପାତ୍ର ଲ୍ୟୁଟନାଣ୍ଟ କଲୋନେଲ୍ ଦେବେନ୍ଦ୍ର ଆନନ୍ଦ କହିଛନ୍ତି। ତାଙ୍କର ଉତ୍ସର୍ଗୀକୃତ ସେବା ଓ ବଳିଦାନ ପାଇଁ ଦେଶ ତାଙ୍କ ପାଖରେ ସବୁଦିନ ଋଣୀ ହୋଇ ରହିବ ବୋଲି ମୁଖପାତ୍ର କହିଛନ୍ତି।

ସେନା ମୁଖପାତ୍ରଙ୍କ କହିବା ଅନୁଯାୟୀ ଶନିବାର ସକାଳ ୬ଟା ୩୦ରୁ ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଜୋରଦାର ଗୁଳି ଓ ମୋର୍ଟାର ମାଡ଼ କରିଥିଲା। ଫଳରେ ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଥିଲା। ଦୀର୍ଘସମୟ ଧରି ଗୁଳିବିନିମୟ ଜାରି ରହିଥିଲା। ଭାରତୀୟ ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ସେନା ପୋଷ୍ଟରେ ବଡ ଧରଣର କ୍ଷୟକ୍ଷତି ହୋଇଥିବା ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଗତମାସରେ ପୁଞ୍ଛ ଓ ରାଜୌରି ଜିଲା ଅନ୍ତର୍ଗତ ଏଲ୍‌ଓସିରେ ପାକ୍ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିବାରୁ ଦୁଇଜଣ ଭାରତୀୟ ଯବାନ ଓ ୧୦ ବର୍ଷର ନାବାଳକ ପ୍ରାଣ ହରାଇଥିଲେ। ଦୁଇଦିନ ତଳେ ଭାରତୀୟ ଯବାନଙ୍କ ଗୁଳିରେ ପାକିସ୍ତାନର ୪ ଯବାନ ନିହତ ହୋଇଥିବା ଇସ୍‌ଲାମାବାଦ୍ ଅଭିଯୋଗ କରିଥିଲା। ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ କରାଇବା ଲାଗି ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ଜଣାପଡିଛି।



ଲାନ୍ସ ନାଏକ୍ ସନ୍ଦୀପ୍ ଥାପା

**ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକ୍ ସେନା ଘାଟି ଧ୍ୱସ୍ତ**

■ ଭୁଟାନ ଗସ୍ତରେ ପ୍ରଧାନମନ୍ତ୍ରୀ

## ୧୦ ଏମ୍‌ଓୟୁ ସ୍ୱାକ୍ଷର

ଥିମ୍ପୁ,୧୭।୮ (ପି.ଟି.)

ଭୁଟାନ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ତାଙ୍କ ପ୍ରତିପକ୍ଷ ଲୋଟେ ଶେରିଙ୍ଗ୍‌ଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ୧୦ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଭାରତ ଓ ଭୁଟାନ ମଧ୍ୟରେ ସମ୍ପର୍କକୁ ନେଇ ଦୀର୍ଘସମୟ ଆଲୋଚନା ହୋଇଥିଲା। ଦୁଇଦେଶ ମଧ୍ୟରେ ଆର୍ଥିକ ଓ ସାଂସ୍କୃତିକ ସମ୍ପର୍କକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଯଥେଷ୍ଟ ସୁଯୋଗ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମେ ମାସରେ ପୁନର୍ବାର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ମୋଦିଙ୍କର ଏହା ପ୍ରଥମ ଭୁଟାନ ଗସ୍ତ। ଏହି ଅବସରରେ ସେ ସେଠାରେ ମଙ୍ଗଡେଛୁ ଜଳବିଦ୍ୟୁତ୍ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଭାରତ-ଭୁଟାନ ଜଳଶକ୍ତି ସହଯୋଗର ୫ ଦଶନ୍ଧିକୁ ସ୍ମରଣୀୟ କରିବା ପାଇଁ କେତେକ ଷ୍ଟାମ୍ପ୍ ଉନ୍ମୋଚନ କରିଥିଲେ। ଭୁଟାନ ଆସିଥିବାରୁ ସେ ବହୁତ ଖୁସି ବୋଲି ଐତିହାସିକ ସିମ୍‌ତୋଖା ଜୋଙ୍ଗ୍‌ଠାରେ ଭୁଟାନ ପ୍ରଧାନମନ୍ତ୍ରୀଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା ପରେ ମୋଦି ଏକ ମିଳିତ ବିବୃତିରେ କହିଛନ୍ତି। ମହାକାଶ ଗବେଷଣା, ବିମାନ ଚଳାଚଳ, ଆଇଟି, ଶକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ମୋଦି ଭୁଟାନରେ ରୁପେ କାର୍ଡ ଶୁଭାରମ୍ଭ କରିଛନ୍ତି। ଏହା ଡିଜିଟାଲ ପେମେଣ୍ଟ, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ସମ୍ପର୍କକୁ ଆହୁରି ବୃଦ୍ଧି କରିବ ବୋଲି ମୋଦି କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭୁଟାନ ପ୍ରତିପକ୍ଷ ଲୋଟେ ଶେରିଙ୍ଗ ଓ ତାଙ୍କ ସ୍ତ୍ରୀ।

**ରୁପେ କାର୍ଡ ଶୁଭାରମ୍ଭ କଲେ ମୋଦି**

ଅଯୋଗ୍ୟ ଘୋଷିତ ଏଏପି ବିଧାୟକ କପିଲ ମିଶ୍ରା ଓ ଦଳର ମହିଳା ଶାଖା ମୁଖ୍ୟ ରିଚା ପାଣ୍ଡେ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ଉପାଧ୍ୟକ୍ଷ ଶ୍ୟାମ ରାଜୁ, ଦିଲ୍ଲୀ ଶାଖା ମୁଖ୍ୟ ମନୋଜ ତିୱାରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଜୟ ଗୋଏଲଙ୍କ ଉପସ୍ଥିତିରେ ଏମାନେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏଏପି ନିଜର ନୀତି ଆଦର୍ଶରୁ ଦୂରେଇ ଯାଇଥିବା ମିଶ୍ରା ଅଭିଯୋଗ କରିଛନ୍ତି। ୨୦୧୭ ମେ'ରେ ମନ୍ତ୍ରିମଣ୍ଡଳରୁ ବିଦାହେବା ପରେ ମିଶ୍ରା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ କଟୁ ସମାଲୋଚନା କରିଥିଲେ।



## ସଂକ୍ଷେପରେ

### ବଳାତ୍କାରୀ ବାପାଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୧୭।୮: ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ-୨ ତଥା ପୋସ୍‌କୋ ସ୍ୱତନ୍ତ୍ର ଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଶନିବାର ଏକ ବଳାତ୍କାର ମାମଲାର ବିଚାରକରି ଅଭିଯୁକ୍ତ ବାପାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହା ସହ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୭ ହଜାର ଟଙ୍କା ଜରିମାନା ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ୨୦୧୬ ଫେବୃୟାରୀ ୫ରେ ବାପା ତାଙ୍କୁ ବାରମ୍ବାର ବଳାତ୍କାର କରିଛନ୍ତି ବୋଲି ଝିଅ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ସେବେଠାରୁ ବଳାତ୍କାରୀ ବାପା ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଶନିବାର ମାମଲାର ବିଚାର ବେଳେ ୧୦ ସାକ୍ଷୀଙ୍କ ବୟାନକୁ ଆଧାରକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

### ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

କୋଟଗଡ଼/ବାଲିଗୁଡ଼ା,୧୭।୮ (ଡି.ଏନ୍.ଏ): ଏକ ହତ୍ୟା ମାମଲାର ବିଚାର କରି ବାଲିଗୁଡ଼ା ଅତିରିକ୍ତ ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ଶନିବାର ଅଭିଯୁକ୍ତ ଗାଗାରୀନ ନାୟକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗାଗାରୀନ ୨୦୧୬ ମାର୍ଚ୍ଚ ୨୭ରେ ନିଜ ସ୍ତ୍ରୀ ପ୍ରଣିତାଙ୍କୁ ତାଙ୍କ ବାପ ଘରୁ ଡାକି ଆଣି ହତ୍ୟା କରିଥିଲେ। ଏ ନେଇ ଦାରିଙ୍ଗବାଡ଼ି ଥାନାରେ ନଂ. ୧୧୮/୧୬ରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ଗାଗାରୀନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପି.ପି. ସୁଧାଂଶୁ ମୋହନ ପତି ମାମଲା ପରିଚାଳନା କରୁଥିଲେ।




# ୧୫ ଦୁର୍ନୀତିଗ୍ରସ୍ତ ଅଧିକାରୀ ବରଖାସ୍ତ

- ୨ ଜଣଙ୍କ ପେନ୍‌ସନ୍ ବନ୍ଦ
- ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିଲେ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଦୁର୍ନୀତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୫ ଜଣ ଅଧିକାରୀଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି। ଏଥିସହିତ ଦୁଇଜଣ ପୂର୍ବତନ ଅଧିକାରୀଙ୍କ ପେନସନ୍ ସୁବିଧା ସମ୍ପୂର୍ଣ୍ଣରୂପେ ବନ୍ଦ କରିଛନ୍ତି। ଏହି ଅଧିକାରୀମାନେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କରାଯାଇଥିବା ତଦନ୍ତରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ସରକାରୀ ଚାକିରିରୁ ବରଖାସ୍ତ ହୋଇଥିବା ଅଧିକାରୀମାନେ ହେଉଛନ୍ତି- ବାଣିଜ୍ୟ ଓ ପରିବହନ ବିଭାଗ ବୌଦ୍ଧ ଜିଲା ପୂର୍ବତନ ଆଇଏମ୍‌ଭି ଦେବୀପ୍ରସାଦ ପାଢୀ, ସମବାୟ ବିଭାଗର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସମବାୟ ସମିତିର ପୂର୍ବତନ ସମ୍ପାଦକ ଦେବଦତ୍ତ ଦାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଉମରକୋଟ ପୌରପରିଷଦ ଅକ୍ଟ୍ରାଇ ଟ୍ୟାକ୍ସ ସରକାର କାଳିପ୍ରସାଦ ସିଂ, ପଞ୍ଚାୟତିରାଜ ବିଭାଗର ଭଦ୍ରକ ଜିଲା ଧାମନଗର ତହସିଲର ପୂର୍ବତନ କନିଷ୍ଠ କିରାଣି ବଟକୃଷ୍ଣ ବାରିକ, ପଞ୍ଚାୟତିରାଜର କଳାହାଣ୍ଡି ମ. ରାମପୁର ବ୍ଲକର ପୂର୍ବତନ ଭିଏଲଡବ୍ଲ୍ୟୁ କୃଷ୍ଣମୋହନ ଦାସ , କେସିଙ୍ଗା ବ୍ଲକର ପୂର୍ବତନ ସମ୍ପାଦକ ତଥା ପିଇଓ ଅଶୋକ କୁମାର ସାହା, ଜୁନାଗଡ ବ୍ଲକର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମମୁଖ ଶବର । ସେହିପରି ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବୌଦ୍ଧ ଜିଲା ମର୍ଷୁଣ୍ଡି ଗ୍ରାମ ପଞ୍ଚାୟତର ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ, ଜଳସମ୍ପଦ ବିଭାଗର ଖୋର୍ଦ୍ଧା ଜିଲା ବାଣପୁର ସାଳିଆ ଜଳସେଚନ ପ୍ରକଳ୍ପର ପୂର୍ବତନ ସହାୟକ ଯନ୍ତ୍ରୀ ବିଜୟ କୁମାର ସାହୁ, ଭବାନୀପାଟଣା ଆଇଟିଡିଏର ପୂର୍ବତନ କନିଷ୍ଠ ଯନ୍ତ୍ରୀ କରୁଣାକର ପଣ୍ଡା, ମୟୂରଭଞ୍ଜ କୁଲିଅଣା ବ୍ଲକ ପୂର୍ବତନ କନିଷ୍ଠ ଯନ୍ତ୍ରୀ ବୈଦ୍ୟନାଥ ମାଝି, ସାରସକଣା ବ୍ଲକ ପୂର୍ବତନ କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ରାଉତ, କଳାହାଣ୍ଡି ଥୁଆମୂଳ-ରାମପୁର ଆଇଟିଡିଏର ପୂର୍ବତନ କନିଷ୍ଠ ଯନ୍ତ୍ରୀ ନିଗମାନନ୍ଦ ପଣ୍ଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ଚିତ୍ତରଞ୍ଜନ ଲାଲ।

ଅପରପକ୍ଷରେ ପେନସନ୍ ସୁବିଧା ବନ୍ଦ ହୋଇଥିବା ଦୁଇ ଅଧିକାରୀ ହେଉଛନ୍ତି ଜଳସମ୍ପଦ ବିଭାଗର କଳାହାଣ୍ଡି ଆଇଟିଡିଏର ଅବସରପ୍ରାପ୍ତ ସହାୟକ ଯନ୍ତ୍ରୀ ଅଶ୍ୱିନୀ କୁମାର ଶର୍ମା ଓ ଜଳସମ୍ପଦ ବିଭାଗର କଳାହାଣ୍ଡି ଡିଆରଡିଏର ଅବସରପ୍ରାପ୍ତ ଏପିଡି ଶଶାଙ୍କ ଶେଖର ପଟ୍ଟନାୟକ।

# ଏନ୍‌ଆଇଟି ପ୍ରଫେସର, ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୧୭।୮

ରାଉରକେଲାରେ ଥିବା ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ(ଏନ୍‌ଆଇଟି) ପରିସରରୁ ଶୁକ୍ରବାର ରାତିରେ ଜଣେ ପ୍ରଫେସର ଓ ତାଙ୍କ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ପ୍ରଫେସର ରସୁ ଜୟବାଲାନ(୪୫) ଓ ତାଙ୍କ ସ୍ତ୍ରୀ ମାଳିନୀ (୩୯)ଙ୍କ ଘର ତାମିଲନାଡୁ କୋଏମ୍ବାଟୁର ନିକଟ ଏକ ଗାଁରେ ବୋଲି ପୋଲିସ କହିଛି। ଉଭୟଙ୍କ ମୃତଦେହ ଏଫଆର/ଏ- ୧୦୨ ଘରୁ ମିଳିଛି। ସେକ୍ଟର-୩ ପୋଲିସ ମୃତଦେହ ଉଦ୍ଧାର କରି ଆଇଜିଏଚ୍ ମର୍ଗ ହାଉସରେ ରଖିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ମୃତ ବାଲାନଙ୍କ ଘରୁ ପୋଲିସ ଏକ ୪ପର୍ଦ୍ଦର ସୁଇସାଇଡ ନୋଟ୍ ଜବତ କରିଛି।



ରସୁ ଜୟବାଲାନ ଓ ମାଳିନୀ।

ପୋଲିସ କହିଛି ଯେ, ବୁଧବାରଠାରୁ ବାଲାନଙ୍କ ଘର କବାଟ ବନ୍ଦ ରହିଥିଲା। ଉଭୟ ସ୍ୱାମୀ ସ୍ତ୍ରୀଙ୍କ ୪ଟି ମୋବାଇଲ ମଧ୍ୟ ସୁଇଚ୍ ଅଫ ଥିଲା। ଗତ ୧୧ ତାରିଖରୁ ବାଲାନ ଛୁଟି ଦରଖାସ୍ତ ଦେଇ ଘରେ ରହିଥିଲେ। ଶୁକ୍ରବାର ରାତିରେ ପଡିଶା ଘର ଲୋକେ ଭୋଗ ନେଇ ବାଲାନଙ୍କ ଘରକୁ ଆସିଥିଲେ। ହେଲେ ଭିତର ପଟୁ କବାଟ ବନ୍ଦ ରହିଥିଲା। ତାଙ୍କୁ ବହୁବାର ଡାକିବା ପରେ ମଧ୍ୟ କବାଟ ଖୋଲି ନ ଥିଲା। ଏଣୁ ସନ୍ଦେହ କରି ଭୋଗ ନେଇ ଆସିଥିବା ଉକ୍ତ ପଡୋଶୀ ସୁରକ୍ଷା କର୍ମୀ ଓ ପୋଲିସକୁ ଖବର ଦେଇଥିଲେ। ରାତି ୧୧ଟା ୪୫ରେ ପୋଲିସ ପହଞ୍ଚି ଘର କବାଟ ଭାଙ୍ଗିଥିଲା। ଅଲଗା ଅଲଗା ପଡିଥିବା ସ୍ୱାମୀ ସ୍ତ୍ରୀଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ଘର ସିଲ୍ କରିଥିଲା। ମିଳିଥିବା ସୁସାଇଡ୍ ନୋଟରୁ ଜଣାପଡିଛି ଯେ, ଏମାନେ ନିଜ ମୃତ୍ୟୁ ପାଇଁ କାହାକୁ ଦାୟୀ କରି ନାହାନ୍ତି। ପିଲାପିଲି ନ ଥିବାରୁ ଦୁହେଁ ମାନସିକ ଚାପରେ ରହୁଥିଲେ ବୋଲି ଶୁଣାଯାଉଛି। ୨୦୧୧ରେ ଏନ୍‌ଆଇଟିରେ ଯୋଗ ଦେଇଥିବା ବାଲାନ ଲାଇଫ ସାଇନ୍ସ ପ୍ରଫେସର ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ସ୍ତ୍ରୀ ଏକ ଘରୋଇ ଡାକ୍ତରଖାନାରେ ଡାଇଟିସିଆନ ଭାବେ କାର୍ଯ୍ୟ କରୁଥିଲେ। କେଉଁ ପରିସ୍ଥିତିରେ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି କିମ୍ବା ଏହା ପଛରେ ଅନ୍ୟ କିଛି କାରଣ ରହିଛି ସେ ନେଇ ପୋଲିସ ତନାଘନା ଆରମ୍ଭ କରିଛି। ଏସ୍‌ପି ସାର୍ଥକ ଷଡଙ୍ଗୀ କହିଛନ୍ତି ଯେ, ଘଟଣାକୁ ଗୁରୁତ୍ୱ ଦିଆଯାଉଛି। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ଭଳି ମନେ ହେଉଥିଲେ ବି ସବୁ ଦିଗରୁ ତଦନ୍ତ କରାଯିବ। ମୃତ ବାଲାନଙ୍କ ସମ୍ପର୍କୀୟ ରବିବାର ପହଞ୍ଚିବା ପରେ ଏନେଇ ଅଧିକ କିଛି ସୁରାକ ମିଳିପାରେ ବୋଲି ପୋଲିସ ଆଶା ବ୍ୟକ୍ତ କରିଛି।




## ■ ପପୁଙ୍କ ଫିଲ୍ମ ପୋଷ୍ଟରକୁ ନେଇ ବିବାଦ

# ପ୍ରଯୋଜକ ସଂସ୍ଥା ନାଁରେ ମାମଲା




- ୭ ଯୁବତୀଙ୍କୁ ନେଇ ଆପତ୍ତିଜନକ ପୋଜ୍
- ମହିଳା କମିଶନ ଓ ମହିଳା ଥାନାରେ ଅଭିଯୋଗ
- ଏହା ଆମର ଅଫିସିଆଲ ପୋଷ୍ଟର ନୁହେଁ: ନିର୍ଦ୍ଦେଶକ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ପୁଣି ଅଡୁଆରେ ରଙ୍ଗିଲା ଟୋକା ପପୁ ପମ୍‌ପମ୍। କେତେବେଳେ କାଷ୍ଟିଂ କାଉଚ ତ ଆଉ କେତେବେଳେ ମହିଳାଙ୍କୁ ଅଶାଳୀନ ବ୍ୟବହାର ପାଇଁ ବିବାଦରେ ରହିଥିଲେ ପପୁ। ଏବେ ଏକ ଫିଲ୍ମ ପୋଷ୍ଟରରେ ମହିଳାଙ୍କୁ ଅସମ୍ମାନ କରାଯାଇଥିବା ଅଭିଯୋଗକୁ ନେଇ ଆଉ ଏକ ବିବାଦରେ ଫସିଛନ୍ତି ପପୁ ପମ୍‌ପମ୍ ଓରଫ ତତ୍ତ୍ୱପ୍ରକାଶ ଶତପଥୀ। ଆଗାମୀ ଗଣେଶ ପୂଜାରେ ରିଲିଜ୍ ହେବାକୁ ଥିବା ସିଦ୍ଧାର୍ଥ ମ୍ୟୁଜିକ୍‌ର ଫିଲ୍ମ 'ମିଷ୍ଟର କହ୍ନେୟା' ପୋଷ୍ଟରକୁ ନେଇ ବିବାଦ ମୁଣ୍ଡ ଟେକିଛି। ଉକ୍ତ ପୋଷ୍ଟରରେ ୭ଜଣ ଯୁବତୀ ଘୋଡ଼ା ଭଳି ଆଣ୍ଠେଇଥିବାବେଳେ ପପୁ ରଥର ସାରଥି ଭଳି ଗୋଟିଏ ହାତରେ ଲଗାମ ଓ ଅନ୍ୟ ହାତରେ ଚକ୍ର ଧରି ପୋଜ୍ ଦେଇଛନ୍ତି। ଏଭଳି ପୋଷ୍ଟର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବହୁ ସାମାଜିକ ଅନୁଷ୍ଠାନ ଓ ମହିଳା ସଙ୍ଗଠନ ଏହାକୁ ବନ୍ଦ କରିବା ସହ ନିର୍ଦ୍ଦେଶକ ଏବଂ ପ୍ରଯୋଜକ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସମାଜସେବୀ ଲିଙ୍କନ ସୁବୁଦ୍ଧି ଏନେଇ ମହିଳା କମିଶନ ଓ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ମହିଳା ଥାନା ପୋଲିସ ଆଇପିସି ଦଫା ୬ଲଗାଇ ପ୍ରଯୋଜକ ସଂସ୍ଥା ନାଁରେ ମାମଲା (ନଂ.୮୯/୧୯) ରୁଜୁ କରିଛି।

ତେବେ ଏ ସଂକ୍ରାନ୍ତରେ ଅଭିଯୋଗକାରିଣୀ ଲିଙ୍କନ କୁହନ୍ତି, ସିନେମା ଗ୍ରାଫି ୧୯୮୩ ରୁଲ୍ ୩୮ରେ ଉଲ୍ଲେଖ ରହିଛି ଯେ, ଫିଲ୍ମର ପ୍ରମୋଶନ ପାଇଁ ବିଜ୍ଞାପନ ଅର୍ଥାତ୍ ଖବର କାଗଜ,ହୋର୍ଡିଂ,ପୋଷ୍ଟର ଏବଂ ଟ୍ରେଲରେ ମହିଳାଙ୍କୁ ଅସମ୍ମାନ କରିବା ଭଳି ଆପତ୍ତିଜନକ ଚିତ୍ର ପ୍ରଦର୍ଶନ କରାଯିବ ନାହିଁ। ଆକ୍ଟ ୧୯୫୧ ସେକ୍ସନ ୭ ଅନୁଯାୟୀ ଏହା ଏକ ଦଣ୍ଡନୀୟ ଅପରାଧ। ତେଣୁ ଏହି ଫିଲ୍ମର ପ୍ରଯୋଜକ ସୀତାରାମ ଅଗ୍ରୱାଲ, ନିର୍ଦ୍ଦେଶକ ରମେଶ ରାଉତ ଓ ଅଭିନେତା ପପୁ ପମ୍‌ପମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହାସହ ଫିଲ୍ମକୁ ବନ୍ଦ କରିବା ଓ ପୋଷ୍ଟର ହଟାଯିବା ସହ ସେମାନେ ଗଣମାଧ୍ୟମ ଆଗରେ ରାଜ୍ୟର ମହିଳାଙ୍କୁ କ୍ଷମା ମାଗନ୍ତୁ। କିଭଳି ଫିଲ୍ମ ପୋଷ୍ଟରରେ ୭ଜଣ ମହିଳାଙ୍କୁ ଘୋଡା ଓ କୁକୁର ଭଳି ପ୍ରଦର୍ଶନ କରାଯାଇଛି। ଏପରି କି ସେମାନଙ୍କ ବେକରେ ରଶି ବାନ୍ଧି ପପୁ ଧରିଛନ୍ତି। ପପୁ କ'ଣ କୃଷ୍ଣ ? କୃଷ୍ଣ ଭଗବାନ ଘୋଡାଙ୍କୁ ସମ୍ମାନ ଦେଉଥିଲେ। ହେଲେ ପପୁ ନାରୀ ଜାତିକୁ ଏଠି ଅସମ୍ମାନ କରିଛନ୍ତି। ତେଣୁ ତାଙ୍କୁ ଗିରଫ କରାଯାଉ। ଆଗାମୀ ଦିନରେ ଫିଲ୍ମ ସେନ୍‌ସର ବୋର୍ଡ ନିକଟରେ ଅଭିଯୋଗ କରିବେ ବୋଲି ଲିଙ୍କନ କହିଛନ୍ତି।

ଅନ୍ୟପକ୍ଷରେ ଫିଲ୍ମର ନିର୍ଦ୍ଦେଶକ ରମେଶ ରାଉତ କହିଛନ୍ତି, ଏହା ତାଙ୍କ ସିନେମାର ଅଫିସିଆଲ୍ ପୋଷ୍ଟର ନୁହେଁ କି ଏହାକୁ ଆମ ତରଫରୁ ଛଡ଼ାଯାଇନାହିଁ। ଯେଉଁ ୭ଜଣ ଯୁବତୀ ରହିଛନ୍ତି ସେମାନେ ତାଙ୍କ ଫିଲ୍ମର କଳାକାର ନୁହନ୍ତି କି ସେମାନଙ୍କୁ ଚିହ୍ନି ବି ନାହାନ୍ତି। ବଦନାମ ପାଇଁ କେହି ଏପରି ଏଡିଟ୍ କରିଥିବେ ବୋଲି ସେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ପପୁ ମୁହଁ ଖୋଲିବାକୁ ଚାହିଁ ନ ଥିଲେ। ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ କହିଛନ୍ତି, ମହିଳା ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପ୍ରଯୋଜକ ସଂସ୍ଥା ନାଁରେ ମାମଲା ହୋଇଛି। ଅଭିଯୋଗକାରିଣୀ ଲିଙ୍କନ ସୁବୁଦ୍ଧିଙ୍କୁ ନୋଟିସ କରାଯିବ। ଉକ୍ତ ପୋଷ୍ଟରକୁ କେଉଁଠୁ ପାଇଲେ ସେ ସଂକ୍ରାନ୍ତରେ ସେ ଉତ୍ତର ରଖିବେ। ଏହି ଆଧାରରେ ଫିଲ୍ମ ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତା ପପୁ ପମ୍‌ପମ୍‌ଙ୍କୁ ନୋଟିସ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପପୁ ୨୦୧୬ରେ ନାବାଳିକା କାଷ୍ଟିଂ କାଉଚ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ନାବାଳିକା ଯୌନ ଶୋଷଣ ସହ ତାଙ୍କ ବିରୋଧରେ ଲାଗିଥିଲା ସଙ୍ଗିନ ଦଫା। ଏହାପରେ ସେହିବର୍ଷ ନଭେମ୍ବରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ କମେଡି କରି ଫସିଥିଲେ ପପୁ। ଏହି ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରି ଜଣେ ଛାତ୍ର ପପୁଙ୍କ କାଳିମାଡ଼ ଫଟୋ ସୋସିଆଲ ମିଡିଆରେ ଛାଡ଼ିଥିଲେ। ତେବେ ପପୁ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ଛାତ୍ରଙ୍କୁ ଧମକ ଦେଇଥିବା ନେଇ ମଧ୍ୟ ଉଭୟଙ୍କ ନାମରେ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ୨୦୧୮ରେ ପପୁ ଓ ତାଙ୍କ ସହଯୋଗୀ ଜଣେ ଆଇନଜୀବୀଙ୍କୁ ଧମକ ଦେବାନେଇ କଟକ ସଦର ଥାନାରେ ମାମଲା ହୋଇଥିଲା।

# ଏସ୍‌ସିବି ଆସିବେ ଜଗା-କାଳିଆ

ଭୁବନେଶ୍ୱର, ୧୭।୮(ବ୍ୟୁରୋ)

ଅପରେଶନ ମାଧ୍ୟମରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା ଓ କାଳିଆ ଓଡ଼ିଶା ଆସିବା ପାଇଁ ସ୍ଥିର ହୋଇଛି। ଦିଲ୍ଲୀ ଏମ୍ସରୁ ଏହି ଦୁଇଭାଇଙ୍କୁ କଟକ ଏସ୍‌ସିବି ମେଡିକାଲକୁ ଅଣାଯିବ। ତେବେ କେବେ ଆସିବେ ତାହା ଆସନ୍ତା ୭ଦିନ ମଧ୍ୟରେ ସ୍ଥିର ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଏମ୍ସରେ ଯୋଡ଼ାମୁଣ୍ଡ ଥିବା ଦୁଇଭାଇଙ୍କୁ ଅଲଗା କରିବା ପାଇଁ ଅପରେଶନ ସଫଳ ହୋଇଥିଲା। କାଳିଆ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ଜଗା ସେତେଟା ସୁସ୍ଥ ନ ଥିଲେ। ତେଣୁ ସେଠାରେ ହିଁ ଦୀର୍ଘଦିନ ହେବ ଦୁଇଭାଇ ଚିକିତ୍ସାଧୀନ ଅଛନ୍ତି। ତେବେ ସେମାନେ ଓଡ଼ିଶା ଆସି ଅନ୍ୟ କେଉଁଠି ଚିକିତ୍ସା କରିପାରିବେ ବୋଲି ଦିଲ୍ଲୀ ଏମ୍ସ କର୍ତ୍ତୃପକ୍ଷ କହିବା ପରେ ରାଜ୍ୟ ସରକାର ଦୁଇଭାଇଙ୍କୁ ଭୁବନଶ୍ୱର ଏମ୍ସରେ ରଖି ଚିକିତ୍ସା କରିବା ପାଇଁ ଚିନ୍ତା କରିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଭୁବନେଶ୍ୱର ଏମ୍ସକୁ ଅନୁରୋଧ କରିଥିଲେ। କିନ୍ତୁ ଏମ୍ସ କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଇ ନ ଥିଲେ। ତେବେ ବର୍ତ୍ତମାନ ଦୁଇଭାଇଙ୍କୁ କଟକ ଏସ୍‌ସିବିକୁ ଅଣାଯାଇ ଚିକିତ୍ସା କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା ଦେଇଛନ୍ତି।


## ଗୃହ ଏବଂ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର

### ସାଧାରଣ ବିଜ୍ଞପ୍ତି

DSPL-70

### ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ, ୨୦୧୯

**ସ୍କିମ ସମ୍ବନ୍ଧରେ**

ରାଜ୍ୟ ସରକାର, ବିଜ୍ଞପ୍ତି ସଂଖ୍ୟା ୩୯୫୫/HUD ତା:୦୬.୦୮.୨୦୧୯ ରିଖ ରେ ଅନଧିକୃତ ନିର୍ମାଣ ନିୟମିତିକରଣ ସ୍କିମ, ୨୦୧୯ ପ୍ରଣୟନ କରିଅଛନ୍ତି |

ଇଚ୍ଛୁକ ଥିବା ବ୍ୟକ୍ତି ମାନେ ସ୍କିମର ଫର୍ମ -ଏ ସହିତ ନିର୍ଦ୍ଧାରିତ ପାଉଣା ସହ ଆବଶ୍ୟକୀୟ କାଗଜପତ୍ର, ନକ୍ସା କର୍ତ୍ତୃପକ୍ଷଙ୍କ ନିକଟ ରେ ଦାଖଲ କରି ନିୟମ ଅନୁଯାୟୀ ଅନଧିକୃତ ନିର୍ମାଣ ଗୁଡିକର ନିୟମିତିକରଣ କରିପାରିବେ |

**ଆବେଦନ ପତ୍ର ସ୍ୱୀକାର ର ଅନ୍ତିମ ତାରିଖ ୦୫.୦୨. ୨୦୨୦ ଅଟେ |**

ଏହି ସ୍କିମ, ଓଡିଶା ର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ ଅଂଚଳ ଯଥା, ଭୁବନେଶ୍ୱର, ବ୍ରହ୍ମପୁର, କଟକ, କଳିଙ୍ଗନଗର, ପାରାଦୀପ, ପୁରୀ-କୋଣାର୍କ, ରାଉରକେଲା, ସମ୍ବଲପୁର, ତାଳଚେର-ଅନଗୁଳ-ମେରାମଂଡଳୀ ସୀମା ମଧ୍ୟରେ ଲାଗୁ ଅଟେ |

ଏହି ସ୍କିମ ରେ ବିଭିନ୍ନ ଯୋଜନା ଏବଂ ନିର୍ମାଣ ସମ୍ବନ୍ଧୀୟ ନିୟମ ଯଥା, ଘର ଚତୁର୍ପାଶ୍ୱ ରେ ଛାଡିବାକୁ ଥିବା ଖୋଲା ଜାଗା, ପ୍ଲଟ ରେ ନିର୍ମିତ କ୍ଷେତ୍ରଫଳ/FAR, ପାର୍କିଙ୍ଗ ଆବଶ୍ୟକତା, ଶିଢ଼ି ଏବଂ କରିଡୋର ସମ୍ବନ୍ଧୀୟ ମାନକ / ନିୟମ ଇତ୍ୟାଦି କୋହଳ କରାଯାଇଅଛି |

ବିଭିନ୍ନ ପ୍ରକାର ର ଉଚ୍ଚ ଏବଂ ଅନୁଚ୍ଚ, ଆବାସୀୟ / ବ୍ୟବସାୟିକ / ସଂସ୍ଥାଗତ / ଚିକିତ୍ସା ସମ୍ବନ୍ଧୀୟ ପ୍ରତିଷ୍ଠାନ / ସ୍ୱେଶାଲ ବିଲଡିଂ ଇତ୍ୟାଦି ପାଇଁ ଏହି ସ୍କିମ ରେ ଉପର ବର୍ଣିତ ନିୟମ ମାନଙ୍କରେ କୋହଳ କରାଯାଇଅଛି |

ୱେବସାଇଟ କୁ ଯାନ୍ତୁ ଏବଂ ସ୍କିମଟିକୁ ଡାଉନଲୋଡ଼ କରନ୍ତୁ → ସ୍କିମଟିକୁ ଭଲଭାବରେ ପଢନ୍ତୁ ଏବଂ ଜମା କରିବାକୁ ଥିବା ଆବଶ୍ୟକ କାଗଜପତ୍ର /ଦସ୍ତାବେଜ, ଫିସ / ଦେୟ ଇତ୍ୟାଦି ବିଷୟରେ ଜାଣନ୍ତୁ → ଘର ର ନକ୍ସା ପ୍ରସ୍ତୁତି ଏବଂ ଫିସ /ଦେୟ ଆଦି ହିସାବ କରିବା ଲାଗି ଜଣେ ସ୍ଥପତି (ଆର୍କିଟେକ୍ଟ) /ରେଜିଷ୍ଟର୍ଡ ଟେକ୍ନିକାଲ ପର୍ଶନ ଙ୍କୁ ନିଯୁକ୍ତ କରନ୍ତୁ → ସ୍କିମ ରେ ଥିବା ଆବେଦନ ପତ୍ର କୁ ଭରନ୍ତୁ ଏବଂ ସମସ୍ତ ଜରୁରୀ କାଗଜପତ୍ର , ନକ୍ସା, ପ୍ରମାଣପତ୍ର, ଶପଥ-ପତ୍ର ଇତ୍ୟାଦି ପ୍ରସ୍ତୁତ କରନ୍ତୁ → ଆବେଦନ ପତ୍ର ସହ ସମସ୍ତ ଜରୁରୀ କାଗଜପତ୍ର ଏବଂ ଆବଶ୍ୟକ ଦେୟ କର୍ତ୍ତୃପକ୍ଷଙ୍କ ନିକଟ ରେ ଦାଖଲ କରନ୍ତୁ

୧୦୦ ବର୍ଗ ମିଟର କ୍ଷେତ୍ରଫଳ ଯାଏଁ ଥିବା ପ୍ଲଟ ଏବଂ ଯେଉଁଥିରେ ଅଧିକତମ ନିର୍ମାଣ ୧୫୦ ବର୍ଗ ମିଟର ପର୍ଯ୍ୟନ୍ତ ହୋଇଥିବ, ତାହାର ଜୋରିମାନା ଦେୟ ସର୍ବମୋଟ ୨୦,୦୦୦ ଟଙ୍କା ରହିବ |

| ପରିସ୍ଥିତି / ପରିସୀମା | ୧ ବର୍ଗ ମିଟର ନିର୍ମିତ-କ୍ଷେତ୍ରଫଳ (built-up area) ପାଇଁ ଜୋରିମାନା ଦେୟ | |
|---|---|---|
| | ଆବାସୀୟ | ଆବାସୀୟ ଉପଯୋଗ ଛଡା |
| ଅଧିକତମ ଅନୁଜ୍ଞେୟ ଫ୍ଲୋର ଏରିଆ ରେସିଓ (FAR) ପର୍ଯ୍ୟନ୍ତ | ୨୫୦ ଟଙ୍କା | ୫୦୦ ଟଙ୍କା |
| ଅଧିକତମ ଅନୁଜ୍ଞେୟ ଫ୍ଲୋର ଏରିଆ ରେସିଓ (FAR) ଉପରକୁ | ୫୦୦ ଟଙ୍କା | ୫୦୦ ଟଙ୍କା ଅଥବା ୧ ବର୍ଗ ମିଟର ଜମିର ବେଞ୍ଚମାର୍କ ମୂଲ୍ୟର ୨୫%, ଯେଉଁଟା ବି ଅଧିକ ହୋଇଥିବ |

ଏହି ଯୋଜନା ସମ୍ବନ୍ଧ ରେ ଅଧିକ ଜାଣିବା ପାଇଁ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କର କାର୍ଯ୍ୟାଳୟ ରେ ଯୋଗାଯୋଗ କରନ୍ତୁ | ଯୋଜନା ର ସବିଶେଷ ବିବରଣୀ, ଆବେଦନ ପତ୍ର ଏବଂ ଦେୟ /ଫିସ ଯଥା ପାର୍କିଙ୍ଗ ଅଭାବ ଜୋରିମାନା ଇତ୍ୟାଦି www.urbanodisha.gov.in ରେ ଉପଲବ୍ଧ ଅଟେ |

13001/13/0006/1920



ବିହାରର ମୋକାମା ବିଧାୟକ ଅନନ୍ତ ସିଂ(ସ୍ୱାଧୀନ)ଙ୍କ ଘରୁ ପୋଲିସ ଏକେ-୪୭ ରାଇଫଲ, ଜୀବନ୍ତ କାର୍ଟ୍ରିଜ୍ ଓ ଗ୍ରେନେଡ୍ ଜବତ କରିବା ପରେ ତାଙ୍କ ବିରୋଧରେ ୟୁଏପିଏ ଆକ୍ଟ ଲଗାଯାଇଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପାଟନା ଗ୍ରାମୀଣ ଏସ୍‌ପି କାନ୍ତେଶ୍ କୁମାର ମିଶ୍ର କହିଛନ୍ତି। ପାର୍ଲାମେଣ୍ଟରେ ୟୁଏପିଏ ସଂଶୋଧନ ଆଇନ ପାସ୍ ହେବା ପରେ ଏହା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ଲଗାଯାଇ ପାରିବ। ତାଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇ ତାଙ୍କ ସମ୍ପତ୍ତି ମଧ୍ୟ ଜବତ କରାଯାଇ ପାରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..........................


ଆକାଶ
ପରିବାରବର୍ଗ


ବି. ସାଇ ଶିବାନୀ
ପରିବାରବର୍ଗ


ଦିବ୍ୟଜିତ୍
ପରିବାରବର୍ଗ


ହରପ୍ରିୟା
ପରିବାରବର୍ଗ


N.John Raj
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କଣିହାଁ କୋଇଲା ଖଣିରେ ଫାଟ

କଣିହାଁ, ୧୭।୮ (ଡି.ଏନ.ଏ.)- ଅନୁଗୋଳ ଜିଲା ସ୍ଥିତ ଏମସିଏଲର କଣିହାଁ କୋଇଲା ଖଣିର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଫଳରେ ଯେ କୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

# ବିଦ୍ୟୁତ୍ ଆଘାତରେ ୨ ଯୁବକ ମୃତ

ରସାଲପୁର, ୧୭।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ହିଡ଼ିଗାଁରେ ଶନିବାର ଅପରାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ପ୍ରଦୀପ ଜେନା ଓ ଲାଇନମ୍ୟାନ ସତ୍ୟନାରାୟଣ ଦାସ।

ଦୁଇ ଦିନ ତଳେ ହିଡ଼ିଗାଁର ନାରାୟଣ ଜେନାଙ୍କ ଘର ନିକଟରେ ଏକ ବିଦ୍ୟୁତ୍ ତାର ତଳକୁ ଝୁଲି ରହିଥିଲା। ବିପଦ ଆଶଙ୍କା କରି ଗ୍ରାମବାସୀ ଚାନ୍ଦିପୁର ଷ୍ଟ୍ରକଚର୍‌ରେ ଏନେଇ ଅଭିଯୋଗ କରିଥିଲେ। ଶନିବାର ଲାଇନ୍‌ମ୍ୟାନ୍ ସତ୍ୟନାରାୟଣ ପହଞ୍ଚି ନାରାୟଣ ଜେନାଙ୍କ ପରିବାର ଲୋକଙ୍କୁ ତାଙ୍କ ଘରବାଡ଼ିରେ ଥିବା ଗଛଡାଳ କାଟିବାକୁ ଅନୁରୋଧ କରିଥିଲେ। ନାରାୟଣଙ୍କ ପୁଅ ପ୍ରଦୀପ ଗଛଡାଳ କାଟୁଥିବାବେଳେ ଲାଇନମ୍ୟାନ୍ ସତ୍ୟନାରାୟଣ ଓହଳି ପଡ଼ିଥିବା ବିଦ୍ୟୁତ ତାରକୁ ଟାଣୁଥିଲେ। ଏତିକିବେଳେ ଉକ୍ତ ତାର ଛିଡ଼ିଯାଇ ତାଙ୍କ ଉପରେ ପଡିଯାଇଥିଲା। ୧୧ କେଭି ବିଦ୍ୟୁତ ତାରରେ ଗୁଡ଼ାଇ ହୋଇଯିବାରୁ ବିଦ୍ୟୁତ୍ ପ୍ରବାହ ଯୋଗୁ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଚାନ୍ଦିପୁର ପୋଲିସ ୨ଟି ପୃଥକ ମାମଲା (ନଂ.୧୩/୧୯ ଏବଂ ୧୪/୧୯) ରୁଜୁ କରିଛି। ଅପର ପକ୍ଷରେ ପ୍ରଦୀପ ଜେନାଙ୍କ ପରିବାର ସଦସ୍ୟମାନେ ଶବ ବ୍ୟବଚ୍ଛେଦକୁ ବିରୋଧ କରି ତୁରନ୍ତ ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତିପୂରଣ ଦେବା ପାଇଁ ଅଡି ବସିଛନ୍ତି ।

# ଯାତ୍ରା କଳାକାରଙ୍କୁ ହତ୍ୟା: ଜଣେ ଗିରଫ

ଭୋଗରାଇ, ୧୭।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଶୁକ୍ରବାର ମଧ୍ୟରାତ୍ରିରେ ଜଣେ ନିଶାଗ୍ରସ୍ତ ଯୁବକ ଯାତ୍ରା ପାର୍ଟିର ହାସ୍ୟ କଳାକାରଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାରେ ଏକ ହତ୍ୟା ମାମଲା (ନଂ.୧୫୦/୧୯) ରୁଜୁ କରି ସୁନାଧରବସାଣ ଗ୍ରାମର ରାଜେନ୍ଦ୍ର ଦଳାଇ(୩୦)ଙ୍କୁ ତାଙ୍କ ଶ୍ୱଶୁର ଘର ବିଚିତ୍ରପୁରରୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ହତ୍ୟା ଘଟଣାରେ ଭୋଗରାଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

ଭୋଗରାଇହାଟସ୍ଥିତ ଶ୍ୟାମସୁନ୍ଦର ରିକ୍ରେସନ ସେଣ୍ଟର ପଡିଆରେ ସ୍ଥାନୀୟ ଶୁଭଲକ୍ଷ୍ମୀ ଅପେରାର ରିହରସାଲ ହେଉଥିଲା। ରିହରସାଲ ସରିବା ପରେ ଏହି ପାର୍ଟିର ହାସ୍ୟ କଳାକାର ବାଲିଆପାଳ ବ୍ଲକ କଟିସାହି ଗ୍ରାମର ତ୍ରିଲୋଚନ ରଣଜିତ(୫୦)ବଜାରକୁ ଯାଇଥିଲେ । ସେଠାରେ ସୁନାଧରବସାଣ ଗ୍ରାମର ରାଜେନ୍ଦ୍ର ଦଳାଇଙ୍କ ସହିତ ଉକ୍ତ ଯାତ୍ରା ପାର୍ଟିର ଖଳନାୟକଙ୍କୁ ନେଇ ବଚସା ହୋଇଥିଲା। ଦୁଇଜଣଙ୍କ ମଧ୍ୟରେ ଠେଲାପେଲା ହେବା ସହିତ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ରାଜେନ୍ଦ୍ର ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ହାସ୍ୟ ଅଭିନେତା ରଣଜିତଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଭୋଗରାଇ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ନୂତନ ଅଧ୍ୟକ୍ଷ ଦାୟିତ୍ୱ ପାଇବା ପରେ ନେତାମାନେ ଶନିବାର ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଆକାଶମାର୍ଗରୁ ପଶ୍ଚିମ ଓଡ଼ିଶା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ବିମାନରେ ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲା ଗସ୍ତ କରିବା ସହ ବନ୍ୟା ବିପନ୍ନଙ୍କ ଖାଦ୍ୟ, ରହଣି ଓ ପୁନରୁଦ୍ଧାର ବ୍ୟବସ୍ଥା ନେଇ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଛନ୍ତି। ତାଙ୍କ ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ ଏବଂ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମଧ୍ୟ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ଲଗାତର ୩ ଦିନ ଧରି ପ୍ରବଳ ବର୍ଷା ହେବାରୁ ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ ଏବଂ ସୋନପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଗତ ୫୦ ବର୍ଷ ମଧ୍ୟରେ ଏ ପ୍ରକାର ବର୍ଷା ଲୋକମାନେ ଦେଖି ନ ଥିବା ସେ କହିଛନ୍ତି। ସେହିପରି ଆକାଶମାର୍ଗରୁ ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ କେନ୍ଦ୍ରମନ୍ତ୍ରୀ କଳାହାଣ୍ଡି ଜିଲା ଗୋଲମୁଣ୍ଡା, ଜୁନାଗଡ, ଏମ୍. ରାମପୁର, କର୍ଲାମୁଣ୍ଡା, ବଲାଙ୍ଗୀର ଜିଲାର ପୁଇଁତଳା, ବଲାଙ୍ଗୀର ସଦର ଓ ସହର ଏବଂ ଦେଓଗାଁ, ସୋନପୁରର ତରଭା ବ୍ଲକ ଓ ପୌରପରିଷଦ ଏବଂ ବୌଦ୍ଧ ଜିଲାର କଣ୍ଟାମାଳ ବୁଲିବା ପରେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ସମୀକ୍ଷା ଜାରି ରହିଛି। ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ ରାଜ୍ୟକୁ ପଠାଯିବ। ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଏବଂ ଏନ୍‌ଡିଆରଏଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସହରା ଲୋକଙ୍କ ପାଇଁ କିଭଳି ଘର ବ୍ୟବସ୍ଥା ହୋଇପାରିବ, ସେ ନେଇ ରାଜ୍ୟ ସରକାର ସମୀକ୍ଷା କରି କେନ୍ଦ୍ରକୁ ରିପୋର୍ଟ ଦେଲେ ବିଚାର କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ବଲାଙ୍ଗୀର ଜିଲାକୁ ଆକାଂକ୍ଷା ଜିଲାଭାବେ ଘୋଷଣା କରାଯାଇଛି। ବିନା ବଲାଙ୍ଗୀର ଜିଲାରେ ଓଡ଼ିଶା ଆଗକୁ ଯିବା ଅସମ୍ଭବ ବୋଲି କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବନ୍ୟାରେ ବିଶେଷଭାବେ ଛୋଟ ବ୍ୟବସାୟୀ ତଥା ଉଠାଦୋକାନୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏମାନଙ୍କୁ କେନ୍ଦ୍ର ସରକାରଙ୍କ ମୁଦ୍ରା ଯୋଜନାରେ ଯୋଡି ସେମାନଙ୍କ ରୋଜଗାର ଓ ସ୍ୱରୋଜଗାର ବ୍ୟବସ୍ଥା କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଏଭଳି ବିପତ୍ତି ସମୟରେ ସେ ଓଡ଼ିଶାର ସିପାହି ତଥା ପ୍ରତିନିଧି ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଏ ବିଷୟ ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଏମ୍‌ପି ବସନ୍ତ ପଣ୍ଡା ଓ ସଙ୍ଗୀତା ସିଂଦେଓ ।

**ପଶ୍ଚିମ ଓଡ଼ିଶା ବନ୍ୟା**
- କେନ୍ଦ୍ର ପକ୍ଷରୁ ସହଯୋଗର ପ୍ରତିଶ୍ରୁତି ଦେଲେ
- ବାସହରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପାଇଁ ପ୍ରସ୍ତାବ
- ବଲାଙ୍ଗୀର ହେଲା ଆକାଂକ୍ଷା ଜିଲା
- ମୁଦ୍ରା ଯୋଜନାରେ ଉପକୃତ ହେବେ କ୍ଷୁଦ୍ର ବ୍ୟବସାୟୀ

# ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ଭେଟିଲା କେନ୍ଦୁଝର ବିକାଶ ପରିଷଦ



ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଗହଣରେ କେନ୍ଦୁଝର ବିକାଶ ପରିଷଦର କାର୍ଯ୍ୟକର୍ତ୍ତା।

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

- ଖଣି ବିସ୍ଥାପିତଙ୍କୁ ମୌଳିକ ସୁବିଧା ଯୋଗାଇବା ଦାବି

କେନ୍ଦୁଝର ଜିଲାର ବିଭିନ୍ନ ସମସ୍ୟା ତଥା ଦୀର୍ଘଦିନର ଦାବି ନେଇ କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସହ ଆଲୋଚନା କରାଯାଇଛି। ପରିଷଦ ପକ୍ଷରୁ ୧୦ ଦଫା ଦାବି ସମ୍ପର୍କରେ ଶନିବାର ରାଜ୍ୟ ଅତିଥି ଭବନରେ ମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇଥିଲା।

କେନ୍ଦୁଝର ଜିଲାରେ ଏକ ବୃହତ ଇସ୍ପାତ ଶିଳ୍ପ ସ୍ଥାପନ, ପ୍ରସ୍ତାବିତ ଚମ୍ପୁଆ-କେନ୍ଦୁଝର-ଆନନ୍ଦପୁର-ଧାମରା ରେଳପ୍ରକଳ୍ପ ତ୍ୱରାନ୍ୱିତ କରିବା, ଜିଲାର ନାମକୁ ସଂଶୋଧନ ଏବଂ ଧରଣୀଧର ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ କରିବା ଭଳି ପ୍ରମୁଖ ଦାବି ରଖାଯାଇଥିଲା। ଏତଦ୍‌ବ୍ୟତୀତ ଜିଲାରେ ଆଞ୍ଚଳିକ ଦୂରଦର୍ଶନ କେନ୍ଦ୍ର ସ୍ଥାପନ, ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା, ୨୦୦୯ରୁ ମଞ୍ଜୁର ହୋଇଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରକୁ ତ୍ୱରାନ୍ୱିତ କରିବା, ଘଟଗାଁ ନିକଟସ୍ଥ ଆଦିବାସୀ ସଂଗ୍ରହାଳୟକୁ ତୁରନ୍ତ ସ୍ଥାପନ କରିବା ସହ ୨୦୧୮ରୁ ମଞ୍ଜୁର ହୋଇଥିବା ପ୍ଲାନେଟୋରିୟମ ତୁରନ୍ତ ସ୍ଥାପନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। କେନ୍ଦୁଝରର ସମସ୍ତ ଆଦିବାସୀ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ଏବଂ ଖଣି କାର୍ଯ୍ୟ ଦ୍ୱାରା ବିସ୍ଥାପିତ ଜନସାଧାରଣଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ମନ୍ତ୍ରୀଙ୍କୁ ପରିଷଦ ପକ୍ଷରୁ ବିଶେଷ ଅନୁରୋଧ କରାଯାଇଛି। ପରିଷଦ ପକ୍ଷରୁ ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ଉମ୍ବୁଧର ଘଣା, ଆଲୋକ କୁମାର ବେହୁରା, ଜ୍ୟୋତି ରଞ୍ଜନ ମିଶ୍ର ଏବଂ ବିନୋଦ କୁମାର ସିଂ ପ୍ରମୁଖ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଗଗନ ଧଳ...

କରାଯାଇଥିଲା। ଉପରୋକ୍ତ ପଦପଦବୀ ବ୍ୟତୀତ ଅସିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓଆର୍‌ଏସ୍‌ଏସିର ଅଧ୍ୟକ୍ଷଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇପାରିବେ।

ସୋମବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଶେଷ ସରକାରୀ କାର୍ଯ୍ୟଦିବସ ହେବ। ଅପରପକ୍ଷରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍)ଥିବା ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଯୋଜନା ଓ ସଂଯୋଜନା ବିଭାଗର କମିଶନର ତଥା ଏସିଏସ୍ ଭାବେ ଦାୟିତ୍ୱ ଦିଆଯାଇଛି। ସୁରେଶଙ୍କୁ ଦୁଇ ଦିନ ପୂର୍ବେ ଉନ୍ନୟନ କମିଶନର ଭାବେ ମଧ୍ୟ ନିଯୁକ୍ତି ଦିଆଯାଇଥିଲା। ଏତଦ୍‌ବ୍ୟତୀତ ସେ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ସୁଦର୍ଶନ ପାଲ ଠାକୁରଙ୍କୁ କୋରାପୁଟସ୍ଥିତ କେବିକେ ପ୍ରଶାସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଏପିସି ଭାବେ ନିଯୁକ୍ତି ପାଇଥିବା ପ୍ରଦୀପ୍ତ କୁମାର ମହାପାତ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ମୋନା ଶର୍ମା ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶିଳ୍ପ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରାଙ୍କୁ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ତ୍ତ ବିଭାଗର କମିଶନର ତଥା ସଚିବ ଉକ୍ଟର କ୍ରିଷନ କୁମାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସିଆର୍‌ସି ତଥା ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିବା ମନୋଜ କୁମାର ମିଶ୍ର(ଆଇଆର୍‌ଟିଏସ୍)ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଭାରପ୍ରାପ୍ତ ସଚିବ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଏହି ବିଭାଗର ସ୍ୱତନ୍ତ୍ର ସଚିବ ଥିବା ରୁଦ୍ର ନାରାୟଣ ପଲାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ପାଇଛନ୍ତି।

## ନାବାଳିକା ବଳାତ୍କାର ମାମଲାକୁ ଗୁରୁତ୍ୱ

# ମାସେ ମଧ୍ୟରେ ଚାର୍ଜଶିଟ୍ ଦାଖଲ

ଅନୁଗୋଳ ଅଫିସ, ୧୭।୮

ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ଯେପରି ଶୀଘ୍ର ଦଣ୍ଡିତ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦେଉଛି ଅନୁଗୋଳ ପୋଲିସ। ସେଥିପାଇଁ ଅଭିଯୁକ୍ତଙ୍କୁ ଗିରଫ କରିବାର ମାସକ ମଧ୍ୟରେ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ସହ ଶୀଘ୍ର ଟ୍ରାଏଲ ପାଇଁ ଆବେଦନ କରୁଛି। ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ମାସେ ନ ପୂରୁଣୁ ପୋଲିସ ଶନିବାର କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଗତ ଜୁଲାଇ ୨୧ରେ ବସ୍‌ଷ୍ଟାଣ୍ଡ ନିକଟ ଆହାର କେନ୍ଦ୍ର ଠାରେ ଜଣେ ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଉଦ୍ୟମ ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ତନାଘନା କରି ଅମଳାପଡ଼ା ଅଞ୍ଚଳର ଶିବୁ ପଟ୍ଟନାୟକଙ୍କୁ ସେହି ମାସ ୨୩ ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ୧ ମାସ ଭିତରେ ମାମଲାର ଚାର୍ଜଶିଟ୍ ଦାଖଲ କରାଯିବ ବୋଲି କହିଥିଲେ। ତଦନୁଯାୟୀ ଶନିବାର ଅନୁଗୋଳ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ୧୯୫ ପୃଷ୍ଠାର ଏହି ଚାର୍ଜଶିଟ୍‌ରେ ୩୫ ଜଣ ସାକ୍ଷୀଙ୍କ ବୟାନ ସହ ଫରେନ୍‌ସିକ୍ ରିପୋର୍ଟ ମଧ୍ୟ ଦାଖଲ କରାଯାଇଥିବା ଥାନା ଅଧିକାରୀ ରମେଶ ବିଶୋଇ ସୂଚନା ଦେଇଛନ୍ତି। ଏହାପରେ ଫାଷ୍ଟଟ୍ରାକ୍ କୋର୍ଟରେ ଶୁଣାଣି ପାଇଁ ଆବେଦନ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଜାନୁୟାରୀ ୨୦ରେ ଅନୁଗୋଳ ଉପକଣ୍ଠ ଏକ ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ଅଭିଯୁକ୍ତ ଅନାମ ଦେହୁରୀ ହତ୍ୟା ପରେ ବଳାତ୍କାର କରିଥିଲେ। ଏହି ମାମଲାକୁ ପୋଲିସ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିବା ସହ ମାସକ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବ ବୋଲି କହିଥିଲା। ଏସ୍‌ପିଙ୍କ ପ୍ରତିଶ୍ରୁତି ଅନୁଯାୟୀ ଅଭିଯୁକ୍ତଙ୍କ ଗିରଫର ମାସକ ମଧ୍ୟରେ ପୋଲିସ ଚାର୍ଜଶିଟ୍ ଦାଖଲ ସହ ଟ୍ରାଏଲ ପାଇଁ କୋର୍ଟରେ ଆବେଦନ କରିଥିଲା। ଉକ୍ତ ମାମଲାରେ ଅଭିଯୁକ୍ତ ଅନାମଙ୍କୁ କୋର୍ଟ ଫାଶୀ ଦଣ୍ଡାଦେଶ ଶୁଣାଇଥିବା ବେଳେ ତାହା ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି।

# ଭିଜିଲାନ୍ସ ଜାଲରେ ଜିଲା ଯୋଗାଣ ଅଧିକାରୀ

ମାଲକାନଗିରି, ୧୭।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଯୋଗାଣ ଅଧିକାରୀ ଅଭିମନ୍ୟୁ ମହାନ୍ତି ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଶନିବାର ସନ୍ଧ୍ୟାରେ ସେ ବ୍ରହ୍ମପୁରକୁ କାରରେ ଯାଉଥିଲେ। ଗୋବିନ୍ଦପାଲି ଘାଟି ନିକଟରେ ଜୟପୁର ଏସ୍‌ପି ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ୧ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଥିଲା। ତାଙ୍କର ବ୍ରହ୍ମପୁରରେ ଥିବା ବାସଭବନ ଏବଂ ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତି ନେଇ ଏକକାଳୀନ ଚଢାଉ ଚାଲିଛି। ଜୟପୁର ଭିଜିଲାନ୍ସ ଅଫିସରେ ମହାନ୍ତିଙ୍କୁ ପଚରାଉଚୁରା କରାଯାଉଛି। ଏନେଇ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ଯେ, ଘଟଣାର କିଛି ସତ୍ୟତା ନାହିଁ। ଜବତ ଟଙ୍କା କାହାର ପରେ ଜଣାପଡିବ ବୋଲି କହିଥିଲେ। ଏ ସମ୍ପର୍କରେ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାଗଜପତ୍ର ଯାଞ୍ଚ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ଯୋଗାଣ ଅଧିକାରୀ ମହାନ୍ତିଙ୍କ ଚାକିରି କାଳ ଆଉ ୨ମାସ ଥିଲା। ତାଙ୍କ ନାମରେ ପୂର୍ବରୁ ଦୁର୍ନୀତି ଅଭିଯୋଗ ରହିଥିଲା।



# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ। ପ୍ରତୀକ୍ଷିତ ସ୍ଥାନରୁ ଶୁଭଖବର ପାଇ ଉଲ୍ଲସିତ ହେବେ।

**ବୃଷ** ମୃଗଶିରା ନକ୍ଷତ୍ରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବା ଆଶଙ୍କା ରହିଛି। ଯେତେ ପ୍ରକାରର ଚେଷ୍ଟାକଲେ ମଧ୍ୟ ଏହି ସମୟରେ ସରକାରୀ ସ୍ତରରେ ହାରିଗୁହାରି କିଏ ବୁଝିବେ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ସାହିତ୍ୟ, କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ** ଆରଦ୍ରା ନକ୍ଷତ୍ର ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ହଠାତ୍ ଏକ ଭିନ୍ନ ପରିସ୍ଥିତିରେ କଥା କହୁ ନ ଥିବା ବନ୍ଧୁଟି ପାଖେଇ ଆସିପାରେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ଆହ୍ୱାନ ଆସିବା ସମ୍ଭାବନା ରହିଛି। ସାମାନ୍ୟ ବିଳମ୍ବରେ ଅଭିଳଷିତ ଅର୍ଥ ପାଇବେ।

**କର୍କଟ** ଅଶ୍ଳେଷା ନକ୍ଷତ୍ର ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ମନ ଭଲ ନ ଥିବା କାରଣରୁ ସାମାନ୍ୟ କଥାରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତବୋଧ କରିପାରନ୍ତି। ଖୋଜୁଥିବା ଜିନିଷ ହଠାତ୍ ପାଇଯିବାରୁ ଖୁସି ହୋଇପାରନ୍ତି।

**ସିଂହ** ମଘା ନକ୍ଷତ୍ର ଜାତ ବ୍ୟକ୍ତିଙ୍କ ସକାଶେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟିକରିବ। କେତେକ ସ୍ଥଳେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପୁରାତନ ରୋଗର ପୀଡ଼ା ଆପଣଙ୍କ ଦୃଢ଼ତାକୁ କେତେକାଂଶରେ କ୍ଷୁଣ୍ଣ କରିପାରେ।

**କନ୍ୟା** ଚିତ୍ରା ନକ୍ଷତ୍ର ସକାଶେ ଅନ୍ୟମାନଙ୍କ ଦୃଷ୍ଟିକୋଣର ଭିନ୍ନତା ଓ ଅସଂଗତ ବିଚାରଧାରା ଆପଣଙ୍କ ପାଇଁ ଅହିତକର ହୋଇପାରେ। କାର୍ଯ୍ୟକ୍ରମର ଗୁରୁତ୍ୱ ଦୃଷ୍ଟିରୁ କଠିନ ପରିଶ୍ରମ ଜନିତ କ୍ଳାନ୍ତି ଓ ଅବସାଦ ଅନୁଭବ କରିବାକୁ ପଡ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁମିଳନ ଜନିତ ଆମୋଦ ପ୍ରମୋଦର ଆସର ଘଟିପାରେ।

**ତୁଳା** ବିଶାଖା ନକ୍ଷତ୍ର କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହେବେ। ଆଜିର ଯାତ୍ରାରେ ସଫଳତା ପାଇବା ସହ ଆବଶ୍ୟକତା ଅପୂରଣ ରହିବନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାର, ବାଣିଜ୍ୟ, ବ୍ୟବସାୟ ଓ ନୂତନ କର୍ମାରମ୍ଭର ପ୍ରସ୍ତୁତିପର୍ବକୁ ପୂର୍ଣ୍ଣାଙ୍ଗ କରିପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ର ପରିସ୍ଥିତିକୁ ଆଖି ଆଗରେ ରଖି ମନ ବୁଝିଲାଭଳି କଥା କହି ପରିସ୍ଥିତିକୁ ସୁଧାରିନେବେ। ଅନ୍ୟ ମାନଙ୍କ ସାହାଯ୍ୟ ଲାଭକରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିପାରିବା ଆଶା ରହିଛି। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସାମ୍ନା କରିବାକୁ ପଡ଼ିବ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ସାଧନା ଦିଗକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି ତଥା ପ୍ରଶାସନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର** ଶ୍ରବଣା ନକ୍ଷତ୍ର ଦିନର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସହ ସମସ୍ୟା ସମାଧାନ କରିପାରିବେ। ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ମଧ୍ୟସ୍ଥଙ୍କୁ ଅନୁନୟ ବିନୟ ହୋଇପାରନ୍ତି।

**କୁମ୍ଭ** ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଅସୁବିଧା ନ ହେଲେ ମଧ୍ୟ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାଜନିତ ଆଶଙ୍କା କରି ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ କେତେକ କାମ କରିବାକୁ ବାଧ୍ୟହେବେ। ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ।

**ମୀନ** ରେବତୀ ନକ୍ଷତ୍ରର ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଲାଭ ଯୋଗ ରହିଛି। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନୋରଞ୍ଜନ ଉପଭୋଗ୍ୟ ନ ହୋଇପାରେ। କର୍ମକ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିବେ ଓ ଅସଂଗତି ଦୂରକରିବାର ପ୍ରଯତ୍ନ କରିବେ।

ଆଜି ଭାଦ୍ରବ କୃଷ୍ଣପକ୍ଷର ଅଙ୍ଗଭେଟ ତୃତୀୟା ରବିବାର, ଖୁଦୁରୁକୁଣୀ ଓଷା ଆରମ୍ଭ, ଅଗଷ୍ଟ ୧୮ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ୧୦।୫୪ମି. ପରେ ମୀନ ଚନ୍ଦ୍ର, ମେଷ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୪।୩୫ମି. ଗତେ ଘ୬।୧୦ମି. ମଧ୍ୟେ ରାହୁକାଳ।

ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡି ଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି- ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ହିଁ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। -ଶ୍ରୀଅରବିନ୍ଦ



# ଆଭ୍ୟନ୍ତରୀଣ କନ୍ଦଳର କ୍ଷତ



ଆକାର ପଟେଲ

ଗତ ୨୦ ବର୍ଷ ଭିତରେ ଆଭ୍ୟନ୍ତରୀଣ କନ୍ଦଳରେ ଭାରତରେ ଯେତିକି ସୈନିକ ମରିଛନ୍ତି, ତାହା ୧୯୬୨ ଚାଇନା ଯୁଦ୍ଧରେ ଶହୀଦ ହୋଇଥିବା ସୈନିକ ସଂଖ୍ୟାର ପ୍ରାୟ ତିନିଗୁଣ। କାର୍ଗିଲ ଯୁଦ୍ଧରେ ଭାରତ ଯେତିକି ସୈନିକଙ୍କୁ ହରାଇଛି, ତା'ର ଛଅଗୁଣ ମରିଛନ୍ତି କଶ୍ମୀର ଏବଂ ମାଓବାଦୀପ୍ରବଣ ଉତ୍ତରପୂର୍ବ ଓ କେନ୍ଦ୍ରୀୟ ଭାରତରେ ଯୁଦ୍ଧ କରି। ୧୯୬୨ ଏବଂ ୧୯୭୧ (ପାକିସ୍ତାନ ସହ) ଯୁଦ୍ଧରେ ମରିଥିବା ଲୋକଙ୍କ ଅପେକ୍ଷା ଏହିସବୁ ସ୍ଥାନରେ ଅଧିକ ଭାରତୀୟ ମରିଛନ୍ତି। ଏହିସବୁ ମୃତ୍ୟୁ ଯୁଦ୍ଧ ପାଇଁ ନୁହେଁ ବରଂ ରାଜନୈତିକ ବିଫଳତା ପାଇଁ ହୋଇଛି। ଆଭ୍ୟନ୍ତରୀଣ ବିବାଦକୁ ମୁକାବିଲା କରିବାରେ ସରକାରୀ ନୀତି ସଫଳ ହେଉ ବା ବିଫଳ ତାକୁ ପରିବର୍ତ୍ତନ କରିବା ଲାଗି ସରକାରଙ୍କ ଉପରେ କୌଣସି ଚାପ ପଡୁନାହିଁ କାରଣ ସୈନିକ ଓ ସାଧାରଣ ଲୋକଙ୍କ ମୃତ୍ୟୁକୁ ଦେଶବାସୀ ଗ୍ରହଣ କରିନେଉଛନ୍ତି। ବର୍ତ୍ତମାନ କଶ୍ମୀରରେ ଯେଉଁ ମାଷ୍ଟର ଷ୍ଟ୍ରୋକ୍ ଦିଆଗଲା, ସେଠାରେ କାର୍ଯ୍ୟରତ ସଶସ୍ତ୍ର ବାହିନୀ ଉପରେ ତା'ର କି ପ୍ରଭାବ ପଡ଼ିବ ତାକୁ ନେଇ କୌଣସି ବିତର୍କ ନାହିଁ। ବର୍ତ୍ତମାନ କେହି ଶ୍ରୀନଗର ପରିଦର୍ଶନରେ ଗଲେ ଦେଖିବ ଦେଶର ବିଭିନ୍ନ ଅଞ୍ଚଳର ସଶସ୍ତ୍ର ସୈନିକମାନେ ପାଟ୍ରୋଲିଂ କରୁଛନ୍ତି। ସେମାନେ ସ୍ଥାନୀୟ ଲୋକଙ୍କ ପରି ଦେଖାଯାଉ ନାହାନ୍ତି କିମ୍ବା ସ୍ଥାନୀୟ ଭାଷାରେ କଥାବାର୍ତ୍ତା କରୁନାହାନ୍ତି। ଅର୍ଦ୍ଧସାମରିକ ବାହିନୀ କଶ୍ମୀରର ସହରଗୁଡ଼ିକର ରାସ୍ତାରେ ପଦଚାରଣା କରୁଥିବା ବେଳେ ସୈନ୍ୟବାହିନୀ ପରିଧିସ୍ଥ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ସେମାନଙ୍କ କାମ ହେଲା ହିଂସାତ୍ମକ ଜନମତକୁ ଚାପିଦେବା। କାରଣ ଅନ୍ୟ ଉପାୟରେ ମତ ପ୍ରକାଶ କରିବାକୁ ସେମାନଙ୍କ ପାଖରେ କିଛି ସୁବିଧା ନାହିଁ। ବର୍ଷ ବର୍ଷ ଧରି କଶ୍ମୀରରେ ଯୋଗାଯୋଗ ଓ ଗଣମାଧ୍ୟମର କଣ୍ଠରୋଧ କରାଯାଇ ଆସୁଛି। ବର୍ତ୍ତମାନ ସମଗ୍ର କଶ୍ମୀରରେ ଯେପରି ଯୋଗାଯୋଗ ବିଚ୍ଛିନ୍ନ କରିଦିଆଯାଇଛି, ତାହା ପ୍ରଥମ ଥର ପାଇଁ ଘଟିନାହିଁ। ସେଠାରେ ଯୋଗାଯୋଗ ବିଚ୍ଛିନ୍ନ କରିଦିଆଗଲେ ଭାରତର ଅବଶିଷ୍ଟ ଅଞ୍ଚଳରେ କୌଣସି ସମସ୍ୟା ସୃଷ୍ଟି ହୁଏ ନାହିଁ। ତାହାର ଗୋଟିଏ ମୁଖ୍ୟ କାରଣ ହେଲା ସେମାନଙ୍କ ସହ ଆମର କିଛି ନେଣଦେଣ ନାହିଁ କିମ୍ବା ସେମାନେ ଭୋଗୁଥିବା ସମସ୍ୟା ଆମକୁ ସ୍ପର୍ଶ କରେ ନାହିଁ।

ଆମେରିକା କଂଗ୍ରେସରେ ସାଧାରଣତଃ ୧୦୦ ସଦସ୍ୟ ଥାନ୍ତି, ଯେଉଁମାନେ ସେନାରେ ଏକଦା କାର୍ଯ୍ୟ କରିଥିଲେ। ଆମେରିକା ହେଉଛି ବିଶ୍ୱର ସବୁଠୁ ଶକ୍ତିଶାଳୀ ସୈନ୍ୟବାହିନୀ ଏବଂ ସେମାନେ ନିୟମିତ ଭାବେ ଓ ସହଜରେ କୋରିଆ, ଭିଏତନାମ, ଇରାକ ଓ ଆଫଗାନିସ୍ତାନ ପ୍ରଭୃତି ସହ ଯୁଦ୍ଧ କରିବାକୁ ଆଗଭର ହୋଇଥାନ୍ତି। ତେବେ ସେମାନେ ଆତ୍ମସଂଶୋଧନଶୀଳ। ସେମାନେ ନିଜର ଭୁଲ୍‌କୁ ସୁଧାରି ଯୁଦ୍ଧରୁ ନିଜକୁ ଓହରେଇ ଆଣିପାରନ୍ତି କାରଣ ସେମାନଙ୍କର ଅନେକ ନେତା ହେଉଛନ୍ତି ପୂର୍ବତନ ସୈନିକ। ଭାବପ୍ରବଣ ନ ହୋଇ କାଳ୍ପନିକ ଲାଭ ଅପେକ୍ଷା ବାସ୍ତବ କ୍ଷତିକୁ ସେମାନେ ଆକଳନ କରିପାରନ୍ତି। ଭିଏତ୍‌ନାମ ଯୁଦ୍ଧ ସମୟରେ ଓ ତା'ର ଠିକ୍ ପରେ ପରେ ସେମାନଙ୍କର ଯୋଦ୍ଧା-ନେତା ଅନୁପାତ ବହୁତ ଉଚ୍ଚ ରହିଥିଲା ଏବଂ ପ୍ରାୟ ତିନିଚତୁର୍ଥାଂଶ ନେତା ଥିଲେ ପୂର୍ବତନ ସୈନିକ। କିନ୍ତୁ ଭାରତ କଥା ପୂରା ଅଲଗା। ମଧ୍ୟବିତ୍ତ ବର୍ଗଙ୍କର ସେନାରେ ଚାକିରି କରିବା ପ୍ରତି କୌଣସି ଆଗ୍ରହ ନ ଥାଏ। ସେମାନେ କର୍ପୋରେଟ୍ ଚାକିରି ବା ସରକାରୀ ଚାକିରି, ବିଶେଷତଃ ଆଇଏଏସ୍ ଅଫିସର, ଆଇପିଏସ୍ ଅଫିସର ହେବାକୁ ବେଶି ପସନ୍ଦ କରିଥାନ୍ତି। ସେନା ଓ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ମୁଖ୍ୟତଃ ନିମ୍ନ ମଧ୍ୟବିତ୍ତ ବା କୃଷକ ପରିବାରରୁ ଆସିଥାନ୍ତି। ପାକିସ୍ତାନରେ ବି ଠିକ୍ ସେଇଆ। ଗଣମାଧ୍ୟମ, ଯାହାର ଅଧିକାଂଶ ସଦସ୍ୟ ମଧ୍ୟବିତ୍ତ ବର୍ଗରୁ ଆସିଥାନ୍ତି, ସେମାନେ ହିଂସାରୁ ପ୍ରାୟତଃ ଦୂରରେ ରହିଥାନ୍ତି। କଶ୍ମୀର ସମେତ ଦେଶର ବିଭିନ୍ନ ସ୍ଥାନରେ ସଶସ୍ତ୍ର ବାହିନୀ ଯାହା କରନ୍ତି, ତାକୁ ଗଣମାଧ୍ୟମରେ ଉଚ୍ଚମୂଲ୍ୟ ଦିଆଯାଏ। ଆମ ସାମ୍ବାଦିକମାନଙ୍କର ଚିନ୍ତା କରିବାର ସ୍ୱାଧୀନତା ନ ଥାଏ। ନିରପେକ୍ଷ ଆଖି ନେଇ ଦେଖିବାର ସାମର୍ଥ୍ୟ ନ ଥାଏ। ସେଥିପାଇଁ ଆମେ ବାସ୍ତବତାକୁ ଉପେକ୍ଷା କରି ଗୋଟିଏ ପକ୍ଷ ନେଇଥାଉ। ପାଠକମାନେ ଜାଣି ବିସ୍ମିତ ହେବେ ଯେ, ପୂର୍ବ ପାକିସ୍ତାନରେ ଯେଉଁ ନୃଶଂସତା ଚାଲିଥିଲା ତାକୁ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲେ ଜଣେ ପାକିସ୍ତାନୀ ସାମ୍ବାଦିକ। ସେ ହେଉଛନ୍ତି କରାଚୀର ଆନ୍ଥୋନୀ ମାସ୍କାରେନ୍‌ହାସ, ଯାହାଙ୍କ ଲେଖା ବ୍ରିଟିଶ୍ ଖବରକାଗଜ 'ସନ୍‌ଡେ ଟାଇମ୍ସ'ରେ ଜୁନ୍ ୧୯୭୧ରେ ପ୍ରକାଶ ପାଇଥିଲା। କିନ୍ତୁ କଶ୍ମୀର, ମାଓବାଦୀ ଅଞ୍ଚଳ ଓ ଉତ୍ତରପୂର୍ବରେ ସେନାର କାର୍ଯ୍ୟକଳାପ ସମ୍ପର୍କରେ ପ୍ରକାଶ କରିବା ଭାରତୀୟ ସାମ୍ବାଦିକମାନଙ୍କ ପକ୍ଷେ କଷ୍ଟକର। ବାସ୍ତବତା ହେଉଛି ନିଜ ଘରଠାରୁ ଦୂରରେ ଶତ୍ରୁଭାବାପନ୍ନ ଲୋକଙ୍କ ଭିତରେ ରହୁଥିବା ସୈନିକମାନେ ସେହିପରି ବ୍ୟବହାର କରନ୍ତି। ଭିଏତ୍‌ନାମ, ଶ୍ରୀଲଙ୍କା ବା ଇରାକ ସବୁଠି ସେଇଆ ଦେଖାଯାଇଛି। ତାହା ହେଉଛି ମଣିଷର ପ୍ରକୃତି ଏବଂ ଏଥିପାଇଁ ଯଦି ଆମେ କାହାର ଦୋଷ ଦେବା ତେବେ ସେମାନେ ହେଉଛନ୍ତି ବିଭିନ୍ନ ଦେଶର ନେତୃତ୍ୱ, ଯେଉଁମାନେ ସୈନିକମାନଙ୍କୁ ସେହିସବୁ ସ୍ଥାନରେ ନିୟୋଜିତ କରିଛନ୍ତି। ଏହାଦ୍ୱାରା ହଜାର ହଜାର ସାଧାରଣ ଲୋକ ଓ ସୈନିକଙ୍କର ଜୀବନ ଯାଉଛି ଓ ଯାଉଥିବ। ଚାଇନା ଓ ପାକିସ୍ତାନ ସହ ଆମର ଯେଉଁ ବଡ଼ ଯୁଦ୍ଧ ହୋଇଥିଲା ତାହା ଭାରତର ଇତିହାସ ପୁସ୍ତକରେ ଲିପିବଦ୍ଧ ହୋଇ ରହିଛି ଏବଂ ସେଥିରେ ଶହୀଦ ହୋଇଥିବା ଯବାନମାନଙ୍କୁ ବି ଆମେ ସ୍ମରଣ କରୁଛୁ। କିନ୍ତୁ ଦେଶର ଆଭ୍ୟନ୍ତରୀଣ କନ୍ଦଳରେ ପ୍ରାଣ ହରାଇଥିବା ବହୁ ଅଧିକ ସଂଖ୍ୟକ ଲୋକଙ୍କୁ କିଏ ମନେରଖୁଛି? ଏ କ୍ଷତରୁ ନିୟତ ରକ୍ତ ଝରିଚାଲିଛି, ସେଥିରେ ବ୍ୟାଣ୍ଡେଜ୍ କନା ଖଣ୍ଡେ ବାନ୍ଧିବାର ପ୍ରଚେଷ୍ଟା କେହି କେବେ କରିନାହାନ୍ତି।

Email: aakar.patel@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | | | | | | | 4 | | | | A | |
| B | | C | | | 1 | A | | | | | 2 | | | 8 |
| | | 7 | | | | 3 | | | | | 1 | 6 | | 9 |
| 9 | | | E | A | | | | | 5 | 6 | | | | |
| | 6 | 2 | | | | | C | | | | 7 | | | B |
| | B | 3 | 1 | | | | 7 | A | | | C | | | 0 |
| | 0 | 4 | A | | | 5 | 2 | | E | | | 1 | | |
| | | | | | | | | | | | | 9 | | |
| 6 | | | | | | | | | A | B | | 3 | | |
| | C | | 7 | 2 | 8 | | | 0 | | 9 | 6 | B | | |
| 1 | | | 4 | | 9 | D | | 5 | | | | | | 3 |
| | | | | 3 | 7 | 9 | | | 8 | 5 | D | | | 1 |
| | 4 | 8 | 0 | B | E | | | | | | | | | |
| | | | | 5 | | | | 7 | 1 | | 4 | | | |
| | | E | C | | 2 | | | 8 | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | B | D | E | A | 9 | 5 | 7 | 4 | 1 | 3 | 2 | C | 8 | 6 |
| A | C | 5 | 2 | 0 | 1 | 6 | B | E | 8 | 7 | 9 | D | 4 | 3 |
| 8 | 7 | 1 | 5 | 4 | 3 | 2 | D | A | 0 | 6 | C | E | B | 9 |
| 2 | E | 9 | C | 6 | D | 8 | 0 | 3 | 5 | 4 | B | 7 | 1 | A |
| 3 | 4 | 6 | 8 | 7 | B | C | 9 | 1 | E | A | D | 0 | 5 | 2 |
| D | 5 | E | 9 | C | 2 | B | A | 6 | 4 | 0 | 3 | 1 | 7 | 8 |
| 6 | 3 | C | 1 | B | E | 0 | 5 | 8 | D | 9 | 7 | A | 2 | 4 |
| 1 | 2 | 8 | A | D | 7 | 3 | 4 | 9 | B | C | E | 6 | 0 | 5 |
| 4 | A | B | 0 | 8 | 6 | 7 | E | C | 2 | 1 | 5 | 9 | 3 | D |
| 9 | 0 | 7 | 4 | 3 | 5 | 1 | 2 | D | 6 | 8 | A | B | C | E |
| 7 | 1 | 0 | 3 | 5 | A | 9 | 6 | 2 | C | D | 8 | 4 | E | B |
| B | 8 | 3 | 7 | E | 4 | A | C | 0 | 9 | 2 | 6 | 5 | D | 1 |
| E | 9 | A | D | 2 | C | 4 | 8 | B | 7 | 5 | 1 | 3 | 6 | 0 |
| 5 | D | 4 | 6 | 9 | 8 | E | 1 | 7 | 3 | B | 0 | 2 | A | C |
| C | 6 | 2 | B | 1 | 0 | D | 3 | 5 | A | E | 4 | 8 | 9 | 7 |

ଗତକାଲିର ଉତ୍ତର

# ମଦବିରୋଧୀ ଆନ୍ଦୋଳନ ତେଜିବା ଦରକାର

ରଘୁନାଥ ମହାପାତ୍ର

ଏକ ନିଶାମୁକ୍ତ ସମାଜ ଓ ରାଷ୍ଟ୍ର ଗଠନ ପାଇଁ ସରକାରୀ ଓ ବେସରକାରୀ ସ୍ତରରୁ ବିଭିନ୍ନ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବଜେଟରେ କୋଟି କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କିନ୍ତୁ ନିକଟରେ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ତଥ୍ୟ ଅତ୍ୟନ୍ତ ଦୁଃଖଦାୟକ। ଦେଶରେ ୧୬କୋଟି ଲୋକ ମଦ୍ୟପାନ କରନ୍ତି, ଯେଉଁମାନଙ୍କ ଭିତରୁ ୬କୋଟି ଲୋକଙ୍କର ଏହା ହେଉଛି ନିତିଦିନିଆ ଅଭ୍ୟାସ। ଦେଶବ୍ୟାପୀ ୩.୧କୋଟି ଲୋକ ପ୍ରତିଦିନ ଗଞ୍ଜେଇ ଓ ଭାଙ୍ଗ ବ୍ୟବହାର କରୁଛନ୍ତି। ୧୦-୭୫ ବର୍ଷ ବୟସ ମଧ୍ୟରେ ୧.୧୮ କୋଟି ଲୋକ ସେଡିଟିଭ୍ସ ନେଉଥିବାବେଳେ ୭୭ଲକ୍ଷ ଲୋକ ଇନ୍‌ହେଲାଣ୍ଟସ୍ ବ୍ୟବହାର କରୁଛନ୍ତି। ପୃଥିବୀରେ ଉତ୍ପାଦିତ ସବୁ ପ୍ରକାର ମଦର ଏକ ପଞ୍ଚମାଂଶ ଭାରତୀୟମାନେ ପିଇଥାନ୍ତି। ସେହିପରି ଏକ ଗବେଷଣା ସଂସ୍ଥାର ତଥ୍ୟ ଅନୁଯାୟୀ ଭାରତବର୍ଷରେ ବ୍ୟବହୃତ ମଦର ଦୁଇ ତୃତୀୟାଂଶ ଚୋରାମଦ କାରବାରରୁ ଆସିଥାଏ। ପୃଥିବୀର ପ୍ରାୟ ୩୮.୩ ପ୍ରତିଶତ ଲୋକ ମଦ୍ୟପାନ କରିଥାନ୍ତି, ଯାହାର ବାର୍ଷିକ ମୁଣ୍ଡପିଛା ପରିମାଣ ହେଉଛି ୧୭ ଲିଟର। ଭାରତରେ ଅର୍ଥନୀତି ବିଶ୍ୱୀକରଣ ପରେ ବିଦେଶୀ ମଦର ଚାହିଦା ପ୍ରାୟ ୩୦ ପ୍ରତିଶତ ବଢ଼ିଛି। ଭାରତବର୍ଷରେ ୧୫ଲକ୍ଷ କୋଟି ଟଙ୍କାର ବିୟର, ୱାଇନ୍ ଓ ଅନ୍ୟାନ୍ୟ ମଦ ବିକ୍ରି ହୋଇଥାଏ। ପୃଥିବୀରେ ପାନ କରାଯାଉଥିବା ହ୍ୱିସ୍କି ବଜାରରେ ଭାରତର ସ୍ଥାନ ଏକ ନମ୍ବର। ନାନା କାରଣରୁ ଦିନକୁ ଦିନ ବିଶେଷକରି ଯୁବକମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି। ବିଭିନ୍ନ ମହାନଗରରେ ମଦ କିଣୁଥିବା ବ୍ୟକ୍ତିମାନଙ୍କ ଭିତରୁ ୩୨ ପ୍ରତିଶତଙ୍କ ବୟସ ୧୭ରୁ ୨୫ ବର୍ଷ ହୋଇଥିବା ବେଳେ ୧.୫ ପ୍ରତିଶତଙ୍କ ବୟସ ୧୬ବର୍ଷରୁ କମ୍। ମଦ କିଣୁଥିବା ୪୫ ପ୍ରତିଶତ ଲୋକଙ୍କର ବୟସ ୨୬ରୁ ୫୦ ବର୍ଷ ଭିତରେ ଏବଂ ମଦ କିଣୁଥିବା ଯୁବବର୍ଗଙ୍କ ଭିତରେ ୪୨ ପ୍ରତିଶତ ଛାତ୍ର।

ଗୁଜରାଟ, ମଣିପୁର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବର୍ତ୍ତମାନବିହାରରେସମ୍ପୂର୍ଣ୍ଣମଦନିବାରଣ କରାଯାଇଛି। ଓଡ଼ିଶାରେ ମଦ ସମେତ ଅନ୍ୟାନ୍ୟ ନିଶା ବ୍ୟବହାର ଉଦ୍‌ବେଗଜନକ ଭାବେ ବଢୁଥିବାବେଳେ ସରକାରୀ ନିଶା ଅପେକ୍ଷା ଚୋରା ନିଶାର ପ୍ରାବଲ୍ୟ ଅଧିକ ରହୁଛି।

ଓଡ଼ିଶାରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଥିବାରୁ ଚୋରା ମଦ ବେପାରୀମାନେ ଏଥିରୁ ଭଲ ଫାଇଦା ଉଠାଉଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୪-୧୫ ବର୍ଷରେ ଓଡ଼ିଶାରେ ଅନ୍ୟୂନ ୨୨ଟି ଜିଲାରେ ଗୋଟିଏ ହେଲେ ଅବକାରୀ ମାମଲାରେ କେହି ଦଣ୍ଡ ପାଇନାହାନ୍ତି। ଦଣ୍ଡବିଧାନ ହାର ମାତ୍ର ୪.୫୯ପ୍ରତିଶତ। ୨୦୧୫-୧୬ବର୍ଷରେ ଓଡ଼ିଶାରେ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଥିଲା ୦.୩୬ ପ୍ରତିଶତ। ୨୦୧୬-୧୭ ବର୍ଷରେ ଅବକାରୀ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନର ହାର ୩.୪୬ ପ୍ରତିଶତ ଥିବାବେଳେ ଚୂଡ଼ାନ୍ତ ଫଇସଲା ହୋଇଥିବା ୧୨,୧୨୯ଟି ମାମଲା ଭିତରୁ ମାତ୍ର ୧୦୭ଟିରେ ଦଣ୍ଡବିଧାନ ହୋଇଛି। ୨୦୧୭-୧୮ ବର୍ଷରେ ରାଜ୍ୟରେ ୬୩୭୫ଟି ଅବକାରୀ ମାମଲା ଫଇସଲା ହୋଇଥିବାବେଳେ ୬୧୨୭ଟି ମାମଲାରେ ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ମାତ୍ର ୨୩୧ଟି ମାମଲାରେ ଦଣ୍ଡବିଧାନ ହୋଇଥିଲା। ଏହି ବର୍ଷରେ ଦଣ୍ଡବିଧାନ ହାର ୩.୬୨ ପ୍ରତିଶତ ରହିଥିଲା ଓ ୨୩ଟି ଜିଲାରେ ଗୋଟିଏ ହେଲେ ଅବକାରୀ ମାମଲାରେ କେହିବି ଦଣ୍ଡ ପାଇନାହାନ୍ତି। ଏହି ପ୍ରସଙ୍ଗରେ ସିଏଜି ତାଙ୍କ ରିପୋର୍ଟରେ କ୍ଷୋଭ ପ୍ରକାଶ ସହ ଅବକାରୀ ମାମଲା ଠିକଣା ଭାବେ ପରିଚାଳନା ହେଉନାହିଁ ବୋଲି ମତ ଦେଇଥିଲେ। ଚଳିତ ଆର୍ଥିକବର୍ଷରେ ଓଡ଼ିଶା ସରକାର ୪୬୦୦ କୋଟି ଟଙ୍କାର ରାଜସ୍ୱ ପାଇବାକୁ ଯାଉଛନ୍ତି ଏବଂ ରାଜ୍ୟର ୧,୩୯,୦୦୦ କୋଟି ଟଙ୍କାର ବଜେଟରେ ଅବକାରୀ ବିଭାଗ ପାଇଁ ମାତ୍ର ୧୩୦କୋଟି ଟଙ୍କାରୁ କମ୍ ବ୍ୟୟବରାଦ ହୋଇଛି। ସର୍ବଶେଷ ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ୧୨ଟି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲି ପଡ଼ିଛି।

ଭାରତୀୟ ସମ୍ବିଧାନ ଅନୁସାରେ ଆମ ଦେଶ ଏକ ଜନମଙ୍ଗଳ ରାଷ୍ଟ୍ର। ରାଷ୍ଟ୍ରର ସମସ୍ତ ପ୍ରକାର ଉନ୍ନତି ପାଇଁ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାରମାନେ କାର୍ଯ୍ୟ କରୁଛନ୍ତି। ଲୋକଙ୍କର ଆର୍ଥିକ, ସାମାଜିକ, ବ୍ୟକ୍ତିଗତ ଉନ୍ନତି ପାଇଁ ପ୍ରତିବର୍ଷ କେନ୍ଦ୍ର ସରକାର ନୂଆ ନୂଆ ଯୋଜନା କରୁଛନ୍ତି। ଅନେକ ଯୋଜନା ଜନମଙ୍ଗଳ ରାଷ୍ଟ୍ର ଗଠନରେ ବିରୁଦ୍ଧାଚରଣ କରୁଥିବା ମଧ୍ୟ ଖବରକାଗଜରେ ପ୍ରକାଶ ପାଉଛି ଏବଂ ସମାଜସେବୀମାନେ ସଭାସମିତି କରି ତା'ର ପ୍ରତିବାଦ କରୁଛନ୍ତି। ଏବେ ଆମ ରାଜ୍ୟ ଓଡ଼ିଶା କଥା ବିଚାର କରିବା।

ଓଡ଼ିଶାରେ ବର୍ତ୍ତମାନ ମଦର ବନ୍ୟା ପ୍ରବାହିତ ହେଉଛି ଗାଁଠାରୁ ସହର ଯାଏ। ସବୁ ଜାଗାରେ ମଦ ଦୋକାନ। ମଦ୍ୟପାନ ଦ୍ୱାରା ଯେ ଆମ ସମାଜ ଜୀବନ ନଷ୍ଟଭ୍ରଷ୍ଟ ହେଉଛି ସେକଥା ସରକାର ଜାଣନ୍ତି। ଯେତେ ପ୍ରକାର ଚୋରି, ଡକାୟତି, ବଳାତ୍କାର, ଅସାମାଜିକ କାର୍ଯ୍ୟ, ହତ୍ୟା, ଲୁଣ୍ଠନ ସବୁ ମଦ୍ୟପମାନେ କରୁଛନ୍ତି। ମଦ୍ୟପାନ କରି ଯୁବକମାନେ ମୋଟର ସାଇକେଲ ଚଳାଇ ରାସ୍ତାଘାଟରେ ଦୁର୍ଘଟଣା ଘଟାଇ ଅନ୍ୟର ଜୀବନ ନେବା ସଙ୍ଗେ ସଙ୍ଗେ ନିଜର ମୂଲ୍ୟବାନ ଜୀବନ ମଧ୍ୟ ହରାଉଛନ୍ତି। ପାରିବାରିକ ଜୀବନ ଏବେ ନଷ୍ଟଭ୍ରଷ୍ଟ ହେବାକୁ ବସିଛି। ରାତିଅଧରେ ପୁଅ ମଦପିଇ ଆସି ସ୍ତ୍ରୀକୁ ବାଡ଼େଇବା ସହିତ ନିଦ୍ରିତ ଛୋଟ ଶିଶୁମାନଙ୍କୁ ବାଡ଼େଇବାକୁ ମଧ୍ୟ ପଛାଉ ନାହିଁ। ପାଖ ଘରେ ଶୋଇଥିବା ବୃଦ୍ଧ ମାତାପିତା ବୋହୂର ମାଡ଼ଖିଆ କାନ୍ଦଣା ଶୁଣି ପାରୁଛନ୍ତି, କବାଟ ଖୋଲି ପ୍ରତିବାଦ କରିବାକୁ ତାଙ୍କର ସାହସ ନାହିଁ। ଗାଁଗହଳିରେ ୧୬-୧୭ ବର୍ଷର ଯୁବକ ମଦ ପିଇ ଘରକୁ ଫେରୁଛି, ମାତାପିତା କହିଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛି। ଆମର ସମାଜ ଜୀବନ ଯେ ଦିନକୁ ଦିନ ଦୁର୍ବିଷହ ହୋଇ ଉଠୁଛି, ଏ କଥା ରାଜନେତାଙ୍କୁ ଅଜଣା ନାହିଁ। ଏବେ ଶାସକମାନଙ୍କୁ ଆମ ସମସ୍ତଙ୍କର ପ୍ରଶ୍ନ ଜାତିର ଜନକ ଗାନ୍ଧିଜୀ କ'ଣ ଏହିପରି ଜନମଙ୍ଗଳ ରାଷ୍ଟ୍ରର କଳ୍ପନା କରିଥିଲେ? ଘରେ ଘରେ ଲୋକମାନେ ମଦ୍ୟପ ହେବେ, ଝିଅବୋହୂଙ୍କ ଉପରେ ଅତ୍ୟାଚାର କରିବେ? ନିର୍ଭୀକ ଭାବରେ ସ୍ତ୍ରୀଲୋକଟିଏ ରାସ୍ତାରେ ଚାଲିପାରିବ ନାହିଁ। ତେବେ ଏ କେଉଁ ପ୍ରକାର ଜନମଙ୍ଗଳ ରାଷ୍ଟ୍ର ସେ କଥା ବିଚାର ହେବା ଦରକାର।

ଓଡ଼ିଶା ସରକାର ରାଜକୋଷ ବୃଦ୍ଧି ପାଇଁ ପ୍ରତିବର୍ଷ ନୂଆ ନୂଆ ମଦ ଦୋକାନ ଖୋଲୁଛନ୍ତି ଏବଂ ଅଧିକ ସଂଖ୍ୟାରେ ଲୋକେ ମଦ୍ୟପ ହେବାକୁ ଉତ୍ସାହ ପ୍ରଦାନ କରୁଛନ୍ତି। ମଦ ଦୋକାନ ବଢ଼ିବା ସଙ୍ଗେ ସଙ୍ଗେ ଅପରାଧ ବଢୁଛି। ତାକୁ ନିୟନ୍ତ୍ରଣ କରିବା ପାଇଁ ଥାନା ପୋଲିସ ସଂଖ୍ୟା ମଧ୍ୟ ବଢୁଛି। କିନ୍ତୁ ପୋଲିସ ଅପରାଧୀକୁ ନିୟନ୍ତ୍ରଣ କରିପାରୁନାହିଁ। ଭାରତବର୍ଷର ଅନେକ ରାଜ୍ୟରେ ନିଶା ନିବାରଣ କରାଯାଇଛି, ଯାହାଫଳରେ ଗରିବ ଶ୍ରେଣୀର ଲୋକେ ବହୁ ଭାବେ ଉପକୃତ ହେଉଛନ୍ତି। ଆମ ପଡ଼ୋଶୀ ରାଜ୍ୟ ବିହାରରେ ସାଧାରଣ ଲୋକେ ନୀତୀଶ କୁମାରଙ୍କୁ ଅନୁରୋଧ କରିଥିଲେ, ଆପଣ ଯଦି ମଦ ବନ୍ଦ କରିବେ ତା'ହେଲେ ଆପଣଙ୍କ ଦଳକୁ ଆମେ ଭୋଟ୍ ଦେବୁ। ନୀତୀଶ କୁମାର ଜଣେ ପ୍ରଭାବଶାଳୀ ନେତା। ସେ ଗରିବ ଲୋକଙ୍କ ଦୁଃଖ ବୁଝିଲେ ଏବଂ ସରକାର ଗଢ଼ିବା ମାତ୍ରେ ବିହାରରୁ ମଦ ଉଠାଇଲେ। ବର୍ତ୍ତମାନ ସାଧାରଣ ଲୋକେ ବେଶ୍ ଖୁସି ଅଛନ୍ତି। ଆମ ଓଡ଼ିଶାରେ ମହିଳାମାନେ ମଦ ବିରୋଧରେ ଆନ୍ଦୋଳନ କରୁଛନ୍ତି, ମଦଭାଟି ଭାଙ୍ଗୁଛନ୍ତି, ସମାଜସେବୀମାନେ ପ୍ରତିବାଦ ସଭା କରୁଛନ୍ତି କିନ୍ତୁ କଥାଟା ସରକାରଙ୍କ କାନରେ ନ ପଡ଼ିଲା ଭଳି ଜଣାପଡୁଛି। ସରକାର ଚାହୁଁଛନ୍ତି ଜନମଙ୍ଗଳ ରାଷ୍ଟ୍ର ନିଶାବିକଳ ରାଷ୍ଟ୍ରରେ ପରିଣତ ହେଉ। ବିଧାନସଭାରେ ଏ ବିଷୟରେ ତ କେହି ପ୍ରତିବାଦର ସ୍ୱର ଉଠାଉନାହାନ୍ତି। ଯଦି ବିରୋଧୀ ଦଳମାନେ ଏ ବିଷୟରେ କଡ଼ା ଆଭିମୁଖ୍ୟ ନିଅନ୍ତେ ତା'ହେଲେ ଶାସକଦଳ ଉପରେ ଏହାର ପ୍ରଭାବ ପଡ଼ନ୍ତା। ଖବରକାଗଜରେ ମଦ ବିରୋଧରେ ଅନେକ ଲେଖା ପ୍ରକାଶ ପାଉଛି, ତାକୁ କିନ୍ତୁ ଗୁରୁତ୍ୱ ଦିଆଯାଉନାହିଁ। ଆମ ସମାଜର ବିଶିଷ୍ଟ ବ୍ୟକ୍ତି ବୋଲି ଯେଉଁମାନେ ନିଜକୁ ପରିଚୟ ଦେଉଛନ୍ତି, ବୁଦ୍ଧିଜୀବୀ ବୋଲି କହୁଛନ୍ତି ସେମାନେ ତ କେବେ ଏ ବିଷୟରେ ପ୍ରତିବାଦର ସ୍ୱର ଉଠାଉ ନାହାନ୍ତି। ତା'ହେଲେ ଏ ସମାଜ ତିଷ୍ଠିବ କିପରି? ନିଶା ନିବାରଣ ନ ହେଲେ ଆମର ଆଗାମୀ ବଂଶଧରମାନେ ଆମକୁ ହିଁ ଦୋଷ ଦେବେ। ବର୍ତ୍ତମାନ ସାରା ରାଜ୍ୟରେ ମଦବିରୋଧୀ ଆନ୍ଦୋଳନକୁ ଆଗେଇ ନେବାକୁ ସମାଜସେବୀମାନେ ଆଗଭର ହୁଅନ୍ତୁ।

ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ,
ମୋ- ୯୨୩୮୬୩୨୭୫୦

# ପ୍ରେରଣାଦାୟିନୀ ଜୀବବିଜ୍ଞାନୀ

ବ୍ୟକ୍ତିତ୍ୱ



ଚନ୍ଦ୍ରିମା ଶାହା

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସମସ୍ତ ବିଭାଗକୁ ପ୍ରତିନିଧିତ୍ୱ କରୁଥିବା ଭାରତୀୟ ବୈଜ୍ଞାନିକଙ୍କ ଶୀର୍ଷ ସଂସ୍ଥା ହେଉଛି ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ (ଆଇଏନ୍‌ଏସ୍‌ଏ) ବା ଭାରତୀୟ ଜାତୀୟ ବିଜ୍ଞାନ ଏକାଡେମୀ। ଦେଶରେ ବିଜ୍ଞାନ ଓ ଏହାର ପ୍ରୟୋଗକୁ ଲୋକାଭିମୁଖୀ କରିବାରେ ଏକାଡେମୀର ଭୂମିକା ଅନସ୍ୱୀକାର୍ଯ୍ୟ। ୧୯୩୫ରେ ଏହା ମୂଳତଃ ପ୍ରତିଷ୍ଠା ହୋଇଥିଲା। ୧୯୭୦ରେ ଆଇଏନ୍‌ଏସ୍‌ଏ ନାମ ବହନ କରିବା ପୂର୍ବରୁ ଏହା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଭାବେ ଜଣାଥିଲା। ସଂସ୍ଥାର ମୁଖ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ। ୧୯୪୫ରେ ଭାରତ ସରକାର ଏହାକୁ ପ୍ରମୁଖ ବିଜ୍ଞାନସମ୍ମତ ସମିତି ଭାବେ ମାନ୍ୟତା ଦେଇଥିଲେ। ଏଭଳି ଏକ ମର୍ଯ୍ୟାଦାଜନକ ସଂସ୍ଥାର ପ୍ରଥମ ମହିଳା ସଭାପତି ହେବା ଲାଗି ଭାରତର ଖ୍ୟାତିସମ୍ପନ୍ନା ଜୀବବିଜ୍ଞାନୀ ଚନ୍ଦ୍ରିମା ଶାହା ନିର୍ବାଚିତ ହୋଇଛନ୍ତି। ଅଜୟ. କେ. ସୁଦ୍‌ଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଚନ୍ଦ୍ରିମା ଜାନୁୟାରୀ ୨୦୨୦ରୁ ୨୦୨୨ ଯାଏ ସଭାପତି ଦାୟିତ୍ୱରେ ରହିବେ। ମହିଳା ବୈଜ୍ଞାନିକ ଭାବେ ଏପରି ପଦବୀ ପାଇବା ପରେ ଚନ୍ଦ୍ରିମାଙ୍କ ନାମ ଚର୍ଚ୍ଚାକୁ ଆସିଛି।

୧୪ ଅକ୍ଟୋବର ୧୯୫୨ରେ ଚନ୍ଦ୍ରିମା ଜନ୍ମଗ୍ରହଣ କରିଥିଲେ। ସେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଗବେଷଣା ଦିଗରେ ଗଭୀର ମନୋନିବେଶ କରି ୧୯୮୦ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କେମିକାଲ ବାୟୋଲଜିରୁ ଡକ୍ଟରାଲ ରିସର୍ଚ୍ଚ ଶେଷ କରିଥିଲେ ଏବଂ କଲିକତା ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ପୋଷ୍ଟ ଡକ୍ଟରାଲ କରିବା ଲାଗି ସେ ନ୍ୟୁୟର୍କ ଯାଇଥିଲେ। ସେଠାରୁ ଫେରିବା ପରେ ସେ ୧୯୮୪ରେ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇମ୍ୟୁନୋଲଜିରେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ୧୯୯୦ରୁ ୧୯୯୨ ଯାଏ ତାଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ପୁରୁଷ ପ୍ରଜନନ କ୍ଷମତା ନିୟନ୍ତ୍ରଣ ଷ୍ଟିୟରିଂ କମିଟିର ସଦସ୍ୟ କରାଯାଇଥିଲା। ସେହିପରି ୨୦୧୩ରୁ ୨୦୧୬ ଯାଏ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚର ସାଇଣ୍ଟିଫିକ୍ ଆଡ୍‌ଭାଇଜରି ବୋର୍ଡର ମଧ୍ୟ ଚନ୍ଦ୍ରିମା ସଦସ୍ୟ ରହିଥିଲେ। ସେ ଏବେ ଗାନ୍ଧୀନଗରସ୍ଥିତ ଆଇଆଇଟି ଗଭର୍ଣ୍ଣିଂ କାଉନ୍‌ସିଲର ସଦସ୍ୟ ଅଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇମ୍ୟୁନୋଲଜିର ପ୍ରଫେସର ଥିବା ଚନ୍ଦ୍ରିମା ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ଆଇଏନ୍‌ଏସ୍‌ଏର ଉପସଭାପତି (ଅନ୍ତର୍ଜାତୀୟ) ଦାୟିତ୍ୱରେ ଥିଲେ। ସେ ୱାର୍ଲଡ୍ ଏକାଡେମୀ ଅଫ୍ ସାଇନ୍ସ, ଆଇଏନ୍‌ଏସ୍‌ଏ, ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ଏବଂ ୱେଷ୍ଟ ବେଙ୍ଗଲ ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲଜିର ନିର୍ବାଚିତ ଫେଲୋ ଅଛନ୍ତି। ଏବେ ସେ ସେଲ୍ ଡେଥ୍ ବା କୋଷର ମୃତ୍ୟୁ ନେଇ ଗବେଷଣା ନିମଗ୍ନା। ପରଜୀବୀଙ୍କ ମୃତ୍ୟୁ ହେଲେ ରୋଗ ଅନେକାଂଶରେ ନିୟନ୍ତ୍ରଣ ହୋଇପାରିବ ବୋଲି ମନେ କରି ସେ ତା' ଉପରେ ଅଧିକ ବିଶ୍ଳେଷଣ କରି ଚାଲିଛନ୍ତି।

କାର୍ଯ୍ୟ ପ୍ରତି ଏକନିଷ୍ଠ ସାଧନା ଆଜି ଚନ୍ଦ୍ରିମାଙ୍କୁ ବିଜ୍ଞାନ ଜଗତରେ ପରିଚିତ କରାଇଛି। ତେବେ ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ସମୟ କଥା ମନେପକାଇ ସେ କହନ୍ତି, ସେତେବେଳେ ପୁରୁଷ ବୈଜ୍ଞାନିକମାନେ ମହିଳା ସହକର୍ମୀମାନଙ୍କୁ ଅଣଦେଖା କରୁଥିଲେ। ଏଭଳି ଲିଙ୍ଗଗତ ପକ୍ଷପାତ ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ ବୋଲି ସେ ଧରି ନେଇଥିଲେ। ଆଗକୁ ବଢ଼ିବା ଲାଗି ନିରନ୍ତର ପ୍ରଚେଷ୍ଟା ଦରକାର ବୋଲି ଭାବିନେଇ ସେ ଗବେଷଣାରେ ଅଧିକ ମନୋନିବେଶ କରିଥିଲେ। ତାଙ୍କ ମତରେ ବିଜ୍ଞାନରେ ବିବିଧତା ହେଉଛି ଗୁରୁତ୍ୱପୂର୍ଣ୍ଣ କଥା। ଉଭୟ ପୁରୁଷ ଓ ମହିଳା ଗବେଷଣା କ୍ଷେତ୍ରରେ ବହୁଳ ଭାବେ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି। ଗବେଷଣା କ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ଚନ୍ଦ୍ରିମା ଜଣେ ଭଲ କ୍ରିକେଟର ସହିତ ଆକାଶବାଣୀର ଭାଷ୍ୟକାର ଥିଲେ। କ୍ରିକେଟ ଖେଳିବା ବେଳେ ସେଥିରୁ ଦଳଗତ ସଫଳତା କୌଶଳ ଶିଖିଥିଲେ ବୋଲି ସେ କହିଛନ୍ତି। ତେଣୁ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପାଇବାକୁ ହେଲେ ଏହି ମନୋବୃତ୍ତି ରହିବା ଦରକାର। ପଶ୍ଚିମବଙ୍ଗ ମହିଳା କ୍ରିକେଟ ଟିମ୍‌ର ଉପଅଧିନାୟିକା ଓ ଆକାଶବାଣୀର ପ୍ରଥମ ମହିଳା ଭାଷ୍ୟକାର ହେବାର ଗୌରବ ଅର୍ଜନ କରିଥିବା ଚନ୍ଦ୍ରିମାଙ୍କ କ୍ୟାରିୟରରେ ଆଇଏନ୍‌ଏସ୍‌ଏର ପ୍ରଥମ ମହିଳା ସଭାପତି ଆଖ୍ୟା ଯୋଡ଼ି ହେବାକୁ ଯାଉଛି। ଏହା ନିଶ୍ଚିତ ଭାବେ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବନ୍ୟାଜଳ ଉବୁଟୁବୁ ହେଉଥିବାବେଳେ ଜଣେ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର ପାଇଁ ପରିବାର ସଦସ୍ୟ ବାହାରକୁ ଗୋଡ ବଢ଼ାଇଥିଲେ। ଏହି ସମୟରେ ବନ୍ୟାଞ୍ଚଳ ପରିଦର୍ଶନ କରୁଥିବା ଜଣେ ବିଧାୟକ ଦୌଡ଼ି ଆସି ଶବାଧାରରେ କାନ୍ଧ ଲଗାଇଥିଲେ। ଏହା ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇଥିଲେ ମଧ୍ୟ ଶ୍ମଶାନରେ ସାହାଯ୍ୟ କରୁଥିବା ବନ୍ଧୁ ହିଁ ପ୍ରକୃତ ବନ୍ଧୁ ବୋଲି ବିଧାୟକ ମନେପକାଇ ଦେଇଥିଲେ। ଏପରି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ପାର୍ବତୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଧୋପୁରକୁ ସଂଯୋଗ କରୁଥିବା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏହି ଅଞ୍ଚଳରେ ଥିବା ସୋଇଙ୍କଲାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବାରୁ ପରିବାର ସଦସ୍ୟ ତାଙ୍କର ଅନ୍ତିମ ସଂସ୍କାର ପାଇଁ ଚାରିଫୁଟ ବନ୍ୟାଜଳରେ ମୃତଦେହକୁ ହସ୍ପିଟାଲରୁ ଗାଁକୁ ବୋହି ନେଉଥିଲେ। କିଛି ଦୂରରେ ବନ୍ୟା ସ୍ଥିତି ତଦାରଖ କରୁଥିବା ବିଧାୟକ ବାବୁ ଜଣ୍ଡେଲ୍ ଏହା ଦେଖି ତତ୍‌କ୍ଷଣାତ୍ ବନ୍ୟାଜଳରେ ପଶି ଶବାଧାରରେ କାନ୍ଧ ଲଗାଇଥିଲେ। ଏହା ସହିତ ଅନ୍ତିମ ସଂସ୍କାର ଲାଗି ବିଧାୟକ ବ୍ୟବସ୍ଥା କରିଥିଲେ। ବିଧାୟକ ମୃତଦେହ ବୋହିବାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ଅମର କଥା ନୁହଇ କିଛି
ମରଣ ଅବିକଳ
ସାନ୍ତ୍ୱନାର ଗୋଟାଏ ଖାଲି ଭାବ
ରଚଇ କବି ଶିଳ୍ପୀ ଲେଖେ
ଲାଗଇ ବୋଲି ଭଲ
କି ତହିଁ ଆଉ ରହିଚି ତାର ଲାଭ?
ଜୀବନ ଥାଉଁ କି ଭୟ ଆଉ
ହସରେ ଯେତେ ହସ
କାନ୍ଦିବାକୁ ନ କରି ତିଳେ ଲାଜ
ମରଣ ଆଗୁଁ କର ହେ ପାନ
ଜୀବନ ସୁଧାରସ
ମରଣ-ପଥ ପଥିକ ଆଜି ସାଜ!
ନାହିଁରେ ଲାଭ ଜୀବନେ ଲେଖି
କାରଣହୀନ ଦୁଃଖ
ମରଣ ଶୋକେ ବିକଳେ ସଦା ଚାହିଁ
ଅମର ହେବା ମାନସେ ଖାଲି
ବିରସ କରି ମୁଖ
ଜୀବନ ପରେ ନାହିଁରେ କିଛି ନାହିଁ!

(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୪

- ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ଲୋକ ସଭାରେ ବିରୋଧୀ ଦଳ ନେତା ଅଟଳ ବିହାରୀ ବାଜପେୟୀଙ୍କୁ ଚଳିତବର୍ଷର ସର୍ବଶ୍ରେଷ୍ଠ ସାଂସଦ ଭାବେ ଗୋବିନ୍ଦ ବଲ୍ଲଭ ପନ୍ଥ ପୁରସ୍କାର ପ୍ରଦାନ।
- ଭାରତରୁ ରେୟନ କପଡ଼ା ଆମଦାନୀ ଆମେରିକା ନିଷିଦ୍ଧ କଲା।
- ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଧିକ ସହାୟତା ଯୋଗାଇଦେବା ସକାଶେ ଆମେରିକାର ୨ଟି କମ୍ପାନୀ ସହ ରାଜ୍ୟ ସରକାରଙ୍କ ଆଲୋଚନା।

## ପାଠକ ଶ୍ରେଷ୍ଠ ବିଚାରକ

### ଓଡିଶାରେ ଦୁଇବର୍ଗ ବଞ୍ଚିତ

ମହାଶୟ,

ବିଜେଡି ସରକାରରେ ଖଟିଖିଆ ଓ ଗରିବଙ୍କ ଜୀବନଚର୍ଯ୍ୟାରେ ଉନ୍ନତି ଘଟିଛି। ଧନୀ ଲୋକଙ୍କ ଜୀବନଶୈଳୀ ଅପରିବର୍ତ୍ତିତ। ସରକାରୀ ଚାକିରିଆଙ୍କର ବେତନ ବୃଦ୍ଧି ଘଟୁଛି। ମାତ୍ର ମଧ୍ୟବିତ୍ତ ଶ୍ରେଣୀ ଓ ସ୍ୱଳ୍ପ ପେନସନଧାରୀଙ୍କ ପାଇଁ ବିଜେଡି ସରକାରଙ୍କର କରୁଣା ଊଣା। ସେମାନଙ୍କୁ ରାଶନ କାର୍ଡ ଖଣ୍ଡେ ମିଳୁନି, ଚିନି, କିରୋସିନ ଭଳି ଅତ୍ୟାବଶ୍ୟକ ଜିନିଷ ସେମାନଙ୍କ ପାଇଁ ଦୁଷ୍ପ୍ରାପ୍ୟ। ଆବଶ୍ୟକସ୍ଥଳେ କଳାବଜାରୀଙ୍କ ପାଖେ ନେହୁରା ହେବାକୁ ପଡୁଛି। ବିଜେଡି ସରକାର ଏଇ ଦୁଇବର୍ଗର ଭୋଟରଙ୍କ ପାଇଁ କୃପା ଦୃଷ୍ଟିଦେଲେ ସରକାରଙ୍କର ସୁନାମ ବଢିବ।

ସଚ୍ଚିଦାନନ୍ଦ ମିଶ୍ର, ହଳଦିଆ, ଖୋର୍ଦ୍ଧା

### ମୃତ୍ୟୁଦଣ୍ଡ ବି ଯଥେଷ୍ଟ ନୁହେଁ

ପ୍ରତ୍ୟେକ ଦିନ ଖବରକାଗଜ ପୃଷ୍ଠା ଓଲଟାଇଲେ କେଉଁଠି ନା କେଉଁଠି ଛୋଟବଡ ବଳାତ୍କାର ଘଟଣା ପ୍ରକାଶ ପାଉଛି। ବହୁ କ୍ଷେତ୍ରରେ ବଳାତ୍କାର ପରେ ପରେ ପୀଡିତାକୁ ଜଘନ୍ୟ ଭାବେ ହତ୍ୟା କରାଯାଉଛି। ସାମାଜିକ ଲଜ୍ଜା, ଅପରାଧୀର ଧମକ ଓ ପୋଲିସର ନିଷ୍କ୍ରିୟତା ଯୋଗୁ ବହୁ ଘଟଣା ଲୋକଲୋଚନ ଅନ୍ତରାଳରେ ରହିଯାଉଛି। ଏଥିରୁ ୬ ମାସର ଶିଶୁଠାରୁ ଆରମ୍ଭ କରି ୬୦ ବର୍ଷର ବୃଦ୍ଧାମାନେ ନିସ୍ତାର ପାଉନାହାନ୍ତି। ଏଭଳି କୁତ୍ସିତ ସମସ୍ୟାର ମୂଳୋତ୍ପାଟନ କରିବାକୁ ପଡିବ। କାମାତୁର ପୁରୁଷ ମୃତ୍ୟୁଦଣ୍ଡ କଥା ଚିନ୍ତା କରେ ନାହିଁ। ତା' ପାଇଁ ମୃତ୍ୟୁଦଣ୍ଡ ବି ଯଥେଷ୍ଟ ନୁହେଁ। ସୁତରାଂ ବଳାତ୍କାରୀକୁ ନପୁଂସକ କରିଦେବା ଭଳି ପଦକ୍ଷେପ ଯଦି ନିଆଯାଏ ତା'ହେଲେ ଏପରି ଅପକର୍ମ ହ୍ରାସ ପାଆନ୍ତା।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜମ୍ମୁ ଓ କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ସ୍ୱାଗତଯୋଗ୍ୟ। ଗୋଟିଏ ଦେଶ ପାଇଁ ଏକପ୍ରକାର ଆଇନ ହିଁ ଆବଶ୍ୟକ।

-ଏକତା କପୁର,
ଫିଲ୍ମ ପ୍ରଯୋଜିକା



# ମହିଳାଙ୍କ ନିଦ୍ରାହୀନତାରୁ କ୍ୟାନ୍ସର

## ପୁରୁଷ ତୁଳନାରେ ମହିଳାଙ୍କଠାରେ କ୍ୟାନ୍ସର ଆଶଙ୍କା ଅଧିକ

ଲଣ୍ଡନ

ପୁରୁଷଙ୍କ ତୁଳନାରେ ମହିଳାମାନେ ନିଦ୍ରାହୀନତାରୁ କ୍ୟାନ୍ସରରେ ପୀଡିତ ହେବା ଆଶଙ୍କା ଅଧିକ ବୋଲି ଗବେଷକମାନେ ସତର୍କ କରାଇ ଦେଇଛନ୍ତି। ଏ ସମ୍ପର୍କିତ ଏକ ଅଧ୍ୟୟନ ୟୁରୋପିଆନ୍ ରେସ୍ପିରେଟୋରି ଜର୍ନାଲରେ ପ୍ରକାଶ ପାଇଛି। ନିଦ୍ରାହୀନତା ରୋଗର ଶିକାର ୨୦,୦୦୦ ବୟସ୍କ ରୋଗୀଙ୍କ ପଞ୍ଜୀକରଣ ତଥ୍ୟକୁ ବିଶ୍ଳେଷଣ କରି ଗବେଷକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ଏଥିସହିତ ମେଦ ବହୁଳତାକୁ ମଧ୍ୟ ଅନ୍ୟତମ କାରଣ ଭାବେ ଗ୍ରହଣ କରାଯାଇଛି। ସୁଇଡେନସ୍ଥିତ ଗୋଥେନବର୍ଗ ୟୁନିଭର୍ସିଟି ପ୍ରଫେସର ଲୁଜର ଗ୍ରୋଟଙ୍କ କହିବାନୁଯାୟୀ, ବୟସ



ବୃଦ୍ଧି ସହିତ କ୍ୟାନ୍ସର ରୋଗ ସୃଷ୍ଟିହେବା ଆଶଙ୍କା ବଢ଼େ। କିନ୍ତୁ ବୟସ, ଲିଙ୍ଗ, ବଡି ମାସ୍ ଇଣ୍ଡେକ୍ସ(ବିଏମ୍ଆଇ), ଧୂମପାନ ଏବଂ ମଦ୍ୟପାନ ଭଳି କେତେକ କାରକ କ୍ୟାନ୍ସର ରୋଗ ଆଶଙ୍କାକୁ ପ୍ରଭାବିତ କରିଥାଏ। ଏହିସବୁ କାରଣ ପାଇଁ ମଧ୍ୟମ ବୟସରେ ମଧ୍ୟ କ୍ୟାନ୍ସର ସୃଷ୍ଟିହେବା ଆଶଙ୍କା ଅଧିକ। ନିଦ୍ରାହୀନତା କ୍ୟାନ୍ସର ଆଶଙ୍କା ବୃଦ୍ଧି କରୁଥିବାବେଳେ ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ ଏହା ୨ରୁ ୩ଗୁଣ ଅଧିକ ବୃଦ୍ଧି ପାଇଥାଏ ବୋଲି ଗବେଷକମାନେ କହିଛନ୍ତି। ବିଶେଷକରି ମହିଳାଙ୍କଠାରେ ସ୍ତନ ଓ ଗର୍ଭାଶୟ କର୍କଟ ସୃଷ୍ଟିହେବା ଏକ ସାଧାରଣ କଥା। ଏଥିସହିତ କର୍କଟ ରୋଗ ମହିଳାଙ୍କ ସେକ୍ସ ହରମୋନକୁ ପ୍ରଭାବିତ କରେ। ରାତିରେ ନିଦରୁ ବାରମ୍ବାର ଉଠିବା ଦ୍ୱାରା ନିଦ୍ରାହୀନତା ସୃଷ୍ଟି ହୋଇଥାଏ। ଏଥିପାଇଁ କ୍ୟାନ୍ସର ଆଶଙ୍କା ସୃଷ୍ଟି ହେବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୁର୍ବଳ ହୋଇଯାଏ ବୋଲି ଗ୍ରୋଟ୍ ମତ ଦେଇଛନ୍ତି।

## ଫୁଲତୋଡା ଧରିଲେ ଖୁବ୍‌ଶୀଘ୍ର ହୁଏ ବିବାହ

**ବେଜିଂ:** ବିବାହକୁ ନେଇ ରହିଛି ଭିନ୍ନ ଭିନ୍ନ ପରମ୍ପରା। ଚାଇନାରେ ଥିବା ଏକ ଅଜବ ପ୍ରଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମିତି ପରମ୍ପରା ପାଳନରେ ଲୋକେ ଭାଗନେବାକୁ ବେଶ୍ ପସନ୍ଦ କରନ୍ତି। ବିଶେଷ କରି ଅବିବାହିତ ଝିଅ ପୁଅମାନେ ଏଥିରେ ଅଧିକ ସଂଖ୍ୟାରେ ଭାଗ ନେଇଥାଆନ୍ତି। ଚାଇନାର ଝାନ୍‌ଠାରେ ଏକ ସମ୍ପ୍ରଦାୟର ବିବାହ ଉତ୍ସବ ପରେ କନ୍ୟା ଧରିଥିବା ଏକ ଫୁଲତୋଡାକୁ ଲୋକଙ୍କ ଉପରକୁ ଫୋପାଡି ଥାଆନ୍ତି। ଏହି ତୋଡାକୁ ଧରିବା ଲାଗି ପ୍ରତିଯୋଗିତା ଚାଲେ। କାରଣ ଉକ୍ତ ତୋଡାକୁ ଯେଉଁ ଅବିବାହିତ ଝିଅ ଅବା ପୁଅ ଧରିଥାଆନ୍ତି ସେମାନଙ୍କର ବିବାହ ଖୁବ୍‌ଶୀଘ୍ର ସ୍ଥିର ହୋଇଯାଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଉକ୍ତ ଅଞ୍ଚଳରେ ହେଉଥିବା ବିବାହ ଉତ୍ସବରେ ଅଧିକାଂଶ ବିବାହଯୋଗ୍ୟ ଝିଅପୁଅ ଭାଗ ନେଇଥାଆନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗ ଚାରିପଦ ଥେଲା କି ନ ଥେଲା,**
**ଗୀତ ଚାରିପଦ ଥେଲା ;**
**ଯୋଉ ଦିନୁଁ ଡେଇଁଲି ବାପଘର ଗାଁ,**
**ସବୁ ତ ପାସୋର ଗଲା ।**

ବାପଘରେ ଝିଅଟି ବେଶ୍ ଅଲିଅଳରେ ବଢ଼ିଥାଏ। ପରନ୍ତୁ ବୋହୂ ହୋଇ ଶାଶୁଘରକୁ ଆସିଲେ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟ ବହୁ ପରିମାଣରେ ବଢ଼ିଯାଏ। ଘରସଂସାର କରିବା ଭିତରେ ସେ ବାପଘରର ମଧୁର ସ୍ମୃତିଗୁଡ଼ିକୁ ପାସୋରି ଦେଇଥାଏ। ସାଧାରଣତଃ ଦାୟିତ୍ୱ ସମ୍ଭାଳୁଥିବା ବ୍ୟକ୍ତି ନିଜ ପଛ ବା ଅତୀତ କଥା ଭାବିବାକୁ ସମୟ ପାଇ ନ ଥାଏ। ଏପରିସ୍ଥଳେ ବାପଘରୁ କିଛି ଢଗ ଭଳି ଶିକ୍ଷଣୀୟ କଥା ଶିଖି ଆସିଥିବା ଝିଅ ଶାଶୁଘରର କର୍ମମୟ ଜଞ୍ଜାଳ ଭିତରେ ବୁଡ଼ି ମନରୁ ସେସବୁ ପାସୋରି ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଢଗ ମେଲୁଛି, ନାକ ଫୁଲୁଛି;**
**ନାକର ବସଣି ହଲଉ ଅଛି ।**

ଥଟାପରିହାସ ବେଳେ ବା ଛିଗୁଲେଇ କରି କଥା କହିବା ବେଳେ ବିଭିନ୍ନ ପ୍ରକାର ଅଙ୍ଗିଭଙ୍ଗି ଦେଖାଇଥାନ୍ତି। ସାଧାରଣତଃ ଗାଁଗଣ୍ଡାରେ ରହୁଥିବା ମହିଳାମାନେ ଅନ୍ୟକୁ ଆକ୍ଷେପ କଲାବେଳେ ମୁହଁ ଛିଞ୍ଚାଡ଼ି ହୋଇ କଥା କହିଥାନ୍ତି। ଏପରିସ୍ଥଳେ ତାଙ୍କ ମୁହଁର ଆକୃତି ବଦଳିଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପିଲାଙ୍କ ଯୌନସ୍ୱାସ୍ଥ୍ୟ ସମସ୍ୟା ଦୂରେଇ ପାରିବେ ମାତାପିତା

### ସର୍ବେକ୍ଷଣ ରିପୋର୍ଟ

**ନ୍ୟୁୟର୍କ:** ଯୌନସ୍ୱାସ୍ଥ୍ୟ ଏବଂ ମଦ୍ୟପାନ ସମ୍ପର୍କରେ ପିଲାଙ୍କ ସହ କଥା ହେବାକୁ ମାତାପିତା ଅନେକ ସମୟରେ ସଙ୍କୋଚବୋଧ କରିଥାଆନ୍ତି। କିନ୍ତୁ ଡାକ୍ତରମାନେ ମଧ୍ୟସ୍ଥର ଭୂମିକା ନେଇ ଏ କ୍ଷେତ୍ରରେ ସହାୟକ ହୋଇପାରିବେ ବୋଲି ଏକ ନୂଆ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଏ ସମ୍ପର୍କିତ ଫଳାଫଳ 'ଜାମା ନେଟୱର୍କ ଓପନ' ଜର୍ନାଲରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ଡାକ୍ତରମାନେ ମାତାପିତା ଓ ପିଲାଙ୍କ ମଧ୍ୟରେ ଯୌନସ୍ୱାସ୍ଥ୍ୟ ଓ ମଦ୍ୟପାନ ସମ୍ପର୍କରେ କଥାବାର୍ତ୍ତାରେ ସହାୟକ ହେବେ। ଏହାଦ୍ୱାରା ବାଳିକାବାଳକ ଯୌନ ଆଚରଣ ଏବଂ ମଦ୍ୟପାନ ସମ୍ପର୍କରେ ସଚେତନ ହୋଇପାରିବେ।

ଆମେରିକାର ପେନ୍‌ସିଲଭାନିଆ ୟୁନିଭର୍ସିଟିର ଡାକ୍ତରମାନେ କରିଥିବା ଅଧ୍ୟୟନରୁ ଜଣାପଡିଛି, ମାତାପିତା ଓ ପିଲାଙ୍କ ମଧ୍ୟରେ ମୁକ୍ତ ଆଳାପ ଆଲୋଚନା ସମ୍ଭବ ହୋଇପାରିଲେ କିଶୋର ବୟସର ଝିଅପୁଅଙ୍କ ଯୌନସ୍ୱାସ୍ଥ୍ୟରେ ବିକାଶ ଘଟିପାରିବ। ଏଥିପାଇଁ ଏକ ଅଧ୍ୟୟନରେ ୧୧୮ ମାତାପିତା-କିଶୋର ଯୋଡିଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୩୮ ଯୋଡିଙ୍କୁ ଯୌନସ୍ୱାସ୍ଥ୍ୟ ସମ୍ପର୍କରେ, ୪୦ଯୋଡିଙ୍କୁ ମଦ୍ୟପାନ ଦୂରୀକରଣ ଓ ଅନ୍ୟ ୪୦ଯୋଡିଙ୍କୁ ତୁଳନାତ୍ମକ ଅଧ୍ୟୟନ ପାଇଁ କଣ୍ଟ୍ରୋଲ ଗ୍ରୁପ୍‌ରେ ରଖାଯାଇଥିଲା। ଏଥିପାଇଁ ଦୁଇ ସପ୍ତାହ ଧରି ଡାକ୍ତରଙ୍କ ପରାମର୍ଶ ନିଆଯାଇଥିଲା। ଅଂଶଗ୍ରହଣକାରୀଙ୍କ ବିଷୟରେ ୪ମାସ ସର୍ବେକ୍ଷଣ କରାଯାଇ ଫଳାଫଳରୁ ଜଣାପଡିଲା, ମାତାପିତା ମୁକ୍ତଭାବେ ଆଲୋଚନା କରୁଥିବାରୁ ପିଲାମାନେ ଯୌନସ୍ୱାସ୍ଥ୍ୟ ଓ ମଦ୍ୟପାନ ବିଷୟରେ ସଚେତନ ହୋଇପାରିଛନ୍ତି।



## ଅଭିନୟରେ ଖୁସି ଅନୁପ୍ରିୟା



ମୁମ୍ବାଇ: ଫିଲ୍ମରେ ଅଭିନୟ କରିବାରେ ଖୁବ୍ ଖୁସି ଅନୁଭବ କରେ ବୋଲି ବଲିଉଡ ଅଭିନେତ୍ରୀ ଅନୁପ୍ରିୟା ଗୋଏଙ୍କା ପ୍ରକାଶ କରିଛନ୍ତି। 'ପଦ୍ମାବତ୍', 'ଟାଇଗର ଜିନ୍ଦା ହୈ' ଏବଂ ବର୍ତ୍ତମାନର 'ସାକ୍ରିଡ୍ ଗେମ୍‌ସ' ଭଳି ଫିଲ୍ମରେ ଅଭିନୟ କରି ଅନୁପ୍ରିୟା ବଲିଉଡ୍‌ର ସର୍ବାଧିକ ନିପୁଣ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଅନ୍ୟତମ ହେବାର ଗୌରବ ଅର୍ଜନ କରିଛନ୍ତି। ସଞ୍ଜୟ ଲୀଲା ଭଁସାଲି ଏବଂ ସଲମାନ୍ ଖାନ୍ ଅଭିନୀତ ଫିଲ୍ମରେ ଅଭିନୟ କରି ଅନୁପ୍ରିୟା ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ତ୍ତମାନ ସେ 'ନେଟଫ୍ଲିକ୍ସ'ର ଖୁବ୍ ଚର୍ଚ୍ଚିତ ସିରିଜ 'ସାକ୍ରିଡ ଗେମ୍ସ'ରେ ଅଭିନୟ କରିଛନ୍ତି। ଅନୁପ୍ରିୟା ତାଙ୍କ ପ୍ରତିକ୍ରିୟାରେ କହନ୍ତି, 'ବାସ୍ତବରେ ମୁଁ ଅଭିନୟକୁ ଖୁବ୍ ପସନ୍ଦ କରେ। ଅଭିନୟ ମୋତେ ଉତ୍ସାହିତ କରେ ଏବଂ ଏହା ରୋଗ ଉପଶମକାରୀ ଭଳି। ଅଭିନୟ ହିଁ ମୋତେ ଖୁସି କରେ। ପ୍ରତିଦିନ ଅଭିନୟ କରିବାକୁ ଇଚ୍ଛା ହୋଇଥାଏ। ଯେ କୌଣସି କଳାକାର ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହେଉଛି ନିଜର କଳା, କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ପ୍ରତି ଆନୁଗତ୍ୟ ରହିବା।' ବ୍ୟବସାୟିକ ଅଥବା ସ୍ୱଳ୍ପବଜେଟର ଛୋଟ ଫିଲ୍ମ ହେଉ ସବୁଥିରେ ବିଷୟବସ୍ତୁ ଓ ଅଭିନୟ ହିଁ ଗୁରୁତ୍ୱପୂର୍ଣ୍ଣ। 'ସାକ୍ରିଡ୍ ଗେମ୍ସ'ରେ ଅନୁପ୍ରିୟା ମେଘା ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବିନାଶକାରୀ ଗ୍ରହାଣୁ ହେବ ପୃଥିବୀମୁହାଁ

ୱାଶିଂଟନ

୬୬ ନିୟୁତ ବର୍ଷ ତଳେ ପୃଥିବୀ ପୃଷ୍ଠରୁ ଡାଇନୋସର ଲୋପ ପାଇଯାଇଥିଲେ। ଏମାନଙ୍କୁ ବିନାଶ କରିଥିବା ଗ୍ରହାଣୁ ଆସନ୍ତା ୨୦୨୭ରେ ପୃଥିବୀମୁହାଁ ହେବା ଆଶଙ୍କା ଅଛି। ଏବେ ଏହି ଗ୍ରହାଣୁ ସୂର୍ଯ୍ୟ ଚାରିପଟେ ଘୂରିବୁଲୁଛି। ୪ରୁ ୯ କିଲୋମିଟର ବ୍ୟାସ ବିଶିଷ୍ଟ ଏହି ଗ୍ରହାଣୁ ୨୦୨୭ ଜୁନ୍ ୬ରେ ପୃଥିବୀର ନିକଟବର୍ତ୍ତୀ ହେବ। ପୂର୍ବରୁ ଏଭଳି ଗ୍ରହାଣୁ ପୃଥିବୀ ସହ ଧକ୍କା ଦେବା ସମୟରେ ଡାଇନୋସର ଲୋପ ପାଇଯାଇଥିଲେ। ଯଦି ଏହା ପୁଣି ଥରେ ପୃଥିବୀକୁ ଧକ୍କା ଦିଏ ତେବେ ବହୁ କ୍ଷୟକ୍ଷତି ଘଟିବାର ଆଶଙ୍କା ଥିବା ନାସା ପକ୍ଷରୁ କୁହାଯାଇଛି।

## ଡିଡି ନ୍ୟୁଜ୍ ଉପସ୍ଥାପିକାଙ୍କ ପରଲୋକ



ନିଲମ୍ ଶର୍ମା

**ନୂଆଦିଲ୍ଲୀ,୧୭।୮:** ଜାତୀୟ ନ୍ୟୁଜ୍ ଚ୍ୟାନେଲ୍ ଡିଡି ନ୍ୟୁଜ୍‌ର ବରିଷ୍ଠ ଉପସ୍ଥାପିକା ନିଲମ୍ ଶର୍ମା(୫୦)ଙ୍କର ଶନିବାର ପରଲୋକ ହୋଇଯାଇଛି। ସେ କ୍ୟାନ୍ସରରେ ପୀଡିତ ଥିଲେ। ଡିଡି ନ୍ୟୁଜ୍‌ରେ ୨୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ନିଲମ୍‌ଙ୍କୁ ଗତବର୍ଷ ନାରୀଶକ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ବଡି ଚର୍ଚ୍ଚା, ତେଜସ୍ୱିନୀ ଆଦି କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ତାଙ୍କର ଉପସ୍ଥାପନା ଶୈଳୀ ହଜାର ହଜାର ଖବରଦାତାଙ୍କୁ ଅନୁପ୍ରାଣିତ କରିଥିଲା। ନିଲମ୍‌ଙ୍କ ପରଲୋକରେ ପ୍ରସାରଭାରତୀ ସିଇଓ ଶଶୀ ଶେଖର ଦୂରଦର୍ଶନ ତରଫରୁ ଶୋକବ୍ୟକ୍ତ କରିଛନ୍ତି। ଦୂରଦର୍ଶନ ତାହାର ତେଜସ୍ୱିନୀଙ୍କୁ ହରାଇଲା ବୋଲି ପ୍ରସାରଭାରତୀ ଅଧ୍ୟକ୍ଷ ଏ. ସୂର୍ଯ୍ୟ ପ୍ରକାଶ ଟୁଇଟ୍ କରିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୨୩.୮ |
| ଚାନ୍ଦବାଲି | ୩୧.୨ | ୨୬.୬ |
| କଟକ | ୩୨.୬ | ୨୪.୨ |
| ପାରାଦ୍ୱୀପ | ୩୦.୪ | ୨୮.୩ |
| ଭୁବନେଶ୍ୱର | ୩୧.୮ | ୨୫.୬ |
| ଗୋପାଳପୁର | ୩୨.୪ | ୨୬.୬ |
| ପୁରୀ | ୩୩.୪ | ୨୭.୪ |
| ଅନୁଗୋଳ | ୩୩.୭ | ୨୨.୬ |
| ବାରିପଦା | ୩୦.୦ | ୨୬.୫ |
| ଝାରସୁଗୁଡ଼ା | ୩୩.୬ | ୨୬.୬ |
| କେନ୍ଦୁଝର | ୩୦.୯ | ୨୫.୭ |
| ସମ୍ବଲପୁର | ୩୪.୨ | ୨୫.୪ |
| ସୁନ୍ଦରଗଡ଼ | ୨୯.୦ | ୨୦.୫ |
| ହୀରାକୁଦ | ୩୪.୪ | ୨୬.୨ |
| ତାଳଚେର | ୩୩.୩ | ୨୫.୩ |
| ଭବାନୀପାଟଣା | ୩୩.୬ | ୨୫.୨ |
| ବଲାଙ୍ଗୀର | ୩୫.୦ | ୨୪.୭ |
| କୋରାପୁଟ | ୨୯.୨ | ୨୨.୦ |
| ଫୁଲବାଣୀ | ୩୧.୦ | --- |
| ଟିଟିଲାଗଡ଼ | --- | ୨୨.୫ |
| ମାଲକାନଗିରି | ୨୮.୦ | ୨୧.୦ |
| ସୋନପୁର | --- | ୨୨.୦ |
| ଦାରିଙ୍ଗିବାଡ଼ି | ୨୯.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

### ଇତିହାସର ଆଇନାରେ

**ଅଗଷ୍ଟ ୧୮ର ପ୍ରମୁଖ ଘଟଣା**

୧୯୭୧ ଅଗଷ୍ଟ ୧୮ରେ ଭିଏତ୍‌ନାମ୍‌ରୁ ସୈନ୍ୟ ପ୍ରତ୍ୟାହାର ପାଇଁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ନିଷ୍ପତ୍ତି ନେଇଥିଲେ। ଭିଏତ୍‌ନାମ ହେଉଛି ଇଣ୍ଡୋଚାଇନା ଉପଦ୍ୱୀପର ପୂର୍ବଭାଗସ୍ଥ ଏକ ଦେଶ। ୨୦୧୬ ସୁଦ୍ଧା ଏହାର ଲୋକସଂଖ୍ୟା ୯୪.୬ ନିୟୁତ। ଏହା ବିଶ୍ୱର ୧୫ତମ ଜନବହୁଳ ଦେଶ। ଏହାର ଉତ୍ତରରେ ଚାଇନା ଏବଂ ପଶ୍ଚିମରେ ଲାଓସ ଓ କାମ୍ବୋଡିଆ ରହିଛି।

୨୦୦୮ ଅଗଷ୍ଟ୧୮ରେ ପାକିସ୍ତାନ ରାଷ୍ଟ୍ରପତି ପରଭେଜ ମୁଶରଫ୍ ବହିଷ୍କାର ଧମକ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିଲେ। ୧୯୪୩ ଅଗଷ୍ଟ ୧୧ରେ ଜନ୍ମିତ ମୁଶରଫ ଜଣେ ପାକିସ୍ତାନୀ ରାଜନେତା ଏବଂ ଅବସରପ୍ରାପ୍ତ ଜେନେରାଲ। ସେ ୨୦୦୧ରେ ପାକିସ୍ତାନର ଦଶମ ରାଷ୍ଟ୍ରପତି ହୋଇଥିଲେ। ବ୍ରିଟିଶ ରାଜତ୍ୱ ସମୟରେ ଦିଲ୍ଲୀରେ ଜନ୍ମିତ ମୁଶରଫ୍ କରାଚୀ ଓ ଇସ୍ତାନବୁଲ୍‌ରେ ବଢ଼ିଥିଲେ।


# CLASSIFIED DISPLAY

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE

ରଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ରଣ, ପର୍ସନାଲ, କୁକୁଡ଼ା ପାଳନ ରଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ରଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ରଣ, ବ୍ୟବସାୟ ରଣ, ସାଲାରୀ ସ୍ଲିପ୍ ରଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ରଣ | ବ୍ୟବସାୟ | ଗ୍ରୁପ ରଣ
ଏଗ୍ରିକଲ୍‌ଚର ରଣ
ସବୁ ପ୍ରକାର ରଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ରଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ରଣ ରଣ ରଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ରଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ରଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi





### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରର ମଙ୍ଗଳ କରିବା ସବୁଠାରୁ ବଡ ଧର୍ମ।
ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।
- ସନ୍ଥ ତୁଳସୀ ଦାସ



# ଏ ସପ୍ତାହର କାର୍ଯ୍ୟକ୍ରମ

### ୧୮।୮।୨୦୧୯(ରବିବାର)

**ଭୁବନେଶ୍ୱର**

- ମୂର୍ଚ୍ଛନା ପକ୍ଷରୁ ଡ୍ରାମା ପ୍ରତିଯୋଗିତା, ଭୁବନେଶ୍ୱର କଳାକେନ୍ଦ୍ର, ସକାଳ ୯ଟା।
- ମାଇ ଗ୍ରୀନ ଲିଗାସି ଓ ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ବୃକ୍ଷରୋପଣ, ଫରେଷ୍ଟ ପାର୍କ, ସକାଳ ୯ଟା।
- ଶିବବ୍ରତ ଦାସ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଗୀତିକବି ଶିବବ୍ରତ ଦାସ ସଙ୍ଗୀତ ପ୍ରତିଯୋଗିତା, ଭାରତୀୟ ବିଦ୍ୟାଭବନ, ୟୁନିଟ-୩, ସକାଳ ୯ଟା।
- ଭୁବନେଶ୍ୱର ଦୁର୍ଗା ପୂଜା ଚାରିଟେବୁଲ ଟ୍ରଷ୍ଟର ପୂଜା ସମ୍ବନ୍ଧୀୟ ଏକ ସଭା, ଇନ୍ଦିରା ପାର୍କ ପଛପାଖ, ଶହୀଦ ନଗର, ସକାଳ ୯ଟା ୩୦।
- ମା ଖଣ୍ଡେଶ୍ୱରୀ ମହିଳା ସମିତି ପକ୍ଷରୁ ବୃକ୍ଷରୋପଣ, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ପଳାଶୁଣୀ, ପୂର୍ବାହ୍ନ ୯ଟା ୩୦।
- ସାରସ୍ୱତ ସମାଜର ରାଜ୍ୟସ୍ତରୀୟ ଅଷ୍ଟମ ବାର୍ଷିକୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଅବସରରେ ପ୍ରତିଯୋଗିତା, କଂଗ୍ରେସ ଭବନ, ପୂର୍ବାହ୍ନ ୧୦ଟା।
- ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ପକ୍ଷରୁ ଆଲୋଚନା ସଭା ଓ କବି ସମ୍ମିଳନୀ, ଜୟ ଭାରତ ସମ୍ମିଳନୀ କକ୍ଷ, ୟୁନିଟ-୯, ପୂର୍ବାହ୍ନ ୧୦ଟା ୩୦।
- ରାଇଜିଂ ଇଣ୍ଡିଆ ସିଟିଜେନ୍ ଫୋରମ ପକ୍ଷରୁ ବୃକ୍ଷରୋପଣ ଓ ସମ୍ବର୍ଦ୍ଧନା ସଭା, ପଟିଆ କଲେଜ ରୋଡ, ବିଜୁ ନଗର, ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ବିଜୟିନୀ ମହିଳା ମହାସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା, ଲାଫିଏଷ୍ଟା କଲ୍ୟାଣ ମଣ୍ଡପ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଅପରାହ୍ନ ୫ଟା।
- ଫିଚର ଫିଲ୍ମ ଖୁସିର ସ୍ପେଶାଲ ସ୍କ୍ରିନିଂ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜାଭିୟର ଛକ, ଅପରାହ୍ନ ୫ଟା।
- ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ପାଳନ କମିଟି ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ମିଳିତ ସହଯୋଗରେ ଗାନ୍ଧୀ କଥା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ନୃତ୍ୟାଷ୍ଠାନ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ୯ମ ଗୁରୁଶ୍ରୀ ସମ୍ମାନ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସାପ୍ତାହିକ ସମ୍ବାଦପତ୍ର ଚିରସଂଧାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଇଦ୍ ମିଲନ୍ ଉତ୍ସବ, ଓଡ଼ିଶା ଦୃଷ୍ଟିହୀନ ସଂଘ କଲ୍ୟାଣ ମଣ୍ଡପ, ସତ୍ୟନଗର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ସାମାଜିକ ଓ ଆଧ୍ୟାତ୍ମିକ ସଚେତନତା ଶିବିରର ଉଦ୍‌ଯାପନୀ ଉତ୍ସବ, ବାଲିଅନ୍ତା ହାଇସ୍କୁଲ, ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**

- ଅଲ୍ ଓଡିଶା ଇପିଏଫ୍ ପେନସନ୍‌ସ୍ ଆସୋସିଏସନସ୍‌ର ସାଧାରଣ ବୈଠକ, ଚନ୍ଦ୍ରଶେଖର ମନ୍ଦିର ପରିସର ନୟାଗଡ ରୋଡ୍ ଖୋର୍ଦ୍ଧା, ପୂର୍ବାହ୍ନ ୧୦ଟା।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

**ପୁରୀ**

- କୁମାର ଉତ୍ସବ ସମିତିର ରକ୍ତଦାନ ଶିବିର, ଡୁଡୁୱାଲା ଧର୍ମଶାଳା, ସକାଳ ୯ଟା
- ସ୍ୱାସ୍ଥ୍ୟ ଶିବିର, ପୁରୀ ବାର କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ, ଭୁବନେଶ୍ୱରୀ ମନ୍ଦିର, ଅବକାଶ ଲେନ୍, ପୂର୍ବାହ୍ନ ୧୧ଟା।

### ୧୯।୮।୨୦୧୯(ସୋମବାର)

**ଭୁବନେଶ୍ୱର**

- ନୃତ୍ୟାଷ୍ଠାନ ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ୯ମ ଗୁରୁଶ୍ରୀ ସମ୍ମାନ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ଅଭିଯୋଗ ଶୁଣାଣି ଶିବିର, ଚିଲିକା ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

### ୨୦।୮।୨୦୧୯(ମଙ୍ଗଳବାର)

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

### ୨୧।୮।୨୦୧୯(ବୁଧବାର)

**ଭୁବନେଶ୍ୱର**

- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଓଡ଼ିଶୀ ଛାନ୍ଦ, ଗୁରୁ କେଲୁଚରଣ ମହାନ୍ତି ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୭ଟା।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

### ୨୨।୮।୨୦୧୯(ଗୁରୁବାର)

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

### ୨୩।୮।୨୦୧୯(ଶୁକ୍ରବାର)

**ବାଲିଅନ୍ତା**

- ଶ୍ରୀ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୭ଟା।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

### ୨୪।୮।୨୦୧୯(ଶନିବାର)

**ଭୁବନେଶ୍ୱର**

- ଭୁବନେଶ୍ୱର ଦୁର୍ଗା ପୂଜା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସମ୍ମିଳନୀ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ର, ସନ୍ଧ୍ୟା ୫ଟା।

**ବାଲିଅନ୍ତା**

- ନନ୍ଦୋତ୍ସବ ପାଳନ, ବାଲିଅନ୍ତା, ନିକୁଞ୍ଜ ବିହାରୀ ମନ୍ଦିର, ଅପରାହ୍ନ ୩ଟା।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

## ଆଦିତ୍ୟ ମେମୋରିଆଲ କୁଇଜ୍-୨୦୧୯

# ଲୟୋଲା ସ୍କୁଲ୍ ଚାମ୍ପିୟନ




ଭୁବନେଶ୍ୱର, ୧୭।୮(ବ୍ୟୁରୋ)

ଲୟୋଲା ସ୍କୁଲ ଓ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ନବମ ଆଦିତ୍ୟ ମେମୋରିଆଲ କୁଇଜ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ବିହାରର ୨୫ଟି ସ୍କୁଲ୍‌ରୁ ୨୧୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁଇଜ ମାଷ୍ଟର ବିଶ୍ୱାସ ରଥ ଓ ଅନିରୁଦ୍ଧଙ୍କ ପ୍ରଶ୍ନକୁ ଅତି କୌଶଳ ତଥା ବୁଦ୍ଧିମତ୍ତାର ସହିତ ପ୍ରତିଯୋଗୀମାନେ ସାମ୍ନା କରିଥିଲେ। ପ୍ରତିଯୋଗିତା ଚାଲିଥିବା ସମୟରେ ଭିନ୍ନ ଉତ୍ସାହ ଆଣିବା ପାଇଁ ଉପସ୍ଥିତ ଦର୍ଶକଙ୍କୁ ମଧ୍ୟ ଉତ୍ତର ଦେବାର ସୁଯୋଗ ଦିଆଯାଉଥିଲା। ତେବେ ଏହି କୁଇଜ ପ୍ରତିଯୋଗିତାରେ ଭୁବନେଶ୍ୱର ଲୟୋଲା ସ୍କୁଲ ଚାମ୍ପିୟନ ହୋଇଥିବାବେଳେ ପୁରସ୍କାର ବାବଦକୁ ୧୨ହଜାର ୫ଶହ ଟଙ୍କା ମିଳିଛି। ସେହିଭଳି ପ୍ରଥମ ରନର୍ସଅପ୍ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଓ ଦ୍ୱିତୀୟ ରନର୍ସଅପ୍ ମଦର୍ସ ପବ୍ଲିକ ସ୍କୁଲକୁ ପୁରସ୍କାର ବାବଦକୁ ଯଥାକ୍ରମେ ୭,୫୦୦ ଏବଂ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏଥିସହିତ ସେମିଫାଇନାଲକୁ ଯାଇଥିବା ୪ ଛାତ୍ରୀଙ୍କୁ ମଧ୍ୟ ୨୫୦୦ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଛି।

ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ(ଆଇଟିଆର୍)ର ନିର୍ଦ୍ଦେଶକ ଡ. ବି. କେ. ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ଦାସ କହିଲେ, ଜୀବନ କ୍ଷଣିକ, ମୁହୂର୍ତ୍ତ ହେଉଛି ଦୀର୍ଘ। ଯଦି ଜୀବନ ସହିତ ମୁହୂର୍ତ୍ତକୁ ମିଶ୍ରଣ କରାଯାଏ ତେବେ ଜୀବନ ବହୁତ ଲମ୍ବା ହୋଇଯିବ। ତେଣୁ ପ୍ରତି ମୁହୂର୍ତ୍ତକୁ ଆମେ ସାମ୍ନା କରିବା ସହିତ ତାକୁ ହାସଲ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ଡ. ଦାସ କହିଥିଲେ। ଭାରତ ହେଉଛି ଏକ ଏମିତି ରାଷ୍ଟ୍ର ଯେଉଁଠି କଳା, ସଂସ୍କୃତି, ପରମ୍ପରାଠାରୁ ଆରମ୍ଭ କରି ବହୁତ କିଛି ଭରପୂର ହୋଇ ରହିଛି। ପ୍ରତି ମୁହୂର୍ତ୍ତରେ ଆମେ ଆମ ରାଷ୍ଟ୍ର ପାଇଁ କିଛି କରିବା ଉଚିତ। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜଣେ ଜଣେ ଭଲ ନାଗରିକ ହେବା ପାଇଁ ପରାମର୍ଶ ଦେଇ ସେ କହିଲେ, ନିଜ ଉପରେ ବିଶ୍ୱାସ ରଖ। ଏ ଦୁନିଆରେ ସବୁକିଛି ସମ୍ଭବ, କିଛି ହୋଇପାରିବ ନାହିଁ ବୋଲି ସେମିତି କିଛି ନାହିଁ। ଜୀବନରେ ଅନେକ ଘାତ ପ୍ରତିଘାତ ଆସିବ। କିନ୍ତୁ ତାକୁ ସାମ୍ନା କରି ଆଗକୁ ଯିବା ହେଉଛି ଜଣେ ଭଲ ମଣିଷର ପରିଚୟ। ଲୟୋଲା ସ୍କୁଲ ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍. ମିସ୍‌କୁଇଥ ଯୋଗଦେଇ ପ୍ରତିଯୋଗିତାମୂଳକ ମନୋଭାବ ବଢ଼ାଇ ଛାତ୍ରୀଛାତ୍ରଙ୍କ ଜ୍ଞାନର ପରିସର ବୃଦ୍ଧି କରିବା ପାଇଁ ଏହି ପ୍ରତିଯୋଗିତାଟି ଯଥେଷ୍ଟ ଖୋରାକ ଯୋଗାଇ ଆସୁଥିବା କହିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ୍ ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ, ରେକ୍ଟର ଫାଦର ଗିଲବର୍ଟ ମେଞ୍ଜେସ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

ସୂଚନାଯୋଗ୍ୟ, ୨୦୧୦ରେ ଲୟୋଲା ସ୍କୁଲ ଛାତ୍ର ଆଦିତ୍ୟ ସାହୁଙ୍କର କ୍ୟାନସରରେ ମୃତ୍ୟୁ ଘଟିଥିଲା। ମେଧାବୀ ଛାତ୍ର ଆଦିତ୍ୟ କୁଇଜ୍‌ରେ ପାରଙ୍ଗମ ଥିଲେ। ତେଣୁ ତାଙ୍କର ସ୍ମୃତିଚାରଣ କରିବା ପାଇଁ ଏହି ପ୍ରତିଯୋଗିତା ଗତ ୯ବର୍ଷ ହେବ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଲୟୋଲା ସ୍କୁଲର ସହଯୋଗରେ ଆୟୋଜିତ ହେଉଛି।




ଅତିଥିମାନଙ୍କ ଗହଣରେ ଚାମ୍ପିୟନ, ପ୍ରଥମ ରନର୍ସଅପ୍ ଓ ଦ୍ୱିତୀୟ ରନର୍ସଅପ୍ ଟିମ୍।



କୁଇଜ୍ ପ୍ରତିଯୋଗିତାରେ ଭାଗ ନେବାକୁ ଆସିଥିବା ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ଅନ୍ୟମାନେ।

- ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ପ୍ରଥମ ରନର୍ସଅପ୍
- ମଦର୍ସ ପବ୍ଲିକ ସ୍କୁଲ ଦ୍ୱିତୀୟ ରନର୍ସଅପ୍

## ପାଣିରେ ଫସିଲା କଲେଜ ବସ୍

**କଟକ ଅଫିସ,୧୭।୮:** ଯୋବ୍ରା ବାଇପାସ ରାସ୍ତାର ରେଲୱେ ଓଭରବ୍ରିଜ ନିକଟରେ ଶନିବାର ଏକ ବେସରକାରୀ କଲେଜ ବସ ପାଣିରେ ଫସିଯାଇଥିଲା। ଫଳରେ ଏଥିରେ ଥିବା ୩୫ରୁ ଅଧିକ ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ, ଲିଙ୍କରୋଡ ସ୍ଥିତ ଏକ ବେସରକାରୀ କଲେଜବସ୍ ମଧ୍ୟାହ୍ନ ପ୍ରାୟ ୧୨ଟା ରେ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ନେଇ ଯାଉଥିଲା। ରେଲୱେ ଓଭରବ୍ରିଜ ବାଇପାସ୍ ରାସ୍ତା ଉପରେ ପ୍ରାୟ ୩ଫୁଟର ପାଣି ଚାଲୁଥିବା ବେଳେ କମ୍ ପାଣି ଥିବା ଅନୁମାନ କରି ଡ୍ରାଇଭର ସେହି ରାସ୍ତାରେ ବସ୍‌କୁ ନେବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ପାଣିରେ ବସ୍ ଇଞ୍ଜିନ ବୁଡିଯାଇ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଶେଷରେ କ୍ରେନ ସାହାଯ୍ୟରେ ବସ୍‌କୁ ପାଣିରୁ ଟାଣି ବାହାର କରାଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଓ ମାଲଗୋଦାମ ପୋଲିସର ମିଳିତ ଚେଷ୍ଟାରେ ବସରେ ଥିବା ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ସୁରକ୍ଷିତଭାବେ ବାହାରକୁ ଅଣାଯାଇଥିଲା।



## ୟୁନିଫର୍ମ ପଲିସ୍‌କୁ ପ୍ରତ୍ୟାହାର କରାଯାଉ

ପୁରୀ ଅଫିସ, ୧୭।୮

ବର୍ଷ ବର୍ଷ ଧରି ପୁରୀ ତଥା ଜିଲାର ବିଭିନ୍ନ ଅଞ୍ଚଳରେ ମଠ ଓ ରାଜାଙ୍କ ଠାରୁ ଖର୍ଦ୍ଦି କରିଥିବା ଭୂ ସମ୍ପତ୍ତି ଉପରେ ଶ୍ରୀମନ୍ଦିର ପ୍ରଶାସନ ଲୋଲୁପ ଦୃଷ୍ଟି ପଡିଛି। ଶ୍ରୀମନ୍ଦିର ପ୍ରଶାସନ ୟୁନିଫର୍ମ ପଲିସ୍ ମାଧ୍ୟମରେ ଭୋଗ ଦଖଲରେ ଥିବା ସମ୍ପତ୍ତି ଉପରେ କଟକଣା ଲାଗୁ କରିଛି। ପ୍ରଜାସ୍ୱତ୍ୱ ଅଧିକାର ବଳରେ ସ୍ଥାୟୀ ରୟତ ଭାବେ ବସବାସ କରୁଥିବା ଲୋକଙ୍କ ଉପରେ ମନ୍ଦିର ପ୍ରଶାସନ ଜମି ରେଜିଷ୍ଟ୍ରୀ ଲାଗି ନୋଟିସ ଦେଇ ଚାପ ସୃଷ୍ଟି କରୁଛି। ଏହାକୁ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ତୀବ୍ର ବିରୋଧ କରୁଛି ବୋଲି ଶନିବାର ସ୍ୱସ୍ତିକ ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପରିଷଦର ସଭାପତି ପୁଷ୍କର ମହାପାତ୍ର କହିଛନ୍ତି। ସେ କହିଲେ ଯେ, ସୁପ୍ରିମକୋର୍ଟଙ୍କ ୨୦୧୫ ରାୟ ମୁତାବକ ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ ଜଗନ୍ନାଥ ମନ୍ଦିର ସମ୍ପତ୍ତି ନିମନ୍ତେ ପ୍ରଯୁଜ୍ୟ ନୁହଁ। ଏଣୁ ୟୁନିଫର୍ମ ପଲିସ୍‌କୁ ପ୍ରତ୍ୟାହାର କରିବା ଲାଗି ଦାବି କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଆବାହକ ସୁରେନ୍ଦ୍ର ନାଥ ଦାଶ, ବରିଷ୍ଠ ଆଇନଜୀବୀ ଆଦିତ୍ୟ ହୃଦୟ ମିଶ୍ର, ବନଲତା ମହାନ୍ତି, ଶରତ ରଥ, ଶରତ ରାୟଗୁରୁ, ନଳିନୀ କାନ୍ତ ନାୟକ, ବିଦ୍ୟୁଲତା ଆଚାର୍ଯ୍ୟ, ବିରେନ୍ଦ୍ର ଭୂଷଣ ହୋତା, ଜଗନ୍ନାଥ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ବ୍ୟକ୍ତି ଶ୍ରୀମନ୍ଦିର ପ୍ରଶାସନର ନୋଟିସରେ ବିଚଳିତ ନ ହୋଇ ଜମି ରେଜେଷ୍ଟ୍ରି ନ କରିବା ଲାଗି ପରିଷଦ ଆହ୍ୱାନ ଦେଇଛି। ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏନେଇ ସ୍ପଷ୍ଟୀ କରଣ ନ ଦେଲେ, ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ କହିଛନ୍ତି।

## ଲୁଣାନଦୀ ଓ ପାଣି ନିଷ୍କାସନ ନାଳ ଅନୁଧ୍ୟାନ କଲେ ମୁଖ୍ୟଯନ୍ତ୍ରୀ

ଡେଲାଙ୍ଗ,୧୭।୮(ଡି.ଏନ୍.ଏ.)

ଡେଲାଙ୍ଗ ଓ କଣାସ ବ୍ଲକରେ ପ୍ରବାହିତ ଲୁଣାନଦୀକୁ ଶନିବାର ପୂର୍ବାହ୍ନରେ ଡ୍ରେନେଜ ବିଭାଗ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ପୁରୀ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ବିଭିନ୍ନ ସଫେଇ ନାଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୁଣାନଦୀର ମୁନିନ୍ଦା ସେତୁ, ଜଙ୍ଘାର ସେତୁ, ବିଜିପୁର ଓ କରମଳା ସେତୁର ଉପର ସ୍ରୋତରେ ଜମି ରହିଥିବା ମାଇଲ ମାଇଲ ପର୍ଯ୍ୟନ୍ତ ଲାଗିରହିଥିବା ରାଜଦଳ ବନ୍ୟା ଓ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ମୁଖ୍ୟଯନ୍ତ୍ରୀ ଦେଖିବା ସହ ସରକାରଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଏହାର ପ୍ରତିକାର କରିବେ ବୋଲି ଆଶ୍ୱାସନା ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ରୁବି



ଅଭିଷେକ



ପ୍ରକାଶ



କୁନା ଜେନା



ଉପଶ୍ରୀ



ସଞ୍ଜିତା



ସନ୍ଦୀପ



କୁନା ଦିଗଲ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ପରର ସମାଲୋଚନା କରିବେ ନାହିଁ, ତା'ହେଲେ ତୁମର ସମାଲୋଚନା ମଧ କେହି କରିବେ ନାହିଁ।

-ଯୀଶୁଖ୍ରୀଷ୍ଟ

# ବାତ୍ୟା ପରେ ବନ୍ୟାପାଣିର ଦୁଃଖ

ପୁରୀ ଅଫିସ, ୧୭।୮



**ପାଣି ଘେରରେ ଏକାଧିକ ଗାଁ**



ପ୍ରାକୃତିକ ଦୁର୍ବିପାକ ଉପକୂଳବର୍ତ୍ତୀ ପୁରୀ ଜିଲାର ପିଛା ଛାଡୁନି। ପ୍ରାୟ ପ୍ରତିବର୍ଷ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଥିବା ଜିଲାବାସୀ ଚଳିତବର୍ଷ ବି ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ନିକଟରେ ବାତ୍ୟା ଫନୀ ପୁରୀ ଜିଲାରେ ତାଣ୍ଡବ ରଚିଥିବା ବେଳେ ବର୍ତ୍ତମାନ ବନ୍ୟା ଜଳ ଜିଲାବାସୀଙ୍କ ପାଇଁ ଦୁଃଖର କାରଣ ସାଜିଛି। ହୀରାକୁଦ ଗେଟ୍ ଖୋଲାଯିବା ପରେ ମହାନଦୀରେ ପ୍ରବାହିତ ହେଉଛି ବନ୍ୟା ପାଣି। ଫଳରେ ଏହାର ଶାଖା ନଦୀଗୁଡ଼ିକରେ ବି ବନ୍ୟା ପାଣି ପଶିଛି। ତେବେ ପୁରୀ ଜିଲାରେ ପ୍ରବାହିତ ଭାର୍ଗବୀ, ଦୟା, ରାଜୁଆ ପ୍ରଭୃତି ନଦୀରେ ବନ୍ୟା ପାଣି ପ୍ରବାହିତ ହେବା ପରେ ତଳିଆ ଅଞ୍ଚଳରେ ପାଣି ପଶିଥିବା ବେଳେ ଏକାଧିକ ଗାଁ ଏବେ ବି ପାଣିଘେରରେ ରହିଛି। ଏମିତି କି କେତୋଟି ଜାଗାରେ ରାସ୍ତା ଉପରେ ପାଣି ଚାଲୁଛି। ଫଳରେ ଛାତ୍ରୀଛାତ୍ରମାନେ ଡାଲା ଅଟୋରେ ବସି ସ୍କୁଲକୁ ଯାଉଥିବା ମଧ ଦେଖିବାକୁ ମିଳିଛି। ତେବେ ହୀରାକୁଦରେ ଗେଟ୍ ବନ୍ଦ ହେବା ଏବଂ ବର୍ଷା କମିଯାଇଥିବାରୁ ଲୋକଙ୍କ ମଧ୍ୟରେ ପାଣି ବଢିବାର ଯେଉଁ ଆଶଙ୍କା ରହିଥିଲା ତାହା ଏକପ୍ରକାର ଟଳିଯାଇଛି। ତଥାପି ଏକାଧିକ ଗାଁ ପାଣିଘେରରେ ରହିଥିବା ଜଣାପଡିଛି।

ଭାର୍ଗବୀର ଜଳସ୍ତର ବୃଦ୍ଧି ପାଇଥିବାରୁ ପୁରୀ ସଦର ବ୍ଲକର ବାଟଗାଁ-ଉତ୍ତରକଣା ରାସ୍ତାର ନୂଆଗାଁଠାରେ ଥିବା କଲଭର୍ଟ ଉପରେ ଶୁକ୍ରବାର ପ୍ରାୟ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିଲା। ଶନିବାର ଏହି ରାସ୍ତା ଉପରେ ଜଳସ୍ତର କମିଥିଲେ ମଧ ପ୍ରଖର ସ୍ରୋତ ଥିବାରୁ ଲୋକେ ଯା ଆସ କରିପାରି ନ ଥିଲେ। ଫଳରେ ଓଡ୍ରାଫ୍ ଟିମ୍ ଲୋକଙ୍କୁ ବୋଟ୍‌ରେ ଏହି ରାସ୍ତା ପାର୍ କରାଉଥିଲେ। ଅନେକ ଲୋକଙ୍କ ଘର ପାଣି ଘେରରେ ଥିବାରୁ ସେମାନେ ଘର ଭିତରକୁ ଯିବାକୁ ଭୟ କରିଥିଲେ। ମାଟିକାନ୍ଥ ଓଦା ହୋଇଯାଇଥିବାରୁ ଭୁଶୁଡି ପଡିବା ଆଶଙ୍କା ରହିଛି ବୋଲି ଗାଁ ଲୋକେ କହିଛନ୍ତି। ତେବେ ନୂଆଗାଁର ଫଗୁ ରାଉତ କହିଛନ୍ତି, ବାଟଗାଁରେ ଆମ ଘର ଥିଲା। ବାତ୍ୟାରେ ଘରଦ୍ୱାର ସବୁ ଭାଙ୍ଗିଗଲା ପରେ ନୂଆଗାଁକୁ ଆସି ଜରିପାଲ ତଳେ ରହୁଥିଲୁ। ହେଲେ ଭାର୍ଗବୀ ପାଣି ବଢିବା ପରେ ଘର ଭିତରେ ପାଣି ପଶିଗଲା। ଶନିବାର ଘରୁ ପାଣି ଛାଡିଥିଲେ ମଧ ଘର ଏବେ ବି ପାଣି ଘେରରେ ରହିଛି। ସେହିପରି ସମାନ କଥା କହିଛନ୍ତି ନୂଆଗାଁ ଭଗବାନ ବିଶ୍ୱାଳ। ତାଙ୍କ ଘରେ ପାଣି ପଶିଥିବାରୁ ୨ ଦିନ ହେଲା ଚୁଲି ଜଳିନି। ଖାଇବା ପିଇବା ଠିକ୍ ନାହିଁ। ପାଖ କ୍ଲବ ଘରେ ସେମାନେ ରାତି କାଟିଛନ୍ତି। ଏତଦ୍‌ବ୍ୟତୀତ ତଳଜଙ୍ଗ ପଞ୍ଚାୟତର ତଳଜଙ୍ଗ, ଡିହସାହି, ନଈକୂଳ ସାହି, ଅପନ୍ତରା, ଗାଦିସାହିରୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ପାଣି ଛାଡି ନାହିଁ। ଲୋକେ ଦୁର୍ଦ୍ଦଶାରେ ରହିଛନ୍ତି। ତେବେ ପୁରୀ ସଦର ବ୍ଲକର ଶହ ଶହ ଏକର ଧାନ ଜମିରେ ବନ୍ୟା ପାଣି ମାଡି ଯାଇଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଅଧିକ ଦିନ ପାଣି ଜମିଲେ ତଳି ପଚିଯିବ ବୋଲି ଆଶଙ୍କା କରିଛନ୍ତି।

# ବିଚ୍ଛିନ୍ନ ହୋଇ ରହିଛି ହିରିମୂଳ ଗାଁ

ଖୋର୍ଦ୍ଧା ଅଫିସ, ୧୭।୮



ବନ୍ୟାଜଳ ହ୍ରାସ ପାଉଥିବାରୁ ପରିସ୍ଥିତିରେ ସୁଧାର ଆସୁଛି। ତେବେ ଓରବରସିଂ ପଞ୍ଚାୟତର ହିରିମୂଳ ଗାଁ ବିଚ୍ଛିନ୍ନ ହୋଇରହିଛି। ଗାଁ ଦାଣ୍ଡରେ ଦେଢ ଫୁଟ ପାଣି ଜମିଛି। ଚତୁଃଦିଗ ଜମି ଓ ରାସ୍ତା ଉପରେ ୪ରୁ ୭ ଫୁଟ ପାଣି ଏବେବି ରହିଛି। ପ୍ରଶାସନ ପକ୍ଷରୁ ଗାଁକୁ ୨ଟି ଡଙ୍ଗା ଦିଆଯାଇଛି। ଡଙ୍ଗାରେ ସ୍ଥାନୀୟ ଲୋକ ପାର ହେଉଛନ୍ତି। ଗୃହପାଳିତ ପ୍ରାଣୀମାନେ ଘରେ ବନ୍ଧା ହୋଇ ରହିଛନ୍ତି। ଚାରଣ ଭୂମିରେ ଜଳ ମାଡି ରହିଥିବାରୁ ସେମାନଙ୍କ ଖାଦ୍ୟ ମୁଖ୍ୟ ସମସ୍ୟା ହୋଇଛି। ଅନ୍ୟପକ୍ଷେ ଓରବରସିଂର ଡିହଖଳା ଗାଁର ରାସ୍ତା ଉପରେ ସ୍ଥାନେ ସ୍ଥାନେ ପାଣି ଚାଲିଛି। ମୋଟାମୋଟି ଭାବେ ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, ତେନ୍ତୁଳିମୂଳ, ରାୟପୁର, ବାଲିକୁଦ, ଲେଖନପୁର, କୃଷ୍ଣପୁର ଗାଁର ଚତୁଃଦିଗରେ ପାଣି ଘେରି ରହିଛି। ତେବେ ସଡକପଥରେ ଯାତାୟାତରେ ବାଧକ ନାହିଁ। ଗତ ରାତିରେ ଖୋର୍ଦ୍ଧା ଜିଲାର ଓରବରସିଂହ ଓ ନରଣଗଡ ପଞ୍ଚାୟତର ୧୩ ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥିଲା। ଓରବରସିଂ ପଞ୍ଚାୟତରେ ସ୍କୁଲଗୁଡିକ ଚାରିପାଖରେ ପାଣି ଜମା ହୋଇ ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇରହିଛି।

### ହ୍ରାସ ପାଉଛି ବନ୍ୟାଜଳ
### ପିଲାଙ୍କ ପାଠପଢ଼ାରେ ଡୋରି



## ରନ୍ଧାଖାଦ୍ୟ ଦେବାରେ ୧୦ ଗାଁକୁ ଅଣଦେଖା କାହିଁକି

ଖୋର୍ଦ୍ଧା ବ୍ଲକର ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, ତେନ୍ତୁଳିମୂଳ, ରାୟପୁର, ବାଲିକୁଦ, ଲେଖନପୁର, କୃଷ୍ଣପୁର ଆଦି ୧୦ ଗାଁ ଓ ନରଣଗଡ ପଞ୍ଚାୟତର ଓରିମି, ମାନପୁର ଓ ଧବଳପୁର ଗାଁରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ତେବେ ହିରିମୂଳ ଗାଁ ଅଧିକ ପ୍ରଭାବିତ ହୋଇଛି। ଏଭଳିସ୍ଥଳେ କେବଳ ହିରିମୂଳ, ଡିହଖଳା, ଦୁର୍ଗାପୁରରେ ରନ୍ଧା ଖାଦ୍ୟ ଶନିବାର ମଧ୍ୟାହ୍ନ ଓ ରାତିରେ ଯୋଗାଣ ହୋଇଛି। ଅନ୍ୟ ଗାଁଗୁଡିକୁ ଅଣଦେଖା କରାଯାଇଥିବାରୁ ବାନ୍ୟା ବିପନ୍ନମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପାଦ ପଡ଼ିଲାନି ରାଜନେତା, ପ୍ରଶାସନିକ ଅଧିକାରୀଙ୍କର

୨୦୧୯ରେ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିଲା। ଏଣୁ ୨୦୧୮ ଜୁଲାଇରେ ହୋଇଥିବା ବନ୍ୟାରେ ଓରବରସିଂହ ଓ ନରଣଗଡ ପଞ୍ଚାୟତର ବିଭିନ୍ନ ଗାଁକୁ ଆଶାୟୀ ବିଧାୟକ ପ୍ରାର୍ଥୀମାନେ ଦୌଡିଥିଲେ। ସେହିପରି ଆଞ୍ଚଳିକ ନେତା ଓ ଜିଲାସ୍ତରୀୟ ନେତା, ଆଗଧାଡି କର୍ମୀମାନେ ମଧ ହାତଛଡା କରି ନ ଥିଲେ। ଏବେ ମୁଣ୍ଡ ଉପରେ ନିର୍ବାଚନ ନ ଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ସମୟରେ ଶାସକ ଓ ବିରୋଧୀ ଦଳର ନେତାମାନଙ୍କର ପାଦ ପଡିଲାନି। ଭୋଟ ପାଇଗଲା ପରେ ରାଜନେତା ଭୁଲିଗଲେ। ସେହିଭଳି ବିଡିଓ, ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ପାଦ ପଡି ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

## ଦୁଇ ରାସ୍ତାରେ ଘାଇ

ଭାରତ ଗ୍ୟାସ ଡିପୋ ପାଖରେ ବନ୍ୟାଜଳ ଓରବରସିଂ କନ୍ହେଇମୁହଁ ରାସ୍ତାରେ ୧୦୦ ଫୁଟରେ ଘାଇ ସୃଷ୍ଟି କରିଛି। ସେହିପରି ଓରବରସିଂ ଗାଁକୁ ପଡିଥିବା ହାଇସ୍କୁଲ ରାସ୍ତାରେ ୧୦ ଫୁଟର ଅନ୍ୟ ଏକ ଘାଇ ସୃଷ୍ଟି କରିଛି। ଯାହାକି ଯୋଗାଯୋଗ ବିଚ୍ଛିନ୍ନ କରିଛି। ଏହି ଘାଇ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

## ବର୍ଷା ନ ଥାଇ ବନ୍ୟା

ବର୍ଷା ନ ଥାଇ ବନ୍ୟା ହୋଇଥିବାରୁ ବନ୍ୟା ବିପନ୍ନମାନେ ଅଳ୍ପକେ ରକ୍ଷା ପାଇଗଲେ। ବନ୍ୟା ଜଳସ୍ତର ପ୍ରଖର ସ୍ରୋତରେ ବଢୁଥିଲା। ଯଦି ବର୍ଷା ଲାଗି ରହିଥାନ୍ତା ତେବେ ବିପନ୍ନମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତେ। କାରଣ ଫନୀ ବାତ୍ୟାରେ ଅଧିକାଂଶ ଘର ଭାଙ୍ଗି ନଷ୍ଟ ହୋଇରହିଛି। ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ପାଇଁ ସହାୟତା ଦିଆଗଲାନି। ଚାଳରେ ପଡିଥିବା ପଲିଥିନ୍ ନଷ୍ଟ ହୋଇଗଲାଣି। ଶନିବାର ଅପରାହ୍ନରେ ବନ୍ୟା ଅଞ୍ଚଳରେ ଝିପି ଝିପି ବର୍ଷା ବିପନ୍ନଙ୍କୁ ଭୟଭୀତ କରିଥିଲା। ବର୍ଷା ଲାଗି ରହିଥିଲେ ଘର ଭୁଶୁଡିଥାନ୍ତା। ବନ୍ୟାଜଳ ଶୀଘ୍ର ନିଷ୍କାସନ ଯେପରି ହୋଇଗଲା, ସେପରି ହୋଇ ନ ଥାନ୍ତା।



# ଲୁଣାବନ୍ଧ ଘାଇ ମରାମତି ହେଲା

**କାକଟପୁର, ୧୭।୮ (ଡି.ଏନ୍.ଏ.):** ପୁରୀ ଜିଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଦେବୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଲୁଣାବନ୍ଧର ଚଟୁରା ଘେରି ନିକଟରେ ୫୦ଫୁଟ ଲମ୍ବର ଘାଇ ସୃଷ୍ଟି ହେବା ଯୋଗୁ ବନ୍ୟାପାଣି ନଗର ପଞ୍ଚାୟତର ୨୦ଟି ଗ୍ରାମର ଚାଷଜମିରେ ମାଡ଼ି ଯାଇଥିଲା। ଏ ନେଇ ଶନିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଲୁଣାବନ୍ଧ ଘାଇ ମରାମତି ହୋଇଛି। ଅସ୍ତରଙ୍ଗ ତହସିଲଦାର ଅଶୋକ କୁମାର ସ୍ୱାଇଁ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ଘାଇ ମରାମତି କରିବାକୁ କାକଟପୁର ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ପ୍ରତାପ କୁମାର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ପ୍ରାଣବନ୍ଧୁ ବେହେରା, କନିଷ୍ଠ ଯନ୍ତ୍ରୀ ତପନ କୁମାର ନାୟକ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବାଲିବସ୍ତା ପକାଇ ଘାଇ ବନ୍ଦ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ବେଳକୁ ମରାମତି କାର୍ଯ୍ୟ ଶେଷ ହୋଇଥିଲା। ତେବେ ନଦୀରେ ବନ୍ୟାଜଳ ହ୍ରାସ ପାଉଥିବାରୁ କୌଣସି କ୍ଷୟକ୍ଷତି ହେବ ନାହିଁ। ଦିନେ କିମ୍ବା ଦୁଇ ଦିନ ମଧରେ ଚାଷଜମିରେ ମାଡ଼ି ଯାଇଥିବା ବନ୍ୟାଜଳ ସ୍ଲୁଇସ ଗେଟ ଦେଇ ନଦୀକୁ ନିଷ୍କାସିତ ବୋଲି ଯନ୍ତ୍ରୀ ବିଶ୍ୱାଳ କହିଛନ୍ତି।

# ଗ୍ରହଣଖଣ୍ଡିଆରେ ପୀଡ଼ିତ ଶିଶୁଙ୍କ ହସିବାର ଅଧିକାର ଅଛି

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

### ସ୍ମାଇଲ ଟର୍ଚ୍ଚ ଅଭିଯାନକୁ ଓଡ଼ିଶାରେ ସ୍ୱାଗତ

ସୁଲଭ ମୂଲ୍ୟରେ ଗ୍ରହଣଖଣ୍ଡିଆର ଚିକିତ୍ସା କ୍ଷେତ୍ରରେ ବଡ଼ ଆହ୍ୱାନ। ସାରା ବିଶ୍ୱରେ ଅନେକ ଶିଶୁ ଓଠ ଏବଂ ତାଲୁରେ ଗ୍ରହଣ ଖଣ୍ଡିଆ ସହ ବଞ୍ଚିଛନ୍ତି। ଯେଉଁମାନଙ୍କୁ କି ସହାୟତାର ଆବଶ୍ୟକ ରହିଛି। ଗ୍ରହଣଖଣ୍ଡିଆ ସହ ବଞ୍ଚିଥିବା ପିଲାମାନେ ହସିବାର ଅଧିକାର ଏବଂ ସହାୟତା ପାଇବାର ହକ୍ ସମ୍ପର୍କରେ ସ୍ମାଇଲ୍ ଟର୍ଚ୍ଚ ଜନଗୋଷ୍ଠୀକୁ ସ୍ମରଣ ଓ ସଚେତନ କରାଇଥାଏ। କେବଳ ଏକାଠି ହୋଇ ଏହିଭଳି ପିଲାମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସମ୍ପୂର୍ଣ୍ଣ ଏକାଠି କରାଇ ପାରିବା ବୋଲି ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ ଲୀଳା ଇମାନ କହିଛନ୍ତି।

ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଏବଂ ସହଯୋଗୀ ହସ୍ପିଟାଲ ଦ୍ୱାରା ଆରମ୍ଭ ହୋଇଥିବା ଅଭିଯାନ 'ସ୍ମାଇଲ୍ ଟର୍ଚ୍ଚ'କୁ ସ୍ୱାଗତ କରିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି। ଶନିବାର ଗୀତଗୋବିନ୍ଦ ସଦନରେ ଏହି କାର୍ଯ୍ୟକ୍ରମଟି ଉଦ୍‌ଘାଟିତ ହୋଇଥିବା ବେଳେ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଓଡ଼ିଶାରେ ଥିବା ଏହାର ସହଯୋଗୀ ହସ୍ପିଟାଲ ସମୂହ ସ୍ମାଇଲ୍ ଟର୍ଚ୍ଚକୁ ସ୍ୱାଗତ କରିଛନ୍ତି। କଟକର ସହଯୋଗୀ ଅଶ୍ୱିନୀ ହସ୍ପିଟାଲ , ଶଶିଭୂଷଣ ମେମୋରିଆଲ ହସ୍ପିଟାଲ, ଏୟୁଏମ୍ ହସ୍ପିଟାଲ ବାଲେଶ୍ୱର, ଏମ୍ସ, କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱରର ସହ ଟିଆର୍‌ଏଲ୍ କ୍ରୋସାକି ହସ୍ପିଟାଲ, ବେଲପାହାଡ଼ ମଧ ଏହାକୁ ସ୍ୱାଗତ କରିଛନ୍ତି। ଉଲ୍ଲେଖଥାଉ କି, ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ସଙ୍ଗଠନ ଗ୍ରହଣଖଣ୍ଡିଆ ରୋଗ ଏବଂ ଏହାର ଚିକିତ୍ସା ପାଇଁ ନୂଆ ଧାରାରେ ସଚେତନତା ସୃଷ୍ଟି କରୁଛି। ଏଥିପାଇଁ ସ୍ମାଇଲ୍ ଟର୍ଚ୍ଚ ଅଭିଯାନକୁ ହାତକୁ ନିଆଯାଇଛି। ୨୦୧୯ ଫେବୃୟାରୀ ୮ରେ ଜାତୀୟ ଗ୍ରହଣଖଣ୍ଡିଆ ଦିବସରେ ବାରାଣସୀରେ ସ୍ମାଇଲ୍ ଟର୍ଚ୍ଚର ଶୁଭାରମ୍ଭ କରାଯାଇଛି ଏବଂ ଗ୍ରହଣଖଣ୍ଡିଆ ସହ ଜଡ଼ିତ ଶିଶୁ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ ଜନଗୋଷ୍ଠୀଙ୍କୁ ସଚେତନତା କରାଇବାକୁ ଭାରତ ବ୍ୟାପୀ ଭ୍ରମଣ କରୁଛି। ଗ୍ରହଣଖଣ୍ଡିଆ ରୋଗୀଙ୍କ ଦ୍ୱାରା ସ୍କିଟ୍, ମ୍ୟାଜିକ୍ ଶୋ' ଏବଂ ଆଦିବାସୀ ସ୍କୁଲରେ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଭୁବନେଶ୍ୱର, କଟକ, ବାଲେଶ୍ୱର ଏବଂ ବେଲପାହାଡ଼ରେ ୬ଟି ସହଯୋଗୀ ହସ୍ପିଟାଲ ନେଟ୍‌ୱର୍କ ମାଧ୍ୟମରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ମାଗଣାରେ ଚିକିତ୍ସା ଯୋଗାଉଛି। ମାତ୍ର ୧୯ବର୍ଷ ମଧ୍ୟରେ ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଭାରତରେ ୫.୫ ଲକ୍ଷରୁ ଅଧିକ ଗ୍ରହଣଖଣ୍ଡିଆ ଅସ୍ତ୍ରୋପଚାର କରାଇ ଏ କ୍ଷେତ୍ରରେ ସହଯୋଗ କରିପାରିଛି।



ଶ୍ରୀଲିଙ୍ଗରାଜ ମନ୍ଦିରର କୀର୍ତ୍ତିରାଜି ସତ୍ତା ହରାଇବାକୁ ମସୁଧା

# ପୁଣି ସ୍ଥାପନ କରାଗଲାନି ବୃଷଭ

ପୁରୁଣା ଭୁବନେଶ୍ୱର, ୧୭।୮ (ଡି.ଏନ.ଏ.)

ଏକାମ୍ର କ୍ଷେତ୍ରର ଅନେକ ପ୍ରାଚୀନ ମନ୍ଦିରର କୀର୍ତ୍ତିରାଜି ବିଭିନ୍ନ କାରଣରୁ ସତ୍ତା ହରାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଏକ ବ୍ୟତିକ୍ରମରୁ ମନ୍ଦିରର ସୂକ୍ଷ୍ମ କୀର୍ତ୍ତିରାଜିଗୁଡ଼ିକୁ ଅବ୍ୟବସ୍ଥିତ କରିବାକୁ ମଧ ପ୍ରଚ୍ଛଦ ପଟରେ ମସୁଧା ଚାଲିଥିବା ଗର୍ଭଗୃହର ଏକ ବୃଷଭ ପ୍ରତିମୂର୍ତ୍ତି ପୁନଃ ସ୍ଥାପନରୁ ଜଣାଯାଏ। ସପ୍ତାହକ ତଳେ ଆଡ କାଠ ନିକଟରେ ଥିବା ପ୍ରାଚୀନ ବୃଷଭ ପ୍ରତିମୂର୍ତ୍ତିକୁ କେହି ବାହାରେ ଫିଙ୍ଗି ଦେଇଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଚାରବିମର୍ଶ ପରେ ଅଗଷ୍ଟ ୧୪ରେ ବୃଷଭ ପ୍ରତିମୂର୍ତ୍ତିକୁ ସ୍ଥାପନ ପାଇଁ ଦିନ ସ୍ଥିର ହୋଇଥିଲା। ନିର୍ଦ୍ଧାରିତ ସମୟ ଅନୁଯାୟୀ ଏଏସ୍‌ଆଇ ଆଡମିନିଷ୍ଟ୍ରିଭ ଅଫିସର ବିଜୟ କୁମାର ଦାସ, ଏଏସଆଇର ସଂରକ୍ଷଣ ଅଧୀକ୍ଷକ ତୈଲୋକ୍ୟନାଥ ବେହେରା ପୂରା ଟିମ୍ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ବୃଷଭଟି ଜଣେ ସେବାୟତଙ୍କ ହାତରୁ ଖସି ପଡି ଗୋଡ ଫାଟି ରକ୍ତସ୍ରାବ ହୋଇଥିଲା ବୋଲି ଜଣେ ସେବାୟତ କହିଥିଲେ। ଏଥିପାଇଁ ଶୁଦ୍ଧି ହେବା ଜରୁରୀ ବୋଲି କହିଥିଲେ। ସେବାୟତଙ୍କ କହିବା ଅନୁଯାୟୀ, ଶୁଦ୍ଧି ପାଇଁ ପ୍ରକ୍ରିୟା ଚାଲିଥିଲେ ହେଁ ଏଏସ୍‌ଆଇ ଅଧିକାରୀ ଓ ମନ୍ଦିର ପ୍ରଶାସନିକ ଅଧିକାରୀ ନ ଥିଲେ। ବାଧ ହୋଇ ଏଏସ୍‌ଆଇ ଟିମ୍ ଫେରି ଯାଇଥିଲେ। ଆସନ୍ତା ୧୯ ତାରିଖ ପରେ ସମସ୍ତ ନିଯୋଗଙ୍କୁ ନେଇ ମିଟିଂ ପରେ ବୃଷଭ ପୁନଃ ସ୍ଥାପନ ହେବ ବୋଲି ଏଏସ୍‌ଆଇର ସଂରକ୍ଷଣ ଅଧୀକ୍ଷକ ବେହେରା କହିଛନ୍ତି।

# 'ଗାନ୍ଧୀ ଆଗକୁ ବଢ଼ିବାର ସାହସ ଦେଉଥିଲେ'

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)



ସୂଚନା ଭବନରେ ଅନୁଷ୍ଠିତ ଗାନ୍ଧୀ କଥା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

ଶତ୍ରୁକୁ ପରାସ୍ତ ନୁହେଁ, ନିଜ ସାଥିରେ ମିଶାଇବାକୁ ଚେଷ୍ଟା କର। କିଛି କରିବା ପୂର୍ବରୁ ନିଜର ସୀମା ନିର୍ଦ୍ଧାରଣ କରି କାର୍ଯ୍ୟ କର। ଆନ୍ଦୋଳନ କର, ଆଇନ ଅମାନ୍ୟ ଆନ୍ଦୋଳନ କର, ହେଲେ ପ୍ରଥମେ ତୁମେ ପ୍ରତିକ୍ରିୟାଶୀଳ ହୋଇ କାହା ଉପରକୁ ହାତ ଉଠାଅ ନାହିଁ। ତୁମ ସମ୍ମୁଖରେ ଯିଏ ଛିଡ଼ାହୋଇଛି ତାକୁ ହାତ ଉଠାଇବାକୁ ଦିଅ। ସେଥିରେ ତୁମର ସହନଶୀଳତା ଓ ଧୈର୍ଯ୍ୟର ପରିସୀମା ଜାଣିବାକୁ ମିଳିବ ବୋଲି ଜାତିର ପିତା ମହାତ୍ମା ଗାନ୍ଧୀ କହୁଥିଲେ। ଗାନ୍ଧିଜୀଙ୍କର ଏହିପରି କଥା ଲୋକଙ୍କୁ ଆଗକୁ ବଢ଼ିବାର ସାହସ ଯୋଗାଉଥିଲା ବୋଲି ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପୁରୋଧା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ କହିଥିବା ବିଶିଷ୍ଟ ଗାନ୍ଧିବାଦୀ ଲେଖକ ତଥା ରାଷ୍ଟ୍ରୀୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ କୁମାର ପ୍ରଶାନ୍ତ କହିଛନ୍ତି।

ସୂଚନା ଭବନରେ ଚାଲିଥିବା 'ଗାନ୍ଧୀ କଥା' କାର୍ଯ୍ୟକ୍ରମର ଶନିବାର ଦ୍ୱିତୀୟ ଦିବସରେ 'ଜବାହରଲାଲ ଓ ଗାନ୍ଧିଜୀ' ବିଷୟରେ ନିଜ ବକ୍ତବ୍ୟ ରଖି ପ୍ରଶାନ୍ତ ନେହେରୁଙ୍କ ଡାଏରୀରେ ଲିଖିତ ସେସମୟର କିଛି ପଂକ୍ତିକୁ ପଢ଼ି ଶୁଣାଇଥିଲେ। ଲବଣ ସତ୍ୟାଗ୍ରହ, ଭାରତ ଛାଡ଼, ଆଇନ ଅମାନ୍ୟ, ସ୍ୱଦେଶୀ ଭଳି ଅନେକ ଆନ୍ଦୋଳନରେ ଗାନ୍ଧିଜୀ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସେ ଯେତିକି ଅହିଂସାର ପୂଜାରୀ ଓ ସତ୍ୟବାଦୀ ଥିଲେ ସେତିକି ଲଢୁଆଳ ବି ଥିଲେ। ଦେଶର ଆଜାଦୀ ଫୌଜର ସେ କମାଣ୍ଡର ଥିଲେ। କିନ୍ତୁ ନିଜର ପ୍ରତ୍ୟେକ କାର୍ଯ୍ୟକୁ ସେ ଏକ ନିର୍ଦ୍ଦିଷ୍ଟ ମର୍ଯ୍ୟାଦାରେ ରହି ସମ୍ପାଦନ କରୁଥିଲେ। ନିଜର ଦୂରଦୃଷ୍ଟି ଓ ଚିନ୍ତାଧାରା ବଳରେ ସେ ଆଗକୁ ବଢିବା ସହିତ ଲୋକଙ୍କ ଆସ୍ଥାଭାଜନ ହୋଇପାରୁଥିଲେ। ଗାନ୍ଧିଜୀଙ୍କ ଲିଖିତ ଚିଠି ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରୁଥିଲା ବୋଲି ନେହେରୁ ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ କୁମାର ପ୍ରଶାନ୍ତ ଉଦ୍‌ବୋଧନ ଦେଉଛନ୍ତି।

ଜାଲିଆନାୱାଲାବାଗରେ ଇଂରେଜଙ୍କ ଦ୍ୱାରା ନରସଂହାର ପରେ ନେହେରୁଙ୍କ ଗାନ୍ଧିଜୀଙ୍କୁ ଭେଟିବାର ଉତ୍ସୁକତା, ନେହେରୁଙ୍କ କଂଗ୍ରେସରେ ମିଶିବା, ଆନ୍ଦୋଳନ କରି ଆଲ୍ଲାହାବାଦ ଜେଲ ଯିବା, ସାଇମନଙ୍କୁ କଳାପତାକା ପ୍ରଦର୍ଶନ କରିବା, ୟୁରୋପରେ ମନୁଷ୍ୟତା ଓ ରାଷ୍ଟ୍ରୀୟତା ଶିକ୍ଷାଗ୍ରହଣ କରିବା, ଲାଠିମାଡ଼ ଖାଇ ବେହୋସ ହେବା, ଗାନ୍ଧୀଙ୍କ ସହ ମିଶି ବିଭିନ୍ନ ଆନ୍ଦୋଳନ କରିବା, ସମ୍ପୂର୍ଣ୍ଣ ସ୍ୱାଧୀନତା ହାସଲ କରିବା ଭଳି ନେହେରୁ ଲେଖିଥିବା ବିଭିନ୍ନ ପଂକ୍ତିକୁ ପ୍ରଶାନ୍ତ ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ଭବାନୀଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ନିରଞ୍ଜନ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସାମାଜିକ କର୍ମୀ ଶାଶ୍ୱତୀ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଗାନ୍ଧୀ ୧୫୦ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ପାଳନ କମିଟି ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରବିବାର 'ଗାନ୍ଧୀ ଓ ଭାରତ ବିଭାଜନ' ପ୍ରସଙ୍ଗରେ ପ୍ରଶାନ୍ତ ବକ୍ତବ୍ୟ ରଖିବେ।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡେ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ନନ୍ଦନକାନନରେ ଅଣ୍ଡିରା ଧୂସର ଗଧିଆ ମୃତ



**ବାରଙ୍ଗ,୧୭।୮(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଧବାର ଏକ ନୀଳଗିରି ବାନର ଛୁଆ ମୃତ୍ୟୁ କରିଥିବାର ଦୁଇଦିନ ନ ପୂରୁଣୁ ଶନିବାର ଭୋରୁ ଏକ ଅଣ୍ଡିରା ଧୂସର ଗଧିଆ ଡାକ୍ତରଖାନାରେ ମୃତ୍ୟୁ କରିବା ଘଟଣା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଡାକ୍ତରଖାନାର କର୍ମଚାରୀମାନେ ସକାଳେ ଆସିବାବେଳେ ଗଧିଆଟି ମରିପଡ଼ିଥିବାର ଦେଖିଥିଲେ। ମୃତ୍ୟୁ କରିଥିବା ଅଣ୍ଡିରା ଗଧିଆ ସହ ଏକ ମାଈ ଗଧିଆକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ମହୀଶୂରରୁ ନନ୍ଦନକାନନକୁ ଆସିଥିଲା। ଏହାମଧ୍ୟରୁ ୨୦୧୯ ମାର୍ଚ୍ଚ ୭ରେ ମାଈ ଗଧିଆଟି ମୃତ୍ୟୁ କରିଥିଲା। ଏହାପରେ ସାଥୀକୁ ହରାଇ ଅଣ୍ଡିରାଟି ଡାକ୍ତରଖାନାର କ୍ୱାରେଣ୍ଟାଇନରେ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଥିଲା। ଏହାର ସାଥିକୁ ଆଣିବା ପାଇଁ ନନ୍ଦନକାନନର ସ୍ୱତନ୍ତ୍ର ପ୍ରକଳ୍ପ ରେଞ୍ଜ ଅଫିସର କୁମର ବେହେରାଙ୍କ ନେତୃତ୍ୱରେ ଏକ ଦଳ ୨ତାରିଖରେ ମଧ୍ୟପ୍ରଦେଶର ଇନଡୋର ଚିଡିଆଖାନାକୁ ଯାଇଥିଲେ। ସେଠାରୁ ଏକ ମାଈ ଗଧିଆକୁ ସାଙ୍ଗରେ ଧରି ଗତ ଅଗଷ୍ଟ ୭ରେ ନନ୍ଦନକାନନରେ ପହଞ୍ଚିଥିଲେ। କିନ୍ତୁ ସାଥି ଗଧିଆ ଆସିବାପୂର୍ବରୁ ଡାକ୍ତରଖାନାରେ ଥିବା ଅଣ୍ଡିରା ଗଧିଆଟିର ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ଧୀରେ ଧୀରେ ଆହୁରି ଦୁର୍ବଳ ହେବାରୁ ନନ୍ଦନକାନନର ଡାକ୍ତରମାନେ ଚିକିତ୍ସା ସତ୍ତ୍ୱେ ଅଣ୍ଡିରା ଗଧିଆକୁ ବଞ୍ଚାଇବାରେ ସକ୍ଷମ ହୋଇପାରି ନ ଥିଲେ। ଏବେ ପୁଣି ମାଈ ଗଧିଆଟି ଏକୁଟିଆ ହୋଇଯାଇଛି। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ।

### ୧ କୁଇଣ୍ଟାଲ ଗଞ୍ଜେଇ, କାର ଜବତ: ୩ ଗିରଫ

**କଟକ ଅଫିସ,୧୭।୮:** ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଶନିବାର ୩ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଞ୍ଜିତ ମାଇତି, ଏମଡି ଇସ୍ତିଆକ ଆଲାମ ଓ ରାଜୁ ଦାସ। ସେମାନଙ୍କ ନିକଟରୁ ୧ କୁଇଣ୍ଟାଲ ଗଞ୍ଜେଇ ସହ ଏକ କାର ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୫ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ପରେ ଅବକାରୀ ବିଭାଗ କମିଶନର ଅଞ୍ଜନ କୁମାର ମାଣିକଙ୍କ ନିର୍ଦ୍ଦେଶକ୍ରମେ ଫ୍ଲାଇଂ ସ୍କ୍ୱାଡର ଏକ ଟିମ୍ ମଧୁପାଟଣା ନିକଟରେ ଜଗି ରହି ଉକ୍ତ କାରକୁ ଜବତ କରିଥିଲା ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ପ୍ରସଙ୍ଗ

# ବିରୋଧ ଯେତିକି, ସ୍ୱାଗତ ସେତିକି

### ବିରୋଧୀଙ୍କ କୋର୍ଟ ଯିବାକୁ ଧମକ, ଜନଶୁଣାଣି ଦାବି

**ପୁରୀ ଅଫିସ,୧୭।୮**

ରାଜ୍ୟ ସରକାରଙ୍କ ଫୋକସରେ ପୁରୀ। ନିକଟରେ ପୁରୀ ସହରର ବିକାଶ ପାଇଁ ୨୬୫ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବା ପରେ ପରେ ଏବେ ସହରର ଚିତ୍ର ବଦଳାଇବାକୁ କରିଛନ୍ତି ଯୋଜନା। ଏଥିପାଇଁ ଶୁକ୍ରବାର ରାଜ୍ୟ କ୍ୟାବିନେଟରେ ନିଆଯାଇଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ଜଷ୍ଟିସ ବି.ପି. ଦାସ କମିଶନଙ୍କ ସୁପାରିସ ଅନୁଯାୟୀ, ଶ୍ରୀମନ୍ଦିରର ସୁରକ୍ଷା ଲାଗି ମେଘନାଦ ପାଚେରି ଚତୁଃପାର୍ଶ୍ୱର ୭୫ ମିଟର ପରିଧି ମଧ୍ୟରେ ଥିବା ସବୁ ନିର୍ମାଣ ଉଚ୍ଛେଦ କରାଯିବାକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଉଚ୍ଛେଦ ପାଇଁ ଆବଶ୍ୟକ ସର୍ଭେ ଏବଂ ଜମି ଅଧିଗ୍ରହଣ ଲାଗି ପୁରୀ ଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ହେଲେ କ୍ଷତିଗ୍ରସ୍ତ ଲୋକେ ଏବଂ ସଂସ୍ଥାକୁ ଥଇଥାନ କରାଯିବା ସହିତ କ୍ଷତିପୂରଣ ଦିଆଯିବ। ହେଲେ ଏହି ଉଚ୍ଛେଦ ନିଷ୍ପତ୍ତିକୁ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକେ, ଶ୍ରୀମନ୍ଦିରର ସେବାୟତ ଓ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିରୋଧ କରାଯାଉଥିବା ବେଳେ ଶ୍ରୀମନ୍ଦିରର ସୁରକ୍ଷା ଭଳି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅନେକେ ସ୍ୱାଗତ କରୁଛନ୍ତି।

ବିରୋଧ କରୁଥିବା ଲୋକମାନଙ୍କ କହିବା କଥା ହେଉଛି ମଠ, ମନ୍ଦିରକୁ ନେଇ ହିଁ ପୁରୀ ସହର ସମୃଦ୍ଧ। ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ମଠ, ବହୁସଂଖ୍ୟକ ମନ୍ଦିର, ଶହ ଶହ ଦୋକାନ, ବାସଗୃହ ଓ ସେବାୟତଙ୍କ ଘର ଭାଙ୍ଗିବ। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର କ’ଣ ପାଇଁ ହଠାତ୍ ଏଭଳି ଜମି ଅଧିଗ୍ରହଣ ପାଇଁ ମନ ବଳାଇଛନ୍ତି ଏହା ପ୍ରଥମେ ସ୍ପଷ୍ଟ କରିବା ଦରକାର। ଯଦି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଏହା କରାଯାଉଛି ତେବେ ପ୍ରଥମେ ଶ୍ରୀମନ୍ଦିରକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଉ। ମଠ, ମନ୍ଦିରକୁ ନେଇ ପୁରୀ ସହରର ଐତିହ୍ୟ ସମୃଦ୍ଧ। ହେଲେ ସରକାର ଐତିହ୍ୟକୁ ଭାଙ୍ଗିରୁଜି ଦେବାକୁ ମନସ୍ଥ କରିଛନ୍ତି। ଅନ୍ୟପକ୍ଷରେ ଏହି ନିଷ୍ପତ୍ତି ନେବା ପୂର୍ବରୁ ଜନଶୁଣାଣି କରାଯାଇ ନାହିଁ ବୋଲି ପ୍ରିୟଦର୍ଶନ କହିଛନ୍ତି। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ସରକାର ଏକପାଖିଆ ଭାବେ ତାଙ୍କ ନିଷ୍ପତ୍ତି ପୁରୀବାସୀଙ୍କ ଉପରେ ଲଦି ଦେଉଛନ୍ତି। ଶ୍ରୀମନ୍ଦିରର ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ ନ କରି ୭୫ ମିଟର ମଧ୍ୟରେ ଯାହା ଆସିବ ତାହା ଭଙ୍ଗାଯିବା ଗ୍ରହଣୀୟ ନୁହେଁ। ପୁରୁଷ ପୁରୁଷ ଧରି ଘର କରି ରହିଥିବା ଲୋକଙ୍କୁ ସେମାନଙ୍କ ଭିଟାମାଟିରୁ ଉଚ୍ଛେଦକୁ କେବେ ବରଦାସ୍ତ କରାଯିବ ନାହିଁ। ବ୍ୟକ୍ତିଗତ ଭାବେ ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟ ଯିବେ ବୋଲି ବିନାୟକ କହିଛନ୍ତି।



### ଉଚ୍ଛେଦ ହେବା ଅଞ୍ଚଳରେ ରହିଛି କ’ଣ

- ଶ୍ରୀମନ୍ଦିର ପୂର୍ବ ପାର୍ଶ୍ୱରେ ସିଂହଦ୍ୱାର ଥାନା, ସୂଚନା କେନ୍ଦ୍ର, ଫାଣ୍ଡି, ଦୋଳବେଦି କୋଣ ବଜାର, ଦୋଳବେଦି ଡାକ୍ତରଖାନା, ପ୍ରତିହାରୀ ସ୍ୱାଧ୍ୟାୟ କେନ୍ଦ୍ର, ରାମଦୟା ପରିଷଦ, ଏମାର ମଠ, କାକୁଡ଼ିଖାଇ ଠାକୁରାଣୀଙ୍କ ମନ୍ଦିର, ଲଙ୍ଗୁଳି ମଠ, ବଡ଼ ଆଖଡା ମଠ, ସାନଛତା ମଠ।
- ପଶ୍ଚିମ ପାର୍ଶ୍ୱରେ ବାସେଳୀ ଠାକୁରାଣୀଙ୍କ ମନ୍ଦିର, ନେପାଳ ଭବନ, ପ୍ରତିହାରୀ ଭବନ, ମଣିପୁର ଆଶ୍ରମ, ବିଷ୍ଣୁ ଭବନ, କାଶୀନାଥ ଭବନ, ଲକ୍ଷ୍ମୀ ଭବନ, ରାମ ଭବନ, ସୀତା ଭବନ, ଭଗବତୀ କୋଟ, ରଘୁନାଥ ଅତିଥି ବିହାର।
- ଉତ୍ତର ପାର୍ଶ୍ୱରେ ଗୋପୀନାଥ ଭବନ, ପାଣି ଟାଙ୍କି, ରେବେସା ମଠ, ଗୋପାଳ ଭବନ, ତ୍ରିମାଳୀ ମଠ, ତୋରାଣୀ ଛତ୍ର ମଠ, ଉତ୍ତର ପାର୍ଶ୍ୱ ମଠ।
- ଦକ୍ଷିଣ ପାର୍ଶ୍ୱରେ ରାଘବ ଦାସ ମଠ, କୌଶଲ୍ୟା ଦାସ ମଠ, ପଞ୍ଜାବୀ ମଠ, ଦକ୍ଷିଣପାର୍ଶ୍ୱ ମଠ, ଭରତ ମହଲା, କପାଳମୋଚନ ମନ୍ଦିର, ଶୌଚାଳୟ, ପମ୍ପ ହାଉସ୍।

## କ’ଣ କୁହନ୍ତି ଏମାନେ

### ସୁରକ୍ଷା, ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଆବଶ୍ୟକ



ଏହି ଯୋଜନା ୨୦୧୫ ନବକଳେବରର ପୂର୍ବରୁ ପ୍ରସ୍ତୁତ ହୋଇଥିଲା। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଏହା ଯେତିକି ଆବଶ୍ୟକ, ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମଧ ସେତିକି ଆବଶ୍ୟକ। ଏହାଦ୍ୱାରା ଶ୍ରୀମନ୍ଦିର ପରିକ୍ରମା ବିଧାନ ଶୃଙ୍ଖଳିତ ଭାବେ ହୋଇପାରିବ। ଏଭଳି ବ୍ୟବସ୍ଥା କେରଳର ଥିରୁଭାନନ୍ତପୁରମ୍, ତାମିଲନାଡୁର ମଦୁରାଇଠାରେ ହୋଇଛି। ଏହାର ଆବଶ୍ୟକତାକୁ ଶ୍ରୀମନ୍ଦିର ପକ୍ଷରୁ ଆୟୋଜିତ ଅନୁଭବ ଯାତ୍ରାରେ ଯାଇଥିବା ସଦସ୍ୟମାନେ ପ୍ରତ୍ୟକ୍ଷ କରିଛନ୍ତି। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବା ଜରୁରୀ, ମାତ୍ର ୭୫ ମିଟର ନ ହୋଇ ଆଉ କମ୍ ହେଲେ ବି ଚଳିବ।

**- ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ**

### ଶ୍ରୀମନ୍ଦିରର ସୁରକ୍ଷା ନିତାନ୍ତ ଆବଶ୍ୟକ



ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ଚତୁଃପାର୍ଶ୍ୱରୁ ୭୫ମିଟର ଭାଙ୍ଗିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଶ୍ରୀମନ୍ଦିରର ସୁରକ୍ଷା ନିତାନ୍ତ ଆବଶ୍ୟକ। ଅନେକ ସମୟରେ ସୁରକ୍ଷା ସଂକ୍ରାନ୍ତରେ ଆପତ୍ତି ଉଠିଛି। କିନ୍ତୁ ଶ୍ରୀମନ୍ଦିର ଚାରିପଟେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରୁଥିବା ଲୋକଙ୍କ ପାଇଁ ପ୍ରଥମେ ଥଇଥାନ ବ୍ୟବସ୍ଥା କରାଯାଉ।

**- ଆଦିତ୍ୟ ହୃଦୟ ମିଶ୍ର, ବରିଷ୍ଠ ଆଇନଜୀବୀ**

### ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ



ଦୈନିକ ଶ୍ରୀମନ୍ଦିର ପରିସରରେ ଭକ୍ତ ଲୁଟ୍‌ର ଶିକାର ହେଉଛନ୍ତି। ଶ୍ରୀମନ୍ଦିରର ପରିଚାଳନାରେ ବାରମ୍ବାର ବିଭ୍ରାଟ ସୃଷ୍ଟି ହେଉଛି। ରାଜ୍ୟ ସରକାରଙ୍କ ଏଥିପ୍ରତି ଗୁରୁତ୍ୱ ନାହିଁ। ଶ୍ରୀମନ୍ଦିର ସୁରକ୍ଷା ଆଳରେ ସାଧାରଣ ଜନତାଙ୍କ ପ୍ରତି ଜୁଲୁମ୍ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ଚାରିପଟେ ପରିକ୍ରମା ଲାଗି ଉଚ୍ଛେଦ କରାଯାଇଥିଲା। ଏବେ ପୁଣି ଉଚ୍ଛେଦ ଲାଗି ନିଷ୍ପତି ନିଆଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ। ମୁଁ ଏହାକୁ ନିନ୍ଦା କରୁଛି।

**- ବୀରେନ୍ଦ୍ର ଭୂଷଣ ହୋତା, ଜିଲା କଂଗ୍ରେସ ଉପସଭାପତି**

### ସରକାର ମାଷ୍ଟର ପ୍ଲାନ କରନ୍ତୁ



ଦିନକୁ ଦିନ ଶ୍ରୀକ୍ଷେତ୍ରରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅଥଚ ସେମାନଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ଶ୍ରୀମନ୍ଦିର ଚାରିପଟେ ଉଚ୍ଛେଦ ଲାଗି ନିଷ୍ପତ୍ତି ନେଇଛନ୍ତି। ମନ୍ଦିର ଚାରିପଟେ ବହୁ ବେପାରୀ ଉଠାଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ସରକାର ସେମାନଙ୍କ ଥଇଥାନ ବ୍ୟବସ୍ଥା ମଧ ଚିନ୍ତା କରିବା ଦରକାର। କେବଳ ଉଚ୍ଛେଦ କରିଦେଲେ, ଶ୍ରୀମନ୍ଦିର ସୁରକ୍ଷା ହୋଇଯିବନି। ଏଥିଲାଗି ସରକାର ମାଷ୍ଟର ପ୍ଲାନ କରନ୍ତୁ।

**- ସୁରେନ୍ଦ୍ର ନାଥ ଦାଶ, ପୂର୍ବତନ ନଗରପାଳ**

### ଭିଆଇପି ସଂସ୍କୃତି ପ୍ରତି ଗୁରୁତ୍ୱ ଦିଆଯାଉଛି



ଜିଲା ପ୍ରଶାସନ ବିନା କୌଣସି ନୋଟିସ୍‌ରେ ପ୍ରଥମେ ସିଂହଦ୍ୱାର ନିକଟରେ ବେପାର କରୁଥିବା ଉଠାଦୋକାନୀଙ୍କୁ ସେଠାରୁ ଉଚ୍ଛେଦ କରିଦେଲେ। ପ୍ରଶାସନ ସାଧାରଣଙ୍କ ଲୋକଙ୍କ ପେଟରେ ଲାତ ମାରି ଭିଆଇପି ସଂସ୍କୃତି ପ୍ରତି ଗୁରୁତ୍ୱ ଦେଉଛି। ଶତାଧିକ ପରିବାର ଏବେ ରାଜରାସ୍ତାକୁ ଚାଲି ଆସିଛନ୍ତି। ଏବେ ପୁଣି ରାଜ୍ୟ ସରକାର ମନ୍ଦିର ଚାରିପଟୁ ୭୫ ଭାଙ୍ଗିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହା କେତେଦୂର ଯୁକ୍ତିଯୁକ୍ତ ବିଚାର କରାଯାଉ। ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଗବେଷକ, ସାମାଜିକକର୍ମୀ, ଆଇନଜୀବୀଙ୍କ ସହ ଆଲୋଚନା କରାଯାଇ ପାରିଥାନ୍ତା। ସରକାର ଏକ ପାଖିଆ ଭାବେ ନିଷ୍ପତି ନେଇଛନ୍ତି।

**- ଶରତ କୁମାର ରାୟଗୁରୁ, ସିପିଆଇ ନେତା**

### ଲୋକେ କ୍ଷତିଗ୍ରସ୍ତ ହେବେ



ରାଜ୍ୟ ସରକାର ଏକଛତ୍ରବାଦୀ ହୋଇଯାଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଆଳରେ ଲୋକଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଛି। ପ୍ରଶାସନ ଉଠାଦୋକାନୀଙ୍କୁ ହଟାଇବା ପରେ ସେମାନଙ୍କୁ ଥଇଥାନ କରିନାହିଁ। ସରକାର ୭୫ ମିଟର ପର୍ଯ୍ୟନ୍ତ ଜାଗା ଖାଲି କରିବା ଲାଗି ଯେଉଁ ନିଷ୍ପତ୍ତି ନେଇଛନ୍ତି, ଏହା ଦ୍ୱାରା ଲୋକେ କ୍ଷତିଗ୍ରସ୍ତ ହେବେ। ସରକାର ଏହି ନିଷ୍ପତିର ପୁନଃ ବିଚାର କରନ୍ତୁ।

**- ଶରତ ରଥ, ପୂର୍ବତନ ଜିଲା କଂଗ୍ରେସ ସଭାପତି**

### ଭକ୍ତିମୟ ପରିବେଶ ସୃଷ୍ଟି ହେବ



ଶ୍ରୀମନ୍ଦିର ସଂକ୍ରାନ୍ତରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ମନ୍ଦିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ଶ୍ରୀମନ୍ଦିର ବାହାର ବେଢାରେ ଭକ୍ତମାନେ ପରିକ୍ରମା କରିବାର ଉତ୍ତମ ସୁଯୋଗ ପାଇବେ। ଶ୍ରୀମନ୍ଦିରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବ। କିନ୍ତୁ ଉଚ୍ଛେଦ ହେବାକୁ ଥିବା ପରିଧିକୁ କମ୍ କରାଗଲେ ଉଚିତ୍ ହେବ। ମଠ ଓ ମନ୍ଦିରକୁ ଗୁରୁତ୍ୱ ଦିଆଯିବ ଉଚିତ।

**- ଲାଲା ଅନନ୍ତ କୁମାର ସିଂ, ଅଖିଳ ଭାରତୀୟ ହିନ୍ଦୁ ମହାସଭା, ଓଡ଼ିଶା ସମ୍ପାଦକ**

### ଭକ୍ତମାନେ ସୁଖଦ ଅନୁଭୂତି ନେଇ ଫେରିବେ



ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ମାନ ବୃଦ୍ଧିହେବା ସହିତ ଭକ୍ତମାନେ ସ୍ୱଚ୍ଛନ୍ଦରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଭ୍ରମଣ କରିପାରିବେ ଏବଂ ସୁଖଦ ଅନୁଭୂତି ନେଇ ଫେରିବେ। ଏଥିପାଇଁ ସହରବାସୀଙ୍କୁ କିଛି ତ୍ୟାଗ କରିବାକୁ ପଡିବ। ଏହା ସରକାରଙ୍କ ଏକ ପୂର୍ବ ପରିକଳ୍ପନା।

**- ମହେନ୍ଦ୍ର ବିଶୋଇ, ବୁଦ୍ଧିଜୀବୀ, ପୁରୀ**

### ସ୍ୱାଗତଯୋଗ୍ୟ, କିନ୍ତୁ ଜନଶୁଣାଣି ଦରକାର

ଯଦି ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସରକାର ଏହି ନିଷ୍ପତ୍ତି ନେଇଥାନ୍ତି ତା’ହେଲେ ସ୍ୱାଗତଯୋଗ୍ୟ। କିନ୍ତୁ ଏଥିପାଇଁ ଜନଶୁଣାଣି କରାଯିବା ଦରକାର। କ୍ଷତିଗ୍ରସ୍ତ ଲୋକଙ୍କ ମତାମତ ନିଆଯିବା ଉଚିତ। ଯଦି ସେମାନେ ଏଥିରେ ସହମତି ପ୍ରକାଶ କରୁଛନ୍ତି ତେବେ ସରକାର ଆବଶ୍ୟକ ଥଇଥାନ ଏବଂ କ୍ଷତିପୂରଣ ଦେଇ ଏ ଦିଗରେ ଆଗେଇବା ଉଚିତ।

**- ପ୍ରସନ୍ନ ସାହୁ, ପୁରୀ ବାସିନ୍ଦା**

# ଓଡ଼ିଶୀ-ଭାରତନାଟ୍ୟମ୍‌ରେ ଦର୍ଶକ ବିଭୋର



ଦିବ୍ୟା ରବିଙ୍କ ଭାରତନାଟ୍ୟମ୍ ପରିବେଷଣ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ସୃଜନ ନୃତ୍ୟାନୁଷ୍ଠାନ ପକ୍ଷରୁ ନିୟମିତ ହୋଇ ଆସୁଥିବା ଯୁବ ନୃତ୍ୟଶିଳ୍ପୀ ଉତ୍ସବ ‘ନବପଲ୍ଲବ’ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ଭାରତନାଟ୍ୟମ୍ ନୃତ୍ୟ ପରିବେଷିତ ହୋଇଥିଲା। ବେଙ୍ଗାଲୁରର ଦିବ୍ୟା ରବିଙ୍କ ଭାରତନାଟ୍ୟମ୍ ଓ କଟକର ସସ୍ମିତା ପଣ୍ଡାଙ୍କ ଓଡ଼ିଶୀ ନୃତ୍ୟ ଦେଖିବାକୁ ମିଳିଥିଲା।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦିବ୍ୟା ରବି ଭାରତ ନାଟ୍ୟମ୍ ପରିବେଷଣ କରିଥିଲେ। ଶିଳ୍ପୀ ରବି ଗୀତଗୋବିନ୍ଦର ଅଷ୍ଟପଦୀ ଓ ଅଭିନୟକ ରଚିଥିଲେ। ସେହିପରି ସସ୍ମିତା ପଣ୍ଡା ଓଡ଼ିଶୀ ନୃତ୍ୟରେ ବିଭିନ୍ନ ବିଭବ ପରିବେଷଣ କରିଥିଲେ। ଅଭିନୟରେ ‘ଲାଜରେ ସରିଗଲି ଆଜ’ରେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ମୋକ୍ଷ ପରିବେଷଣ କରି ମଞ୍ଚରୁ ବିଦାୟ ନେଇଥିଲେ। ଦୁହିଁଙ୍କ ନୃତ୍ୟରେ ବିଭୋର ହୋଇ ଉଠିଥିଲେ ମଞ୍ଚ ସମ୍ମୁଖରେ ଉପସ୍ଥିତ ଦର୍ଶକ। ମଞ୍ଚରେ ଆଲୋକ ପରିଚାଳନା ଦେବୀପ୍ରସାଦ ମିଶ୍ର କରିଥିବା ବେଳେ ଶିବାଙ୍ଗୀ ମହାପାତ୍ର ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସଂସ୍କୃତି ପୃଷ୍ଠପୋଷକ ଡ. ଏସ୍. କେ. ଟାମୋଟିଆ, ଆଇସିସିଆର୍ ଆଞ୍ଚଳିକ ନିର୍ଦ୍ଦେଶିକା ମୀନାକ୍ଷୀ ମିଶ୍ର, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଯୁଗ୍ମ ସମ୍ପାଦିକା ମଧୁସ୍ମିତା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ।



ସସ୍ମିତା ପଣ୍ଡାଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ




ପଦ୍ମଶ୍ରୀ ଡ଼ ସଦାଶିବ ମିଶ୍ରଙ୍କ ସାରସ୍ୱତ ସୃଷ୍ଟି ସମ୍ଭାରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ପରମ୍ପରା ଓ ପ୍ରଯୁକ୍ତି ବିଦ୍ୟା ପରସ୍ପର ପରିପୂରକ

**କଟକ ଅଫିସ, ୧୭।୮**

ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଅପେକ୍ଷା ବିଦ୍ୟାର୍ଥୀମାନେ ପ୍ରକୃତିରୁ ଅଧିକ ଶିକ୍ଷା ଲାଭ କରିଥାନ୍ତି। ଅର୍ଥନୈତିକ ପରିଚାଳନା ଜୀବନକୁ ଗଢିବାର କୌଶଳ ଶିଖାଇଥାଏ। ବନବିଦ୍ୟାଳୟରୁ ହିଁ ପଦ୍ମଶ୍ରୀ ଡ. ସଦାଶିବ ମିଶ୍ରଙ୍କ ଜୀବନ ଗଢ଼ା ହୋଇଥିଲା। ଫଳରେ ପରବର୍ତ୍ତୀ ସମୟରେ ସେ ଜୀବନର ସବୁ କ୍ଷେତ୍ରରେ ସଫଳତା ଅର୍ଜନ କରିବାରେ ସକ୍ଷମ ହୋଇଥିଲେ। ପରାଧୀନ ଭାରତରେ ଇଂଲଣ୍ଡରୁ ଅର୍ଥନୀତିରେ ପିଏଚ୍‌ଡି ଡିଗ୍ରୀ ହାସଲ କରିବା ମିଶ୍ରଙ୍କ ଜ୍ଞାନର ପରିଚୟ ମିଳେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। କଟକ ଶତାବ୍ଦୀ ଭବନରେ ପଦ୍ମଶ୍ରୀ ଡ. ସଦାଶିବ ମିଶ୍ରଙ୍କ ସାରସ୍ୱତ ସୃଷ୍ଟିସମ୍ଭାର ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଥିଲେ, ପରମ୍ପରା ଓ ପ୍ରଯୁକ୍ତି ବିଦ୍ୟା ପରସ୍ପରର ପରିପୂରକ। ପ୍ରଯୁକ୍ତି ବିଦ୍ୟା ମାୟାରେ ପଡ଼ି ଆମେ ଯଦି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ତେବେ ଆମ ଅସ୍ତିତ୍ୱ, ଜୀବନର କିଛି ଅର୍ଥ ରହିବ ନାହିଁ। ଭାରତୀୟ ସଂସ୍କୃତି ସମଗ୍ର ବ୍ରହ୍ମାଣ୍ଡକୁ ନିଜର ପରିବାର ଭାବେ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ଼ ବିଜୟାନନ୍ଦ ସିଂହ ଉତ୍ସବରେ ପୌରୋହିତ୍ୟ କରିବା ସହ ଓଡ଼ିଆ ଜାତୀୟ ଜୀବନ ନିର୍ମାଣରେ ଡ଼ ସଦାଶିବ ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ ଡ. ସଦାଶିବ ମିଶ୍ରଙ୍କ ରଚନାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ମିଶ୍ରଙ୍କ ପୁତ୍ର ରେଭେନ୍‌ଶା କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ ପ୍ରଭାତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ମିଶ୍ରଙ୍କ ବୋହୂ ତଥା ବିଶିଷ୍ଟ ଗାଳ୍ପିକା ଅପର୍ଣ୍ଣା ମିଶ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅପର୍ଣ୍ଣା ମିଶ୍ରଙ୍କ ଲିଖିତ ଗଳ୍ପ ସଙ୍କଳନ ‘ତଥାପି ଅନେକ’କୁ ରାଜ୍ୟପାଳ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ରିତା ମିଶ୍ର, ସ୍ମିତା ମିଶ୍ର, ରିଷିତା ମିଶ୍ର ଓ ଅଧ୍ୟାପକ କମଳ ମାହୁନ୍ତ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମନୁଷ୍ୟ ବଞ୍ଚିବା ପାଇଁ ଖାଏ, ମାତ୍ର ଖାଇବା ପାଇଁ ନୁହେଁ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ

### ବନ୍ୟଜନ୍ତୁଙ୍କ ନିରାପଦ ଯାତାୟାତ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧୭।୮:** ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ। ପୁରୀ-କୋଣାର୍କ ରାସ୍ତାରେ ଅବସ୍ଥିତ ଏହି ଅଭୟାରଣ୍ୟ ୮୭ ବର୍ଗ କିମି ଅଞ୍ଚଳକୁ ନେଇ ପରିବ୍ୟାପ୍ତ। କାଜୁ, ଚାକୁଣ୍ଡା, ଆକାଶିଆ, ଝାଉଁ ଆଦି ବିଭିନ୍ନ ପ୍ରଜାତିର ଘଞ୍ଚ ଗଛ ପରିବେଷ୍ଟିତ ଏହି ଅଭୟାରଣ୍ୟର ପରିବେଶ ବେଶ୍ ମନମୁଗ୍ଧକର। ଶାନ୍ତ ଶୀତଳ ପରିବେଶରେ ଜୀବଜନ୍ତୁମାନେ ନିରାପଦରେ ରହିଆସୁଥିଲେ। ହେଲେ ଦ୍ରୁତ ସହରୀକରଣ ଯୋଗୁ ସେମାନଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଅଭୟାରଣ୍ୟ ମଧ ଦେଇ ଯାଇଥିବା ୩୧୬ ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ ଯୋଗୁ ଦୁର୍ଘଟଣାରେ ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟୁଛି। ତେଣୁ ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ଅଭୟାରଣ୍ୟର ସଂରକ୍ଷଣ ପାଇଁ ଶନିବାର ଅନୁଷ୍ଠିତ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ତଦାରଖ କମିଟି ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଭୟାରଣ୍ୟର ସୁରକ୍ଷା ସହ ବନ୍ୟଜନ୍ତୁଙ୍କ ଅବାଧ ବିଚରଣ ଉପରେ ବୈଠକରେ ମତପ୍ରକାଶ ପାଇଥିଲା।

ତେବେ ଜାତୀୟ ରାଜପଥରେ ଯାନବାହନ ଧକ୍କାରେ ବନ୍ୟଜନ୍ତୁଙ୍କ ମୃତ୍ୟୁ ହେଉଥିବାରୁ ଏଥିପ୍ରତି ଧାନ ଦେବା ଲାଗି ଜାତୀୟ ରାଜପଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ସାଇନେଜ ଲଗାଯାଇ ସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଆଇନ ଉଲ୍ଲଂଘନ କରୁଥିବା କିମ୍ବା ବାଣିଜ୍ୟିକ ଉଦ୍ଦେଶ୍ୟରେ ନୂଆ ନିର୍ମାଣ ନ କରିବାକୁ ବୈଠକରେ ମତପ୍ରକାଶ ପାଇଛି। ଏଥିପ୍ରତି ନଜର ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କୁ ଅଭୟାରଣ୍ୟ ସଂରକ୍ଷଣ କ୍ଷେତ୍ରରେ ସାମିଲ କରିବା ନିମନ୍ତେ ଆଲୋଚନା କରାଯାଇଛି। ଏଥିସହ ଅଭୟାରଣ୍ୟ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ବୈଷୟିକ ଦିଗ ପ୍ରତି ତର୍ଜମା କରିବା ପାଇଁ ଏକ ସବ୍‌କମିଟି ଗଠନ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପଥର ଚାଲାଣ ପଛରେ ପୋଲିସ, ପ୍ରଶାସନିକ ଅଧିକାରୀ

# ଥାନାଧିକାରୀ, ତହସିଲଦାରଙ୍କୁ ଏସ୍‌ଟିଏଫ୍‌ର ୭ଘଣ୍ଟା ଜେରା

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

- ଆସନ୍ତା ୨୧ରେ ପୁଣି ହାଜର ହେବେ
- ଶ୍ରୀଜଗନ୍ନାଥଙ୍କ ଜମିରେ ଚାଲୁଥିଲା ବେଆଇନ ପଥର ଖଣି
- ଠାକୁରଙ୍କ ସମ୍ପତ୍ତିର ତଥ୍ୟ ରଖିଲେ ଶ୍ରୀମନ୍ଦିର କିରାଣି

ଖୋର୍ଦ୍ଧାରେ ବେଆଇନ ପଥର ଖଣି କାରବାରକୁ ନେଇ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଯେତିକି ଖୋଳତାଡ଼ କରୁଛି, ଦିନକୁ ଦିନ ସେତିକି ଗୁମର ପଦାକୁ ଆସୁଛି। ଖଣି ଉପତ୍ୟକାରେ ରାଜ୍ କରୁଥିବା ଛୋଟା ଓରଫ ସୁଧାଂଶୁ ପରିଡ଼ା ଧରାପଡ଼ିବା ପରଠାରୁ ଉକ୍ତ ର‌୍ୟାକେଟରେ ସମ୍ପୃକ୍ତ ବହୁ ଅଭିଯୁକ୍ତଙ୍କୁ ଗିରଫଦାରି ଜାରି ରହିଛି। ତେବେ ସେମାନଙ୍କୁ ପଚରଉଚରାବେଳେ ଏଥିରେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ଏହି ଆଧାରରେ ଏସ୍‌ଟିଏଫ୍ ଖୋର୍ଦ୍ଧା ସଦର ଥାନା ଅଧିକାରୀ ବିକ୍ରମ କେଶରୀ ଜେନା ଓ ତହସିଲ୍‌ଦାର ଶୁଭେନ୍ଦ୍ର ସାମଲଙ୍କୁ ନୋଟିସ କରିଥିଲା। ଶନିବାର ପୂର୍ବାହ୍ନ ୧୦ଟାରେ ଉଭୟ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ହାଜର ହେବା ପରେ ଦୁଇଟି ଟିମ୍ ସେମାନଙ୍କୁ ୭ ଘଣ୍ଟା ଧରି ମାରାଥନ ଜେରା କରିଥିଲେ। ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ ଉଭୟଙ୍କୁ ପଚରାଉଚରାବେଳେ ବହୁ ତଥ୍ୟ ହାସଲ କରିଛନ୍ତି। ଏହି ବେଆଇନ କାରବାରରେ ପୋଲିସ, ତହସିଲ୍ ଓ ଜିଲା ସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଲିଙ୍କ୍ ଥିବା ସୂଚନା ମିଳିଛି। ଏପରିକି ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କ ନାମ ସେମାନେ କହିଥିବା ଜଣାପଡିଛି। ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଜେରା ଚାଲିଥିଲା। ଥାନାଧିକାରୀ ଜେନା ଓ ତହସିଲ୍‌ଦାର ସାମଲ ନିଜ ନିଜ ପଦବୀରେ ରହି ଖଣି ମାଫିଆଙ୍କୁ ଅନୁକମ୍ପା ଦେଇଛନ୍ତି କି? ଏହାସହ ଖଣି ମାଫିଆଙ୍କ ଦ୍ୱାରା ସେମାନେ କିପରି ଲାଭବାନ ହୋଇଛନ୍ତି? ୩ବର୍ଷରୁ ଊର୍ଦ୍ଧ୍ୱ ହେବ ବେଆଇନ ପଥର ଖଣି ଖନନ ଓ ଚାଲାଣ ହେଉଥିଲେ ମଧ ଦୁଇବର୍ଷ ଧରି ଥାନା ଅଧିକାରୀ ଥିବା ଜେନା କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି? ଏପରିକି ଜିଲା ପ୍ରଶାସନକୁ ଏନେଇ ଅବଗତ କରାଇଥିଲେ କି? ଏପରି ଅନେକ ପ୍ରଶ୍ନ ପଚରାଯିବା ସହ ପଦକ୍ଷେପ ନେଇ ଉଭୟଙ୍କଠାରୁ ଚିଠି କିମ୍ବା କାଗଜପତ୍ର ମାଗିଥିଲେ ଏସ୍‌ଟିଏଫ୍ ଅଧିକାରୀ। ତେବେ ଥାନା ଅଧିକାରୀ କିଛି ବି ଦେଖାଇପାରି ନ ଥିଲେ। ସେହିଭଳି ତହସିଲଦାର ଶୁଭେନ୍ଦ୍ରଙ୍କୁ ମଧ ଏସ୍‌ଟିଏଫ୍ ଗୁଡ଼ାଇତୁଟାଇ ବହୁ ପ୍ରଶ୍ନ ପଚାରିଥିଲେ। ଚୋରା ପଥର ଖଣି କାରବାରକୁ ରୋକିବା ପାଇଁ ଜିଲା ପ୍ରଶାସନ କେତେକଥର ଓ କେଉଁ ପ୍ରକାର ପଦକ୍ଷେପ ନେଇଛନ୍ତି? ହେଲେ ତହସିଲ୍‌ଦାର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ତେଣୁ ଉଭୟଙ୍କୁ ଆସନ୍ତା ୨୧ ତାରିଖରେ ପୁଣି ପଚରାଉଚରା ପାଇଁ ଏସ୍‌ଟିଏଫ୍ ନୋଟିସ କରିଥିବା ଜଣାପଡିଛି। ତେବେ ଉଭୟ କହିଛନ୍ତି ଯେ,ଏସ୍‌ଟିଏଫ୍ ପକ୍ଷରୁ ଯେଉଁ କାଗଜପତ୍ର ମଗାଯାଇଥିଲା ତାହାକୁ ଦାଖଲ କରିବା ସହ ପଚରାଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେଇଛୁ। ପଥର ଚାଲାଣକାରୀଙ୍କ ସହ କୌଣସି ଲିଙ୍କ ନ ଥିବା ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧାରେ ଥିବା ଜଗନ୍ନାଥଙ୍କ ସମ୍ପତ୍ତିଙ୍କୁ ଖଣି ମାଫିଆ ଖୋଳି ପଥର ଚାଲାଣ କରିଛନ୍ତି। ତେଣୁ ଜଗନ୍ନାଥଙ୍କ ସମ୍ପତ୍ତି ଚିହ୍ନଟ ପାଇଁ ମନ୍ଦିର ପ୍ରଶାସନକୁ ଏସ୍‌ଟିଏଫ୍ ପକ୍ଷରୁ ତଥ୍ୟ ମଗାଯାଇଥିଲା। ଶନିବାର ପୁରୀ ଶ୍ରୀମନ୍ଦିରର କିରାଣି ପ୍ରଦୀପ ଦାଶ ଆବଶ୍ୟକ କାଗଜପତ୍ର ସହ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ହାଜର ହୋଇ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ତଥ୍ୟ ଦେଇଥିଲେ।

### କଲିକତାରୁ ଅନ୍ୟତମ ମାଷ୍ଟରମାଇଣ୍ଡ ଗିରଫ

ବେଆଇନ ପଥର ଖଣି କାରବାରର ଅନ୍ୟତମ ମାଷ୍ଟର ମାଇଣ୍ଡ୍ କୈଳାସଚନ୍ଦ୍ର ପରିଜାଙ୍କୁ ଏସ୍‌ଟିଏଫ୍ କଲିକତାରୁ ଗିରଫ କରିଛି। ତାଙ୍କ ଘର କଟକରେ ହୋଇଥିବାବେଳେ ସେ କଲିକତାରେ ରହୁଥିଲେ। ତାଙ୍କୁ ବର୍ତ୍ତମାନ ୭୧ବର୍ଷ। ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ଏସ୍‌ଟିଏଫ୍ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିନାହିଁ। ସ୍ଥାନୀୟ କୋର୍ଟରେ ହାଜର ହେବା ପରେ ଆଲିପୁର ସେଣ୍ଟ୍ରାଲ ଜେଲକୁ ପଠାଇ ଦିଆଯାଇଛି। ଆସନ୍ତା ୨୨ ତାରିଖରେ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବା ପାଇଁ ତାଙ୍କୁ କୁହାଯାଇଛି। ସେ କେତେଜଣ ଅପରାଧୀଙ୍କୁ ନେଇ ଏକ ଗ୍ୟାଙ୍ଗ୍ ଗଢି ପଥର ଚାଲାଣ କରୁଥିଲେ। ଯଦି ଗ୍ୟାଙ୍ଗ୍‌ର କୌଣସି ସଦସ୍ୟ ଗିରଫ କିମ୍ବା ଜେଲ୍ ଯାଉଥିଲେ ସେମାନଙ୍କୁ ମୁକୁଳାଇବାକୁ ସେ ବିପୁଳ ଅର୍ଥ ଖର୍ଚ୍ଚ କରୁଥିଲେ। କଲିକତାରେ ରହି ସେ ନିଜର ଗ୍ୟାଙ୍ଗ୍ ଚଳାଉଥିଲେ। ଯଦି ଏହି ଗ୍ୟାଙ୍ଗ୍‌ର କେହି ଗିରଫ ହେଉଥିଲେ ସେ ବେଲ୍‌ରେ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରୁଥିଲେ। ଚୋରା ପଥର କାରବାରରୁ ମିଳୁଥିବା ଅର୍ଥର ୬୦ ପ୍ରତିଶତ କୈଳାସ ନେଉଥିଲେ। ଏହା ଜାଣିବା ପରେ ଏସ୍‌ଟିଏଫ୍ ଟିମ୍ କଲିକତାରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏବେ ଏସ୍‌ଟିଏଫ୍ ଟାର୍ଗେଟରେ ଫେରାର ଥିବା ଲେଡି ଡନ୍‌ଙ୍କ ସହ ଆଉ ୬ଜଣ ରହିଥିବା ଜଣାପଡିଛି।

## ୧୪୦ କିଲୋ ଆଲୁମିନିୟମ ବିଦ୍ୟୁତ୍ ତାର ଜବତ, ୨ ଗିରଫ

**ବାଲିଅନ୍ତା,୧୭।୮(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ପୋଲିସ ଶୁକ୍ରବାର ରାତିରେ ରଙ୍ଗବଜାର କେନାଲ ବନ୍ଧ ରାସ୍ତା ନିକଟରୁ ଏକ ଅଟୋରେ ବେଆଇନ ଚାଲାଣ ହେଉଥିବା ୧୪୦କିଲୋ ଆଲୁମିନିୟମ ବିଦ୍ୟୁତ ତାରକୁ ଜବତ କରିଛି। ଏହି ଘଟଣାରେ ପୋଲିସ ଅଟୋରେ ଥିବା ବାବୁଲା ମହାନ୍ତି(୩୫) ଓ ଡ୍ରାଇଭର ସୁଶାନ୍ତ ସାହୁଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଉଭୟଙ୍କ ଘର ବାଲିଅନ୍ତା ଥାନା ଅଧୀନ ବଇଁଟୁଆ ପଞ୍ଚାୟତର ବିଲସାହି ଗ୍ରାମରେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ବଇଁଟୁଆରୁ ଏକ ପାସେଞ୍ଜର ଅଟୋରେ ୧୦ଟି ବଣ୍ଡଲର କଟାଯାଇଥିବା ବିଦ୍ୟୁତ୍ ତାର(୧୪୦ କିଲୋ)କୁ ଅନ୍ୟତ୍ର ଚାଲାଣ ବେଳେ ପୋଲିସ ହାତରେ ଧରାପଡିଥିଲେ ବୋଲି ବାଲିଅନ୍ତା ଥାନା ଏସଆଇ ସୁଧୀର ଦାସ କହିଛନ୍ତି, ଏ ନେଇ ଥାନାରେ ୧୯୮/୧୯ରେ ଏକ ମାମଲା ରୁଜୁ ହୋଇଛି। କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି।



ରେଲୱେ ଅଡିଟୋରିୟମଠାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## 'ଫ୍ରି ସୋଲ ଡ୍ୟାନ୍ସ କନ୍‌ଜରଭେଟୋରି'ର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

'ଫ୍ରି ସୋଲ୍ ଡ୍ୟାନ୍ସ କନଜରଭେଟୋରୀ'ର ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ରେଲୱେ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟ ସନ୍ଧ୍ୟାର ପ୍ରଥମରେ ଗୁରୁ ମଞ୍ଜୁଶ୍ରୀ ପଣ୍ଡାଙ୍କ ନୃତ୍ୟାନୁଷ୍ଠାନ 'ଅବନ୍ତିକା'ର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ କୋରିଓଗ୍ରାଫର ମନ୍ଦାକିନୀ ଜେନା, ବିଦ୍ଦୁ ଓ ବାବୁଙ୍କ ତତ୍ତ୍ୱାବଧାନରେ ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ ନମ୍ରତା ଚଢ଼ା ଯୋଗ ଦେଇଥିଲେ। ଏକ ହଜାରରୁ ଅଧିକ ନୃତ୍ୟପ୍ରେମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଚାଲିବ ସୂଚନା କେନ୍ଦ୍ର, ପୋଲିସ ଫାଣ୍ଡି



**ପୁରୀ ଅଫିସ,୧୭।୮**

### ଆସିଲା କଣ୍ଟେନର

ମେଘନାଦ ପାଚେରି ଚତୁଃପାର୍ଶ୍ୱକୁ ମୁକ୍ତ ରଖିବା ଲାଗି ନିଷ୍ପତ୍ତି ନେଇଛି ଜିଲା ପ୍ରଶାସନ। ମେଘନାଦ ପାଚେରିକୁ ଲାଗି ରହିଥିବା ବେଆଇନ କୋଠା ଆସନ୍ତା ୧୯ ତାରିଖରେ ଭଙ୍ଗାଯିବ। ମୁଖ୍ୟ ମନ୍ଦିର ସହିତ ସମ୍ପର୍କ ନ ଥିବା ସବୁ ନିର୍ମାଣକୁ ଉଚ୍ଛେଦ କରାଯିବ। ତେବେ ଏଥିରେ କେତେକ ସରକାରୀ ନିର୍ମାଣ ଯଥା ସିଂହଦ୍ୱାର ପୋଲିସ ଫାଣ୍ଡି, ଶ୍ରୀମନ୍ଦିର ସିଂହଦ୍ୱାର ସୂଚନା କେନ୍ଦ୍ର, ସୂଚନା ଓ ଲୋକ ସମ୍ପର୍କ ବିଭାଗର ସୂଚନା କେନ୍ଦ୍ରର କୋଠା ମଧ ରହିଛି। ତେବେ ଏ ସବୁକୁ ଉଚ୍ଛେଦ କରାଯିବ। ଭକ୍ତଙ୍କ ସୁବିଧା ପାଇଁ ସୂଚନା କେନ୍ଦ୍ର ଏବଂ ପୋଲିସ ଫାଣ୍ଡି ଜରୁରୀ ଥିବାରୁ ଏହି କୋଠା ଉଚ୍ଛେଦ ପରେ କିପରି ଭକ୍ତଙ୍କୁ ଏହାର ସେବା ମିଳିବ ସେଥିଲାଗି ଯୋଜନା କରିଛି ଜିଲା ପ୍ରଶାସନ। ଏଥିଲାଗି ଶନିବାର ଏକ କଣ୍ଟେନର ଅଣାଯାଇ ସିଂହଦ୍ୱାର ନିକଟରେ ରଖାଯାଇଛି। ଆହୁରି ଦୁଇଟି କଣ୍ଟେନର ମଧ ଆସିବ। ଏହି କଣ୍ଟେନରରେ ସୂଚନା କେନ୍ଦ୍ର, ପୋଲିସ ଫାଣ୍ଡି କାର୍ଯ୍ୟକ୍ଷମ କରିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି, ଆସନ୍ତା ୧୯ ତାରିଖରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କରାଯିବ। ତେଣୁ ସୂଚନା କେନ୍ଦ୍ର ଏବଂ ପୋଲିସ ଫାଣ୍ଡି କାର୍ଯ୍ୟକ୍ଷମ କରିବା ପାଇଁ ୩ଟି କଣ୍ଟେନର ଅଣାଯିବାକୁ ନିଷ୍ପତ୍ତି ହୋଇଛି। ଗୋଟିଏ କଣ୍ଟେନରରେ ଆସିଥିବା ବେଳେ ଆଉ ୨ଟି ଆସିବ ବୋଲି ସେ ସୂଚନା ଦେଇଛନ୍ତି।

## ଛତୁଆର ମାନ ବୃଦ୍ଧି ସହ ପୁଷ୍ଟିସାଧନ ଲକ୍ଷ୍ୟ

# 'ମୋ ଛତୁଆ' ୱେବ୍‌ସାଇଟ୍, ଆପ୍ ଉନ୍ମୋଚିତ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ପରିପୂରକ ଖାଦ୍ୟ କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଛତୁଆ ଯୋଗାଣ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ କ୍ରିୟାଶୀଳତା ଆଣିବା ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା 'ମୋ ଛତୁଆ' ୱେବ୍‌ସାଇଟ୍, ଆପ୍ ଏବଂ ସୂଚନା ପରିଚାଳନା ବ୍ୟବସ୍ଥାର ବିକାଶ କରାଯାଇଛି। ଶନିବାର ପୂର୍ବାହ୍ନରେ ପୋଖରୀପୁଟସ୍ଥିତ ମିଶନ ଶକ୍ତି ଭବନରେ ଆୟୋଜିତ ଜିଲା ସମାଜ ମଙ୍ଗଳ ଅଧିକାରୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ଏହାର ଶୁଭାରମ୍ଭ କରିଛନ୍ତି। ଏଥିସହ ଘରକୁ ନେବା ଖାଦ୍ୟର (ଟେକ୍ ହୋମ୍ ରାଶନ୍) ସଂଶୋଧିତ ନିୟମାବଳୀକୁ ମଧ ମନ୍ତ୍ରୀ ସାହୁ ଉନ୍ମୋଚନ କରିଛନ୍ତି। 'ମୋ ଛତୁଆ' ଆପ୍‌ଟି ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ 'ଅଜିମ୍ ପ୍ରେମ୍‌ଜୀ ଫିଲାନ୍‌ଥ୍ରୋପିକ୍ ଇନିସିଏଟିଭସ୍'ର ଏକ ଯୁଗ୍ମ ପରିକଳ୍ପନା। କେନ୍ଦ୍ରୀୟ ଖାଦ୍ୟ ପ୍ରଯୁକ୍ତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମୁଖ୍ୟ ବୈଜ୍ଞାନିକ ଡ. ଶ୍ରୀଦେବୀ ଅନ୍ନପୂର୍ଣ୍ଣା ସିଂହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ୱେବ୍‌ସାଇଟ୍ ଲୋକାର୍ପଣ କରି ମନ୍ତ୍ରୀ ସାହୁ କହିଥିଲେ, ଅପପୁଷ୍ଟି ରୋକିବା ଦିଗରେ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ରାଜ୍ୟର ମହିଳା, ଗର୍ଭବତୀ, କିଶୋରୀ ଏବଂ ଶିଶୁମାନଙ୍କୁ ଆବଶ୍ୟକ ପୁଷ୍ଟିସାଧନ ନିମନ୍ତେ ପରିପୂରକ ଖାଦ୍ୟ ଯୋଜନା ଦ୍ୱାରା ଆବଶ୍ୟକ ଶୁଖିଲା ଖାଦ୍ୟ ଏବଂ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହାସତ୍ତ୍ୱେ ମଧ ଏହି ଖାଦ୍ୟ ଯୋଗାଣରେ ଅଧିକ ସ୍ୱଚ୍ଛତା ଆଣିବା ଏବଂ ଏହାର ପରିଚାଳନା ବ୍ୟବସ୍ଥାକୁ ନିୟମିତ ଭାବେ ନିରୀକ୍ଷଣ ଏବଂ ତଦାରଖ କରିବା ଦିଗରେ ଏହି ୱେବ୍‌ସାଇଟ୍ ଅତ୍ୟନ୍ତ ଉପଯୋଗୀ ହୋଇପାରିବ ବୋଲି ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ଏହି ୱେବ୍‌ସାଇଟ୍ ଜରିଆରେ ଛତୁଆ ଯୋଗାଣ, ମାନ ନିର୍ଦ୍ଧାରଣ, ସାମଗ୍ରୀ କ୍ରୟ, ପ୍ରସ୍ତୁତି ଏବଂ ବଣ୍ଟନ ବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରାଯାଇପାରିବ। ଆପ୍ ଦ୍ୱାରା ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅନ୍‌ଲାଇନ୍ ମନିଟରିଂ କରାଯିବା ସହ ମାସର ଏକ ନିର୍ଦ୍ଦିଷ୍ଟ ଦିନରେ ଛତୁଆ ପ୍ରସ୍ତୁତକାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ମିଶ୍ରଣ କରିବେ। ଯାଞ୍ଚ କମିଟିଙ୍କ ଉପସ୍ଥିତିରେ ନିର୍ଦ୍ଦିଷ୍ଟ ଦିନରେ ଗର୍ଭବତୀ ମହିଳା, କିଶୋରୀ ଓ ଶିଶୁମାନଙ୍କୁ ଛତୁଆ ବଣ୍ଟନ କରାଯିବ। ଏଥିସହ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅନ୍‌ଲାଇନ୍ ବିଲ୍ ପୈଠ କରିବେ ଏବଂ ଦେୟ ମଧ



ଇ-ପେମେଣ୍ଟ ଜରିଆରେ କରାଯିବ। ଏଥିପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ଅଧିକାରୀ ଏବଂ ଅଙ୍ଗନୱାଡ଼ି ସୁପରଭାଇଜରମାନେ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌ର ଅନୁପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ।

ଉଲ୍ଲେଖଥାଉ କି, ମୋ ଛତୁଆ ୱେବ୍‌ସାଇଟ୍‌ରେ ଛତୁଆ ପ୍ରସ୍ତୁତି କେନ୍ଦ୍ରର ଭିତ୍ତିଭୂମି, ଆବଶ୍ୟକ ଯନ୍ତ୍ରପାତି, ଶୁଖିଲା ଖାଦ୍ୟ ପ୍ରସ୍ତୁତି କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସମସ୍ତ ତଥ୍ୟ, ପ୍ରଶିକ୍ଷଣ, ନିୟମାବଳୀ, କାର୍ଯ୍ୟାଦେଶ, ନିର୍ଦ୍ଦେଶାବଳୀ ଇତ୍ୟାଦି ଉପଲବ୍ଧ ହେବ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କମିଶନର ତଥା ନିର୍ଦ୍ଦେଶକ, ମିଶନ ଶକ୍ତି ସୁଜାତା ଆର୍. କାର୍ତ୍ତିକେୟନ୍, ନିର୍ଦ୍ଦେଶକ, ସମାଜ କଲ୍ୟାଣ ଅରବିନ୍ଦ ଅଗ୍ରୱାଲ, ଅଜିମ୍ ପ୍ରେମ୍‌ଜୀ ଫିଲାନ୍‌ଥ୍ରୋପିକ୍ ଇନିସିଏଟିଭସର ଉପସଭାପତି ଦେବଜିତ୍ ମିତ୍ର ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ୩୦ ଜିଲାରୁ ସମାଜ ମଙ୍ଗଳ ଅଧିକାରୀମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ।

## ମହିଳାଙ୍କ ବେକରେ ଛୁରି ଲଗାଇ ଲୁଟ୍

**ପୁରୁଣା ଭୁବନେଶ୍ୱର, ୧୭।୮ (ଡି.ଏନ.ଏ.)–**

ଭୀମଟାଙ୍ଗୀ ଫେଜ ୧ରେ ରହୁଥିବା ଜଣେ ମହିଳାଙ୍କ ବେକରେ ଛୁରି ଲଗାଇ ଦୁର୍ବୃତ୍ତମାନେ ତାଙ୍କଠାରୁ ଗୋଟିଏ ମୋବାଇଲ ଏବଂ ୫ ହଜାର ଟଙ୍କା ଲୁଟି ନେଇଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଏଠାରେ ବିଷ୍ଣୁପ୍ରିୟା ପାଣିଗ୍ରାହୀ ନାମ୍ନୀ ଜଣୈକା ମହିଳା ଭଡାରେ ରୁହନ୍ତି। ଶୁକ୍ରବାର ରାତି ୩ଟାରେ ୨ ଜଣ ଯୁବକ ଘର ପାଚେରି ଡେଇଁ ପଶିଥିଲେ। ମୁହଁରେ ସେମାନେ କଳାକନା ବାନ୍ଧିଥିଲେ। ବିଷ୍ଣୁପ୍ରିୟାଙ୍କ ବେକରେ ଛୁରି ଲଗାଇ ପ୍ରଥମେ ଭୟଭୀତ କରିଥିଲେ। ପରେ ଲୁଟେରାଦ୍ୱୟ ତାଙ୍କର ମୋବାଇଲ, ଟଙ୍କା, ଅନ୍ୟ କାଗଜପତ୍ର ଲୁଟି ଫେରାର ହୋଇଯାଇଥିଲେ। ପୂର୍ବ ଶତ୍ରୁତାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରରୋଚନାରେ ମହିଳାଙ୍କୁ ଏଭଳି ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗକାରିଣୀ ବିଷ୍ଣୁପ୍ରିୟା କହିଛନ୍ତି।

## ଫଟୋରେ ଖବର



ଭୁବନେଶ୍ୱର ଭୀମଟାଙ୍ଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅନୁଷ୍ଠିତ ବିଜ୍ଞାନମେଳାରେ ଜଣେ ଛାତ୍ର ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।



ପୁରୀ ଅଠରନଳାଠାରେ ଶନିବାର ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମା କିଣୁଥିବା ଦୁଇ ଯୁବତୀ।



ଭୁବନେଶ୍ୱର ସେଣ୍ଟ୍ରାଲ ଓ ଜୟ ଓଡ଼ିଶା ପକ୍ଷରୁ ଶନିବାର ରସୁଲଗଡ-ବାଣୀବିହାର ରାସ୍ତାପାର୍ଶ୍ୱରେ ଚାରାରୋପଣ କରାଯାଉଛି।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
—ଭଲଟାୟର



## ସଂକ୍ଷେପରେ

### ଆଦର୍ଶ, ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଗାନ୍ଧିଜୀ ଧୁରନ୍ଧର ଥିଲେ

**ଭୁବନେଶ୍ୱର,୧୭।୮(ବ୍ୟୁରୋ):** ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଗାନ୍ଧୀ ଓ ଯୁବବର୍ଗ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡ. ସୁପ୍ରଭା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବକ୍ତାମାନେ ଗାନ୍ଧୀଙ୍କ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତାଭାବେ ବିଶିଷ୍ଟ ଲେଖକ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅଧକ୍ଷ କୁମାର ପ୍ରଶାନ୍ତ ଯୋଗଦେଇ କହିଲେ, ଗାନ୍ଧୀ ନିଜ ଜୀବନରେ ଆଦର୍ଶ ଓ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଧୁରନ୍ଧର ଥିଲେ, ସେଥିପାଇଁ ତାଙ୍କୁ ଚିର ଯୁବକ ବୋଲି ମଧ କୁହାଯାଉଥିଲା। ଏହି ଅବସରରେ ମହାବିଦ୍ୟାଳୟର ସଙ୍ଗୀତ ବିଭାଗ ତରଫରୁ ଗାନ୍ଧୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧାପକ ଅଭିରାମ ବିଶ୍ୱାଳ ଅତିଥି ପରିଚୟ ଓ ଅଧାପିକା ସାଧନା ଶତପଥୀ ଧନ୍ୟବାଦ ଦେଇଥିଲେ। ଅଧାପିକା ପ୍ରଣତି ଦାସ, ଲକ୍ଷ୍ମୀଧର ଭୋଳ, ରାଜମୋହନ ମହାନ୍ତି ଓ ଶ୍ରୀକାନ୍ତ ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ଆରପିଏଫଂର ସୁରକ୍ଷା ସମ୍ବନ୍ଧିତ ସଚେତନତା ପ୍ରଦର୍ଶନୀ

**ଭୁବନେଶ୍ୱର,୧୭।୮(ବ୍ୟୁରୋ):** ରେଳ ସୁରକ୍ଷା ବଳ ପକ୍ଷରୁ ରେଳବାଇ ଷ୍ଟାଡିୟମଠାରେ ସୁରକ୍ଷା ହେଲ୍ପଲାଇନ ନଂ. ୧୮୨ ଓ ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ସଚେତନତା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଟ୍ରେନ ଓ ରେଲୱେ ପରିସରରେ ସୁରକ୍ଷା ସମସ୍ୟାଗୁଡିକ ବିଷୟରେ ସଚେତନତା କରାଯାଇଛି। ଟ୍ରେନରେ ଯାତ୍ରା ସମୟରେ କୌଣସି ବିସ୍ଫୋରକ ପଦାର୍ଥ, ଅସ୍ତ୍ରଶସ୍ତ୍ର କେହି ନେଇ ଯାଉଥିବାର ଦେଖିଲେ ତୁରନ୍ତ ରେଲୱେ କର୍ତ୍ତୃପକ୍ଷଙ୍କୁ ଖବର ଦେବାକୁ ଏହି ପ୍ରଦର୍ଶନୀରେ କୁହାଯାଇଛି। ଏହାସହ ସୁରକ୍ଷା ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟା ଉପୁଜିଲେ ଯାତ୍ରୀମାନେ ହେଲ୍ପଲାଇନ ୧୮୨ରେ ଫୋନ କରିବାକୁ ଯାତ୍ରୀଙ୍କୁ ସଚେତନ କରାଯାଇଛି। ଏହି ହେଲପଲାଇନରେ ଆସୁଥିବା ସମସ୍ତ ଫୋନ୍‌କୁ ଶତ ପ୍ରତିଶତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ରେଲୱେ ପକ୍ଷରୁ କୁହାଯାଉଛି।

### କର୍ମକର୍ତ୍ତା ନିର୍ବାଚିତ

**ପୁରୁଣା ଭୁବନେଶ୍ୱର,୧୭।୮(ଡି.ଏନ.ଏ.):** ସ୍ଥାନୀୟ ହାଟସାହିସ୍ଥିତ ଶ୍ରୀଓଁକାର କମଳା ସତୀସଂଘର କର୍ମକର୍ତ୍ତା ନିର୍ବାଚିତ ହୋଇଯାଇଛି। ପୂର୍ବତନ ସଭାନେତ୍ରୀ ପାର୍ବତୀ ସାହୁ ନିଜର ଅସୁସ୍ଥତା କାରଣରୁ ନିଜ ପଦବୀରୁ ଅବସର ନେଇଛନ୍ତି। ଏ ନେଇ ପାର୍ବତୀ ଗତ ୧୦ତାରିଖରେ ନିଜର ଇସ୍ତଫା ପତ୍ର ସଂଘ ସମ୍ପାଦିକା କରୁଣାମୟୀ ଗାଙ୍ଗୁଲି ଏବଂ କୋଷାଧକ୍ଷାଙ୍କ ନିକଟକୁ ପଠାଇଥିଲେ। ତେଣୁ ତତ୍‌କାଳ ୧୨ ତାରିଖରେ ସଂଘର ଏକଜିକ୍ୟୁଟିଭ ବଡିର ୯ ଜଣିଆ ସଦସ୍ୟାଙ୍କ ସହମତିକ୍ରମେ ମଙ୍ଗଳା କାପୁରଙ୍କୁ ଅସ୍ଥାୟୀ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଥିବା ଗାଙ୍ଗୁଲି ସୂଚନା ଦେଇଛନ୍ତି।

### ରାଖୀ ବାନ୍ଧିଲେ ୨ଶହ ଦୃଷ୍ଟିହୀନ ପିଲା

**ଭୁବନେଶ୍ୱର,୧୭।୮(ବ୍ୟୁରୋ):** ପିସ୍ ଫର୍ ଅଲ୍ ପକ୍ଷରୁ ସତ୍ୟନଗରସ୍ଥିତ ବ୍ଲାଇଣ୍ଡ୍ ଆସୋସିଏଶନ୍ ପରିସରରେ ୨୦୦ ଦୃଷ୍ଟିହୀନ ପିଲାମାନଙ୍କ ମଧ୍ୟରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ସୀମା ସୁରକ୍ଷା ବାହିନୀର ମୁଖ୍ୟ ଅର୍ଜୁନ ସିଂ ରାଠୋର, ବ୍ଲାଇଣ୍ଡ ସ୍କୁଲ୍‌ର ସମ୍ପାଦକ ବିହାରୀ ନାୟକ, ଭାଷା ଆନ୍ଦୋଳନର ସଭାପତି ପ୍ରଦ୍ୟୁମ୍ନ ଶତପଥୀ ଉପସ୍ଥିତ ଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଭୁବନେଶ୍ୱର,୧୭।୮(ବ୍ୟୁରୋ):** ସାମାଜିକ କର୍ମୀ ରଘୁନାଥ ପତିଙ୍କର ସ୍ତ୍ରୀ ଭଗବତୀ ଦେବୀଙ୍କର ଗତ ୧୨ରେ ପରଲୋକ ହୋଇଛି। ସେ ଜଣେ ଧର୍ମପ୍ରାଣା ଗୃହିଣୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବପ୍ରାନ୍ତ ସଂଘଚାଳକ ସମୀର ମହାନ୍ତି, ସହପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାସ, ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, ବିଧାୟକ ଅନନ୍ତ ନାରାୟଣ ଜେନା, ଭାଜପା ନେତା ଜଗନ୍ନାଥ ପ୍ରଧାନ ଏବଂ ପୂର୍ବତନ କର୍ପୋରେଟର ଅମରେଶ ଜେନା ଚିନ୍ତାମଣିଶ୍ୱର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତାଙ୍କ ନିକଟରେ ସ୍ୱାମୀ, ପୁତ୍ର ନିହାର ରଞ୍ଜନ ପତି, ରଶ୍ମିରଞ୍ଜନ ପତି ଏବଂ ଜାମାତା ପ୍ରଦୀପ୍ତ କିଶୋର ରାଜଗୁରୁ ଉପସ୍ଥିତ ଥିଲେ।

## ■ ରାଜଧାନୀରେ ସିରିଜ୍ ଏନ୍‌କାଉଣ୍ଟର ମାମଲା

# ସୁସ୍ଥ ହେବାପରେ ଜେଲ ଗଲେ ୪ ଅଭିଯୁକ୍ତ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

■ ୫ଦିନିଆ ରିମାଣ୍ଡ ପାଇଁ ଆବେଦନ

■ ଅନ୍ୟତମ ଅଭିଯୁକ୍ତ ଏବେ ବି ଏସ୍‌ସିବିରେ

ମଞ୍ଚେଶ୍ୱର ଥାନାଞ୍ଚଳରେ ଗୋଟିଏ ଦିନରେ ସିରିଜ ଲୁଟ୍ ପରେ ବଦନାମ ମୁଣ୍ଡାଇଥିଲା କମିଶନରେଟ ପୋଲିସ। ଖାକିରୁ କଳାଛିଟା ଲିଭାଇବାକୁ ଯାଇ ପୋଲିସ ୪୦ ଘଣ୍ଟାରେ ୫ ଏନ୍‌କାଉଣ୍ଟର କରିଥିଲା। ଏଥିରେ ରବି ଗ୍ୟାଙ୍ଗର ୫ଜଣ ଆହତ ହୋଇଥିଲେ। ସେମାନେ ହେଲେ ଗ୍ୟାଙ୍ଗ୍ ମାଷ୍ଟରମାଇଣ୍ଡ୍ ରବି ରାଓଙ୍କ ସମେତ ଅରୁଣ ମଲ୍ଲିକ, ବିବେକାନନ୍ଦ ନାୟକ, ସିପୁନ କବି ଓ ହରେକୃଷ୍ଣ ସ୍ୱାଇଁ। ତେବେ ଅରୁଣଙ୍କୁ ଛାଡ଼ି ଅନ୍ୟମାନେ ସୁସ୍ଥ ହୋଇଥିବାରୁ ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ଏଥିସହ ସେମାନଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ପ୍ରୟାସ ଆରମ୍ଭ କରିଛି। ଏଥିପାଇଁ ଆବେଦନ କରାଯାଇଥିବା ସୂଚନା ମିଳିଛି। କୋର୍ଟ ଅନୁମତି ଦେବା ପରେ ପୋଲିସ ସେମାନଙ୍କୁ ଆଣି ପଚରାଉଚରା କରିବ। ଏହାପରେ ବହୁ ଗୁମର ପଦାକୁ ଆସିବ ବୋଲି କୁହାଯାଉଛି।

ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ରବିଙ୍କର ଅନ୍ୟ କେଉଁ ଅପରାଧୀ ଗ୍ୟାଙ୍ଗ୍ ସହ ସମ୍ପର୍କ ରହିଛି। ସେମାନେ ଆଉ କେଉଁ ସ୍ଥାନରୁ ଲୁଟ୍ କରିଛନ୍ତି। ବିଶେଷକରି ଡ୍ରାଇଭରକୁ ଆକ୍ରମଣ କରି କାର ଲୁଟ୍ କରିବାର ଆଉ କ'ଣ କାରଣ ରହିଛି। ର୍‍ୟାକେଟର ଚେର କେଉଁଠି ଲମ୍ବିଛି ସେନେଇ ପୋଲିସ ପଚରାଉଚରା କରିବ। ଏହି ଗ୍ୟାଙ୍ଗରେ ସଂପୃକ୍ତ ଆଉକେତେଜଣ ଫେରାର ରହିଥିବାରୁ ସେମାନଙ୍କ ବିଷୟରେ ଜାଣିବାକୁ ପୋଲିସ ୪ ଅଭିଯୁକ୍ତଙ୍କୁ ଜେରା କରିପାରେ ବୋଲି ଜଣାପଡିଛି।

ଗତ ୨ ତାରିଖ ରାତିରେ ଟଙ୍କପାଣି ବ୍ରିଜ ନିକଟରେ ବାଲିଅନ୍ତା ଥାନା ପୋଲିସ ଅରୁଣ ଓ ବିବେକଙ୍କୁ ପ୍ରଥମେ ଏନ୍‌କାଉଣ୍ଟର କରିଥିଲେ। ୩ ତାରିଖ ରାତିରେ ବଡ଼ଗଡ଼ ଥାନା ଚିଲିପୋଖରୀ ନିକଟରେ ହରେକୃଷ୍ଣ ଓ ସିପୁ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ସେହିଦିନ ରାତି ୯ଟାରେ ଖଣ୍ଡଗିରି ପୋଲିସ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ରବିଙ୍କୁ ଏନ୍‌କାଉଣ୍ଟର କରିଥିଲା। ପୋଲିସ ଏହି ୫ଜଣଙ୍କୁ ଧରି ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲା। ହେଲେ ଅରୁଣ ସୁସ୍ଥ ହୋଇ ନ ଥିବାରୁ ଏବେ ସେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନାନୁସାରେ, ରବି ଦୁଇଟି ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ସହ ଭିତିରି ସମ୍ପର୍କ ରଖି ସେମାନଙ୍କୁ ଗ୍ୟାଙ୍ଗ୍‌ରେ ସାମିଲ କରିଥିଲେ। ପରେ ଗୋଟିଏ ଗ୍ୟାଙ୍ଗ୍ ତିଆରି କରି ରାଜ୍ୟରେ ବଡ଼ ବଡ଼ ଲୁଟ୍ ଘଟାଇଥିଲେ। କିଭଳି ସେମାନେ ମିଶିଲେ ଓ ଦୁଇ ଗ୍ୟାଙ୍ଗ୍ ମିଶି କେଉଁ କେଉଁ ସ୍ଥାନରେ ଲୁଟ କରିଛନ୍ତି ତାହାର ଖୋଳତାଡ଼ କରାଯିବ। ବିଶେଷ କରି ଧଉଳି ଥାନା ଅଞ୍ଚଳରେ ଥିବା ବାପୁଜୀ ହାଇଟେକ୍ ଆପାର୍ଟମେଣ୍ଟରେ ହରେକୃଷ୍ଣ ଓ ସିପୁନ ରହି ନକଲି ମଦ ତିଆରି କରି କେଉଁଠାରେ ଦେଉଥିଲେ। ଏହା ପଛରେ ଆଉ କେଉଁ ଲିଙ୍କ୍ ରହିଛି ଓ ସିକ୍ୟୁରିଟି ସଂସ୍ଥା କରିବାକୁ ଉକ୍ତ ଘରକୁ ଭଡ଼ା ନେଇଥିବା ବ୍ୟକ୍ତିଜଣକ କିଏ? ସେମାନେ ଏମିତି ବହୁ ଗୁମର ଖୋଲିବେ ବୋଲି ପୋଲିସ ଆଶା ରଖିଛି।

## ସାଲୁ ଜିନ୍ଦଲଙ୍କୁ ଅନ୍ତର୍ଜାତୀୟ ସମ୍ମାନ



ଭୁବନେଶ୍ୱର, ୧୭।୮

ଜେଏସ୍‌ପିଏଲ୍ ଫାଉଣ୍ଡେଶନ ସହ ଅଧ୍ୟକ୍ଷା ସାଲୁ ଜିନ୍ଦଲ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଛନ୍ତି। ସାମାଜିକ ଉଦ୍ୟୋଗ କ୍ଷେତ୍ରରେ ତାଙ୍କୁ ବେଷ୍ଟ ସିଏସ୍‌ଆର୍ ପ୍ରାକ୍ଟିସ ଆୱାର୍ଡ-୨୦୧୯ ପ୍ରଦାନ କରାଯାଇଛି। ସିଙ୍ଗାପୁରଠାରେ ସିଏମ୍‌ଓ ଏସିଆ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଇଫ ୟୁନିଭର୍ସିଟିର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ନିୟୁଟନ କୋଣ୍ଡାଭେଟି ଏବଂ ଡ.ଲକ୍ଷ୍ମୀ କୋଣ୍ଡାଭେଟିଙ୍କଠାରୁ ସାଲୁ ଏହି ପୁରସ୍କାର ଲାଭ କରିଛନ୍ତି। ଏହି ପୁରସ୍କାର ଲାଭ କରି ସାଲୁ ଜୁରୀ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଟିମ୍ ସଦସ୍ୟ, ଗୋଷ୍ଠୀ,ଜେଏସ୍‌ପିଏଲ୍ ଫାଉଣ୍ଡେଶନ, ଜେଏସ୍‌ପିଏଲ୍‌କୁ ଏଥି ଲାଗି ସେ ଧନ୍ୟବାଦ ଦେଇଛନ୍ତି। ସମାଜ ଉନ୍ନତୀକରଣ ତଥା କଳା କ୍ଷେତ୍ରକୁ ସାଲୁଙ୍କର ଯୋଗଦାନ ରହିଛି। ତାଙ୍କ ନେତୃତ୍ୱରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ୭ ହଜାରରୁ ଉର୍ଦ୍ଧ୍ୱ ଅଣୁ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି। ଏହା ଦ୍ୱାରା ୩ ହଜାର ପରିବାର ପ୍ରତ୍ୟକ୍ଷ ଓ ୪୦ ହଜାର ପରିବାର ପରୋକ୍ଷ ଭାବେ ଲାଭବାନ ହେଉଥିବା ଜଣାପଡିଛି।

## କୋଣାର୍କ ଏକ୍ସପ୍ରେସରେ ଆର୍‌ପିଏଫ୍‌ର ଚଢ଼ାଉ, ୩ ଗିରଫ

### ୨୭ ବୋତଲ ମଦ, ୫୦ ପ୍ୟାକେଟ ଗୁଟ୍‌ଖା ଜବତ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଟ୍ରେନ ଭିତରେ ମିଳୁଛି ମଦ୍ୟପାନର ସୁବିଧା। କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଲାଗି ଏହି ସୁବିଧା ଉପଲବ୍ଧ। କେବଳ ଏସି ଡବାରେ ଯାଉଥିବା ଲୋକମାନେ ଏହି ସୁବିଧାକୁ ଉପଭୋଗ କରିପାରିବେ। ସୂଚନାଯୋଗ୍ୟ, ଭାରତୀୟ ରେଲୱେ ପକ୍ଷରୁ ଏହି ସୁବିଧା ଦିଆଯାଉନି। ରେଲୱେଠାରୁ ଚୁକ୍ତିରେ କାମ ନେଇଥିବା କିଛି ସଂସ୍ଥା ଲୁଚାରେ ଏହି ସେବା ଦେଉଛନ୍ତି। କ୍ୟାଟେରିଂ, ସଫେଇ ଓ କୋଚ୍ ଆଟେଣ୍ଡାନ୍ସ କାମ ନେଇଥିବା ଠିକାଦାରମାନେ ଗୋପନରେ ଟ୍ରେନ ଭିତରେ ମଦ ବିକ୍ରି କରୁଛନ୍ତି। ଶନିବାର ଏଭଳି ଏକ ଘଟଣା ପଦାକୁ ଆସିଛି। ପୂର୍ବରୁ ସୂଚନାପାଇ ଥାନାଧିକାରୀ କାଲୁ ସେଠୀ ଓ ରେଲୱେ ଏସଟିଏଫ ମୁଖ୍ୟ ରଞ୍ଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କୋଣାର୍କ ଏକ୍ସପ୍ରେସରେ ଚଢ଼ାଉ କରିଛନ୍ତି। ଫଳରେ ଟ୍ରେନ ଭିତରେ ମଦ ଯୋଗାଉଥିବା ୩ଜଣ ଏସି କୋଚ ଆଟେଣ୍ଡାଣ୍ଟଙ୍କୁ ଗିରଫ କରିଛି। ସୋମାନେ ହେଲେ ମଧପ୍ରଦେଶର ଗିରିଶ ଗୁପ୍ତା, ରାକେଶ ଗୁପ୍ତା ଏବଂ ଓଡ଼ିଶାର ବିଚିତ୍ର ନାୟକ। ପୋଲିସ ସେମାନଙ୍କଠାରୁ ୧୯ଟି ମଦ ବୋତଲ ସହ ଦୁଇରୁ ତିନି ପ୍ରକାରର ଗୁଟ୍‌ଖା ୫୦ ପ୍ୟାକେଟ୍ ଜବତ କରିଛି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ ଗିରିଶ ଓ ରାକେଶ ପାଳି କରି ମଦ ଥିବାର ବ୍ୟାଗ ଧରି କୋଣାର୍କ ଏକ୍ସପ୍ରେସ ଟ୍ରେନ ଭିତରକୁ ଯିବାର ଜଣେ ପୋଲିସ ନଜର ରଖିଥିଲେ। ଏ ନେଇ ଆରପିଏଫକୁ ଜଣାଇବା ପରେ ହଠାତ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ପରେ ଉଭୟଙ୍କୁ ପଚରାଉଚୁରା କରିବା ପରେ ଆଉ ଜଣେ ଆଟେଣ୍ଡାଣ୍ଟ ନିକଟରେ ଆହୁରି ମଦ ରହିଛି ବୋଲି ଜଣାପଡିଥିଲା। ଟ୍ରେନରେ ଯାଇଥିବା



ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

ଆରପିଏଫ ଏସ୍କର୍ଟିଂ ଟିମ୍ ବିଚିତ୍ରଙ୍କୁ ବ୍ରହ୍ମପୁର ପୂର୍ବରୁ ଧରି ୮ଟି ମଦ ବୋତଲ ଜବତ କରିଛି। ଆରପିଏଫ ଅଭିଯୁକ୍ତମାନଙ୍କୁ ଗିରଫ କରି ଜିଆରପିକୁ ମାମଲା ହସ୍ତାନ୍ତର କରିଛି। ଜିଆରପି ଅବକାରୀ ଧାରା-୫୨(କ)ରେ ମାମଲା ନଂ. ୧୩୭/୨୦୧୯ ରୁଜୁ କରିଛି। ଉଲ୍ଲେଖନୀୟ ରେଳବାଇର ବାଣିଜ୍ୟିକ ବିଭାଗ ଓ ଜିଆରପି ଏମାନଙ୍କୁ ଚେକିଂ କରିବାର ପ୍ରାବଧାନ ରହିଛି। ଟ୍ରେନ ଭିତରେ ଏହି ସବୁ ନିଶା ସାମଗ୍ରୀ ଦୁଇଗୁଣା ଦରରେ ଏମାନେ ବିକ୍ରି କରିଥାଆନ୍ତି ବୋଲି ଆରପିଏଫ ନିକଟରୁ ସୂଚନା ମିଳିଛି। ଏମାନଙ୍କୁ ଚେକିଂ କରାଯାଉ ନ ଥିବାରୁ ଏହି ସୁଯୋଗରେ ଅବକାରୀ ବେପାର କରୁଛନ୍ତି ବୋଲି ଆରପିଏଫ ଥାନାଧିକାରୀ କାଲୁ ସେଠୀ କହିଛନ୍ତି।

## ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ବରମୁଣ୍ଡା ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ, ଭୂଗୋଳ ମେଳା ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କିଶୋର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ରାହାସ ବିହାରୀ ନରେନ୍ଦ୍ର, ଶିକ୍ଷକ ଭାବଗ୍ରାହୀ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପ୍ରାୟ ୧୮୦ରୁ ଉର୍ଦ୍ଧ୍ୱ ବିଜ୍ଞାନ ମଡେଲ ଓ ୨୦ରୁ ଉର୍ଦ୍ଧ୍ୱ ଭୂଗୋଳ ମଡେଲ ଏହି ଅବସରରେ ପ୍ରଦର୍ଶିତ ହୋଇଥିଲା।

## ବ୍ଲକ ଶିକ୍ଷାଧିକାରୀଙ୍କ ସ୍କୁଲ ପରିଦର୍ଶନ

ବାଲକାଟୀ,୧୭।୮(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବାଲକାଟୀସ୍ଥିତ ବିଜୁ ପଟ୍ଟନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଆସିବା ସହ ସମୀକ୍ଷା କରିଥିବା ଜଣାପଡିଛି। ଏହି ଅବସରରେ ସ୍କୁଲର ୫୦ଜଣ ଛାତ୍ରୀଛାତ୍ରଙ୍କୁ ମାଗଣା ପୋଷାକ ଓ ଜୋତା ବଣ୍ଟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ବିଆରସିସି ସୁରେନ୍ଦ୍ର ସାହୁ ବୁଧବାର ପୂର୍ବାହ୍ନ ୧୧ଟାରେ ସ୍କୁଲରେ ପହଞ୍ଚିବା ପରେ ସମୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷକଙ୍କ ଉପସ୍ଥିତ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଶତପ୍ରତିଶତ ବହି ବଣ୍ଟନ, ଉଜ୍ଜ୍ୱଳ ବହି ଶିକ୍ଷକଙ୍କ ଦ୍ୱାରା ସଂଶୋଧନ ତାରିଖଓ୍ୱାରି, ବିଦ୍ୟାଳୟ ବିକାଶ ଓ ନିରାପତ୍ତା ଯୋଜନା ପ୍ରସ୍ତୁତ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ହୋଇଛି କି ନାହିଁ, ଶୌଚାଳୟ ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷକ ପିଲାଙ୍କ ସହ ବସି ପାଠ ପଢ଼ାଉଛନ୍ତି କି ନାହିଁ ଆଦି ସବୁ ବିଷୟକୁ ନେଇ ତଦାରଖ କରିବା ସହ ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ସ୍କୁଲ ପ୍ରଧାନ ଶିକ୍ଷକ ବଂଶୀଧର ମଲ୍ଲିକ, ସହଶିକ୍ଷୟିତ୍ରୀ ମୀନା କୁମାରୀ ସାମଲ, କଳ୍ପନା ପରିଡା ଉପସ୍ଥିତ ଥିଲେ।

## କାର୍‌କୁ ସାଇଡ୍ ନ ଦେବାରୁ ମୁଣ୍ଡରେ ବନ୍ଧୁକ ଲଗାଇଦେଲେ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

**ମାମଲା ରୁଜୁ, ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡିଲା ପୋଲିସ**

କାର ଯିବାକୁ ସାଇଡ୍ ନ ଦେବାରୁ ଚାଳକଙ୍କ ମୁଣ୍ଡ ଗରମ ହୋଇଗଲା। ଅଣ୍ଟାରୁ ବାହାରିଲା ବନ୍ଧୁକ। ଏହାକୁ ନେଇ ଖେଳିଗଲା ଆତଙ୍କ। ଦୁଇ କାର୍ ଚାଳକଙ୍କ ପାଟିତୁଣ୍ଡ ପାଇଁ ଗଦା ହୋଇଥିବା ଲୋକେ ବି ଭୟରେ ଯିଏ ଯୁଆଡ଼େ ପାରିଲେ ଦୌଡ଼ିଲେ। ଶନିବାର ସକାଳେ ରସୁଲଗଡ଼ ଛକ ପାଲାମଣ୍ଡପ ନିକଟରେ ଦେଖିବାକୁ ମିଳିଥିଲା ଏଭଳି ଏକ ଘଟଣା। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ମଞ୍ଚେଶ୍ୱର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ଧରି ନେଇଥିଲା। ଅଭିଯୋଗ ହେବା ପରେ ପୋଲିସ ଆଇପିସି ଦଫା ୫୦୬, ୨୯୪ ଓ ଆର୍ମ୍ସ ଆକ୍ଟ ଲଗାଇ ମାମଲା (ନଂ.୩୩୯/୧୯) ରୁଜୁକରିଥିଲା। ହେଲେ ବନ୍ଧୁକଟି ଲାଇସେନ୍ସପ୍ରାପ୍ତ ହୋଇଥିବା କହି ଅଭିଯୁକ୍ତ ଜିଜିପି କଲୋନୀ ଜଗନ୍ନାଥ ବିହାରର ଅରବିନ୍ଦ ମିଶ୍ରଙ୍କୁ କେବଳ ନୋଟିସଟିଏ ଦେଇ ଛାଡ଼ି ଦେଇଥିଲା।

ମିଳିଥିବା ସୂଚନାନୁସାରେ, ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଅରବିନ୍ଦ କାର ନେଇ କୌଣସି କାମରେ ଘରକୁ ଯାଉଥିଲେ। ରସୁଲଗଡ଼ ପାଲାମଣ୍ଡପ ନିକଟରେ ପ୍ରଦ୍ୟୁମ୍ନ କୁମାର ରାସ୍ତା ଉପରେ କାର୍ ରଖି ଛିଡ଼ା ହୋଇଥିଲେ। ଅରବିନ୍ଦ ତାଙ୍କୁ କାର୍ ସାଇଡ୍ କରିବାକୁ କହିଥିଲେ। ହେଲେ ପାର୍ଶ୍ୱରେ ରାସ୍ତା ଫାଙ୍କା ଥିବାରୁ ସେହିବାଟ ଦେଇ ଚାଲିଯିବାକୁ ପ୍ରଦ୍ୟୁମ୍ନ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପ୍ରଦ୍ୟୁମ୍ନଙ୍କ ଘର ରସୁଲଗଡ଼ ହୋଇଥିବାରୁ ସ୍ଥାନୀୟ ଲୋକେ ପହଞ୍ଚି ଅରବିନ୍ଦଙ୍କୁ ଠେଲାପେଲା କରିଥିଲେ। ଫଳରେ ଅରବିନ୍ଦ ତୁରନ୍ତ ବନ୍ଧୁକ ବାହାର କରି ପ୍ରଦ୍ୟୁମ୍ନଙ୍କ ମୁଣ୍ଡରେ ଲଗାଇ ମାରିଦେବାକୁ ଧମକ ଦେଇଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ଅରବିନ୍ଦଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ବନ୍ଧୁକର ଲାଇସେନ୍ସ ଯାଞ୍ଚ କରିଥିଲେ। ତେବେ ବନ୍ଧୁକର ଲାଇସେନ୍ସ ଥିବାରୁ ପୋଲିସ ତାଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିଲା ବୋଲି ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେଉଁମାନଙ୍କର ଲାଇସେନ୍ସ ବନ୍ଧୁକ ରହିଛି ସେମାନେ କ'ଣ ଏପରି ଆତଙ୍କ ଖେଳାଇପାରିବେ ନା ଅନ୍ୟ କୌଣସି ଚାପରେ ପୋଲିସ ତାଙ୍କୁ ଛାଡିଦେଲା?



## ■ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

# ୨୨୬ ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବୈଜ୍ଞାନିକ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଖଣ୍ଡଗିରି ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ବିଜ୍ଞାନ ମେଳାରେ କନିଷ୍ଠ, ଶିଶୁ, ବାଲ୍, କିଶୋର ବର୍ଗରେ ମୋଟ ୨୨୬ଟି ପ୍ରକଳ୍ପକୁ କୁନି ବୈଜ୍ଞାନିକମାନେ ପ୍ରଦର୍ଶନ କରିଥିଲେ। ଏହି ବିଜ୍ଞାନମେଳାକୁ ନାଇଜରର ବୈଜ୍ଞାନିକ ଡ. ଚନ୍ଦ୍ରଶେଖର ପୁରୋହିତ ଉଦ୍‌ଘାଟନ କରି ଶିଶୁଗବେଷକମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶଶିଭୂଷଣ ଦାଶ ଅତିଥିମାନଙ୍କ ପରିଚାଳନା କରିଥିଲେ। ବିଜ୍ଞାନମେଳାର ବିଚାରକ ଭାବେ ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟମାନେ ଯୋଗଦେଇ ଶିଶୁମାନଙ୍କ ପ୍ରକଳ୍ପଗୁଡ଼ିକ ମୂଲ୍ୟାଙ୍କନ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲର ଡ. ତପନ କୁମାର ରାଉତ (ହେଡ୍ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଟେକ୍ନୋଲୋଜି) ଯୋଗଦେଇ ବିଜ୍ଞାନ ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ପତ୍ରବାଚନ ଓ ପ୍ରକଳ୍ପ ପ୍ରଦର୍ଶନୀରେ କୃତୀ ଶିଶୁମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ମଧୁସ୍ମିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଜ୍ଞାନ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ତ ଆଚାର୍ଯ୍ୟମାନେ ସହଯୋଗ କରିଥିଲେ।




ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥି।

## ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଧାରଣା

ଭୁବନେଶ୍ୱର,୧୭।୮(ବ୍ୟୁରୋ)

**ରାଜ୍ୟପାଳଙ୍କୁ ସ୍ମାରକପତ୍ର**

ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ପକ୍ଷରୁ ଦାବି ଦିବସ ଉପଲକ୍ଷେ ରାଜଭବନ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଶିକ୍ଷକ, ଅଧ୍ୟାପକ, କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର ମହାସଂଘର ସାଧାରଣ ସମ୍ପାଦକ ଅଧ୍ୟାପକ ରବି ରାୟ, ସଭାପତି ଦାଶରଥି ନାୟକ, ବିବେକାନନ୍ଦ ଦାଶ, ବିଜୟ ଦ୍ୱିବେଦୀ ଓ ଦୁଷ୍ମନ୍ତ ନାୟକ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ଲାଲ ମହାସଂଘର ଦାବିଗୁଡିକ ପୂରଣ କରିବାକୁ ତାଙ୍କ ପରାମର୍ଶ ସହ ଉପସ୍ଥାପିତ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରେରଣ କରିବାକୁ ଉପସ୍ଥିତ ପଦାଧିକାରୀମାନଙ୍କୁ କହିଛନ୍ତି। ଧାରଣାରେ ଶତାଧିକ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ଉମାକାନ୍ତ ପାତ୍ର, ଦେବହରି ମହାନ୍ତି, ସୁବାସିନି ତ୍ରିପାଠୀ, ନବଘନ ମହାରଣା, କୋଷାଧ୍ୟକ୍ଷ ନିକୁ ମହାନ୍ତି ପ୍ରଭୃତି ଧାରଣାରେ ଉପସ୍ଥିତ ଥିଲେ।

## କର୍ପୋରେଶନ ବ୍ୟାଙ୍କର ଗ୍ରାହକ ସମ୍ମିଳନୀ

ଭୁବନେଶ୍ୱର,୧୭।୮

କର୍ପୋରେଶନ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଗ୍ରାହକ ବହୁସଂଖ୍ୟାରେ ଯୋଗଦେଇ ବ୍ୟାଙ୍କ ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ କ୍ରପ ଏମ୍‌ଏସ୍‌ଏମ୍‌ଇ ସୁବିଧାର ଶୁଭାରମ୍ଭ କରାଯାଇଛି। ଏହା ଉଦ୍ୟୋଗୀଙ୍କୁ ଲାଭ ପ୍ରଦାନ କରିବାରେ ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏହାବାଦ ଏମ୍‌ଏସ୍‌ଏମ୍‌ଇଙ୍କୁ ଋଣ ସୁବିଧା, ପୁନଃ ଉଦ୍ଧାରଣ,ରିହାତି ସୁଧହାର ସମେତ ଅନ୍ୟାନ୍ୟ ପ୍ରଡକ୍ଟ ଏବଂ ସେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ କର୍ମଚାରୀଙ୍କ ପାଇଁ ବ୍ୟାଙ୍କ ପକ୍ଷରୁ ସେଭିଂସ ଆକାଉଣ୍ଟ କ୍ରପ ଡିଲାଇଟ ଆରମ୍ଭ ହୋଇଛି। ସମ୍ପ୍ରତି ବ୍ୟାଙ୍କ ସ୍କଚ ଅର୍ଡର ମେରିଟ ୨୦୧୯ ସିଲଭର ପୁରସ୍କାର ହାସଲ କରିଥିବା ଏହା ପ୍ରକାଶ କରିଛି।



## ■ କ୍ୟାପିଟାଲ ହସ୍ପିଟାଲରେ ପୋଲିସକୁ ମାଡ଼ ଘଟଣା

# ବଢ଼ିଲା ସୁରକ୍ଷା, ଜଗିଲେ ବନ୍ଧୁକଧାରୀ ପୋଲିସ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

■ ଅଧିକ ସିସିଟିଭି ଲଗାଇବା ପାଇଁ ଦାବି

କ୍ୟାପିଟାଲ ହସ୍ପିଟାଲରେ ୪ଜଣ ପୋଲିସ କର୍ମଚାରୀଙ୍କୁ ମାଡ ହେବା ପରେ କମିଶନରେଟ ପୋଲିସର ଚେତା ପଶିଛି। ବିଭିନ୍ନ କାରଣରୁ ଉତ୍ତେଜିତ ହୋଇ ପୋଲିସକୁ ମାଡ ମାରୁଥିବା ଲୋକଙ୍କୁ ସାବାଡ କରିବା ପାଇଁ ମୁତୟନ ହୋଇଛନ୍ତି ବନ୍ଧୁକଧାରୀ ପୋଲିସ। ପୋଲିସ ବିଭାଗ ପକ୍ଷରୁ ଗୋଟିଏ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ରାତି ୧୦ରୁ ସକାଳ ପର୍ଯ୍ୟନ୍ତ ଏହି ବନ୍ଧୁକଧାରୀ ପୋଲିସ କାଜୁଆଲିଟ ସମ୍ମୁଖ ଓ ହସ୍ପିଟାଲ ଆଗରେ ଜଗିବେ। ମଦ୍ୟପ ଓ ଦୁର୍ବ୍ୟବହାର କରୁଥିବା ରୋଗୀ ତଥା ରୋଗୀଙ୍କ ପରିଜନ ଉପରେ ନଜର ରଖାଯାଇଛି। ଏହି ସୁରକ୍ଷା ବ୍ୟବସ୍ଥା ଗ୍ରହଣ ହେବା ପରେ ପୂର୍ବଭଳି ବିଶୃଙ୍ଖଳା ଦେଖିବାକୁ ମିଳିନାହିଁ। ଏହି ସେକ୍ସନ ଫୋର୍ସକୁ ଜଣେ ଏଏସ୍‌ଆଇ ପୋଲିସ ନିୟନ୍ତ୍ରଣ କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭିର ବ୍ୟବସ୍ଥା ନାହିଁ। କାଁ ଭାଁ ସ୍ଥାନରେ ଲାଗିଛି। ଯାହାକି ଯେଉଁ ସ୍ଥାନରେ କିଛି ଆକ୍ରମଣ କିମ୍ବା ଅଘଟଣ ଘଟିଲେ ତାହାକୁ କେହି ଜାଣିପାରିବେ ନାହିଁ। ତେଣୁ ହସ୍ପିଟାଲର ଅନେକ ସ୍ଥାନରେ ଆହୁରି ଅଧିକ ସିସିଟିଭି ଲଗାଇବାକୁ ହସ୍ପିଟାଲର କେତେକ କର୍ମଚାରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୮ତାରିଖ ବିଳମ୍ବିତ ରାତିରେ କେତେକ ରୋଗୀଙ୍କ ସହଯୋଗୀ କ୍ୟାପିଟାଲ ହସ୍ପିଟାଲରେ ଗଣ୍ଡଗୋଳ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିବା ସମୟରେ ସେମାନେ ୪ଜଣ ପୋଲିସଙ୍କୁ ମାଡ ମାରିଥିଲେ। ଏପରି କି ମାଡ ମରାଯିବାର ଭିଡିଓ ଭାଇରାଲ ହୋଇଥିଲେ ମଧ ଆକ୍ରମଣ ପଛରେ ଜଣେ ଆଇନଜୀବୀ ସମ୍ପୃକ୍ତି ଥିବାରୁ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଡରିଥିଲା। ଶେଷରେ ମାଡ ଖାଇଥିବା ପୋଲିସ କର୍ମଚାରୀଙ୍କୁ ଡାକି ଏକ ରୁଦ୍ଧ ଦ୍ୱାରରେ ବୈଠକ କରି ଓକିଲ ଜଣେ କ୍ଷମା ମାଗିବା ପରେ ଆପୋସ ସମାଧାନ ହୋଇଥିଲା।

**ଦିନକୁ ଦିନ ସଡ଼କ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବିଭିନ୍ନ କାରଣ ଥିଲେ ହେଁ ବର୍ତ୍ତମାନ ବେପରୁଆ ଗାଡ଼ି ଚାଳନା ସାଙ୍ଗକୁ ମୋବାଇଲ ଫୋନ୍ ବ୍ୟବହାର ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଜଣାପଡ଼ିଛି । ତେଣୁ ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ସଚେତନ ରହିବା ଆବଶ୍ୟକ...**



# ମୋବାଇଲ ଓ ସଡ଼କ ଦୁର୍ଘଟଣା







ବର୍ତ୍ତମାନ ଦୁଇ ହେଉ ଅବା ଚାରିଚକିଆ ଯାନ ଚଲାଇବା ସମୟରେ ମୋବାଇଲ ଫୋନ୍‌ରେ କିମ୍ବା କାନରେ ବ୍ଲୁଟୁଥ୍ ଲଗାଇ ଗପିବା ଯେମିତି ଏକ ଫ୍ୟାଶନ ହୋଇଗଲାଣି। ସେଥିପାଇଁ ପ୍ରତିଦିନ ଅନେକ ସଡ଼କ ଦୁର୍ଘଟଣା ଖବର ଶୁଣିବାକୁ ମିଳୁଛି। ଅତ୍ୟନ୍ତ ପରିତାପର ବିଷୟ ଯେ, ସବୁଆଡ଼େ ହେଉଥିବା ଦୁର୍ଘଟଣା ମଧ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର ସର୍ବାଧିକ। ନ୍ୟାଶନାଲ ସେଫ୍ଟି କାଉନ୍‌ସିଲର ରିପୋର୍ଟ ଅନୁଯାୟୀ ଗାଡ଼ି ଚଲାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ଏଭଳି ଦୁର୍ଘଟଣା ପାଇଁ ମୁଖ୍ୟତଃ ଦାୟୀ। ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ସିଧାସଳଖ ମୋବାଇଲ ଫୋନ୍ ନ ଧରି ବ୍ଲୁଟୁଥ୍ ଭଳି ହ୍ୟାଣ୍ଡସ୍ ଫ୍ରି ଡିଭାଇସ୍ ବ୍ୟବହାର କରିବା ନିରାପଦ। ହେଲେ ବାସ୍ତବରେ ଏହା ମଧ୍ୟ ଦୁର୍ଘଟଣା ଲାଗି ସମପରିମାଣରେ ଦାୟୀ। ତେବେ ଏହାଦ୍ୱାରା ଚାଳକ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ।

ସସେକ୍ସ ୟୁନିଭର୍ସିଟିର ଗବେଷକ ଗ୍ରାହାମ ହୋଲ୍ ଏବଂ ତାଙ୍କ ସହକର୍ମୀମାନେ ମିଶି ଏନେଇ ଏକ ଗବେଷଣା କରିଥିଲେ। ଯାହାର ରିପୋର୍ଟ ମୁତାବକ ଗାଡ଼ି ଚଲାଇବା ବେଳେ ଫୋନରେ ଗପିବା ଦ୍ୱାରା ଧ୍ୟାନଚ୍ୟୁତ ହୋଇଥାଏ, ଯାହାକି ଦୁର୍ଘଟଣାର ବଡ଼ କାରଣ। ସେଭ୍ ଲାଇଫ୍ ଫାଉଣ୍ଡେଶନ ଦ୍ୱାରା ୧୭୪୯ ଜଣଙ୍କୁ ନେଇ କରାଯାଇଥିବା ଏକ ରିସର୍ଚ୍ଚର ରିପୋର୍ଟରୁ ଜଣାପଡ଼ିଛି ଯେ, ପ୍ରାୟ ୪୭ ପ୍ରତିଶତ ଚାଳକ ଗାଡ଼ି ଚଲାଇବା ସମୟରେ କଲ୍ ଉଠାଇଥାନ୍ତି।

ମୋଟର ଭେହିକଲ୍ ଆକ୍ଟ ଅନୁଯାୟୀ ଗାଡ଼ି ଚଲାଇବା ସମୟରେ ଫୋନ୍‌ରେ କଥା ହେବା ଆଇନଗତ ଅପରାଧ। ଯଦିଓ ଏ ବିଷୟରେ ସମସ୍ତଙ୍କୁ ଜଣା ଅଛି ତଥାପି ଧରାପଡ଼ିଲେ ଏଥିପାଇଁ କୌଣସି ଦଣ୍ଡ ବଦଳରେ କେବଳ ଜରିମାନା ଦେବାକୁ ପଡୁଥିବାରୁ ଅନେକେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି।

କାଲିଫର୍ନିଆ, କନେକ୍ଟିକଟ୍, ଡେଲାୱେର୍, ୱାଶିଂଟନ୍ ଡିସି, ହାୱାଇ, ଇଲିନୋଇସ୍, ମାରିଲାଣ୍ଡ, ନେଭାଡ଼ା, ନ୍ୟୁୟର୍କ, ଆରେଗନ୍, ଭେରମଣ୍ଟ ଭଳି କେତେକ ସହରରେ ଗାଡ଼ି ଚଲାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା ନିଷେଧ କରାଯାଇଛି।

**ମନେରଖନ୍ତୁ..**

- ଯଦି ଗାଡ଼ି ଚଲାଇବା ବେଳେ କଲ୍ ଆସୁଛି ତେବେ ଗାଡ଼ିକୁ ରାସ୍ତାକଡ଼ରେ କିମ୍ବା ପାର୍କିଂ ସ୍ଥାନରେ ଅଟକାଇ କଥା ହୁଅନ୍ତୁ। ଏପରି କରିବା ଦ୍ୱାରା ଆପଣ ନିଜ ସହିତ ଅନ୍ୟ କାହାର ଜୀବନ ବିପଦରେ ପକାଇବାରୁ ବଞ୍ଚିଯିବେ।
- ସେହିପରି ମୋବାଇଲରେ ମେସେଜ୍ ଆସିଲେ କିମ୍ବା ମେସଜ୍ କରିବାର ଥିଲେ ବି ସୁରକ୍ଷା ଦୃଷ୍ଟିରୁ କିଛି ସମୟ ଠିଆ ହୋଇଯିବା ଭଲ।
- ଆଜିକାଲି ଅନେକଙ୍କୁ ଗାଡ଼ି ଚଲାଇବା ବେଳେ ସେଲ୍‌ଫି ଉଠାଇବା, ଅନ୍‌ଲାଇନ୍ ଭିଡିଓ, ଟିକ୍‌ଟକ୍, ଲାଇକ୍ ଆଦି ଭିଡିଓ କରିବାର ନିଶା ଘାରିଛି। ଏଥିପାଇଁ ମଧ୍ୟ ଦୁର୍ଘଟଣା ବଢୁଥିବା ନଜିର ରହିଛି। ତେଣୁ ଗାଡ଼ି ଚଲାଇବା ବେଳେ ଏସବୁ ଆଦୌ କରନ୍ତୁ ନାହିଁ।
- କେବଳ ଏତିକି ନୁହେଁ, ନିଜେ ଗାଡ଼ି ନ ଚଲାଉଥିଲେ ଯଦି କାହା ସହ ଗାଡ଼ିରେ ଯାଉଛନ୍ତି ତେବେ ବଡ଼ ପାଟିରେ ଫୋନ୍‌ରେ ଗପିବା, ଫଟୋ ଉଠାଇବା ଆଦି ମଧ୍ୟ କରନ୍ତୁ ନାହିଁ। ନଚେତ୍ ଚାଳକଙ୍କର ଏକାଗ୍ରତା ଭଙ୍ଗହେବା ସହ ଦୁର୍ଘଟଣା ଆଶଙ୍କା ବଢ଼ିଥାଏ।

## କ'ଣ କୁହନ୍ତି ଏମାନେ...



ସ୍ମରଣିକା



ରାଜେନ୍ଦ୍ର



ରୋଜାଲିନ

❖୨ବର୍ଷ ତଳର ଘଟଣା। ସାନଭଉଣୀ ସହ ସ୍କୁଟିରେ ଘରକୁ ଫେରୁଥାଏ। ସାମ୍ନା ପଟୁ ଏକ କାର୍ ଦ୍ରୁତ ଗତିରେ ମାଡ଼ି ଆସିଲା। ଚାଳକ ଜଣଙ୍କ ମୋବାଇଲରେ ଗପିବାରେ ଏତେ ଅନ୍ୟମନସ୍କ ହୋଇପଡ଼ିଥାନ୍ତି ଯେ, ଆଗରେ ଆମେ ଅଛୁ ବୋଲି ତାଙ୍କର ନଜର ନ ଥାଏ। ଦୁର୍ଘଟଣା ଏଡ଼ାଇବାକୁ ଯାଇ ଆମେ କଡ଼କୁ ମାଡ଼ିଗଲୁ। ହେଲେ ମୁଁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଖସିପଡ଼ିଲି। ରାସ୍ତାରେ ପଡ଼ିଥିବା ଗୋଡ଼ି ମୋ ପାଦରେ ପଶିଗଲା। ଧାର ଧାର ହୋଇ ରକ୍ତ ବୋହୁଥିଲା। ଏଣେ ପାଖରେ କୌଣସି ମେଡିକାଲ ବି ନ ଥିଲା। ଓଢ଼ଣିକୁ ପାଦରେ ବାନ୍ଧିଲା ପରେ ବି ରକ୍ତ ବନ୍ଦ ହେଉ ନ ଥିଲା। କଷ୍ଟରେ ସ୍କୁଟି ଚଲାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡ୍ରେସିଂ କରାଇଲୁ। ସେ କଥା ମନେପଡ଼ିଲେ ଆଜି ମୋ ଦେହରେ ଶିହରଣ ଖେଳିଯାଏ। *– ସ୍ମରଣିକା ଦାଶ, ପୁରୀ*

❖ଥରେ ଜଣେ ବନ୍ଧୁ ଭୁବନେଶ୍ୱର ରାଜଧାନୀ ମେଡିକାଲରେ ଚିକିତ୍ସିତ ହେଉଥାନ୍ତି। ତାଙ୍କୁ ଦେଖା କରିବାକୁ ମେଡିକାଲ ଯାଉଥାଏ। ଦେହର ଅବସ୍ଥା କେମିତି ଜାଣିବା ଲାଗି ବାରମ୍ବାର ଫୋନ୍ କରୁଥାଏ। ସେହି ନିଶାରେ ମୋର ରାସ୍ତା ଉପରୁ ଧ୍ୟାନ ହଟିଯାଇଥାଏ। ଏହି ସମୟରେ ହଠାତ୍ ଏକ ଗାଈ ରାସ୍ତା ଉପରକୁ ଆସିଯିବାରୁ ମୋ ଆଗରେ ଥିବା କାରଟି ବ୍ରେକ୍ ମାରିଦେଲା ଏବଂ ମୁଁ ଉପାୟ ନ ପାଇ ରାସ୍ତାକଡ଼କୁ ପ୍ରାୟ ୫୦ ମିଟର ଗଡ଼ିଗଡ଼ି ପଡ଼ିଗଲି। ସେବେଠାରୁ ପ୍ରତିଜ୍ଞା କଲି, କେବେ ବି ନିଦ ଲାଗିବା ଅବସ୍ଥାରେ ବାଇକ ଚଳାଇବି ନାହିଁ।

*–ରାଜେନ୍ଦ୍ର କୁମାର ଦାସ, ରାଏବିଧାର, ବ୍ରହ୍ମଗିରି*

❖ମୋର ନୂଆ ନୂଆ ସ୍କୁଟି କିଣା ହୋଇଥାଏ। ମୋ ସାର୍ ଅଶୋକ ଦାସଙ୍କ ସହ ବାଟମଙ୍ଗଳା ମନ୍ଦିରକୁ ଯାଇ ପୂଜା ସାରି ଘରକୁ ଫେରୁଥାଏ। ପ୍ରଥମ ଥର ସ୍କୁଟି ଚଲାଉଥିବାରୁ ମନରେ ଭୟ ରହିଥାଏ। ଏକ ବାଙ୍କ ରାସ୍ତାରେ ଜଣେ ବ୍ୟକ୍ତି ମୋବାଇଲରେ ଗପି ଗପି ସାଇକେଲ ଚଲାଇ ମୋ ଆଗକୁ ଚାଲି ଆସିଲେ। ତାଙ୍କ ଦେହରେ ଗାଡ଼ି ନ ବାଜିବ ଭାବି କଡ଼କୁ ଗାଡି ନେଉ ନେଉ ପଡ଼ିଗଲି। ବହୁ କଷ୍ଟରେ ଉଠିଲି ସତ, କିନ୍ତୁ ଆଉ ଗାଡ଼ି ଚଲାଇବାକୁ ସାହସ ହେଲା ନାହିଁ। ହାତଗୋଡ଼ ଥରି ଦେହରୁ ଗମ୍ ଗମ୍ ଝାଳ ବାହାରିଲା। ସାର୍ ମୋତେ ସାହସ ଦେବାରୁ ଧୀରେ ଧୀରେ ଘରକୁ ଫେରିଲି। ସେବେଠୁ ନା ନିଜେ କେବେ ଗାଡ଼ି ଚଲାଇବା ବେଳେ ମୋବାଇଲରେ ଗପେ ନା କାହାକୁ ଗପିବାକୁ ଦିଏ।

*–ରୋଜାଲିନ ପଣ୍ଡା, ଗୋପୀନାଥପୁର, ନୂଆସାହି, ପୁରୀ*

## ଏ ସପ୍ତାହର ପ୍ରଶ୍ନ

୧– କାର୍‌ଗିଲ୍ ଶ୍ରଦ୍ଧାଞ୍ଜଳି ସଙ୍ଗୀତ......... ରଚନା କରିଛନ୍ତି ?
୨– ନ୍ୟାଶନାଲ ପଲିସି ଅନ୍ ବାୟୋ ଫୁଏଲ୍ସ ପ୍ରଥମେ ............ ରାଜ୍ୟରେ କାର୍ଯ୍ୟକାରୀ ହେଲା ?
୩– ଏସିଆନ୍‌ଡେଭେଲପମେଣ୍ଟ ବ୍ୟାଙ୍କ୍‌ର ହେଡ୍‌କ୍ୱାର୍ଟର............ ଠାରେ ଅବସ୍ଥିତ ?
୪– ଓଡ଼ିଶା ପୋଲିସର ମୋଟୋ.......... ?
୫– ବରମୁଡା ଟ୍ରାଙ୍ଗଲରେ ଦେଖାଦେଉଥିବା ଇଲେକ୍ଟ୍ରୋନିକ ଫଗ୍‌ର ନାମ......... ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ଏମ୍‌ପାୱାର ପାରେଣ୍ଟ୍ସ, ଏନାବଲ୍ ବ୍ରେଷ୍ଟଫିଡିଂ
୩ ନାଜ୍ ଜୋଷୀ
୪ ମୋହାଲି
୫ ଭିନେଶ ଫୋଗାଟ୍

## ଉତ୍ତର ଦାତା



ଅମିୟ କୁମାର ମହାନ୍ତ, କେନ୍ଦୁଝର



ଚନ୍ଦ୍ରମା ହୋତା, ବଲାଙ୍ଗୀର



ବିଶ୍ୱରଞ୍ଜନ ମହାନ୍ତି, ତାଳଚେର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ୟୁ | ଥ୍ | କ୍ଲ | ବ

# ଲକ୍ଷ୍ୟ ସମାଜର ବିକାଶ




ଭାଇଚାରା, ଶାନ୍ତି, ସଂହତି ଏବଂ ସୁନ୍ଦର ବୁଝାମଣା ତଥା କଳାହାଣ୍ଡି ଜିଲାର ଦ୍ୱାରଦେଶରେ ଅବସ୍ଥିତ ପେଣ୍ଠସ୍ଥଳୀ କେସିଙ୍ଗା ସହରରେ ଗଢ଼ି ଉଠିଛି ଜିଲାର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ। ୧୯୯୪-୯୫ ମସିହାରେ ଯେତେବେଳେ ଜିଲାକୁ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଜରିଆରେ ଲାଇଫ୍‌ଲାଇନ ଏକ୍ସପ୍ରେସ ଆସେ, ସେହି ସମୟରେ ମାତ୍ର କେତେଜଣ ସଦସ୍ୟଙ୍କ ଉଦ୍ୟମରେ ଏହି ଅନୁଷ୍ଠାନ ସେବା ଭାବନା ରଖି ଜନ୍ମ ନେଇଥିଲା । ପରବର୍ତ୍ତୀ ସମୟରେ ଉଭୟ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଭାବେ ଏହା ପରିଚିତ ହୋଇପାରିଥିଲା। ବିଗତ ଦୁଇଦଶନ୍ଧିରୁ ଉର୍ଦ୍ଧ୍ୱ କାଳରେ ସାମାଜିକ ସେବା କ୍ଷେତ୍ରରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ପହଞ୍ଚି ଖୁବ୍ ଲୋକପ୍ରିୟତା ହାସଲ କରିଛି। ଅନୁଷ୍ଠାନ କଳାହାଣ୍ଡିର କଳା, ସଂସ୍କୃତି, ଲୋକଗୀତ ଏବଂ ଲୋକନୃତ୍ୟକୁ ଅମାପ ଗଭୀରତା ଉପଲବ୍ଧି ନେଇ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇ ଜିଲାକୁ ଗୌରବାନ୍ୱିତ କରିଛି । ଅନୁଷ୍ଠାନ ଆରମ୍ଭ ହେବା ଦିନଠାରୁ ଦୀର୍ଘ ୨୪ବର୍ଷ ହେଲା ଆଉ ପଛକୁ ଫେରିନାହିଁ । ଅନୁଷ୍ଠାନ ପକ୍ଷରୁ ସମତଳ ଅଞ୍ଚଳରୁ ଆରମ୍ଭକରି ଦୁର୍ଗମ ଗୋପୀନାଥପୁର ଅଞ୍ଚଳ ପର୍ଯ୍ୟନ୍ତ ଶହଶହ ରୋଗୀଙ୍କୁ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନକରି ଚକ୍ଷୁ ଚିକିତ୍ସା ସହ ଅସ୍ତ୍ରୋପଚାର କରି ସେବା ଯୋଗାଇ ଆସୁଛି। ଏଥିପାଇଁ ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାରେ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ ଭାବରେ ସମ୍ମାନିତ ହୋଇଛି। ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଭାରତ ସରକାରଙ୍କ ଶ୍ରମ ବିଭାଗ ଦ୍ୱାରା ଦୀର୍ଘ ୧୮ ବର୍ଷ ପର୍ଯ୍ୟନ୍ତ ୩ ଗୋଟି ଶିଶୁ ଶ୍ରମିକ ସ୍କୁଲ ଚଲାଇ ସଫଳତା ପାଇଛି। ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସେଲ୍ ସହାୟତାରେ ଜିଲାରେ ଏଚ୍‌ଆଇଭି/ଏଡ୍‌ସ ଭଳି ମାରାତ୍ମକ ରୋଗରୁ କିନ୍ନର ଓ ମହିଳା ଯୌନକର୍ମୀଙ୍କୁ ରୋକିବା ପାଇଁ ଦୀର୍ଘ ୧୩ ବର୍ଷ ହେଲା ଅନବରତ କାର୍ଯ୍ୟ କରି ଆସୁଛି। ସେହିଭଳି ଉକ୍ତ ବିଭାଗ ଦ୍ୱାରା ହିଁ ଦାଦନ ଶ୍ରମିକଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବା ପାଇଁ କେସିଙ୍ଗା ଷ୍ଟେଶନରେ କାର୍ଯ୍ୟ କରୁଛି। ଦୁର୍ଗମ ଲାଞ୍ଜିଗଡ଼ଠାରେ ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ଗର୍ଭବତୀ ମହିଳାଙ୍କ ପାଇଁ ବିଶ୍ୱନାଥପୁର ଓ ପର୍ଲାଠାରେ ମା'ଗୃହ ପରିଚାଳନା କରୁଛି। ସେଭଳି ଭବାନୀପାଟଣାଠାରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହୋଇଥିବା ୟୁପିଏଚ୍‌ସିକୁ ସଫଳତାର ଶହ ପରିଚାଳନାକରି ଏ ବର୍ଷ ରାଜ୍ୟସ୍ତରୀୟ କାୟାକଳ୍ପ ସମ୍ମାନ ପାଇବାରେ ସଫଳତା ଅର୍ଜନ କରିଛି। ସାମାଜିକ କ୍ଷେତ୍ରରେ ଯେମିତି ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଏହି ଅନୁଷ୍ଠାନ ଅନେକ ସଫଳତା ହାସଲ କରିଛି। ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ ଢୋଲ ମହୁରି, ବଜାଶାଳ, ଘୁମୁରା, ଡାପ, ଘୁଡ଼କା, ଛିଲୋ ଲାଇ ରସରକେଲି, ଚୁଟୁକୁଚୁଟା, ବାଙ୍ଗିରି ଓ ଡାଲଖାଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବେଶ୍ ଆଦୃତ ହୋଇଛି। ଅନୁଷ୍ଠାନ ଶିଶୁ ଘୁମୁରା ନୃତ୍ୟ ଗଣତନ୍ତ୍ର ଦିବସରେ ଦିଲ୍ଲୀରେ ସ୍ଥାନ ପାଇଥିବା ବେଳେ ଆନ୍ତର୍ଜାତିକ ପାଟା ସମ୍ମିଳନୀ, ଭାରତ ପର୍ବରେ ସାମିଲ ହୋଇ ଲୋକଙ୍କୁ ମୋହିତ କରିଛି। ଅନୁଷ୍ଠାନର କଳାକାରମାନେ ବିଦେଶଯାତ୍ରା କରି ଚାଇନା ଯାଇ ଜିଲାକୁ ଗୌରବ ଆଣିଛନ୍ତି। ଏହାଛଡ଼ା ରାଜ୍ୟ ସଂସ୍କୃତି ବିଭାଗ, ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ, ଜିଲା ସାଂସ୍କୃତିକ ପରିଷଦ ଦ୍ୱାରା ଜିଲା ଉତ୍ସବଠାରୁ ଆରମ୍ଭକରି ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ, ରାଜ୍ୟ ବାହାରେ ପ୍ରାୟ ଅଧିକାଂଶ ରାଜ୍ୟରେ ଏହି ଲୋକନୃତ୍ୟ ପରିବେଷଣକରି ଉଚ୍ଚ ପ୍ରଶଂସିତ ହୋଇପାରିଛି। ରାଜ୍ୟ ଓ ଜାତୀୟ ଯୁବ ମହୋତ୍ସବରେ ସାମିଲହୋଇ ବେଶ୍ ଆଦୃତ ହୋଇଛି। ଅନୁଷ୍ଠାନର କଳାକାର କମ୍ପୁପାଣି ବାଗ ଭାରତ ସରକାରଙ୍କ ସଂସ୍କୃତି ବିଭାଗରେ ଜୁନିୟର ଫେଲୋଶିପ୍ ପାଇବାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିଶେଷକରି ଅନୁଷ୍ଠାନ ନିଜ ପ୍ରଚେଷ୍ଟାରେ ରାଜ୍ୟସ୍ତରୀୟ ୨ଦିନିଆ ଲୋକ ମହୋତ୍ସବ ଆୟୋଜନକରି ବେଶ୍ କୃତିତ୍ୱ ଅର୍ଜନ କରିଛି। ଆସନ୍ତା ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଥିବା ଆମର ଏହି ଅନୁଷ୍ଠାନ ପକ୍ଷରୁ ଆଗକୁ ଜିଲା, ରାଜ୍ୟ ଓ ଦେଶ ପାଇଁ ଆହୁରି ଉନ୍ନତିମୂଳକ କାର୍ଯ୍ୟ କରିବାକୁ ପ୍ରୟାସ କରୁଛୁ ବୋଲି ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ସୁଶାନ୍ତ ମହାପାତ୍ର କହିଥିବା ବେଳେ ଅନୁଷ୍ଠାନ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଆହୁରି ପରିବର୍ତ୍ତନ ଆଣି ଏକ ବିକାଶଶୀଳ ଜିଲା ଗଠନ କରିବାକୁ ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଛନ୍ତି।

**– ସଞ୍ଜୀବ କୁମାର ଜୋଷୀ**



ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।



ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପୋଖରାନ୍ ଗସ୍ତବେଳେ ଭାରତ ପ୍ରଥମେ ଅଣୁଅସ୍ତ୍ର ବ୍ୟବହାର କରିବ ନାହିଁ ବୋଲି ଯାହା ନିଷ୍ପତ୍ତି ନେଇଥିଲା, ଭବିଷ୍ୟତରେ ପରିସ୍ଥିତିକୁ ଦେଖି ଏଥିରେ ପରିବର୍ତ୍ତନ କରିପାରେ ବୋଲି କହିବା ପରେ ପାକିସ୍ତାନ ସମାଲୋଚନା କରିଛି। ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଏଭଳି ମନ୍ତବ୍ୟକୁ ଦାୟିତ୍ୱହୀନ ଓ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି।

# କମୁଛି ସବୁ ନଦୀ ଜଳସ୍ତର

■ ବିପଦସଙ୍କେତ ତଳେ ସବୁନଦୀର ଜଳ ପ୍ରବାହିତ
■ ଆଜି ଝଡ଼ତୋଫାନ ସହ ବଜ୍ରପାତ ଆଶଙ୍କା

ଭୁବନେଶ୍ୱର, ୧୭।୮ (ବ୍ୟୁରୋ)

ଉପର ମୁଣ୍ଡରେ ବର୍ଷା କମିଥିବାରୁ ଏବେ ରାଜ୍ୟରେ ବଡ଼ ବନ୍ୟାର ଭୟ ଟଳିଯାଇଛି। ମହାନଦୀ ସମେତ ପ୍ରାୟ ସମସ୍ତ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ପରିସ୍ଥିତି ବର୍ତ୍ତମାନ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ଡେପୁଟି ଏସ୍ଆର୍‌ସି ପ୍ରଭାତ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳ ଧାରଣା କ୍ଷମତା ବୃଦ୍ଧି ପାଇଥିଲା। ଫଳରେ ପର୍ଯ୍ୟାୟକ୍ରମେ ହୀରାକୁଦର ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ଆଡୁ ବର୍ଷାପାଣି ମହାନଦୀକୁ ପ୍ରବେଶ କରିଥିଲା। ଫଳରେ ମହାନଦୀ ସମେତ ଅନ୍ୟ କେତେକ ନଦୀରେ ବନ୍ୟା ଆସିଥିଲା। ବର୍ତ୍ତମାନ ହୀରାକୁଦରେ ୫ ଗେଟ୍ ଖୋଲା ରହିଛି। ସ୍ଥିତିକୁ ଲକ୍ଷ୍ୟ କରି ସେସବୁକୁ ମଧ୍ୟ ବନ୍ଦ କରାଯିବ ବୋଲି ମହାପାତ୍ର କହିଛନ୍ତି।

ମିଳିଥିବା ସୂଚନାନୁସାରେ, ବନ୍ୟା ପାଣିରେ ବୁଡିଥିବା ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା ଓ ପୁରୀ ଜିଲାର କେତେକ ତଳିଆ ଅଞ୍ଚଳରୁ ପାଣି ଖସିବାରେ ଲାଗିଛି। ପୁରୀରେ ୪୦, ଖୋର୍ଦ୍ଧାରେ ୪୮, କଟକରେ ୫୫୦ ଲୋକଙ୍କୁ ରିଲିଫ୍ କ୍ୟାମ୍ପରେ ରଖାଯାଇଛି। ଅଧିକ ପ୍ରଭାବିତ ବଲାଙ୍ଗୀର ଜିଲାର ୫୬ କ୍ୟାମ୍ପରେ ୧୯ହଜାର ଲୋକ, ସୁବର୍ଣ୍ଣପୁର ଜିଲାର ୨୪ କ୍ୟାମ୍ପରେ ୩ ହଜାର ୯୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଆସନ୍ତା ସାତ ଦିନ ଭିତରେ ବଡ଼ ବର୍ଷାର ସମ୍ଭାବନା ନାହିଁ। ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ହେଲେ ମଧ୍ୟ ତାହା ଏତେ ବିପଦଜନକ ହେବନି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ରବିବାର କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ସମ୍ବଲପୁରରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେହିପରି ରବିବାର ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳରେ ଝଡ଼ତୋଫାନ ହେବା ସହ ବଜ୍ରପାତ ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



## ବଲାଙ୍ଗୀର ଏମ୍‌ପିଙ୍କୁ ବିରୋଧ, ପୋଲିସ ସହ ଧସ୍ତାଧସ୍ତି



ବଲାଙ୍ଗୀର ଅଫିସ, ୧୭।୮

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେବାକୁ ଯାଉଥିବାବେଳେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓଙ୍କୁ ବଲାଙ୍ଗୀରରେ ସମାଜକର୍ମୀ ଲଳିତ କୁମାର ନାୟକ ଓ ତାଙ୍କ ସମର୍ଥକମାନେ ବିରୋଧ କରି ନାରାବାଜି କରିଥିଲେ । ମୁର୍ଦ୍ଦାବାଦ୍, ଗୋ ବ୍ୟାଗ୍ ଧ୍ୱନି ଦେଇଥିଲେ । ସିଡିଏମ୍‌ଓ ଅଫିସ ସମ୍ମୁଖରେ ବିରୋଧୀମାନେ ଘେରିଯାଇ ନାରାବାଜି କରିଥିଲେ । ପୋଲିସ ସମସ୍ତ ବିରୋଧୀଙ୍କୁ ବାରଣ କରିଥିଲା । ଏହାପରେ କିଛି ସମୟ ଧରି ପୋଲିସ ଓ ବିରୋଧୀଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା । ବିରୋଧୀଙ୍କୁ ପୋଲିସ ଠେଲି ନେବା ପରେ ମନ୍ତ୍ରୀ, ଏମପି ଓ ଅନ୍ୟ ଅଧିକାରୀମାନେ ସିଡିଏମ୍‌ଓ ଅଫିସ ଭିତରକୁ ପଶି ପାରିଥିଲେ । ସେଠାରେ ଭାଜପା କର୍ମୀମାନେ ମଧ୍ୟ ନାୟକଙ୍କ ବିରୋଧରେ ନାରାବାଜି କରିଥିଲେ । ଏଥିଯୋଗୁ ମନ୍ତ୍ରୀଙ୍କୁ ଭେଟିବା ପାଇଁ ଆସିଥିବା ବନ୍ୟା ପୀଡିତମାନେ ମଧ୍ୟ ଠେଲାପେଲାର ଶିକାର ହୋଇଥିଲେ । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଏକ ପ୍ରତିନିଧି ମଣ୍ଡଳୀ କିଛିଦିନ ପୂର୍ବରୁ ଦିଲ୍ଲୀ ଯାଇ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଥିଲେ । ସେହି ପ୍ରତିନିଧି ମଣ୍ଡଳୀରେ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ କରୁଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ଲଳିତ କୁମାର ନାୟକ ମଧ୍ୟ ଦିଲ୍ଲୀ ଯାଇଥିଲେ । ତେବେ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସେଠାରେ ଭେଟିବାକୁ ଗଲାବେଳେ ଏମପି ସିଂହଦେଓ କୁଆଡେ ସଂଯୋଜକ ନାୟକଙ୍କୁ ମନ୍ତ୍ରୀଙ୍କ ଚ୍ୟାମ୍ବରକୁ ପଶିବାକୁ ଦେଇ ନ ଥିଲେ । ଏହାର ପ୍ରତିବାଦରେ ଶନିବାର ସଂଯୋଜକ ନାୟକ ଓ ତାଙ୍କ ସମର୍ଥକମାନେ ଏମ୍‌ପି ସିଂହଦେଓଙ୍କୁ ବିରୋଧ କରିଥିବା ନାୟକ କହିଛନ୍ତି । ତେବେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାୟକଙ୍କୁ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

■ ଭିଡିପି ଆସୋସିଏଟ ସର୍ଭେ

## ଶୀର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଦର୍ଶନକୁ ନେଇ ରାଜ୍ୟବାସୀ ସନ୍ତୁଷ୍ଟ ଅଛନ୍ତି। ସାରା ଦେଶର ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ପ୍ରଦର୍ଶନକୁ ଭିତ୍ତିକରି ପ୍ରସ୍ତୁତ ଏକ ରିପୋର୍ଟରେ ନବୀନ ଏକ ନମ୍ବର ସ୍ଥାନ ଅକ୍ତିଆର କରିଛନ୍ତି। ଭିଡିପି ଆସୋସିଏଟ ପକ୍ଷରୁ କରାଯାଇଥିବା ସର୍ଭେରୁ ଏହା ଜଣାପଡିଛି। ବିଜେଡି ପକ୍ଷରୁ ଶନିବାର ଗଣମାଧ୍ୟମକୁ ଏ ସମ୍ପର୍କରେ ଅବଗତ କରାଯାଇଛି। ନବୀନ ସର୍ବାଧିକ ୮୨ ପଏଣ୍ଟ ପାଇଥିବା ବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୭୨ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ୭୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ୬୮, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ୬୫, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ୬୨, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୬୦ ପଏଣ୍ଟ ସହ ଯଥାକ୍ରମେ ଚତୁର୍ଥରୁ ସପ୍ତମ ସ୍ଥାନରେ ରହିଛନ୍ତି। ସେହିଭଳି ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ୫୯, ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ ୫୭, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୫୪ ପଏଣ୍ଟ ପାଇଛନ୍ତି। ଅପରପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୫୨, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ୫୦ ଏବଂ ତାଲିକାର ଶେଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.ପାଲାନିସ୍ୱାମୀ ରହିଛନ୍ତି। ଏହିସର୍ଭେରେ ମୁଖ୍ୟମନ୍ତ୍ରୀମାନଙ୍କ ପ୍ରଦର୍ଶନରେ ଭଲ ଏବଂ ହାରାହାରି ଭାବେ ଖୁସି ଥିବା ବ୍ୟକ୍ତିବିଶେଷଙ୍କ ମତାମତକୁ ସାମିଲ କରାଯାଇଥିଲା।



ନବୀନ ପଟ୍ଟନାୟକ

■ ୨ୟରେ ଯୋଗୀ, ଜଗନ ତୃତୀୟ
■ ଶେଷରେ ପାଲାନିସ୍ୱାମୀ

## ସର୍ଭେ କରିବାକୁ ଆସି ନଦୀରେ ବୁଡ଼ିଗଲେ

ମାଲକାନଗିରି/ମାଥିଲି,୧୭।୮ (ସ୍ୱ.ପ୍ର.)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ନଦୀରେ ବିଜୟୱାଡା-ରାଞ୍ଚି ଜାତୀୟ ରାଜପଥ ୩୨୬ ଅଧୀନରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ବ୍ରିଜ ପାଇଁ ଜଳସ୍ତର ସର୍ଭେ କରୁଥିବା ବେଳେ ଜଣେ ବୁଡ଼ିଯାଇ ନିଖୋଜ ଥିବା ଜଣାପଡିଛି। ମିଳିଥିବା ଖବରରୁ ଜଣାପଡିଛି ଭୁବନେଶ୍ୱର ବିକେ କନ୍‌ସଲଟାନ୍‌ସିର ସୌଭାଗ୍ୟ ମହାରଣାଙ୍କ ନେତୃତ୍ୱରେ ୪ଜଣ କର୍ମଚାରୀ ଶନିବାର ସକାଳ ୧୦ଟାରେ ପାଙ୍ଗାମ ନଦୀ ନିକଟକୁ ଜଳସ୍ତର ମାପିବାକୁ ଯାଇଥିଲେ। ଜଳସ୍ତର ମାପୁଥିବା ବେଳେ ସୌଭାଗ୍ୟଙ୍କ ଗୋଡ ଖସି ଯାଇଥିଲା। ଲଗାଣ ବର୍ଷା ଯୋଗୁ ନଦୀରେ ଜଳସ୍ତର ଅଧିକ ଥିବାରୁ ସେ ବୁଡି ନିଖୋଜ ହୋଇଯାଇଥିଲେ। ଏହା ଦେଖି ସାଥୀ କର୍ମଚାରୀମାନେ ମାଥିଲି ଥାନାକୁ ଯାଇ ଖବର ଦେଇଥିଲେ। ପୋଲିସ ଏବଂ ଓଡ୍ରାଫ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନାହିଁ। ତହସିଲଦାର ମଘବାନ ବାଗ୍‌ଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତରାନ୍ୱିତ କରିଥିଲେ।

## ହୀରାକୁଦ ଡ୍ୟାମ୍: ୫ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୧୭।୮(ବ୍ୟୁରୋ)

ହୀରାକୁଦ ଡ୍ୟାମରୁ ଶନିବାର ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ୫ ଗେଟ୍‌ରେ ପ୍ରତି ସେକେଣ୍ଡ ୭୮ ହଜାର ୪୦୫ ଘନଫୁଟ ପାଣି ନିଷ୍କାସନ ହେଉଛି। ପାୱାର ଚାନେଲରେ ୧୪ ହଜାର ୩୦୬, ବିଭିନ୍ନ କେନାଲରେ ୩ହଜାର ୨୯୭ ଓ ଶିଳ୍ପକୁ ୧୭୦ ଘନଫୁଟ ଜଳ ଛଡ଼ାଯାଉଛି। ରାତି ୧୦ଟା ସୁଦ୍ଧା ଡ୍ୟାମକୁ ପ୍ରତି ସେକେଣ୍ଡ ୧ଲକ୍ଷ ୧୨ହଜାର ୭୪୭ ଘନଫୁଟ ଜଳ ପ୍ରବେଶ କରୁଛି। ଡ୍ୟାମ୍ ତଳମୁଣ୍ଡ ବେଲଗାଁରେ ୨୫ ହଜାର, ପଥରିଆରେ ୭୦ ହଜାର ୯୬୭, ଖଇରମାଲରେ ୨ଲକ୍ଷ ୯୧ ହଜାର, ବୁରମୂଳାରେ ୨ଲକ୍ଷ ୪୭ ହଜାର ୨୫୦ ଓ ମୁଣ୍ଡଳିରେ ୫ଲକ୍ଷ ୩୦ ହଜାର ୬୨୯ ଘନଫୁଟ ଜଳ ପ୍ରବାହିତ ହେଉଛି। ଡ୍ୟାମ୍ ଉପର ମୁଣ୍ଡରେ ବର୍ଷା ପରିମାଣ କମ୍ ରହିଛି। ତେଣୁ ଡ୍ୟାମ୍ ଭିତରକୁ ଜଳ ପ୍ରବେଶ ପରିମାଣ କମ୍ ରହିଛି। ୨ ଦିନ ହେବ ତଳମୁଣ୍ଡରେ ମଧ୍ୟ ବର୍ଷା କମିଛି। ତେଣୁ ତଳମୁଣ୍ଡରେ ବନ୍ୟା ବିପଦ ଟଳିଯାଇଛି। ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ରାତି ୧୦ଟା ସୁଦ୍ଧା ଡ୍ୟାମ୍ ଜଳସ୍ତର ୬୨୦.୧୫ ଫୁଟ ରହିଥିବା ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।


ODISHA HYDRO POWER CORPORATION LIMITED.
OFFICE OF THE SENIOR GENERAL MANAGER (ELECTRICAL):
BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA)
PIN: 764 051. Phones: 06861-232581(0) / 232641(R).FAX- 06861-232541, E mail- <unit.head_balimela@yahoo.com>
REGD. OFFICE: ODISHA HYDRO POWER CORPORATION LIMITED.
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22 Tel. : 91-0674-2542983,2542802,25425526, 2542826, Fax: 254102, GRAM: HYDROPWER
E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com

**BHEP / DESIGN III 5596 dtd.16.08.2019, NOTICE INVITING TENDER No.24/2019-20 Dated : 08.08.2019**

No.CAD-298 :- Sealed Tenders are invited in single part bid basis from Vehicle Owners/ Travel Agencies & fulfilling the eligibility criteria as per the tender specification for the work as mentioned below.

| Group | Description of Services | Cost of tender paper (Non- refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| A | Hiring of 01 (one) no. of diesel run Mahindra Bolero plus or equivalent vehicle with single driver for BHEP, Balimela for 02 years. | Rs. 4000/- (+720 GST@ 18%) =4720 | 7300/- | 19.08.2019 to 30.08.2019 | 30.08.2019 Up to 12.00 hrs. | 30.08.2019 At 12.30 P.M. |
| B | Hiring of 01 (one) no. of diesel run new Mahindra Bolero plus or equivalent vehicle with double driver for BHEP, Balimela for 04 years. | Rs. 6000/-(+1080 GST@ 18%) =7080/- | 13000/- | 19.08.2019 to 30.08.2019 | 30.08.2019 Up to 12.00 hrs. | 30.08.2019 At 12.30 P.M. |

N.B: The tenderer can participate in either one of the group or both the groups separately. For details of the tender documents, terms & conditions, please visit our website www.ohpcltd.com

04019/11/0031/1920
Sd./- UNIT HEAD, BHEP, Balimela

ODISHA HYDRO POWER CORPORATION LIMITED.
OFFICE OF THE SENIOR GENERAL MANAGER (ELECTRICAL): BALIMELA HYDRO ELECTRIC PROJECT
POST : BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R).FAX - 06861-232541, E mail- <unit.head_balimela@yahoo.com>
No.CAD :- 299
REGD. OFFICE: ODISHA HYDRO POWER CORPORATION LIMITED.
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22 Tel. : 91-0674-2542983,2542802,25425526, 2542826, Fax: 254102, GRAM: HYDROPWER
E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com

NOTICE INVITING TENDER No. BHEP/DE-III/26 /2019-20, Dtd-16.08.2019

Sealed tenders are invited in two part bid basis from the Electrical Contractors/Firms/Agencies having experience in the execution of similar work under State/Central PSU/Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Work | Estimated cost in Rs. | Cost of tender paper (Non- refundable) in Rs. | EMD in shape of DD only (Refundable) in Rs. | Period of availability of tender documents | Last date & time of receipt of tender | Date & time of opening of Bid |
|---|---|---|---|---|---|---|---|
| 1 | New Wiring Cum Earthing of 124 Nos. of Residential and Non-Residential Buildings of BHEP, Balimela | Rs. 23,33,299/- | Rs.6000/-+ (+GST@ 18%) 1080/-– 7080/- | Rs.23500/- | 17.08.2019 to 04.09.2019 | 04.09.2019 Up to 12.00 hrs. | 04.09.2019 At 12.30 hrs. |

For details of the tender documents, terms & conditions, please visit our website www.ohpclitd.com
04019/11/0032/1920
Sd./- UNIT HEAD BHEP, Balimela

ZILLA SWASTHYA SAMITI (ZSS), Kandhamal
Office of the CDM&PHO-cum-District Mission Director, NHM, Kandhamal
Advt. No. 9621/ NHM/ Date: 17.08.2019

**WALK-IN-INTERVIEW**

Interested candidates fulfilling the eligibility criteria are requested to attend the Walk-in-Interview for filling up the following Posts under National Health Mission, Kandhamal on contractual basis for a period of 11 months with monthly remuneration as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time.

| Sl. No. | Name of the Post | Vacancy | Remuneration & (PI) | Date of Walk-in-interview |
|---|---|---|---|---|
| 1 | Paediatrician- DEIC | 1 Post | Rs. 66,150/- | 05.09.19 |
| 2 | MBBS Doctors (SNCU-6, NCD-1, DEIC-1, Heomoglobinpathy-1) | 9 Posts | Rs. 52,920/- | 05.09.19 |
| 3 | Programme Officer, Mental Health-1 | 1 Post | Rs. 52,920/- | 05.09.19 |
| 4 | AYUSH Doctor (RBSK)-Ayurvedic | Total-19 (SC-2(M), 2(F), ST-3(M), 3(F), SEBC-1(M), 1(F), UR-01(M), 6(F) | Rs. 21,924/- | 06.09.19 |
| 5 | AYUSH Doctor (RBSK)-Homoeopathic | Total-15 (SC-2(M), 2(F), ST-2(M), 3(F), SEBC-2(M), 1(F), UR-3(F) | Rs. 21,924/- | 07.09.19 |
| 6 | Block Data Manager (BDM) | 1 Post | Rs. 13,892/- | 11.09.19 |
| 7 | Optometrist- DEIC | 1 Post | Rs. 13,428/- | 12.09.19 |
| 8 | NRC Counsellor | 1 Post | Rs. 15, 976/- | 12.09.19 |
| 9 | Yoga Teacher for Health & Wellness Centre (Part Time) | 29 (Subject to Actual) requirement of HWC) | Rs. 500/- * | 13.09.19 |
| 10 | Lab. Technician for Health & Wellness Centre (Daily Wages) | 29 (Subject to Actual) requirement of HWC) | Rs. 850/- ** | 13.09.19 |

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagement. Canvassing in any form will render the candidate disqualified for the position and no undertaking will be entertained. Details of qualification, experience and ToR of each category of Post along with application form can be downloaded from the district website: www.kandhamal.nic.in. The interested candidates may attend the Walk in interview from 10 AM to 11.30 AM on the scheduled date for registration. The candidates are requested to visit the district website on regular interval till completion of the recruitment process. The undersigned reserves the right to cancel any or all the applications without assigning any reason or communication thereof.

Sd./- Dr. S.K. Das
CDM&PHO-cum-District Mission Director, NHM, Kandhamal

OFFICE OF THE PURI MUNICIPALITY, PURI
No.6719 Dt.17.08.19

Sealed quotations are invited from the intending manufacturers/ Firms/ Suppliers having valid license, Registration, GST & PAN for supply of Iron made wheels for the HAND BAR CART used in conservancy work of the Puri Municipality area as per the specification available in the website www.purimunicipality.nic.in. The Tender paper along with terms & conditions & Technical specifications shall be submitted to the Office of the Executive Officer, Puri Municipality, Puri on or before 28.08.2019 at 5 P.M. through Speed post/Regd. Post only.

The authority reserves the right to reject any or all the tenders without assigning any reason thereof.

Sd./- Executive Officer
Puri Municipality, Puri

OFFICE OF THE BIRMITRAPUR MUNICIPALITY, BIRMITRAPUR
No.: 1848 Date: 13.08.19

**QUOTATION CALL NOTICE**

Sealed quotations are invited in plain paper from intending firms/ suppliers for supplying fitting & fixing of IRON SIGN BOARD to Birmitrapur Municipality having Registration Certificate, PAN Card, GST No. etc., as per the following specification. The rate quoted should be inclusive of all taxes etc. complete. Quotation may be submitted by person or can be sent through Speed Post which must reach the undersigned by 3.30 P.M. of Date 28.8.2019. All quotation received within the stipulated date and time will be opened at 04.00 P.M. on the same day in presence of the quotationers or their authorised representatives who may wish to remain present. The Municipality shall not be responsible for accept of any quotation due to postal delay or any other reason. Quotation submitted/received after scheduled time and date shall not be entertained.
The authority reserves the right to reject any or all quotation without assigning any reason thereof.

| Sl. No. | Items | Rate Quoted |
|---|---|---|
| 1 | Supplying, Fitting & Fixing of Iron sign Board including one coat priming. | Per Kg. (Both in Word & Figure) |

Sd./- Executive Officer
Birmitrapur Municipality

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
(ZILLA SWASTHYA SAMITI, DHENKANAL)

**INVITING OBJECTIONS (IF ANY) OF THE DATA BASE**

No.: 230-E: In pursuance to the Advt. No. 1355, Dtd.6.6.2019, the Candidates applied for the Post **(In-House)** of **Accountant, Social Worker (RBSK & NTCP), DEO-SNCU, M.O. Ayush-RBSK, Staff Nurse - RBSK, Pharmacist - RBSK, DEO-NVBDCP, PPM Co-ordinator (RNTCP),** under NHM for Dhenkanal District are requested to check the data base for the above posts in the district website **www.dhenkanal.nic.in**. In case of any objection regarding the data base, may be communicated to the Chief District Medical & PH Officer, Dhenkanal in writing on or before **28.08.2019, 5.30 P.M.** by "Speed Post/Registry Post only" with the superscription on the envelope **"Objection on the Database for the Post of..........."**. Any objections will not be entertained after the due date. The undersigned is not responsible for any postal delay.

10059/11/0002/1920
Sd./- Chief District Medical & P.H. Officer, Dhenkanal

ODISHA TOURISM DEVELOPMENT CORPORATION LTD.
(A Govt. of Odisha Undertaking)
Panthanivas Old Block
Lewis Road, Bhubaneswar - 14

**EXPRESSION OF INTEREST FOR PROVIDING MANPOWER TO OTDC LTD.**

NO.5150/ P/OTDC DATE.17.08.2019

No.: CAD-301: Expression of Interest (EOI) is invited from Manpower Service Providers (MSP) for deployment of manpower in different units & Head Office. The Agencies shall submit the bid in the prescribed formats. Details can be downloaded from our website: **www.panthanivas.com**. The pre-bid meet has been fixed on **26.08.2019 at 11.30 A.M.** in the conference hall of Panthanivas, Lewis Road, Bhubaneswar. The last date for receiving the EOI is **06.09.2019 up to 05.00P.M.** Any further corrigendum / addendum shall be hoisted in OTDC website. OTDC authority reserves the right to cancel the Expression of Interest without assigning any reason thereof at any stage.

37002/11/0005/1920
Sd./- GENERAL MANAGER

See Career Appointment on every Wednesday & Saturday

STATE INSTITUTE FOR DEVELOPMENT OF ARTS & CRAFTS (SIDAC)
Handlooms, Textiles & Handicrafts Department, Government of Odisha

No. 1655 Date:17.08.2019

**EXPRESSION OF INTEREST**

Expression of Interest (EOI) in sealed cover are invited from interested architect / architectural firms having required eligibility and expertise in relevant field to provide end to end service for organizing **14th Toshali National Crafts Mela** to be held from **15th to 27th December 2019** at **Janata Maidan, Bhubaneswar.** The last date of submission of sealed offers in the office of SIDAC, Handicrafts Complex, Gandamunda, Khandagiri, Bhubaneswar-751 030. Ph: 0674-2350318 is up-to **1:00 PM on 07.09.2019.** The Technical Bids will be opened at **3:00 PM on 07.09.2019.** For detail of EOI documents, plz. visit the websites **www.sidacodisha.org.in** and **www.odisha.gov.in/textiles.** The bid document will be available w.e.f **19.08.2019.** The authority reserves the right to reject any or all the offer without assigning any reason thereof.

Sd/-
Member Secretary

ODISHA COAL AND POWER LTD.
Odisha Coal and Power Limited
OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 / 2300664

**NOTICE INVITING TENDER**

NIT No: OCPL/SITE-CIV/07/2019 Date: 17/08/2019

Sealed bids in prescribed format are invited from Construction Companies/Agencies/Contractors for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission / Opening of bid |
|---|---|---|---|---|---|---|
| 1 | Construction of Maintenance Building, Kitchen shed & Store Room at R & R Colony, Sukhabandha, Under Hemgir Tehsil, Sundargarh, Odisha. | Rs.5,900/- (Rupees Five Thousand and Nine Hundred Only) including GST. | Rs.21,000/- (Rupees Twenty OneThousands Only) | 17/08/2019 | 31/08/2019 | 03:00 PM on 10/09/2019<br>03:30 PM on 10/09/2019 |

Interested bidders may download the RFP documents from our website, i.e **www.ocpl.org.in**. Any further clarifications may please be addressed to the undersigned at the above address or by email to: **sudhakar.sinha@ocpl.org.in**.

Sd./- Sr. Manager (Commercial & Contracts)
Mob: 7608008703

# SUNDAY classifieds




## BRIDE WANTED

ଚାର୍ଟାଡ ଆକାଉଣ୍ଟାଣ୍ଟ ବ୍ରାହ୍ମଣ ପୁଅ ପାଇଁ ଗଞ୍ଜାମ ଜିଲ୍ଲାରୁ କନ୍ୟା ଆବଶ୍ୟକ। ରାଶି ୧୨/୫ ୨୯ ବର୍ଷ। ଯୋଗାଯୋଗ: 7873427735. D-66614

29 ବୟସ୍କା, business କରୁଥିବା ଖୋର୍ଦ୍ଧା ସ୍ଥିତ ଅବିବାହିତ Marwadi ପୁଅଙ୍କ ପାଇଁ ଝିଅ ଦରକାର। 7008080967. D-13952

Khandayat groom, Engineer 38, Bank manager 43 (Caste-no-bar). Contact: 7873374269. D-67044

କଂସାରି ପୁଅ 28Y, କଂପାନୀ ଚାକିରି, +2ଙ୍କ ପାଇଁ (ଘରଜୋଇଁଆ) ଝିଅ ଆବଶ୍ୟକ। 7377316197. D-13895

## GROOM WANTED

32 ବୟସ୍କା ଅନାଥ ଛାଡ଼ପାତ୍ରୀ private ଚାକିରି କରୁଥିବା Brahmin ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13951

Beautiful Bengali (Kayastha) girl, Dec.1988, 5'5", MBA, VAISNABI. 0674 2551286, 9238578590. D-66179

୪୨, Govt. Nurse ନିମାପଡ଼ା ବାସିନ୍ଦା କରଣ ଝିଅ ପାଇଁ Job / Business man proposal ଖୋଜା ଚାଲିଛି। 9078940188. D-13953

Now Matrimonial ads. only on Wednesday & Sunday Book 1 Get 1 FREE

ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740. D-67355

Readymade 3BHK flat at Dumduma (Near Pala Mandap) 4th floor (top) 1256sqft. @ 42Lac including parking. 7978584549 D-67352

A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363. D-66944

Flats for sale at DHPL Crystal Raghunathpur Contact 9937059891, 8908292617. D-13933

Ground floor 2000 sqft., 3rooms, drawing, dining on rent for Office, IRC Village, Indradhanu Market, Bhubaneswar. Mobile: 9437132891. D-66283

1RHK independent house available on rent at B/51, K-9, Kalinga Vihar, near DN Regalia Mall. Service family please contact: 7350004476. D-13944

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763

business

Mahima matching centre (An exclusive showroom for ladies & gents inner garments) manufacturer & wholesaler shop No. 02/6, 1st floor, Priyadarshini Market, CRP Square, Bhubaneswar. Mob: 7381292945, 5% to 20% discount. D-13950

automobile

## SALE

Maruti Dzire, petrol, Silver, 6years run, 27000k.m in excellent condition. 9182574495. D-66762

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

ଖୋର୍ଦ୍ଧା ଟାଉନରେ ଘର ଥାଇ ଯଯାରସିଂ ମୌଜାରେ ୧୧ ଗୁଣ୍ଠ ଘରବାରି ଜମି ବିକ୍ରି ହେବ। ଯୋଗାଯୋଗ କରନ୍ତୁ: 8249083595, 9437280552. D-63780

Book individual simplex house at Bhimatangi, near Lingaraj Station, Bhubaneswar. Price-58.5lakh. Contact: 9861234908. D-67350

2400 sqft gharabari plot urgent sale at Gangapatna near RI training centre 3km. from SUM Hospital, Bhubaneswar. Price @ 500/- per sqft. 8984466226. D-66178

ବିକ୍ରି ଉପଯୋଗୀ ଘରବାରି plot (2616sqft). ଠିକଣା: ଶୈଳଶ୍ରୀବିହାର Mob: 9439863398, 7750072200. D-13826

real estate

## SALE

2100 sft GA corner plot sale at Saheed Nagar, Bhubaneswar. Contact Deepak: 9937329999. D-66284

Gharabari plot NH road side with boundary wall at Khurda, just one k.m. from Khurda hospital. 9439778849. D-64500

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact 9337730923. D-13575

10000sqft. commercial land for sale at NH-203, CTC-Puri bypass road, Price- 2400 per sqft. 7326084916. D-67354

construction

Contact for complete simplex/duplex/triplex house construction with interior from the experts. Call: 7008550473. D-13908

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13913

3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999. D-66278

2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999. D-66282

## GENERAL

## SALE

2010 model AMW make transit mixture concrete carrier 2Nos., in good running condition for sale. Contact: 9437290482. D-67212

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nurshing home. Contact No.: 9338579645. D-65000

2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617. D-13932

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/-ରେ ମିଳୁଛି। 9937025111, 9437114429. D-66759

4BHK duplex with gated community at Balianta (Land-1400 construction-2200 @ 55lakh and 2600 @ 65lakh) Contact: Mplanets: 9938219397, 9861022055. D-13914

to-let

2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617. D-13934

Shop for rent on mainroad opposite Indradhanu Market, Bhubaneswar. For details contact: 9438744451, 8328932447. D-56650

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66176

Own stithiban residential 1200 sqft. plot for sale. 9937816565, 9937568585. D-13942

2BHK for rent at Chintamaniswar on 2nd floor @ Rs. 9000/- Phone: 0674314256, 9337712909. D-13943

2BHK, 2bathroom, drawing, dining, balcony, Gandamunda near ITER, BBSR, rent: 9000/- 8763216428. D-64999

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13903

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Monalisa Massage Club: Full time body massage with hiprofile smart lady rooms service available 9708545108. D-13931

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Kajal ayurvedic massage club fully relaxed by smart lady, home service available. 9937637219. D-66943

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13917

### ଜନ୍ମଦିନ ଶୁଭେଚ୍ଛା



ଆକାଶ କୁମାର ଜେନା (ଚିନୁ)

ଆଜି ତୋର ଜନ୍ମଦିନର ଶୁଭ ଲଗ୍ନରେ ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ତୋର ଆପଣାର:
ଜେଜେ ମା, ବାପା, ମାମା, ବଡ଼ବାପା, ବଡ଼ମାମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ, ସମସ୍ତ ବନ୍ଧୁ ଓ ପରିବାରବର୍ଗ।

ଧ-୧୩୯୪୯


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ, ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ବିଜୟୱାଡା ନିକଟସ୍ଥ ଇବ୍ରାହିମ୍‌ପାଟନମ୍‌ରେ ଆକାଶମାର୍ଗରୁ ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି।

### ବିନା ଅନୁମତିରେ ଚାଲିଛି ନିର୍ମାଣ

# ପ୍ରତିଷ୍ଠିତ ମନ୍ଦିରକୁ ହେବ ନୋଟିସ

**ପୁରୀ ଅଫିସ, ୧୭।୮**

### ଏକାଧିକ ପ୍ରକଳ୍ପକୁ ମିଳିଲା ଅନୁମତି

ବାଲୁଖଣ୍ଡ-କୋଣାର୍କ ବନ୍ୟଜନ୍ତୁ ଅଭୟାରଣ୍ୟ। ଏହାକୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏଥିପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମ ରହିଥିଲେ ମଧ୍ୟ ଏହାକୁ ଅନେକେ ଉଲ୍ଲଂଘନ କରିଛନ୍ତି। ଏହି ସମ୍ବେଦନଶୀଳ ଅଞ୍ଚଳରେ କୌଣସି ପ୍ରକାର ନିର୍ମାଣ କରିବାକୁ ହେଲେ ଏଥିପାଇ ମନିଟରିଂ କମିଟି ଅଫ୍ ଇକୋ ସେନ୍‌ସିଟିଭ୍‌ର ଅନୁମତି ଦରକାର। ହେଲେ କମିଟି ବିନା ଅନୁମତିରେ ବାଲୁଖଣ୍ଡ ଅଭୟାରଣ୍ୟ କଡ଼ରେ ଏକାଧିକ ନିର୍ମାଣ ଚାଲିଥିବା ବେଳେ ପୁଣି ଅଭୟାରଣ୍ୟ ଜମିକୁ କେତେକ ଆଶ୍ରମ, ବ୍ୟକ୍ତିଗତ ଲୋକ ଜବରଦଖଲ କରିଥିବା ଅଭିଯୋଗ ବି ରହିଛି। ତେଣୁ ଅଭୟାରଣ୍ୟର ସୁରକ୍ଷା ପାଇଁ ଶନିବାର କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ତଥା କମିଟି ଅଧ୍ୟକ୍ଷ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେତେକ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପାଇଁ ଥିବା ଆଇନକୁ ଉଲ୍ଲଂଘନ କରିଥିବା ବ୍ୟକ୍ତି ଏବଂ ଅନୁଷ୍ଠାନକୁ ନୋଟିସ୍ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏକାଧିକ ପ୍ରକଳ୍ପକୁ କମିଟି ଅନୁମତି ପ୍ରଦାନ କରିଛି। ତେବେ ନିର୍ମାଣାଧୀନ ଏକ ପ୍ରତିଷ୍ଠିତ ମନ୍ଦିରକୁ ନୋଟିସ୍ ଜାରି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି କେଉଁମାନେ ଅଭୟାରଣ୍ୟ ଜମି ଜବରଦଖଲ କରିଛନ୍ତି ଏବଂ କେଉଁମାନେ ଅନୁମତି ନ ନେଇ ଇକୋ ସେନ୍‌ସିଟିଭ୍ ଜୋନ ମଧ୍ୟରେ ନିର୍ମାଣ କରୁଛନ୍ତି ତାହାର ଅନୁଧ୍ୟାନ କରାଯିବ ବୋଲି ଚୂଡ଼ାନ୍ତ ହୋଇଛି।

ଏ ସମ୍ପର୍କରେ କମିଟିର ମେମ୍ବର ସେକ୍ରେଟାରୀ ତଥା ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ଏହି ବୈଠକରେ ମେଡିକାଲ କଲେଜର କିଛି ଅଂଶ, ଏକ ମଡେଲ ସ୍କୁଲ, ଆର୍‌ଟିଓର ଏକ କେନ୍ଦ୍ରକୁ ଅନୁମତି ପ୍ରଦାନ କରାଯାଇଛି। ସେହିପରି ଅଭୟାରଣ୍ୟ କଡ଼ରେ ଏକ ପ୍ରତିଷ୍ଠିତ ମନ୍ଦିର ନିର୍ମାଣ ଚାଲିଛି। ଏହି ମନ୍ଦିର କୌଣସି ଅନୁମତି ନେଇ ନାହିଁ। ତେଣୁ ସମ୍ପୃକ୍ତ ମନ୍ଦିରକୁ ନୋଟିସ୍ ଜାରି କରାଯିବ। ଏତଦ୍‌ବ୍ୟତୀତ ଯେଉଁମାନେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ କରୁଛନ୍ତି ଏବଂ ଅଭୟାରଣ୍ୟ ଜମିକୁ ଜବରଦଖଲ କରିଛନ୍ତି ସେମାନଙ୍କୁ ନୋଟିସ୍ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

### ପରୀ-୩ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ

# ନିଖୋଜ ଶିଶୁଙ୍କୁ ଖୋଜିବାକୁ ରାଜ୍ୟ ବାହାରକୁ ଗଲା ୮ ଟିମ୍

**ଭୁବନେଶ୍ୱର, ୧୭।୮ (ବ୍ୟୁରୋ)**

ରାଜ୍ୟରୁ ନିଖୋଜ ହୋଇଥିବା ଶିଶୁମାନଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛି ଓଡିଶା ପୋଲିସ। ଶୁକ୍ରବାରଠାରୁ ଆରମ୍ଭ ହୋଇଛି ପରୀ-୩ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପୋଲିସକୁ ସହଯୋଗ କରୁଛି। ନିଖୋଜ ଥିବା ଶିଶୁଙ୍କୁ ଠାବ କରିବା ପାଇଁ ରାଜ୍ୟ ବାହାରକୁ ପୋଲିସ ଯାଇଛି। ଗଠିତ ୮ଟି ଟିମ୍ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଛତିଶଗଡ଼, ତେଲେଙ୍ଗାନା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରକୁ ଯାତ୍ରା କରିଛି। ପ୍ରତି ଟିମ୍‌ରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଜଣେ ଲେଖାଏ ଅଧିକାରୀ ସାମିଲ ରହିଛନ୍ତି। ଏଥିନିମନ୍ତେ ପ୍ରତି ଟିମ୍‌କୁ ଆବଶ୍ୟକ ଅର୍ଥ ଦେଢ଼ ଲକ୍ଷ ଟଙ୍କା ବିଭାଗ ତରଫରୁ ଦିଆଯାଇଛି। ଏହାସହ ଟିମ୍‌ଙ୍କୁ ସହଯୋଗ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ସମ୍ପୃକ୍ତ ରାଜ୍ୟର ମହିଳା ଓ ଶିଶୁ ବିକାଶ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି।

ବିଗତ ବର୍ଷଗୁଡ଼ିକ ପରି ଏ ବର୍ଷ ମଧ୍ୟ ଟିମ୍‌ଗୁଡ଼ିକ ଉଦ୍ଧାର କରିଥିବା ଶିଶୁମାନଙ୍କୁ ରାଜ୍ୟକୁ ଫେରାଇ ଆଣିବା ପରେ ବିଭାଗ ଅଧିନରେ ଥିବା ଶିଶୁ ମଙ୍ଗଳ ସମିତିରେ ହାଜର କରିବ। ଏହାପରେ ରାଜ୍ୟ ଶିଶୁ ସୁରକ୍ଷା ସମିତିରେ ସେମାନଙ୍କର ଥଇଥାନ ପାଇଁ ପଦକ୍ଷେପ ନିଆଯିବ। ଶିଶୁମାନଙ୍କୁ ସେମାନଙ୍କ ପରିବାର ସହିତ ପୁନର୍ମିଳନ କରିବା ପାଇଁ ଉଦ୍ୟମ କରାଯିବ ଓ ସମସ୍ତ ପ୍ରକାର ଯତ୍ନ ନିଆଯିବ ବୋଲି କୁହାଯାଇଛି।

# ପୋଖରୀରେ ବୁଡ଼ି ଚାଷୀ ମୃତ

**ରଣପୁର, ୧୭।୮ (ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ଗୋଡିକିଲୋ ଗ୍ରାମରେ ଶନିବାର ପୋଖରୀରେ ବୁଡି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ଦିବାକର ନାୟକ (୫୦)। ସେ ଚାଷ କାର୍ଯ୍ୟ ସାରି ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ।

ପ୍ରକାଶ ଯେ, ଶନିବାର ସକାଳୁ ବିଲରେ ଧାନ ରୋଇବା ପାଇଁ ଦିବାକର ଘରୁ ବାହାରି ଯାଇଥିଲେ। ସେଠାରେ ଚାଷ କାର୍ଯ୍ୟ ସାରି ଆମ୍ବଝର ଗ୍ରାମରେ ଥିବା କନ୍ଦଳା ପୋଖରୀକୁ ଗାଧୋଇବା ପାଇଁ ଅପରାହ୍ନ ସାଢେ ୨ଟାରେ ଯାଇଥିଲେ। ସେ ଘରକୁ ଫେରିବାରେ ଡେରି ହେବାରୁ ପରିବାର ଲୋକମାନେ ବିଲକୁ ଯାଇଥିଲେ ମଧ୍ୟ ସେଠାରେ ସେ ନ ଥିବାରୁ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ। ଗ୍ରାମରେ ଏକଥା ପ୍ରଚାର ହେବାରୁ ଗ୍ରାମବାସୀ ଦିବାକରଙ୍କୁ ଖୋଜିବାକୁ ପରିବାର ଲୋକଙ୍କୁ ସାହାଯ୍ୟ କରିଥିଲେ। କିଛି ଲୋକ ଆମ୍ବଝର ଗ୍ରାମ ପୋଖରୀ ହୁଡାରେ ଲୁଗା ଓ ଫାଉଡା ଦେଖି ସେ ପୋଖରୀରେ ବୁଡିଯାଇଥିବା ସନ୍ଦେହ କରିଥିଲେ। ଗ୍ରାମର କିଛି ଯୁବକ ପୋଖରୀରେ ପଶି ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଦିବାକରଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗୋଡ ଖସିଯିବାରୁ ଦିବାକର ପୋଖରୀରେ ବୁଡି ଯାଇଥିବା ଓ ପହଁରା ଜାଣି ନ ଥିବାରୁ କୂଳକୁ ଆସି ପାରି ନ ଥିବା ଅନୁମାନ କରାଯାଉଛି। ରଣପୁର ପୋଲିସ ଶବ ଜବତ କରିବା ସହିତ ଥାନାରେ ୧୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଲୁଣାନଦୀ ପଠାରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ମାର୍ଶାଘାଇ/ଡେରାବିଶ, (ଡି.ଏନ.ଏ./ସ୍ୱ.ପ୍ର.) ୧୭।୮**

ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ ବିଲବଳରାମପୁର ଗ୍ରାମ ନିକଟ ଲୁଣା ନଦୀପଠାରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା ମହିଳା ହେଲେ ଡେରାବିଶ ବ୍ଲକ ଛକନା ଗ୍ରାମର ସସ୍ମିତା ବିଶ୍ୱାଳ (୪୫)। ତାଙ୍କୁ ହତ୍ୟା କରି ପକାଇ ଦିଆଯାଇଥିବା ମହିଳାଙ୍କ ବାପଘର ପକ୍ଷରୁ ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାପଡା ସଦର ଥାନା ଡେରାବିଶ ବ୍ଲକ ଅଧୀନ ଛକନା ଗ୍ରାମର ସସ୍ମିତା ଗତ ୧୧ ତାରିଖରୁ ନିଖୋଜ ଥିଲେ। ତେବେ ସସ୍ମିତାଙ୍କୁ କୌଣସି କାରଣରୁ ତାଙ୍କ ସାବତ ପୁଅ ଓ ବୋହୂ ହତ୍ୟା କରିଥିବା ନେଇ ସଦର ଥାନାରେ ମହିଳାଙ୍କ ବାପା ଭ୍ରମରବର ବରାଳ ଅଭିଯୋଗ କରିଥିଲେ। ମାତ୍ର ଏହି ଘଟଣାକୁ ପୋଲିସ ଅତି ହାଲୁକା ଭାବେ ନେଇ ତଦନ୍ତ ଶିଥିଳ କରି ଦେଇଥିଲା। ଲୁଣାନଦୀ ପଠାରୁ ବନ୍ୟାଜଳ ଛାଡିଯିବା ପରେ ସକାଳେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ଶୌଚ ହେବା ପାଇଁ ନଦୀ ପଠାକୁ ଯାଇଥିଲେ। ସେମାନେ ସେଠାରେ ଥିବା ଏକ ଭେଣ୍ଡି କିଆରୀରେ ଜଣେ ମହିଳା ମୁହଁ ମାଡି ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ପିଠି ଓ ଦେହର ଅନ୍ୟ ସ୍ଥାନରେ ଦାଗ ଦେଖିବାକୁ ମିଳିଥିଲା ଏହାଛଡା କେଶ ମୁକୁଳା ଥିଲା। ଖବରପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ସସ୍ମିତାଙ୍କ ବାପଘର ପରିବାର ମୃତଦେହ ଚିହ୍ନଟ କରିଥିଲେ। ସସ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି (ନଂ ୨୩୧/୧୯) ଆଇପିସିର ଦଫା ୩୦୨, ୧୨୦ (ବି) ଓ ୨୦୧, ୩୪ରେ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତକୁ ଜୋରଦାର କରିଥିବା ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜମାକାରୀଙ୍କଠୁ ସୁନା ଜମା ରଖିପାରିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୧୭-୮:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଶୁକ୍ରବାର ସୁନା ମୁଦ୍ରୀକରଣ ଯୋଜନା,୨୦୧୫ର ନିୟମକୁ କୋହଳ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ଜମାକାରୀ ନିଜର ଗଚ୍ଛିତ ସୁନାକୁ ବ୍ୟାଙ୍କ, ରିଫାଇନର କିମ୍ବା କଲେକ୍ସନ ଓ ପିଓରିଟି ଟେଷ୍ଟିଙ୍ଗ୍ ସେଣ୍ଟର(ସିପିଟିସି)ରେ ଜମା କରିପାରିବେ। ପୂର୍ବରୁ ଏହି ଯୋଜନାରେ ସୁନା ଜମା ଲାଗି ଜମାକାରୀଙ୍କୁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଦ୍ୱାରା ଅନୁମୋଦିତ ସିପିଟିସିକୁ ଅନୁରୋଧ କରିବାକୁ ପଡୁଥିଲା। ଏହି ଯୋଜନା ଲାଗୁ ହେବା ପରେ ଗତ ୪ ବର୍ଷରେ ମାତ୍ର ୧୬ ଟନ ସୁନା ଜମା ପଡିଥିଲା। ସୁନା ଜମା ନେବାକୁ ବ୍ୟାଙ୍କଗୁଡ଼ିକ ଅମଙ୍ଗ ହେଉଥିବାରୁ ଏହି ଯୋଜନା ସେତେଟା ସଫଳତା ହାସଲ କରିପାରିନାହିଁ। ବ୍ୟାଙ୍କଗୁଡ଼ିକ ନିକଟରେ ହଲ୍‌ମାର୍କ ସେଣ୍ଟର ଅଭାବ କାରଣରୁ ସୁନା ଜମା ନେବାକୁ ସେମାନେ ରାଜି ହେଉ ନ ଥିଲେ। ଆର୍‌ବିଆଇର ନୂଆ ନିୟମ ଅନୁଯାୟୀ, ଉକ୍ତ ଯୋଜନାରେ ସମସ୍ତ ସୁନା ସିପିଟିସିରେ ଜମା ହେବ। ତେବେ ବ୍ୟାଙ୍କଗୁଡ଼ିକ ଚାହିଁଲେ ନିର୍ଦ୍ଦିଷ୍ଟ କେତେକ ଶାଖାରେ ବୃହତ୍ ଜମାକାରୀଙ୍କ ଠାରୁ ସୁନା ଜମା ରଖିପାରିବେ। ଏହି ନୂଆ ନିୟମ ଦ୍ୱାରା ମଠ, ମନ୍ଦିର, ବଡ଼ ବଡ଼ ଧନୀ, ଫଣ୍ଡ ହାଉସ୍,ଟ୍ରଷ୍ଟ ଓ ସରକାର ବ୍ୟାଙ୍କକୁ ସିଧାସଳଖ ସୁନା ଜମା କରିପାରିବେ।

### ଦୀପାବଳି ସୁଦ୍ଧା ସୁନା ୪୦ ହଜାର ଛୁଇଁବ



**ନୂଆଦିଲ୍ଲୀ,୧୭-୮:** ବିଶ୍ୱରେ ଭୂ-ରାଜନୈତିକ ଓ ବାଣିଜ୍ୟ ଯୁଦ୍ଧ କାରଣରୁ ସୁନା ଦର ହୁହୁ ହୋଇ ବଢ଼ିବାରେ ଲାଗିଛି। ଦୀପାବଳି ସୁଦ୍ଧା ସୁନା ଦର ପ୍ରତି ୧୦ ଗ୍ରାମ ୪୦ ହଜାର ଟଙ୍କା ଛୁଇଁବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସାଧାରଣତଃ ଅର୍ଥନୀତି ଓ ରାଜନୈତିକ ଅସ୍ଥିରତା ଦୃଷ୍ଟିଗୋଚର ହେବା କ୍ଷେତ୍ରରେ ନିବେଶକମାନେ ସୁନାରେ ନିବେଶ ପ୍ରତି ଅଧିକ ଜୋର୍ ଦେଇଥାନ୍ତି। କାରଣ ଏହା ସୁରକ୍ଷିତ ନିବେଶ ବୋଲି ମନେ କରାଯାଏ। ବର୍ତ୍ତମାନ ସର୍ରାଫା ବଜାରରେ ସୁନା ଦାମ ୩୮ ହଜାର ପାଖାପାଖି ରହିଛି। ଆଞ୍ଜେଲ ବ୍ରୋକିଂର ଅନୁଜ ଗୁପ୍ତାଙ୍କ କହିବାନୁଯାୟୀ ଆମେରିକା-ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ ଢ଼ିଲା ପଡିବାର ସଙ୍କେତ ମିଳିବା ପରେ ସୁନା ଦର କମିବା ସମ୍ଭାବନା ରହିଛି। ତେବେ ଦୀପାବଳି ସୁଦ୍ଧା ସୁନା ଦର ୩୯ ହଜାରରୁ ୪୦ ହଜାର ଟଙ୍କା ଛୁଇଁବ ବୋଲି ଆଶାକରାଯାଉଛି। ବିଶ୍ୱରେ ମାନ୍ଦାବସ୍ଥା ମାଡି ଆସୁଥିବା ପରିପ୍ରେକ୍ଷୀରେ ବଜାରରେ ସୁନା ଚାହିଦା ବଢ଼ିବାରେ ଲାଗିଛି। ଏହି କାରଣରୁ ଦର ବୃଦ୍ଧି ଘଟୁଛି। ଗୋହରିଂ ଆଣ୍ଡ ରୋଜେଙ୍କୱାଜଗ ରିପୋର୍ଟରେ ଏହାର ନିବେଶକଙ୍କୁ ସୁନା କିଣିବା ଲାଗି ପରାମର୍ଶ ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ସୁନାର ବୁଲ୍ ମାର୍କେଟ ଆରମ୍ଭ ହୋଇଯାଇଛି।

### ଟିକସ ଅଧିକାରୀଙ୍କ ମାନସିକତା ବଦଳିବା ଦରକାର: ସୀତାରାମନ୍



**ଅହମ୍ମଦାବାଦ,୧୭-୮:** ଉଦ୍ୟୋଗ ଜଗତ ପକ୍ଷରୁ 'ଟିକସ ଆତଙ୍କବାଦ' ଅଭିଯୋଗ ଅଣାଯାଉଛି। ଏହି କାରଣରୁ ଦେଶର ଟିକସ ଆଦାୟ ବ୍ୟବସ୍ଥାକୁ ଟେକ୍ନୋଲୋଜି ଆଧାରିତ କରିବା ଜରୁରୀ ହୋଇପଡିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଟିକସ ଅଧିକାରୀମାନଙ୍କ ମାନସିକତାରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏଠାରେ ଆୟୋଜିତ ଟିକସ ଅଧିକାରୀଙ୍କ ସମ୍ମିଳନୀରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ଟିକସ ପ୍ରଶାସନକୁ ଅତ୍ୟନ୍ତ ସମ୍ବେଦନଶୀଳ ଭୂମିକା ନିର୍ବାହ କରିବାକୁ ପଡିଥାଏ। ଟିକସଦାତାଙ୍କ ସେବା କରିବା ବେଳେ ଅଧିକାରୀମାନଙ୍କୁ ନିଜର ମାନସିକତାରେ ପରିବର୍ତ୍ତନ କରିବା ଜରୁରୀ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କହିଥିଲେ ଯେ, ସଚ୍ଚୋଟ ଟିକସଦାତାଙ୍କୁ ହଇରାଣ କରା ନ ଯାଉ। ଟିକସଦାତାଙ୍କ ଠାରୁ ଅଧିକାରୀଙ୍କୁ ଦୂରେଇ ରଖିବା ଲାଗି ଟେକ୍ନୋଲୋଜିର ପ୍ରୟୋଗ ମାଧ୍ୟମରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ କରାଯିବାର ସମୟ ଆସିଛି ବୋଲି ସୀତାରାମନ୍ କହିଛନ୍ତି।

---

> ଏମ୍‌ଏସ୍‌ଏମ୍‌ଇ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବାରୁ ସେମାନଙ୍କୁ ଠିକ୍ ସମୟରେ ଟଙ୍କା ପୈଠ ପାଇଁ ପଦକ୍ଷେପ ନିଆଯିବ।
> – ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ



> ଶ୍ରୀଲଙ୍କାରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପ୍ରଥମ ଅଟୋମୋଟିଭ ଆସେମ୍ବ୍ଲି ପ୍ଲାଣ୍ଟ ପ୍ରତିଷ୍ଠା କରିଛି। ବିଦେଶୀ ବଜାରରେ ଏଭଳି ପ୍ଲାଣ୍ଟ ପ୍ରତିଷ୍ଠା ମାଧ୍ୟମରେ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନ କରିପାରିଛି।
> – ପୱନ ଗୋଏଙ୍କା, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏମ୍‌ଡି



# ଦୁଆରେ ପେଟ୍ରୋଲ ପହଞ୍ଚାଇବେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ

**ନୂଆଦିଲ୍ଲୀ,୧୭-୮**

**ଡିଜେଲ ଯୋଗାଣରେ ସାମିଲ ହେବ ଆଉ ୨୦ ସହର**

- ଆର୍ଥିକ ବର୍ଷ ୨୦୨୦ ସୁଦ୍ଧା ୫୦୦ ପେଟ୍ରୋଲ ଯୋଗାଣ କେନ୍ଦ୍ର ପ୍ରତିଷ୍ଠା ଲକ୍ଷ୍ୟ
- ୩୫ ସହରରେ ଡିଜେଲ ଯୋଗାଣ ହେଉଛି
- ୨୦ ସହରରେ ପେଟ୍ରୋଲ ଯୋଗାଣ ଲାଇସେନ୍ସ ମିଳିବ




ଦେଶର ୩୫ ସହରରେ ଘର ଦୁଆରେ ଡିଜେଲ ଯୋଗାଣରେ ସଫଳତା ହାସଲ ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଆଗାମୀ ଦିନରେ ପେଟ୍ରୋଲ ଯୋଗାଇବାକୁ ସ୍ଥିର କରିଛନ୍ତି। ସେହିପରି ଡିଜେଲ ଯୋଗାଣକୁ ଆହୁରି ୨୦ ସହରକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ଏଚ୍‌ପିସିଏଲ୍) ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦୦ ଘର ଦୁଆରେ ପେଟ୍ରୋଲ ଯୋଗାଣ କେନ୍ଦ୍ର ଖୋଲିବା ଲାଗି ଯୋଜନା ପ୍ରସ୍ତୁତ କରିଛନ୍ତି। ଏଚ୍‌ପିସିଏଲ୍ ସିଏମ୍‌ଡି ଏମ୍.କେ. ସୁରାନା କହିଛନ୍ତି ଯେ, ଘର ଦୁଆରେ ତୈଳ ଯୋଗାଣ ଯୋଜନା ବେଶ୍ ସଫଳ ହୋଇଛି। ଲୋକଙ୍କ ମଧ୍ୟରେ ଏହାକୁ ନେଇ ଆଗ୍ରହ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। ସୁରକ୍ଷା ଓ ନିୟାମକ ଦୃଷ୍ଟିକୋଣକୁ ଆପଣାଇ ଘର ଦୁଆରେ ତୈଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିବାର ଯୋଜନା ରହିଛି। ତେବେ ଦ୍ୱାରଦେଶରେ ଡିଜେଲ ଯୋଗାଣ ଲାଗି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ଅନୁମତି ମିଳିଥିବା ବେଳେ ଆସନ୍ତା କିଛି ଦିନ ମଧ୍ୟରେ ପେଟ୍ରୋଲିୟମ ଆଣ୍ଡ ଏକ୍ସପ୍ଲୋସିଭ୍ ସେଫ୍‌ଟି ଅର୍ଗାନାଇଜେଶନ (ପେସୋ)ଠାରୁ ପେଟ୍ରୋଲ ଯୋଗାଣ ଲାଗି ଅନୁମତି ମିଳିଯିବ ବୋଲି ସେ କହିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏବେ ୩୫ ସହରରେ ଦ୍ୱାର ଦେଶରେ ଡିଜେଲ ଯୋଗାଣ ହେଉଛି। ତନ୍ମଧ୍ୟରେ ଆଇଓସିଏଲ ୧୫, ବିପିସିଏଲ ୧୩ ଓ ୭ ସହରରେ ଏଚପିସିଏଲ୍ ଡିଜେଲ ଯୋଗାଉଛି। ତେବେ ଅଧିକ ପରିମାଣରେ ତେଲ କିଣୁଥିବା ଗ୍ରାହକଙ୍କୁ ହିଁ ତେଲ ଯୋଗାଇ ଦିଆଯାଉଛି। ନିୟମ ଅନୁଯାୟୀ, ୨୫୦୦ ଲିଟରରୁ ଅଧିକ ତେଲ କିଣୁଥିବା ଗ୍ରାହକଙ୍କ ନିକଟରେ ପେସୋ ଲାଇସେନ୍ସ ରହିବା ଆବଶ୍ୟକ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆଇଓସିଏଲ ୪, ବିପିସିଏଲ୍ ୧୦ ଏବଂ ଏଚ୍‌ପିସିଏଲ୍ ୬ ସହରରେ ଦ୍ୱାରଦେଶରେ ପେଟ୍ରୋଲ ଯୋଗାଣ ପାଇଁ ଲାଇସେନ୍ସ ପାଇବ। ତୈଳ କମ୍ପାନୀଗୁଡ଼ିକଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଶିଳ୍ପାଞ୍ଚଳ କୁହାଯାଉଥିବା ନଭି ମୁମ୍ବାଇରେ ମାସକୁ ସର୍ବାଧିକ ୧୫୦ କିଲୋଲିଟର ଡିଜେଲ ଦ୍ୱାର ଦେଶରେ ଯୋଗାଣ ହୋଇଛି। ଏହାଛଡ଼ା ଜୋର୍‌ହାଟ, ଚେନ୍ନାଇ, ବେଙ୍ଗାଲୁରୁ, ଦିଲ୍ଲୀ ଓ ଉଦୟପୁରରେ ଅଧିକ ପରିମାଣରେ ଡିଜେଲ ଯୋଗାଣ ହେଉଛି। ଡିସ୍‌ପେନ୍ସିଂ ମେଶିନ ଲାଗିଥିବା କ୍ଷୁଦ୍ର ଗାଡି ମାଧ୍ୟମରେ ଘର ଦୁଆରେ ଡିଜେଲ ଯୋଗାଣ ଚାଲିଛି। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସିର ଆକଳନ ଅନୁଯାୟୀ, ଭାରତରେ ଡିଜେଲ ଚାହିଦା ୨୦୩୦ ସୁଦ୍ଧା ୧୬୩ ମିଲିୟନ ଟନରେ ପହଞ୍ଚିବ। ଆର୍ଥିକ ବର୍ଷ ୨୦୧୯ରେ ଦେଶରେ ଡିଜେଲ ବ୍ୟବହାର ୮୩.୫୨ ମିଲିୟନ ଟନ ରହିଛି, ଯାହା କି ଆର୍ଥିକ ବର୍ଷ ୨୦୧୮ରେ ୮୧.୦୭୩ ମିଲିୟନ ଟନଠାରୁ ୩% ଅଧିକ। ଅନ୍ୟପକ୍ଷରେ ୨୦୩୦ ସୁଦ୍ଧା ପେଟ୍ରୋଲ ଚାହିଦା ୪୯ ମିଲିୟନ ଟନକୁ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଆର୍ଥିକ ବର୍ଷ ୨୦୧୯ରେ ଏହା ୨୮.୨୮ ମିଲିୟନ ଟନ ରହିଛି, ଯାହା କି ଆର୍ଥିକ ବର୍ଷ ୨୦୧୮ର ୨୬.୧୭୪ ମିଲିୟନ ଟନଠାରୁ ୮ ପ୍ରତିଶତ ଅଧିକ। ଚାହିଦାକୁ ଦୃଷ୍ଟିରେ ରଖି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦେଶରେ ଆହୁରି ୭୮,୫୦୦ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ପାଇଁ ବିଡ୍ ଆହ୍ୱାନ କରିଛନ୍ତି। ୯୫ ପ୍ରତିଶତ ସ୍ଥାନରୁ ଏଥିପାଇଁ ଆଗ୍ରହ ପ୍ରଦର୍ଶନ କରାଯାଇଛି। ଏମାନଙ୍କ ମଧ୍ୟରୁ ୯୧୦୦ ପମ୍ପ ପ୍ରତିଷ୍ଠା ପାଇଁ ଆଗ୍ରହପତ୍ର ଜାରି କରାଯାଇସାରିଛି। ଜୁନ୍ ସୁଦ୍ଧା ଭାରତରେ ୬୪,୯୭୬ ପେଟ୍ରୋଲ ପମ୍ପ ରହିଛି। ତନ୍ମଧ୍ୟରେ ଆଇଓସିଏଲର ୨୭,୮୦୦, ଏଚ୍‌ପିସିଏଲ୍‌ର ୧୫,୪୭୧ ଓ ବିପିସିଏଲ୍‌ର ୧୪,୯୦୩ ପମ୍ପ ରହିଛି।

## ଜନଧନ ଆକାଉଣ୍ଟରେ ଜମା ୧ ଲକ୍ଷ କୋଟି ଟପିଲା

**ନୂଆଦିଲ୍ଲୀ,୧୭-୮**




ସମାଜର ଗରିବ ଶ୍ରେଣୀ ନିକଟରେ ବ୍ୟାଙ୍କକୁ ପହଞ୍ଚାଇବା ଲାଗି ୫ ବର୍ଷ ପୂର୍ବେ ଏନ୍‌ଡିଏ ସରକାର ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା। ଏବେ ଏହି ଯୋଜନା ଅଧୀନରେ ଖୋଲା ଯାଇଥିବା ଆକାଉଣ୍ଟରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା ହୋଇସାରିଲାଣି। ଆର୍‌ଟିଆଇ ତଥ୍ୟରୁ ଏହା ଜଣାପଡିଛି। ମଧ୍ୟପ୍ରଦେଶର ନିମୁଚ ଜିଲାର ସାମାଜିକ କର୍ମୀ ଚନ୍ଦ୍ରଶେଖର ଗୌଡ ଆର୍‌ଟିଆଇ ଅଧୀନରେ ଅର୍ଥ ମନ୍ତ୍ରଣାଳୟ ନିକଟରୁ ଜନଧନ ଯୋଜନା ସମ୍ପର୍କରେ ତଥ୍ୟ ମାଗିଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜୁଲାଇ ୧୭ ସୁଦ୍ଧା ଏହି ଯୋଜନା ଅଧୀନରେ ୩୬.୨୫ କୋଟି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି ଓ ଏଥିରେ ୧,୦୦,୮୩୧ କୋଟି ଟଙ୍କା ଜମା ରହିଛି। ସେହିପରି ୫ ବର୍ଷ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ୪.୯୯ କୋଟି ଆକାଉଣ୍ଟରେ ଅଦ୍ୟାବଧି କୌଣସି ଅର୍ଥ ଜମା ହୋଇନାହିଁ। ଅର୍ଥାତ୍ ଏହି ଆକାଉଣ୍ଟକୁ ଜିରୋ ବାଲାନ୍ସ ଆକାଉଣ୍ଟ କୁହାଯାଇପାରିବ। ସମ୍ପୂର୍ଣ୍ଣ ଜନଧନ ଆକାଉଣ୍ଟଧାରୀଙ୍କ ମଧ୍ୟରେ ଏଭଳି ଆକାଉଣ୍ଟ ସଂଖ୍ୟା ପ୍ରାୟ ୧୪% ରହିଛି, ଯେଉଁଥିରେ ଟଙ୍କାଟିଏ ମଧ୍ୟ ନାହିଁ। ସୂଚନାଥାଉ କି, ଉକ୍ତ ଯୋଜନାରେ ଖୋଲାଯାଇଥିବା ଆକାଉଣ୍ଟ ପାଇଁ କୌଣସି ବାଲାନ୍ସ ସୀମା ଧାର୍ଯ୍ୟ ହୋଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ଡିଏ ସରକାରଙ୍କ ପ୍ରଥମ ପାଳିରେ କ୍ଷମତାକୁ ଆସିବା ମାତ୍ରେ ୨୦୧୪ରେ ଜନଧନ ଯୋଜନା ସମ୍ପର୍କରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଘୋଷଣା କରିଥିଲେ। ଏହି ଯୋଜନାକୁ ଔପଚାରିକ ଭାବେ ସେହିବର୍ଷ ଅଗଷ୍ଟ ୨୮ରୁ ଶୁଭାରମ୍ଭ କରାଯାଇଥିଲା।

## ସିସିଡିର ବକେୟା ଋଣ ହଜାର କୋଟିକୁ କମିବ

**ନୂଆଦିଲ୍ଲୀ,୧୭-୮**




ଲୋକପ୍ରିୟ କଫି ଚେନ୍ କ୍ୟାଫେ କଫି ଡେ(ସିସିଡି)ର ବକେୟା ଋଣ ଭାର ୧ ହଜାର କୋଟି ଟଙ୍କାକୁ ଖସି ଆସିବ ବୋଲି ଏହାକୁ ପରିଚାଳନା କରୁଥିବା କ୍ୟାଫେ ଡେ ଏଣ୍ଟରପ୍ରାଇଜେସ ପକ୍ଷରୁ ଶନିବାର ପ୍ରକାଶ କରାଯାଇଛି। ଷ୍ଟକ୍ ମାର୍କେଟକୁ ସୂଚନାଦେଇ କ୍ୟାଫେ ଡେ ଏଣ୍ଟରପ୍ରାଇଜେସ୍ ପକ୍ଷରୁ କୁହାଯାଇଛି ଯେ, ସହଯୋଗୀ କମ୍ପାନୀ ଟାଙ୍ଗଲିନ୍ ଡେଭଲପ୍‌ମେଣ୍ଟ ଲିମିଟେଡ ଅଧୀନରେ ଥିବା ଗ୍ଲୋବାଲ ଭିଲେଜ ଟେକ୍ ପାର୍କକୁ ୨୭୦୦ରୁ ୩୦୦୦ କୋଟି ଟଙ୍କାରେ ବିକ୍ରି କରିଦେବାକୁ ଘୋଷଣା କରାଯାଇସାରିଛି। ଏହା ବିକ୍ରି ହୋଇଯିବା ପରେ ଆସନ୍ତା ୪୫ ଦିନ ଭିତରେ ବକେୟା ଋଣ ୧ ହଜାର କୋଟି ଟଙ୍କାକୁ ଖସିଆସିବ। ଚଳିତବର୍ଷ ଜୁଲାଇ ୩୧ ସୁଦ୍ଧା ସିଡିଡି ଉପରେ ୩,୪୭୨ କୋଟି ଟଙ୍କାର ବକେୟା ଋଣ ରହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଏହାର ଅନ୍ୟ ଏକ ସହଯୋଗୀ କମ୍ପାନୀ ସିକାଲ ଲଜିଷ୍ଟିକ୍ସ ନିଜର କିଛି ସମ୍ପତ୍ତି ବିକ୍ରି କରିବାକୁ ଯୋଜନା କରିଛି। ଏହାଦ୍ୱାରା ସିକାଲ ଉପରେ ଥିବା ଋଣ ଭାର ଅନେକାଂଶରେ କମିଯିବ। ଏହି କମ୍ପାନୀ ଉପରେ ମୋଟ ୧୪୮୮ କୋଟି ଟଙ୍କାର ଋଣ ବକେୟା ରହିଛି। ସୂଚନାଥାଉ କି, ଗତମାସରେ ସିସିଡି ପ୍ରମୋଟର ଭି.ଜି.ସିଦ୍ଧାର୍ଥ ଆତ୍ମହତ୍ୟା କରିଥିଲେ। ନଗଦ ସଙ୍କଟ ଏବଂ ଋଣପ୍ରଦାନକାରୀଙ୍କ ଚାପ ସହ୍ୟ କରି ନ ପାରି ସେ ଆତ୍ମହତ୍ୟା କରୁଛନ୍ତି ବୋଲି ନିଜ ପତ୍ରରେ ସିଦ୍ଧାର୍ଥ ଉଲ୍ଲେଖ କରିଥିଲେ।

### ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଦୁର୍ନୀତି: ୫୭୦ କୋଟି ଜବତ

## ପ୍ରଥମଥର ଚାର୍ଜଶିଟ୍ ଫାଇଲ କଲା ଇଡି

**ନୂଆଦିଲ୍ଲୀ,୧୭-୮**



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ପ୍ରଥମଥର ଚାର୍ଜଶିଟ୍ ଦାଖଲ କରିଛି। ଏହି ମାମଲାରେ ଇଡି ୫୭୦ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଥିବା ଶନିବାର ପ୍ରକାଶ କରିଛି। ଯାଞ୍ଚ ଏଜେନ୍ସି ପକ୍ଷରୁ ଦାଏର ଚାର୍ଜଶିଟ୍‌ରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ କମ୍ପାନୀଙ୍କ କେତେକ ପୂର୍ବତନ ନିର୍ଦ୍ଦେଶକ, ବ୍ୟବସାୟୀ ସି. ଶିବଶଙ୍କରନ୍ ଓ ଅନ୍ୟମାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଅଣାଯାଇଛି। ମୁମ୍ବାଇସ୍ଥିତ ପିଏମ୍‌ଏଲ୍‌ଏ କୋର୍ଟରେ ଏହି ଅଭିଯୋଗ ଫର୍ଦ୍ଦ ଦାଏର ହୋଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବ୍ରସେଲ୍ସ ଓ ବେଲ୍‌ଜିୟମରେ ଥିବା ସ୍ଥାବର ସମ୍ପତ୍ତିକୁ ଜବତ କରାଯାଇଛି। ଏହି ସମ୍ପତ୍ତି ସବୁ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ରମେଶ ବାୱା, ହରିଶଙ୍କରନ୍, ଅରୁଣ ସାହା ଓ ରାମଚନ୍ଦ୍ର କରୁଣାକରନ୍‌ଙ୍କ କମିଟି ସମ୍ପର୍କିତ କମର୍ସିଆଲ ଓ ରେସିଡେନ୍ସିଆଲ ସମ୍ପତ୍ତି ରହିଛି। ସାହା ଓ କରୁଣାକରନ୍‌ଙ୍କୁ ଇଡି ପୂର୍ବରୁ ଗିରଫ କରିସାରିଛି। ଏୟାରସେଲ ପ୍ରତିଷ୍ଠାତା ସି. ଶିବଶଙ୍କରନ୍‌ଙ୍କ ବହୁ ଅସ୍ଥାବର ସମ୍ପତ୍ତି ଓ ବ୍ୟାଙ୍କ ଆକାଉଣ୍ଟକୁ ଇଡି ଜବତ କରିଛି। ଏଗୁଡ଼ିକ ତାଙ୍କ ପରିବାର ଓ ସଦସ୍ୟ ଏବଂ ଗ୍ରୁପ୍ କମ୍ପାନୀଙ୍କ ନାମରେ ରହିଛି। ଇଡି ଚାର୍ଜଶିଟ୍ ଅନୁଯାୟୀ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍ ଅଧିକାରୀମାନେ କମିଶନ ନେଇ ଶିବଶଙ୍କରନଙ୍କ ଶିବା ଗ୍ରୁପ୍‌କୁ ଫାଇଦା ଦେଉଥିଲେ। ଶିବା ଗ୍ରୁପ୍ ଉପରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଗ୍ରୁପ୍‌ର ୪୯୪ କୋଟି ଟଙ୍କା ବକେୟା ଋଣ ରହିଛି।

## ଏସ୍‌ବିଆଇର କିଷାନ ମିଳନ ୨୦ରୁ

**ଭୁବନେଶ୍ୱର,୧୭-୮(ବ୍ୟୁରୋ)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ କିଷାନ ମିଳନ ଚଳିତ ମାସ ୨୦ରୁ ଅନୁଷ୍ଠିତ ହେଉଛି। ସାରା ଦେଶର ଥିବା ବ୍ୟାଙ୍କ ୧୪,୦୦୦ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ ଶାଖାଗୁଡିକରେ ଏହି ମେଗା କୃଷକ ମିଟ୍‌କୁ ଆୟୋଜନ କରାଯାଉଛି। କୃଷକଙ୍କ ପ୍ରତି ରହିଥିବା ଦାୟିତ୍ୱବୋଧତା ଆଧାରରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। କୃଷକଙ୍କ ବିକାଶ ଲାଗି ବ୍ୟାଙ୍କ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ଏଠାରେ ସେମାନଙ୍କୁ ଅବଗତ କରାଯିବ। ସେହିଭଳି ସେମାନଙ୍କ ପକ୍ଷକୁ ମଧ୍ୟ ବ୍ୟାଙ୍କ ଶୁଣିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ୧.୪ କୋଟି କୃଷକ ଗ୍ରାହକ ଏବଂ ୧୦ ଲକ୍ଷ କୃଷକଙ୍କ ସହ ଏହି କାର୍ଯ୍ୟକ୍ରମ ଦ୍ୱାରା ଯୋଡି ହେବାକୁ ବ୍ୟାଙ୍କ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା କୃଷକମାନେ ସହଜରେ କୃଷିଋଣ ଲାଭ କରିବାକୁ ସକ୍ଷମ ହେବେ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## ୟୁନାଇଟେଡ ବ୍ୟାଙ୍କର ଡିଜିଟାଲ ବ୍ୟାଙ୍କିଙ୍ଗ୍ ପଦକ୍ଷେପ

**ଭୁବନେଶ୍ୱର,୧୭-୮**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଡିଜିଟାଲ ବ୍ୟାଙ୍କିଙ୍ଗ୍ ବୃଦ୍ଧି ନେଇ ପଦକ୍ଷେପ ହାତକୁ ନିଆଯାଇଛି । ବ୍ୟାଙ୍କ ଏହାର ମୋବାଇଲ ବ୍ୟାଙ୍କିଙ୍ଗ ସର୍ଭିସ ଆମାଜନ ଆଲେକ୍ସାରେ ଖୋଲିଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଏହି ସେବାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଇଡି ସଞ୍ଜୟ କୁମାର, ଅଜିତ ଦାସ, ଏଫ୍‌ଏସ୍‌ଏସ୍‌ର ଗ୍ଲୋବାଲ ହେଡ ତଥା ସଭାପତି ରାମ ଚେରୀ ଏଥିରେ ଉପସ୍ଥିତ ଥିଲେ। ଦେଶରେ ତୃତୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭାବେ ଏହା ଏଭଳି ସେବା ଆରମ୍ଭ କରିଛି। ଏଭଳି ପଦକ୍ଷେପ ଦ୍ୱାରା ଗ୍ରାହକମାନେ ଭଏସ ଭିତ୍ତିକ ବ୍ୟାଙ୍ଗିଙ୍ଗ୍ ସେବା ଲାଭ କରିପାରିବେ ବୋଲି ସିଇଓ ପ୍ରଧାନ କହିଛନ୍ତି। ଏହି ସେବା ଉଭୟ ଆଲେକ୍ସା ଡିଭାଇସ ଏବଂ ମୋବାଇଲ ହ୍ୟାଣ୍ଡସେଟରେ ଉପଲବ୍ଧ ହେବ।

## କାନାରା ବ୍ୟାଙ୍କ ପକ୍ଷରୁ ପରାମର୍ଶ ସମ୍ମିଳନୀ




**ଭୁବନେଶ୍ୱର, ୧୭-୮ (ବ୍ୟୁରୋ)**

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଶାଖାଗୁଡିକର ସମୀକ୍ଷା ବୈଠକ ଏବଂ ପରାମର୍ଶ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରର ନୂଆ ଆହ୍ୱାନ ଏବଂ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଆଧାରରେ ଶାଖା ସ୍ତରରୁ ପରାମର୍ଶ ଗ୍ରହଣ କରାଯାଇଛି। ବିଭିନ୍ନ କ୍ଷେତ୍ରକୁ ଋଣ ପ୍ରଦାନ, ଟେକ୍ନୋଲୋଜି ବ୍ୟବହାର ବୃଦ୍ଧି, ନାଗରିକ କୈନ୍ଦ୍ରିକ ବ୍ୟାଙ୍କିଙ୍ଗ, ବରିଷ୍ଠ ନାଗରିକଙ୍କ ଲାଗି ବିଭିନ୍ନ ସେବା, ବ୍ୟାଙ୍କ ସାମ୍ନାରେ ରହିଥିବା ଆହ୍ୱାନ ଏବଂ ଭବିଷ୍ୟତ ଯୋଜନା ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ କେ.ଏଚ୍. ପଟ୍ଟନାୟକ, ମଣ୍ଡଳ କାର୍ଯ୍ୟାଳୟ ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏବଂ କ୍ଷେତ୍ରୀୟ ମୁଖ୍ୟ ଏ.କେ.ସିଂ ଯୋଗଦେଇ ବ୍ୟାଙ୍କିଙ୍ଗ ଶିଳ୍ପର ବିଭିନ୍ନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କର କନସଲ୍‌ଟେଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୭-୮(ବ୍ୟୁରୋ)**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏକ କନସଲ୍‌ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ଶାଖାଗୁଡିକର ଫରଫରମାନ୍ସ ରିଭ୍ୟୁ କରାଯିବା ସହ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଆଧାରରେ ଶାଖାଗୁଡିକଠାରୁ ପରାମର୍ଶ ଗ୍ରହଣ କରାଯାଉଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ମଧ୍ୟରେ ୫୮ ଶାଖାର ଶାଖା ପ୍ରବନ୍ଧକ ଏହି ବୈଠକରେ ଯୋଗ ଦେଇଥିଲେ। ଆଗାମୀ ଦିନରେ କିଭଳି କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ସେ ଦିଗରେ ଏଠାରେ ଆଲୋଚନା କରାଯାଇଛି। ଋଣ ଯୋଗାଣରେ ଉନ୍ନତି, ଟେକ୍ନୋଲୋଜି ବ୍ୟବହାର, ବିଗ୍ ଡାଟା ଆନାଲିଟିକ୍ସର ବ୍ୟବହାର, ବ୍ୟାଙ୍କିଙ୍ଗ ସେବାକୁ ଲୋକାଭିମୁଖୀ କରାଇବା ଭଳି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଛି। ଏଥିରେ ବ୍ୟାଙ୍କର ଡିଜିଟାଲ ଏବଂ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ୍ ଜାତୀୟ ମୁଖ୍ୟ ଶୈଳେନ୍ଦ୍ର ଧଳ, ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ସୋହେଲ ଅହମ୍ମଦ ଏବଂ ଏଜିଏମ୍ ଏସ୍.ଏସ୍.ଏଚ୍ ଆମ୍ଚୁବି ପ୍ରମୁଖ ଉପସ୍ଥିତ ଥିଲେ।

### ବିଦେଶରେ ଡାକ୍ତରୀ ଶିକ୍ଷା

## ସୁଯୋଗ ଦେଉଛି ଉତ୍କଳ ଏକାଡେମୀ

**ଭୁବନେଶ୍ୱର, ୧୭-୮**

UTKAL ACADEMY

ଡାକ୍ତରୀ ସମେତ ବିଡିଏସ୍, ଇଞ୍ଜିନିୟରିଂ, ବିଏସ୍‌ସି ଏଗ୍ରିକଲଚର, ବି-ଫାର୍ମା, ଏମ୍‌ବିଏ, ଏଲ୍‌ଏଲ୍‌ବି ଅନ୍ୟାନ୍ୟ ପାଠ୍ୟକ୍ରମରେ ଦେଶ ତଥା ବିଦେଶରେ ଶିକ୍ଷା ଗ୍ରହଣ ନେଇ ଛାତ୍ରୀଛାତ୍ରୀଙ୍କୁ ସହାୟତା ଦିଗରେ ଉତ୍କଳ ଏକାଡେମୀ ପକ୍ଷରୁ ପ୍ରୟାସ ଜାରି ରହିଛି। ଆଡମିଶନ ସହ କାଉନସେଲିଂ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ଏହା ଛାତ୍ରୀଛାତ୍ରଙ୍କୁ ସୁବିଧା ପ୍ରଦାନ କରୁଛି। ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଆଧାରରେ ସହଯୋଗ କରିବା ଲାଗି ଉତ୍କଳ ଏକାଡେମୀର ଅଭିଜ୍ଞ ଟିମ୍ ରହିଥିବା ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ପ୍ରତିଷ୍ଠାତା ତ୍ରିନାଥ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଏକାଡେମୀ ଗତ ୩୦ ବର୍ଷ ହେବ ଉକ୍ତ କ୍ଷେତ୍ରରେ ସେବା ଯୋଗାଇ ଦେଉଛି। ନିଟ୍ ଦ୍ୱାରା ଡାକ୍ତରୀ ପଢିବା ଲାଗି ଛାତ୍ରୀଛାତ୍ରଙ୍କୁ ବାଛିବା ଏକ ଉନ୍ନତ ପ୍ରକ୍ରିୟା ବୋଲି ତ୍ରିନାଥ ବିଶ୍ୱାଳ କହିଛନ୍ତି।

ମାତ୍ର ଏବେ ମଧ୍ୟ ସରକାରୀ ମେଡିକାଲ କଲେଜରେ ସିଟ୍ ସଂଖ୍ୟା କମ୍ ରହିବା ଏବଂ ବେସରକାରୀ ମେଡିକାଲ କଲେଜରେ ପଢିବା ବ୍ୟୟବହୁଳ ଥିବାରୁ ଏହି କ୍ଷେତ୍ରରେ ସରକାର ପଦକ୍ଷେପ ନେଲେ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ। ଏହାବାଦ ଭଲ ଡାକ୍ତର ପ୍ରସ୍ତୁତ କରିବା ସୁବିଧା ହୁଅନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବିଦେଶରେ ଡାକ୍ତରୀ ଶିକ୍ଷାଲାଭ କରିବାର ଏକ ବିକଳ୍ପ ରହିଛି। ସେହିଭଳି ଦେଶ ମଧ୍ୟରେ ଭଲ ଭଲ ପ୍ରତିଷ୍ଠାନଗୁଡ଼ିକର ବିକଳ୍ପ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଉଛି। ପ୍ରତିବର୍ଷ ନିଟରେ ୧୫ ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବାବେଳେ ଦେଶରେ ମେଡିକାଲ ସିଟ ସଂଖ୍ୟା ମାତ୍ର ୭୦ ହଜାର ରହିଛି। ଛାତ୍ରୀଛାତ୍ରଙ୍କୁ ଭଲ ର୍ୟାଙ୍କ ଥିବା ମେଡିକାଲ ପ୍ରତିଷ୍ଠାନଗୁଡ଼ିକୁ ପଠାଇବା ଲାଗି ବ୍ୟବସ୍ଥା କରାଯାଉଛି। ବିଦେଶରେ ଗୁଣବତ୍ତା ମେଡିକାଲ ଶିକ୍ଷା ନେଇ ଅଭିଭାବକଙ୍କ ମନରେ ପ୍ରଶ୍ନ ରହିଥାଏ। ମାତ୍ର ଏହି ସ୍ଥିତିରେ ଏବେ ଉନ୍ନତି ଆସିଛି। ଛାତ୍ରଙ୍କ ବାଦ ଛାତ୍ରୀମାନେ ମଧ୍ୟ ବିଦେଶରେ ଏମ୍‌ବିବିଏସ୍ ପଢିବା ଲାଗି ଆଗ୍ରହ ଦେଖାଉଛନ୍ତି। ଏହି ଅନୁପାତରେ ଉନ୍ନତି ଆସିଛି ବୋଲି ବିଶ୍ୱାଳ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଅଗଷ୍ଟ, ୨୦୧୯





“ମୋ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଭାରତ ଟୁର୍‌ରେ ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ମୋର ଦୃଢ଼ ଆଶା ରହିଛି ।

–ଏନୋଚ୍ ଏନ୍‌କ୍ୱେ
ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଅସ୍ଥାୟୀ ନିର୍ଦ୍ଦେଶକ



“ସିନ୍‌ସିନାଟି ଟେନିସ ଇଭେଣ୍ଟରେ ଲୁକାସ ପୋଲିଙ୍କ ବିପକ୍ଷରେ ଖେଳୁଥିବାବେଳେ କହୁଣିରେ ଯନ୍ତ୍ରଣା ସତ୍ତ୍ୱେ ମୋତେ ମ୍ୟାଚ ଶେଷ କରିବାକୁ ପଡ଼ିଥିଲା ।

–ନୋଭାକ ଜୋକୋଭିଚ୍, ବିଶିଷ୍ଟ ଟେନିସ ଖେଳାଳି

**ସଂକ୍ଷେପରେ**

## ସିଏସି ସାମିଲ ହୋଇପାରିବନି

**ନୂଆଦିଲ୍ଲୀ, ୧୭।୮ (ପି.ଟି.):** ଭାରତୀୟ ଦଳ କ୍ରିକେଟ ଦଳ ପାଇଁ ସହାୟକ କର୍ମଚାରୀ ଚୟନ ପ୍ରକ୍ରିୟାରେ କପିଳ ଦେବଙ୍କ ନେତୃତ୍ୱାଧୀନ କ୍ରିକେଟ ଉପଦେଷ୍ଟା କମିଟି(ସିଏସି) ସାମିଲ ହୋଇପାରିବ ନାହିଁ କାରଣ ଏଥିଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଏହାର ସମ୍ବିଧାନ ସଂଶୋଧନ କରିବାକୁ ପଡ଼ିବ। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ କୋଚିଂ ଟିମ୍ ଲାଗି ସୋମବାର ସାକ୍ଷାତ୍‌କାର ଅନୁଷ୍ଠିତ ହେବ। ଏମ୍‌ଏସ୍‌କେ ପ୍ରସାଦଙ୍କ ଅଧକ୍ଷତାରେ ଜାତୀୟ ଚୟନ କମିଟି ବ୍ୟାଟିଂ, ବୋଲିଂ ଏବଂ ଫିଲ୍‌ଡିଂ କୋଚ୍ ମନୋନୟନ କରିବ। ଏହାଛଡ଼ା ପ୍ରଶାସନିକ ମ୍ୟାନେଜର ପଦବୀ ପାଇଁ ମଧ୍ୟ ସାକ୍ଷାତ୍‌କାର ହେବ। କପିଳ ଦେବ ଏବଂ ସିଏସିର ଅନ୍ୟ ଦୁଇ ସଦସ୍ୟ ଅଂଶୁମାନ ଗାଏକ୍ୱାଡ ଏବଂ ଶାନ୍ତା ରଙ୍ଗାସ୍ୱାମୀ ଗତ ଶୁକ୍ରବାର ଶାସ୍ତ୍ରୀଙ୍କୁ ଦ୍ୱିତୀୟ ଥର ପାଇଁ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ବାଛିଛନ୍ତି। ସେମାନେ ସହାୟକ କର୍ମଚାରୀ ଚୟନ ପ୍ରକ୍ରିୟାରେ ସାମିଲ ହେବାଲାଗି ଆଗ୍ରହ ପ୍ରକାଶ କରିଥିଲେ। ନିଜ ନାମକୁ ଗୋପନ ରଖିବାଲାଗି ସର୍ତ୍ତ ରଖି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି, ସମ୍ବିଧାନ ସଂଶୋଧନ ପାଇଁ ଆଉ ସମୟ ନାହିଁ। କାରଣ ଶନିବାର ଓ ରବିବାର କାର୍ଯ୍ୟାଳୟ ବନ୍ଦ ରହୁଥିବାବେଳେ ସୋମବାର ସକାଳ ୧୦ଟାରୁ ସାକ୍ଷାତ୍‌କାର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

## ଡୋମିଙ୍ଗୋ ବାଂଲାଦେଶର ନୂଆ କ୍ରିକେଟ କୋଚ୍



**ଢାକା, ୧୭।୮ (ଏଏଫ୍‌ପି):** ଦକ୍ଷିଣ ଆଫ୍ରିକାର ରସେଲ ଡୋମିଙ୍ଗୋ ବାଂଲାଦେଶ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ଇଂଲଣ୍ଡର ଷ୍ଟିଭ୍ ରୋଡ୍‌ସ କାର୍ଯ୍ୟକରୁଥିଲେ। ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଶନିବାର ଏହି ସୂଚନା ଦେଇଛି। ୪୪ବର୍ଷୀୟ ଡୋମିଙ୍ଗୋ ବିସିବି ସହିତ ଦୁଇ ବର୍ଷିଆ ଚୁକ୍ତି କରିଛନ୍ତି। ସେ ବୁଧବାର ଆସି ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଡୋମିଙ୍ଗୋଙ୍କ ପ୍ରଚୁର ଅଭିଜ୍ଞତା ରହିଛି। ଆମେ ଖେଳପ୍ରତି ତାଙ୍କ ଆବେଗ ଏବଂ କୋଚିଂ ଫିଲୋଶଫିରେ ଖୁବ୍ ପ୍ରଭାବିତ ବୋଲି ବିସିବି ସଭାପତି ନାଜମୁଲ ହସନ କହିଛନ୍ତି। ସେପ୍ଟେମ୍ବରରେ ବାଂଲାଦେଶ ଆଫଗାନିସ୍ତାନ ବିପକ୍ଷରେ ଏକ ଟେଷ୍ଟ ସିରିଜ ଏବଂ ଭ୍ରମଣକାରୀ ଦଳ ଓ ଜିମ୍ବାୱେକୁ ନେଇ ଆୟୋଜିତ ଏକ ତ୍ରିରାଷ୍ଟ୍ରିୟରେ ଭାଗ ନେବ। ଗତ ଆଇସିସି ବିଶ୍ୱକପ୍‌ରେ ବାଂଲାଦେଶ ଦଳ ୮ମ ସ୍ଥାନରେ ରହିବା ପରେ ବିସିବି ରୋଡ୍ସଙ୍କଠାରୁ ଦୂରେଇ ଯାଇଥିଲା। ଏହାପରଠାରୁ ଜଣେ ନୂଆ କୋଚ୍ ସନ୍ଧାନରେ ଥିଲା।





ଜୋଫ୍ରା ଆର୍ଚରଙ୍କ ବାଉନ୍ସର ଷ୍ଟିଭ୍ ସ୍ମିଥ୍‌ଙ୍କ ବେକରେ ବାଜିବା ପରେ ଆଘାତପ୍ରାପ୍ତ ହୋଇ ତଳେ ପଡ଼ିଯାଇଛନ୍ତି।

# ଇଂଲଣ୍ଡ ପ୍ରଥମ ଇନିଂସ ଅଗ୍ରଣୀ

**ଲଣ୍ଡନ, ୧୭।୮ (ଏଏଫ୍‌ପି)**

ଚଳିତ ଆଶେସ ସିରିଜରେ ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ସ୍ଥାନୀୟ ଲର୍ଡ୍ସଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ସେ ୯୨ ରନ (୧୬୧ ବଲ୍, ୧୪ ଚୌକା) କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଛନ୍ତି। ସ୍ମିଥ୍‌ଙ୍କ ଯୋଗୁ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୨୫୮ ରନ ଜବାବରେ ଅଷ୍ଟ୍ରେଲିଆ ସମସ୍ତ ଉଇକେଟ ହରାଇ ୨୫୦ରନ କରିବାକୁ ସମର୍ଥ ହୋଇଛି। ବର୍ଷା ଯୋଗୁ ଚତୁର୍ଥ ଦିବସ ଖେଳ ଆଗୁଆ ସ୍ଥଗିତ ରଖାଯାଇଥିଲା। ସେତେବେଳେ ଇଂଲଣ୍ଡ ୪ ଉଇକେଟ ବିନିମୟରେ ୯୬ରନ ସଂଗ୍ରହ କରିଥିଲା ଏବଂ ମୋଟ ଉପରେ ୧୦୪ ରନ ଅଗ୍ରଣୀ ଲାଭ କରିସାରିଥିଲା। ଆଶେସରେ କ୍ରମାଗତ ୭ ଥର ୫୦ କିମ୍ବା ତାଠାରୁ ଅଧିକ ରନ ସଂଗ୍ରହ କରିବାରେ ସ୍ମିଥ୍ ପ୍ରଥମ ବ୍ୟାଟ୍ସମ୍ୟାନ ହେବାର ଗୌରବ ଅର୍ଜନ କରିଛନ୍ତି। ବର୍ଷାଯୋଗୁ ବୁଧବାର ମ୍ୟାଚର ପ୍ରଥମ ଦିବସ ଖେଳ ଆଦୌ ସମ୍ଭବ ହୋଇ ନ ଥିଲା। ପୁନଶ୍ଚ ଶୁକ୍ରବାର ମଧ୍ୟାହ୍ନଭୋଜନ ପରେ ଖେଳ ହୋଇପାରି ନ ଥିଲା। ରବିବାର ହେଉଛି ମ୍ୟାଚର ଅନ୍ତିମ ଦିବସ। ଶନିବାର ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ସ୍କୋର ୮୦/୪ରୁ ଖେଳ ଆରମ୍ଭ କରିଥିଲା। ସ୍ମିଥ୍ ଏବଂ ମାଥ୍ୟୁ ୱେଡ୍ ଯଥାକ୍ରମେ ୧୩ ଓ ବିନା କୌଣସି ରନରେ ଅପରାଜିତ ଥିଲେ। ଉଭୟେ ୫ମ ଉଇକେଟ ଯୋଡ଼ିରେ ୨୧ ରନ ଯୋଗ କରିପାରିଥିଲେ। ୱେଡ୍ ମାତ୍ର ୬ ରନ କରି ଷ୍ଟୁଆର୍ଟ ବ୍ରଡ୍‌ଙ୍କ ବଲ୍‌ରେ ରୋରି ବର୍ନ୍ସଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଯାଇଥିଲେ। ସ୍ମିଥ୍ କ୍ରିସ୍ ଓକ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିବା ପୂର୍ବରୁ ଟିମ୍ ପେନ୍ (୨୪) ଏବଂ ପ୍ୟାଟ୍ କୁମିନ୍ସ (୨୦)ଙ୍କ ସହିତ ଯଥାକ୍ରମେ ୬୦ ଏବଂ ୪୬ ରନର ଭାଗୀଦାରି କରିଥିଲେ। ସ୍ମିଥ୍ ୮୦ରନ କରି ଖେଳୁଥିବାବେଳେ ଜୋଫ୍ରା ଆର୍ଚରଙ୍କ ଏକ ବାଉନ୍ସର ତାଙ୍କ ବେକ ଓ ମୁଣ୍ଡ ମଧ୍ୟଭାଗରେ ବାଜିଥିଲା। ସେ ତଳେ ପଡ଼ିଯାଇଥିଲେ। ତେବେ ସେ ପରେ ଖେଳ ଜାରି ରଖିଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ ୬୫ ରନ ବିନିମୟରେ ୪ଟି ଉଇକେଟ ନେଇଥିବାବେଳେ କ୍ରିସ୍ ଓକ୍ସ ୩ ଏବଂ ଜୋଫ୍ରା ଆର୍ଚର ୨ ଉଇକେଟର ସଫଳତା ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**
- ଇଂଲଣ୍ଡ ପ୍ରଥମ ଇନିଂସ: ୨୫୮
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୫୦ (ଷ୍ଟିଭ୍ ସ୍ମିଥ୍-୯୨, ଉସ୍‌ମାନ ଖ୍ୱାଜା-୩୬, ଟିମ୍ ପେନ୍-୨୪, ଷ୍ଟୁଆର୍ଟ ବ୍ରଡ୍-୪/୬୫, କ୍ରିସ୍ ଓକ୍ସ-୩/୬୧, ଜୋଫ୍ରା ଆର୍ଚର-୨/୫୯)
- ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୯୬/୪ (ବର୍ନ୍ସ-୨୯, ଜୋ ଡେନ୍‌ଲି-୨୬, ପ୍ୟାଟ୍ କୁମିନ୍ସ-୨/୧୬, ସିଡଲ ୨/୧୯)

# ପୂଜାରାଙ୍କ ଶତକ

**ଆଣ୍ଟିଗୁଆ, ୧୭।୮ (ପି.ଟି.)**

ସ୍ଥାନୀୟ କୁଲିଜ କ୍ରିକେଟ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ-ଏ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଏକ ୩ ଦିନିକିଆ ଅଭ୍ୟାସ ମ୍ୟାଚ୍ ଶନିବାର ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ରିପୋର୍ଟ ଲେଖାହେବା ବେଳକୁ ପ୍ରଥମ ଇନିଂସରେ ୭୧.୩ ଓଭରରେ ୪ ଉଇକେଟ ହରାଇ ୨୪୫ ରନ ସଂଗ୍ରହ କରିଛି। ହନୁମା



**ଅଭ୍ୟାସ ମ୍ୟାଚ୍**

ବିହାରୀ ୧୯ ଓ ରିଷଭ ପନ୍ତ ୨ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୧୦୦ ରନର ଶତକୀୟ ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଛନ୍ତି। ପୂଜାରା ୧୮୭ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନିଂ କରିବାକୁ ଆସିଥିବା ଲୋକେଶ ରାହୁଲ ୩୬ ରନ କରି ଆଉଟ ହୋଇଥିବା ବେଳେ ମୟଙ୍କ ଅଗ୍ରୱାଲ ୧୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାନେ ମାତ୍ର ୧ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ରୋହିତ ଶର୍ମା ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ୧୧୫ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୧ ଛକା ମାରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ-ଏ ତରଫରୁ ଜୋନାଥନ କାର୍ଟର ୨, କିଅନ ହାର୍ଡିଙ୍ଗ୍ ଓ ଅକିମ୍ ଫ୍ରାଜର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ଖେଳାଯାଇଥିବା ଟି୨୦ ସିରିଜ୍‌ରେ ଭାରତ ୩-୦ରେ କ୍ଲିନ୍ ସୁଇପ୍ କରିଥିଲା। ସେହିପରି ଦିନିକିଆ ସିରିଜକୁ ମଧ୍ୟ ଭାରତ ୨-୦ରେ ହାତେଇ ଥିଲା।

**ସଂକ୍ଷିପ୍ତ ସ୍କୋର**
- ଭାରତ ପ୍ରଥମ ଇନିଂସ- ୭୧.୩ ଓଭରରେ ୨୪୫/୪ (ପୂଜରା- ୧୦୦, ରୋହିତ- ୬୮, ରାହୁଲ- ୩୬, କାର୍ଟର- ୨/୨୪, )

# ବୋଲ୍ଟଙ୍କ ହେଲ୍‌ମେଟ୍‌ରେ ବଲ

**ଗାଲେ, ୧୭।୮:** ଏଠାରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଏକ କୌତୂହଳପୂର୍ଣ୍ଣ ଘଟଣା ଘଟିଛି। ଦ୍ୱିତୀୟ ଇନିଂସରେ ନ୍ୟୁଜିଲାଣ୍ଡ ଦଳ ବ୍ୟାଟିଂ କରୁଥିବାବେଳେ ୮୨ତମ ଓଭରରେ ଘରୋଇ ଅଫ୍ ସ୍ପିନର ଲସିଥ ଏମ୍‌ବୁଡେନିୟାଙ୍କ ବଲକୁ ଟ୍ରେଣ୍ଟ ବୋଲ୍ଟ ସୁଇପ ଶଟ୍ ଖେଳିଥିଲେ। ହେଲେ ବଲ ବ୍ୟାଟର ଟପ୍ ଏଜ୍ ଦେଇ ସିଧା ତାଙ୍କ ହେଲ୍‌ମେଟ୍‌ରେ ଅଟକିଯାଇଥିଲା। କିଛି ସମୟ ପାଇଁ ଘରୋଇ ଫିଲ୍ଡରମାନେ ବଲ ଖୋଜିଥିଲେ। ଏହାପରେ ଘରୋଇ ଫିଲ୍ଡରମାନେ ଜାଣିବା ପରେ ବୋଲ୍ଟଙ୍କ ହେଲ୍‌ମେଟ୍‌ରୁ ବଲ କାଢ଼ିଥିଲେ। ବୋଲ୍ଟଙ୍କ ମେଡିକାଲ ଯାଞ୍ଚ ପରେ ପୁଣି ଖେଳ ଆରମ୍ଭ ହୋଇଥିଲା। ଏହି ମଜାଦାର ଘଟଣା ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଧ୍ୟ ଟୁଇଟ୍ କରି ‘କଟ୍ ଆଉ ବୋଲ୍ଟ’ ବୋଲି କ୍ୟାପଶନରେ ଦେଇଛି। ଜଣେ ପ୍ରଶଂସକ ଏହି ଘଟଣା ଉପରେ କମେଣ୍ଟ କରି ଲେଖିଛନ୍ତି, ବୋଲ୍ଟ ତୁମ ହେଲ୍‌ମେଟ୍‌ରେ ବଲ ଲାଗିଛି। ସେଓ ନୁହେଁ। ଏହାକୁ ଖାଅ ନାହିଁ।




# ଜାତୀୟ ସିନିୟର ଶକ୍ତିଉତ୍ତୋଳନ ପାଇଁ ଓଡ଼ିଶାରୁ ୩

**ଭୁବନେଶ୍ୱର, ୧୭।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଅଗଷ୍ଟ ୨୦ରୁ ୨୪ ତାରିଖ ମଧ୍ୟରେ ପଶ୍ଚିମବଙ୍ଗର କୁଚ୍‌ବିହାରଠାରେ ୪୪ତମ ଜାତୀୟ ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା (ଇକ୍ୟୁପଡ୍) ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶାରୁ ୩ ଜଣ ଶକ୍ତିଉତ୍ତୋଳକ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଶମ୍ଭୁନାଥ ମହାନ୍ତି (୫୯ କିଗ୍ରା), ପ୍ରିୟବ୍ରତ ବିଶୋଇ (୯୩ କିଗ୍ରା) ଓ ଅବିନାଶ କୁମାର ନାୟକ (୧୦୫ କିଗ୍ରା)। କୋଚ୍‌ଭାବେ ଗଙ୍ଗାଧର ବିଶୋଇ ଓଡ଼ିଶା ଦଳ ସହ ଗସ୍ତ କରିବେ। ଏହି ଅବସରରେ ରାଜ୍ୟ ସଂଘ ପକ୍ଷରୁ ସମସ୍ତ ଖେଳାଳିଙ୍କ ସଫଳତା କାମନା କରାଯାଇଛି।



ବ୍ରାଏନ୍ ଲାରାଙ୍କ ଘରେ ରାତ୍ରିଭୋଜନ ଅବସରରେ ଡ୍ୱେନ୍ ବ୍ରାଭୋଙ୍କ ସହ ଭାରତୀୟ କ୍ରିକେଟର।

# ଲାରାଙ୍କ ଘରେ ଭାରତୀୟ ଦଳର ରାତ୍ରିଭୋଜନ

**ତ୍ରିନିଦାଦ୍ ଆଣ୍ଡ୍ ଟବାଗୋ, ୧୭।୮**

ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ୍ ଶେଷହେବା ପରେ ଆଗାମୀ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟରମାନେ ବିରତି ନେଇଛନ୍ତି। ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା, କେଦାର ଯାଦବ ଓ ୟୁଜବେନ୍ଦ୍ର ଚହଲଙ୍କ ଭଳି ତାରକା ଖେଳାଳିମାନେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କ ବାସଭବନରେ ରାତ୍ରିଭୋଜନ କରିଛନ୍ତି। ବିଶ୍ୱର ବିଭିନ୍ନ ଦେଶରେ ଟି୨୦ ଲିଗ୍ ଖେଳୁଥିବା ଡ୍ୱେନ ବ୍ରାଭୋ ଭାରତୀୟ ଖେଳାଳିଙ୍କ ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାରକରି ଏହାର ସୂଚନା ଦେଇଛନ୍ତି। ସେ ଏହାର କ୍ୟାପଶନରେ ଲେଖିଛନ୍ତି, ଘରେ ରାତ୍ରିଭୋଜନ ଆୟୋଜନ କରିବା ଲାଗି ଲାରାଙ୍କୁ ଧନ୍ୟବାଦ। ମୋ ସାଥୀ ଖେଳାଳି ଓ ଭାରତୀୟ ଭାଇଙ୍କ ସହ ସମୟ ବିତାଇବାକୁ ମୁଁ ଭଲ ପାଏ। ଏହି ଅବସରରେ ସୁନୀଲ ନାରିନ, କ୍ରିସ୍ ଗେଲ୍ ଓ କିରନ ପୋଲାର୍ଡ ମଧ୍ୟ ଉପସ୍ଥିତ ଥିଲେ। ଭାରତୀୟ ଦଳ ଆସନ୍ତା ୨୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଅଭିଯାନ ଆରମ୍ଭ କରିବ।

# ଶ୍ରୀଲଙ୍କା ବିଜୟ ନିକଟତର

**ଗାଲେ, ୧୭।୮ (ପି.ଟି.)**

ସ୍ଥାନୀୟ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ ରୋମାଞ୍ଚକ ମୋଡରେ ପହଞ୍ଚିଛି। ତେବେ ଶ୍ରୀଲଙ୍କା ଦମ୍‌ଦାର ବ୍ୟାଟିଂ କରି ସୁବିଧାଜନକ ସ୍ଥିତିରେ ପହଞ୍ଚିଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୨୪୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସ ଆରମ୍ଭ କରି ୯୩.୨ ଓଭରରେ ୨୬୭ ରନ କରି ଅଲଆଉଟ ହେବା ସହ ୧୮ ରନର ଅଗ୍ରଣୀ ହାସଲ କରିଥିଲା। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ଚତୁର୍ଥ ଦିନରେ ୧୦୬ ଓଭରରେ ୨୮୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖୀରେ ୧୬୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୫୦ ଓଭରରେ କୌଣସି ଉଇକେଟ ନ ହରାଇ ୧୩୩ ରନ କରି ବିଜୟର ନିକଟତର ହୋଇଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଶ୍ରୀଲଙ୍କା ଏବେ ବିଜୟ ପାଇଁ ୧୦ ଉଇକେଟ ହାତରେ ରଖି ୧୩୫ ରନ ଆବଶ୍ୟକ କରୁଛି। ଦୁଇ ଓପନର ଦିମୁଥ କରୁଣାରତ୍ନେ ଓ ଲାହିରୁ ଥିରିମାନେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ କରୁଣାରତ୍ନେ ୭୧ ଓ ଥିରିମାନେ ୫୭ ରନ କରି ଅପରାଜିତ ରହିଛନ୍ତି। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ନ୍ୟୁଜିଲାଣ୍ଡ ବୋଲରଙ୍କ ସଫଳ ମୁକାବିଲା କରି ୧୩୩ ରନ ସଂଗ୍ରହ କରିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୯୫/୭ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରି ଅଲଆଉଟ୍ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ୬୩ରୁ ଖେଳ ଆରମ୍ଭ କରି ୭୭ ରନ କରି ଆଉଟ ହୋଇଥିବା ବେଳେ ୱିଲିୟମ ସମରଭିଲେ ୫ ରନରୁ ଖେଳ ଆରମ୍ଭ କରି ୪୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଟ୍ରେଣ୍ଟ ବୋଲ୍ଟ ୨୬ ଓ ଅଜାଜ ପଟେଲ ୧୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟମ ଉଇକେଟ ଯୋଡିରେ ୱାଟଲିଂ ଓ ସମରଭିଲେ ୪୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ବାମହାତୀ ଅର୍ଥୋଡକ୍ସ ବୋଲର ଲାସିଥ ଏମ୍ବୁଲଡେନିୟା ସର୍ବାଧିକ ୪, ଧନଞ୍ଜୟ ଡିସିଲଭା ୩, ଲାହିରୁ କୁମାରା ୨ ଓ ଅକିଳ ଦନଞ୍ଜୟ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଦିମୁଥ କରୁଣାରତ୍ନେ

**ସଂକ୍ଷିପ୍ତ ସ୍କୋର**
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୨୪୯ ଅଲଆଉଟ।
- ଶ୍ରୀଲଙ୍କା ପ୍ରଥମ ଇନିଂସ- ୨୬୭ ଅଲଆଉଟ।
- ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୧୦୬ ଓଭରରେ ୨୮୫ ଅଲଆଉଟ (ୱାଟଲିଂ- ୭୭, ଲଥାମ- ୪୫, ସମରଭିଲେ- ୪୦*, ଏମ୍ବୁଲଡେନିୟା- ୪/୯୯, ଡିସିଲଭା- ୩/୨୫, ଲାହିରୁ- ୨/୩୧ )
- ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ- ୫୦ ଓଭରରେ ୧୩୩/୦ (କରୁଣାରତ୍ନେ- ୭୧*, ଥିରିମାନେ- ୫୭*,)



ଲେହ ବିମାନବନ୍ଦରରେ ମହେନ୍ଦ୍ର ସିଂ ଧୋନୀ।

# ଫେରିଲେ ଧୋନୀ

**ନୂଆଦିଲ୍ଲୀ, ୧୭।୮:** ଲ୍ୟୁଟନାଣ୍ଟ କଲୋନେଲ ମହେନ୍ଦ୍ର ସିଂ ଧୋନୀ ଜମ୍ମୁ-କଶ୍ମୀରରେ ୨ ସପ୍ତାହ ଧରି ଆର୍ମି ଯବାନଙ୍କ ସହ ଟ୍ରେନିଂ ଓ ଡ୍ୟୁଟି କରିବା ପରେ ନୂଆଦିଲ୍ଲୀ ଫେରିଛନ୍ତି। ବିଶ୍ୱକପ୍ ବିଜୟୀ ଅଧିନାୟକଙ୍କୁ ଶନିବାର ଲେ’ ବିମାରବନ୍ଦରଠାରେ ଦେଖାଯାଇଛି। ସେ ୧୦୬ ବାଟାଲିଅନ (ପାରା)ରେ ଜୁଲାଇ ୩୦ ତାରିଖରେ ଯୋଗଦେଇଥିଲେ। ବାଟାଲିଅନର ଅନ୍ୟ ଯବାନଙ୍କ ସହ ଧୋନୀ ୨ ସପ୍ତାହ ଧରି ବନ୍ଧୁକ ଚଳାଇବା ଟ୍ରେନିଂ ନେଇଥିଲେ। ଏଥିସହ ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ପାଟ୍ରୋଲିଂ, ଗାର୍ଡ ଓ ପୋଷ୍ଟ ଡ୍ୟୁଟି ମଧ୍ୟ କରିଥିଲେ। ସେ ଗତ ୧୫ ତାରିଖରେ ଦେଶର ୭୩ତମ ସ୍ୱାଧୀନତା ଦିବସ ପାଳନ କରିବା ଲାଗି ନୂଆ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ଯାଇଥିଲେ। ସେଠାରେ ସେ ଆର୍ମି ମେଡିକାଲରେ ଯବାନଙ୍କ ସହ ସମୟ ବିତାଇଥିଲେ। ଏହାପରେ ସିଆଚେନରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଲ୍ଲେଖଥାଉ କି, ବିଶ୍ୱକପ୍‌ରୁ ଭାରତୀୟ ଦଳ ଫେରିବା ପରେ ଧୋନୀ କ୍ରିକେଟରୁ ବିଶ୍ରାମ ନେବାକୁ ଧାର୍ଯ୍ୟ କରିଥିଲେ। ବିଶ୍ୱକପ୍ ପରଠାରୁ ତାଙ୍କ କ୍ରିକେଟ ଭବିଷ୍ୟତକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଏବେ ପର୍ଯ୍ୟନ୍ତ ଜାରି ରହିଛି।

"ଚେଲ୍‌ସିର ମ୍ୟାନେଜର ଭାବେ ଆଗକୁ ନିଜ ମାଟିରେ ଖେଳାଯିବାକୁଥିବା ଲିସେଷ୍ଟର ବିପକ୍ଷ ମ୍ୟାଚରେ ବିଜୟ ବର୍ତ୍ତମାନ ମୋର ମୂଳ ଲକ୍ଷ୍ୟ ରହିଛି ।

–ଫ୍ରାଙ୍କ୍ ଲାମ୍ପାର୍ଡ, ପୂର୍ବତନ ଫୁଟବଲ ଖେଳାଳି



"ଫର୍ମରେ ଥିବା ରହିମ ଷ୍ଟର୍ଲିଂ ଏହି ସିଜନରେ ତାଙ୍କ କ୍ୟାରିୟରରେ ପ୍ରଥମ ଥର ୩୦ରୁ ଅଧିକ ଗୋଲ ସ୍କୋର କରିବେ ବୋଲି ମୋର ଆଶା ।

–ପେପ୍ ଗାର୍ଡିଓଲା, ମାଞ୍ଚେଷ୍ଟର ସିଟି ଟିମ୍ ମ୍ୟାନେଜର





ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ

# ଓଡ଼ିଶାର ଅର୍ଜୁନ

ଭୁବନେଶ୍ୱର,୧୭।୮ (ସ୍ପୋର୍ଟ୍ସ ବ୍ୟୁରୋ)

ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି । ସେ ଅର୍ଜୁନ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି । ପୂର୍ବରୁ ଏକାଧିକ ଓଡ଼ିଆ ଖେଳାଳି ଅର୍ଜୁନ ପୁରସ୍କାର ପାଇଛନ୍ତି । ତେବେ ପାରା ଆଥଲେଟ ହିସାବରେ ଏହି ସମ୍ମାନ ପାଇବା ପାଇଁ ସେ ଯୋଗ୍ୟ ବିବେଚିତ ହେବା ରାଜ୍ୟ ଲାଗି ସ୍ୱତନ୍ତ୍ରତା ଆଣିଦେଇଛି । ଜାତୀୟସ୍ତରର ପ୍ରମୋଦଙ୍କ ସମେତ ୧୯ଜଣ ଆଥଲେଟ ଅର୍ଜୁନ ପୁରସ୍କାର ପାଇବା ଲାଗି ସେ ମନୋନୀତ ହୋଇଛନ୍ତି । ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବେଶ୍ ସଫଳ ତଥା ଅସାଧାରଣ ପ୍ରଦର୍ଶନ କରି ପ୍ରମୋଦ ଗତ କିଛି ବର୍ଷ ହେବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୀର୍ଘଦିନର ସଂଘର୍ଷ, ପ୍ରଶିକ୍ଷଣ ଓ ଅଭ୍ୟାସ ବଳରେ ସେ ଜାତୀୟ ପାରା ବ୍ୟାଡମିଣ୍ଟନରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ପ୍ରମୋଦଙ୍କ ସମେତ ରାଜ୍ୟ ଏପର୍ଯ୍ୟନ୍ତ ମୋଟ ୮ଜଣ ଖେଳାଳି ଅର୍ଜୁନ ପୁରସ୍କାର ହାସଲ କରିଛନ୍ତି । ରାଜ୍ୟର ଅର୍ଜୁନ ପୁରସ୍କାର ବିଜେତାମାନେ ହେଲେ ମିନତି ମହାପାତ୍ର (ସାଇକ୍ଲିଂ, ୧୯୭୮–୭୯), ବିଜୟ କୁମାର ଶତପଥୀ (ୱେଟଲିଫ୍ଟିଙ୍ଗ୍, ୧୯୮୧), ରଚିତା ପଣ୍ଡା (ଆଥଲେଟିକ୍ସ, ୧୯୯୮), ଦିଲୀପ ତିର୍କୀ (ହକି, ୨୦୦୧), ଜ୍ୟୋତି ସୁନୀତା କୁଲୁ (ହକି,୨୦୦୬), ଇଗ୍ନେଶ ତିର୍କୀ (ହକି, ୨୦୦୯) ଓ କେ. ରବିକୁମାର (ୱେଟଲିଫ୍ଟିଙ୍ଗ, ୨୦୧୧) ।

ବରଗଡ଼ ଜିଲାରେ ଜନ୍ମଗ୍ରହଣ କରିଥିବା ପ୍ରମୋଦଙ୍କ ବାମଗୋଡ ୪ ବର୍ଷ ବୟସରେ ପୋଲିଓରେ ଆକ୍ରାନ୍ତ ହୋଇଥିଲା । କୈଳାସ ଭଗତ ଓ କୁସୁମ ଦେବୀଙ୍କ ୩ ପୁଅ ଏବଂ ୩ ଝିଅ ମଧ୍ୟରୁ ପ୍ରମୋଦ ହେଉଛନ୍ତ ମଝିଆ । ପିଲାଟିବେଳୁ ବ୍ୟାଡମିଣ୍ଟନ ପ୍ରତି ତାଙ୍କର ଦୁର୍ବଳତା ଥିଲା । ସାଙ୍ଗମାନଙ୍କ ସହ ସେ ବ୍ୟାଡମିଣ୍ଟନ ଖେଳଥିଲେ ଓ ନିୟମିତ ଭାବେ ଅଭ୍ୟାସ କରୁଥିଲେ । ଏଥିପାଇଁ ଅବଶ୍ୟ ସେ ବାପାଙ୍କଠାରୁ ମାଡ଼ ଗାଳି ଖାଇଛନ୍ତି । ଆଜି ବାପା ଥିଲେ ଖୁସି ହୋଇଥାନ୍ତେ ବୋଲି ପ୍ରମୋଦ କହିଛନ୍ତି । କ୍ରୀଡ଼ା ପାଇଁ ମୋତେ ସରକାରୀ ଚାକିରି ମିଳିଛି । ଏହା ମୋର ଓ ବାପାଙ୍କର ସ୍ୱପ୍ନ ପୂରଣ କରିଛି । ତେବେ ବାପାଙ୍କ ଦେହାନ୍ତ ସମୟରେ ପାଖରେ ନ ଥିଲି । ୩ ଦିନ ପରେ ଘରେ ପହଞ୍ଚିଥିଲି । ସେତେବେଳେ ବେଙ୍ଗାଲୁରୁରେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଖେଳୁଥିଲି ।

ମାତ୍ର ୧୦ ବର୍ଷ ବୟସରେ ସେ ରାଜ୍ୟସ୍ତରୀୟ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ଆରମ୍ଭ କରିଥିଲେ । ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସାଧାରଣ ପିଲାଙ୍କ ପରି ଖେଳି ସମସ୍ତଙ୍କୁ ଚକିତ କରିଥିଲେ । ୨୦୦୫ରେ ସେ ଆଉଟ୍‌ଡୋର ଟୁର୍ନାମେଣ୍ଟ ଖେଳିବା ପାଇଁ ବୁର୍ଲା ଯାଇଥିଲେ । ସେଠାରେ ସେ ରାଜ୍ୟର ପ୍ରତିଷ୍ଠିତ ଖେଳାଳି କମଲ ଦାସଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ । କମଲ ତାଙ୍କୁ ପାରା ବ୍ୟାଡମିଣ୍ଟନ ଖେଳିବା ଜାରି ରଖିବା ପାଇଁ ଓ ପାରା ବ୍ୟାଡମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସଙ୍କ ସହ ସାକ୍ଷାତ କରିବା ଲାଗି ପରାମର୍ଶ ଦେଇଥିଲେ । ଶିବ ପ୍ରସାଦଙ୍କୁ ପ୍ରମୋଦ ଅନୁଗୋଳରେ ଦେଖା କରିଥିଲେ ଓ ତାଙ୍କ ଘରେ ରହି ଅଭ୍ୟାସ କରୁଥିଲେ ।

୨୦୦୬ ଫେବୃୟାରୀରେ ଦ୍ୱିତୀୟ ଅଲ୍ ଇଣ୍ଡିଆ ପାରା ବ୍ୟାଡମିଣ୍ଟନ ସୁପର ସିକ୍ସ ଟୁର୍ନାମେଣ୍ଟ ଅନୁଗୋଳରେ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ସେ ଅର୍ଜୁନ ପୁରସ୍କାର ବିଜେତା ରମେଶ ଟିକାରାମଙ୍କୁ ହରାଇ ସାରା ଭାରତୀୟ ପାରା ବ୍ୟାଡମିଣ୍ଟନ ଦଳକୁ ଚକିତ କରିଥିଲେ । ଏହା ପରଠାରୁ ସେ ପଛକୁ ଫେରି ଚାହିଁ ନ ଥିଲେ । ପ୍ରମୋଦ ଏପର୍ଯ୍ୟନ୍ତ ଜାତୀୟସ୍ତର ପ୍ରତିଯୋଗିତାରେ ୩୦ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦପ ଜିତିଛନ୍ତି । ସେହିପରି ସେ ଅନ୍ତର୍ଜାତୀୟସ୍ତରରେ ୧୯ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି । ଚଳିତ ୨୦୧୯ ବର୍ଷରେ ସେ ୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି । ଆଗକୁ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୦ ଅଲିମ୍ପିକ୍ସ ରହିଛି । ଏହି ଦୁଇ ମେଗା ଇଭେଣ୍ଟରେ ଭଲ ପ୍ରଦର୍ଶନ କରି ପଦକ ହାସଲ କରିବେ ବୋଲି ପ୍ରମୋଦ ଆଶା ପ୍ରକାଶ କରିଛନ୍ତି । ଗତ ଏପ୍ରିଲ ୨ରୁ ୭ ତାରିଖ ମଧ୍ୟରେ ଦୁବାଇରେ ଅନୁଷ୍ଠିତ ଫାଜା ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ସେ ପୁରୁଷ ସିଙ୍ଗଲ୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହି ସଫଳତା ପାଇଁ ସେ ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ । ୨୦୧୮ରେ ଇଣ୍ଡୋନେସିଆରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ସେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେହିପରି ୨୦୧୮ ମେ'ରେ ଅନୁଷ୍ଠିତ ଚତୁର୍ଥ ତୁର୍କିସ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଦେଇଥିଲେ ।

ବିଏ ପାସ୍ କରିଥିବା ପ୍ରମୋଦ ଇଏସ୍‌ଆଇସିରେ ଚାକିରି କରୁଛନ୍ତି । ଜଣେ କୋଚ୍ ହିସାବରେ ମଧ୍ୟ ପ୍ରମୋଦଙ୍କ ଭଲ ଅଭିଜ୍ଞତା ରହିଛି । ପରେ ୨୦୦୯ରେ ଘରୋଇ ବିକାଶ ସ୍କୁଲ କୋଚ୍ ଭାବେ କାର୍ଯ୍ୟ କରିଥିଲେ । ପରେ ୨୦୧୩ରେ ନାଗପୁରଠାରେ କୋଚିଂରେ ପ୍ରଶିକ୍ଷଣ ନେଇଥିଲେ । ୨୦୧୫ରେ ସମ୍ବଲପୁରରେ ମଧ୍ୟ ପିଲାଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ତାଙ୍କ ଛାତ୍ରୀଛାତ୍ରମାନେ ରାଜ୍ୟ ଓ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ପୂର୍ବରୁ ପୁରସ୍କାର ଜିତିଥିବା ଓଡ଼ିଆ କ୍ରୀଡ଼ାବିତ୍


ମିନତି ମହାପାତ୍ର


ବିଜୟ କୁମାର ଶତପଥୀ


ରଚିତା ପଣ୍ଡା


ଦିଲୀପ ତିର୍କୀ


ଜ୍ୟୋତି ସୁନୀତା କୁଲୁ


ଇଗ୍ନେସ ତିର୍କୀ


କେ. ରବିକୁମାର

## ଜାଡେଜାଙ୍କ ସମେତ ୧୯ ଜଣଙ୍କୁ ଅର୍ଜୁନ

ତାରକା କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସମେତ ଦେଶର ୧୯ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସେମାନେ ହେଲେ ମହିଳା କ୍ରିକେଟର ପୁନମ ଯାଦବ, ଟ୍ରାକ୍ ଆଣ୍ଡ ଫିଲ୍ଡ ତାରକା ତେଜିନ୍ଦର ପାଲ ସିଂ ତୁର, ମହମ୍ମଦ ଆନସ ଓ ସ୍ୱପ୍ନା ବର୍ମନ, ଫୁଟବଲର ଗୁରପ୍ରୀତ ସିଂ ସାନ୍ଧୁ, ହକି ଖେଳାଳି ଚିଙ୍ଗ୍ଲେନସାନା ସିଂ କାଙ୍ଗୁଜାମ ଓ ଶୁଟର ଅଞ୍ଜୁମ ମୋଦଗିଲ ।

ଗତ ୪ ବର୍ଷରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଥାଏ । କେବଳ ସେତିକି ନୁହଁ, ଜଣେ ଖେଳାଳି ଶୃଙ୍ଖଳିତ ହେବା ସଙ୍ଗେସଙ୍ଗେ ଖେଳଓ୍ୱାଡ ମନୋଭାବ ଓ ନେତୃତ୍ୱ ନେବାର କଳା ପ୍ରଦର୍ଶନ କରିବା ମଧ୍ୟ ଏହି ପୁରସ୍କାର ପାଇଁ ଜରୁରୀ ହୋଇଥାଏ ।

### ଦ୍ରୋଣାଚାର୍ଯ୍ୟ ପାଇବେ ୩

ଏହି କମିଟି ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ୩ଜଣଙ୍କ ନାମ ମନୋନୀତ କରିଛି । ପୂର୍ବତନ ବ୍ୟାଡମିଣ୍ଟନ ତାରକା ବିମଲ କୁମାର ଓ ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀରଙ୍କ ପିଲାବେଳର କୋଚ୍ ସଞ୍ଜୟ ଭରଦ୍ୱାଜଙ୍କ ନାମ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଜଣାଶୁଣା କୋଚ୍, ଯେଉଁମାନେ ଅନ୍ତର୍ଜାତୀୟସ୍ତରରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି ସେମାନଙ୍କୁ ମଧ୍ୟ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଥାଏ । ଏହି ପୁରସ୍କାର ବାବଦକୁ ନଗଦ ୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ । ସେହିପରି ୫ଜଣଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସେହିପରି ଅବସର ପରେ ମଧ୍ୟ କ୍ରୀଡ଼ାରେ ଓ ଏହାର ବିକାଶରେ ଉଲ୍ଲେଖନୀୟ ଅବଦାନ ଥିବା ପୂର୍ବତନ କ୍ରୀଡ଼ାବିତ୍‌ଙ୍କୁ ଧ୍ୟାନଚାନ୍ଦ ପୁରସ୍କାର ପ୍ରଦାନ କରାଯାଇଥାଏ । ଏହି ପୁରସ୍କାର ବାବଦକୁ ମଧ୍ୟ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ । କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

# ଦୀପାଙ୍କୁ ଖେଳରତ୍ନ

### ରାଜୀବ ଗାନ୍ଧୀ ଖେଳରତ୍ନ

ବଜରଙ୍ଗ ପୁନିଆ (ରେସଲିଂ), ଦୀପା ମଲିକ (ପାରା– ଆଥଲେଟିକ୍ସ) ।

### ଅର୍ଜୁନ ପୁରସ୍କାର

ତାଜିନ୍ଦର ପାଲ ସିଂ ତୁର (ଆଥଲେଟିକ୍ସ), ମହମ୍ମଦ ଆନସ ୟହିୟା (ଆଥଲେଟିକ୍ସ), ଏସ୍. ଭାସ୍କରନ (ବଡି ବିଲ୍ଡିଂ), ସୋନିଆ ଲାଥର (ବକ୍ସିଂ), ରବୀନ୍ଦ୍ର ଜାଡେଜା (କ୍ରିକେଟ), ଚିଙ୍ଗ୍ଲେନସାନ ସିଂ କାଙ୍ଗୁଜାମ (ହକି), ଅଜୟ ଠାକୁର (କବାଡ଼ି), ଗୌରବ ସିଂ ଗିଲ (ମୋଟର ସ୍ପୋର୍ଟ୍ସ), ପ୍ରମୋଦ ଭଗତ (ପାରା ସ୍ପୋର୍ଟ୍ସ – ବ୍ୟାଡମିଣ୍ଟନ), ଅଞ୍ଜୁମ ମୋଦଗିଲ (ଶୁଟିଂ), ହରମିତ ରାଜୁଲ ଦେଶାଇ (ଟେବୁଲ ଟେନିସ), ପୂଜା ଧଣ୍ଡା (ରେସଲିଂ), ଫୌଦ ମିର୍ଜା (ଇକ୍ୱେଷ୍ଟ୍ରିଆନ), ଗୁରପ୍ରୀତ ସିଂ (ଫୁଟବଲ), ପୁନମ ଯାଦବ (କ୍ରିକେଟ), ସ୍ୱପ୍ନା ବର୍ମନ (ଆଥଲେଟିକ୍ସ), ସୁନ୍ଦର ସିଂ ଗୁର୍ଜର (ପାରା– ସ୍ପୋର୍ଟ୍ସ ଆଥଲେଟିକ୍ସ), ଭମିଦିପତି ସାଇ ପ୍ରଣୀତ (ବ୍ୟାଡମିଣ୍ଟନ), ସମରନ ସିଂ ଶେରଗିଲ (ପୋଲୋ) ।

### ଦ୍ରୋଣାଚାର୍ଯ୍ୟ ପୁରସ୍କାର (ରେଗୁଲାର ବର୍ଗ)

ବିମଲ କୁମାର (ବ୍ୟାଡମିଣ୍ଟନ), ସନ୍ଦୀପ ଗୁପ୍ତା (ଟେବୁଲ ଟେନିସ), ମହିନ୍ଦର ସିଂ ଧିଲନ (ଆଥଲେଟିକ୍ସ) ।

### ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍ ଟାଇମ୍ ବର୍ଗ)

ମେଜବାନ ପଟେଲ (ହକି), ରାମବୀର ସିଂ ଖୋକାର (କବାଡ଼ି), ସଞ୍ଜୟ ଭରଦ୍ୱାଜ (କ୍ରିକେଟ) ।

### ଧ୍ୟାନଚାନ୍ଦ ପୁରସ୍କାର

ମାନୁଏଲ ଫେଡ୍ରିକ୍ସ (ହକି), ଅରୂପ ମାସକ (ଟେବୁଲ ଟେନିସ), ମନୋଜ କୁମାର (ରେସଲିଂ), ନିତେନ କୀର୍ତ୍ତନ (ଟେନିସ), ସି. ଲାଲରେମସାଙ୍ଗା (ଆର୍ଚେରୀ) ।

ନୂଆଦିଲ୍ଲୀ,୧୭।୮ (ପି.ଟି.): ତାରକା ରେସଲର ବଜରଙ୍ଗ ପୁନିଆଙ୍କ ସମେତ ପାରା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ଦୀପା ମଲିକ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ପୂର୍ବରୁ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପୁନିଆ ମଧ୍ୟ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ । ୪୮ ବର୍ଷୀୟା ଦୀପା ୨୦୧୬ ରିଓ ପାରା ଅଲିମ୍ପିକ୍ସରେ ଶଟ୍‌ପୁଟ୍‌ରେ ଏଫ୍‌୫୩ କାଟାଗୋରୀରେ ରୌପ୍ୟ ପଦକ ହାସଲ କରିଥିଲେ । ଅବସରପ୍ରାପ୍ତ ଜଷ୍ଟିସ୍ ମୁକୁନ୍ଦାନନ୍ଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ୧୨ଜଣିଆ ଚୟନ କମିଟି ଦୁଇଦିନ ଧରି ବୈଠକରେ ବସି ଦୀପାଙ୍କ ନାମରେ ମୋହର ମାରିଥିଲେ । ସେହିପରି ୬୫ କେ.ଜି. ବର୍ଗରେ ବିଶ୍ୱର ୧ ନମ୍ବର ରେସଲର ପୁନିଆଙ୍କୁ ଖେଳରତ୍ନ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା । ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱରୁ ଦୂରେଇ ରହିବା ପାଇଁ ୬ଥର ବିଶ୍ୱ ଚାମ୍ପିୟନଶିପ୍ ତଥା ଅଲିମ୍ପିକ୍ସ ପଦକ ହାସଲ କରିଥିବା ଅଭିଜ୍ଞ ମହିଳା ବକ୍ସର ମେରୀକମ୍ ଏହି ବୈଠକରେ ସାମିଲ ହୋଇ ନ ଥିଲେ । ତାଙ୍କର ବ୍ୟକ୍ତିଗତ କୋଚ୍ ଛୋଟେଲାଲ ଯାଦବ ଦ୍ରୋଣାଚାର୍ଯ୍ୟ ପୁରସ୍କାର ସହ ଜଡିତ ଥିବାରୁ ମେରୀକମ ଏହି ନିଷ୍ପତ୍ତି ନେଇଥିଲେ । ବଜରଙ୍ଗଙ୍କୁ ଖେଳରତ୍ନ ପୁରସ୍କାର ଦେବା ନେଇ ଅନୁଷ୍ଠିତ ଚୟନ କମିଟି ବୈଠକରେ ସେ ଯୋଗଦେଇଥିଲେ । ତେବେ ସେ ଦ୍ୱିତୀୟ ଦିନ ବୈଠକରୁ ଦୂରେଇ ରହିଥିଲେ ।



ଦୀପା ପ୍ରଥମ ଭାରତୀୟ ମହିଳା ଭାବେ ପରା ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ । ସେ ୨୦୧୬ ପାରା ଅଲିମ୍ପିକ୍ସ ଶଟ୍‌ପୁଟ୍‌ର ଏଫ୍ ୫୩ ବର୍ଗ ପ୍ରତିଯୋଗିତାରେ ହ୍ୱିଲ୍ ଚେୟାରରେ ବସି ଅଂଶଗ୍ରହଣ କରିଥିଲେ । ଏଥିରେ ଜଣେ ଖେଳାଳି ତାଙ୍କର କାନ୍ଧ, ମାଂସପେଶୀ, କହୁଣି ଓ ରିଷ୍ଟ ପାଓ୍ୱାରର ଉପଯୋଗ କରିଥାଏ । ୧୭ ବର୍ଷ ତଳେ ମେରୁଦଣ୍ଡ ହାଡରେ ଟ୍ୟୁମର ହେବାର କାରଣରୁ ସେ ଚାଲିବାକୁ ସକ୍ଷମ ନ ଥିଲେ । ପୂର୍ବରୁ ଦୀପା ୨୦୧୨ରେ ଅର୍ଜୁନ ଓ ୨୦୧୭ରେ ପଦ୍ମଶ୍ରୀ ପୁରସ୍କାର ହାସଲ କରିଥିଲେ । ଗତବର୍ଷ ଦୀପା ଜାଭେଲିନ ଓ ଡିସ୍‌କସ ଥ୍ରୋରେ ମନୋନିବେଶ କରିଥିଲେ ଓ ଏଥିରେ ଜାକର୍ତ୍ତାରେ ନୂଆ ଏସିଆନ ରେକର୍ଡ ସ୍ଥାପନ କରିଥିଲେ । ସେ ଏକମାତ୍ର ଭାରତୀୟ ମହିଳା ଭାବେ କ୍ରମାଗତ ୩ଟି ଏସିଆନ ପାରା ଗେମ୍ସ (୨୦୧୦, ୨୦୧୪ ଓ ୨୦୧୮)ରେ ପଦକ ହାସଲ କରିଥିଲେ । ୨୦୧୮ ଏସିଆନ ଗେମ୍ସରେ ସେ ଡିସକସ ଥ୍ରୋ (ଏଫ୍ ୫୧– ୫୨–୫୩) ଓ ଜାଭେଲିନ ଥ୍ରୋ (ଏଫ୍ ୫୩– ୫୪)ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ । ଗତ ୪ ବର୍ଷରେ କ୍ରୀଡ଼ାରେ ଉତ୍କୃଷ୍ଟତା ପ୍ରଦର୍ଶନ କରି ଅନ୍ତର୍ଜାତୀୟସ୍ତରରେ ଆଖି ଦୃଶିଆ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଖେଳରତ୍ନ ପୁରସ୍କାର ବାବଦରେ ଏକ ପ୍ରମାଣପତ୍ର, ସେରିମୋନିଆଲ ଡ୍ରେସ୍ ବା ଔପଚାରିକ ପୋଷାକ ଓ ସାଢ଼େ ୭ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ ।

# ଇଣ୍ଡିଆ ବ୍ଲୁ'ର ବ୍ୟାଟିଂ ବିପର୍ଯ୍ୟୟ

ବେଙ୍ଗାଲୁରୁ, ୧୭।୮

ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ୍ ଟ୍ରଫି ଶନିବାରଠାରୁ ସ୍ଥାନୀୟ ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି । ଇଣ୍ଡିଆ ଗ୍ରୀନ୍ ବିପକ୍ଷରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଚାରି ଦିବସୀୟ ଏହି ମ୍ୟାଚ୍‌ର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଇଣ୍ଡିଆ ବ୍ଲୁ ୬ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ଓପନର୍ ରୁତୁରାଜ ଗାଏକ୍ୱାଡ ସର୍ବାଧିକ ୩୦ ରନ କରିଥିବାବେଳେ ଅନ୍‌ମୋଲପ୍ରୀତ୍ ସିଂ ୧୪, ଜଲଜ ସକ୍ସେନା ୧୯ ଓ ଅଙ୍କିତ ବାଓ୍ୱନେ ଅପରାଜିତ ୨୧ ରନ କରିଛନ୍ତି । ଉଇକେଟ୍‌କିପର ସ୍ନେଲ ପଟେଲ (୫), ଅଧିନାୟକ ଗିଲ୍ (୬) ଓ ରିକି ଭୁଇ (୨) ଦୁଇ ଅଙ୍କ ଛୁଇଁପାରିନାହାନ୍ତି । ପ୍ରତିପକ୍ଷ

### ଦୁଲୀପ ଟ୍ରଫି

ଇଣ୍ଡିଆ ଗ୍ରୀନ୍ ପକ୍ଷରୁ ଡାହାଣହାତୀ ଦ୍ରୁତ ବୋଲର ଇଶାନ ପୋରେଲ ୩, ତନବୀର ଉଲ୍–ହକ୍ ୨ ଓ ଅଙ୍କିତ ରାଜପୁତ ଗୋଟିଏ ଉଇକେଟ୍ ଅକ୍ତିଆର କରିଛନ୍ତି । ବର୍ଷା ଯୋଗୁ ପ୍ରଥମ ଦିବସରେ ମାତ୍ର ୪୯ ଓଭର ଖେଳ ସମ୍ଭବପର ହୋଇପାରିଥିଲା ।

### ଚୂଡ଼ାନ୍ତ ଏକାଦଶରୁ ରାଜେଶ୍ ବାଦ୍

ଦୁଲୀପ୍ ଟ୍ରଫି ଲାଗି ଫୈଜ ଫଜଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଗ୍ରୀନ ଦଳରେ ସ୍ଥାନ ପାଇଥିବା ଓଡ଼ିଆ କ୍ରିକେଟର୍ ରାଜେଶ ମହାନ୍ତିଙ୍କୁ ନିରାଶ ହେବାକୁ ପଡ଼ିଛି । ଶନିବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆ ବ୍ଲୁ ବିପକ୍ଷ ମ୍ୟାଚ୍ ଲାଗି ଡାହାଣହାତୀ ସୁଇଂ ବୋଲର ରାଜେଶଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରି ନାହିଁ । ଇଣ୍ଡିଆ ଗ୍ରୀନ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଅଗଷ୍ଟ ୨୯ରେ ଇଣ୍ଡିଆ ରେଡ୍‌କୁ ଭେଟିବାର କାର୍ଯ୍ୟସୂଚୀ ରହିଛି ।

# ଭାରତୀୟ ମହିଳା ଦଳର ବିଜୟ ଅଭିଯାନ


ଗୋଲ୍ ସ୍କୋର ପରେ ଉଲ୍ଲସିତ ଭାରତୀୟ ଖେଳାଳି ।

ଟୋକିଓ,୧୭।୮ (ପି.ଟି.): ଭାରତୀୟ ହକି ମହିଳା ଦଳ ବିଜୟ ସହ ଏଠାରେ ଚାଲିଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଆରମ୍ଭ କରିଛି । ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୨–୧ ଗୋଲରେ ଆୟୋଜକ ଜାପାନକୁ ହରାଇ ଦେଇଛି । ବିଜୟୀ ଦଳ ପାଇଁ ପେନାଲ୍ଟି କର୍ନର ସ୍ପେଶାଲିଷ୍ଟ ଗୁର୍‌ଜିତ କୌର ଡବଲ ଗୋଲ ଦେଇଥିଲେ ।

ଗୁର୍‌ଜିତ କୌରଙ୍କ ଯୋଗୁ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା ଭାରତ ମ୍ୟାଚ୍‌ର ୯ମ ମିନିଟ୍‌ରେ ଖାତା ଖୋଲିଥିଲା । ଜବାବରେ ୧୬ତମ ମିନିଟ୍‌ରେ ଘରୋଇ ଖେଳାଳି ଆକି ମିତ୍‌ସୁହାସି ଗୋଲ ଦେଇ ମ୍ୟାଚ୍‌କୁ

### ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ

ବରାବର ସ୍ଥିତିକୁ ଆଣିଥିଲେ । ଏହି ସ୍କୋର ଲାଇନ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଦ୍ୱିତୀୟାର୍ଦ୍ଧ ତଥା ୩୫ତମ ମିନିଟ୍‌ରେ ଆଉ ଏକ ପେନାଲ୍ଟି କର୍ନରକୁ ଗୁର୍‌ଜିତ ଗୋଲରେ ପରିଣତ କରି ଦଳକୁ ୨–୧ରେ ଆଗୁଆ କରାଇଥିଲେ । ଏହାପରେ ଜାପାନ ଦଳ ପକ୍ଷରୁ ବାରମ୍ବାର ଉଦ୍ୟମ ହୋଇଥିଲେ ମଧ୍ୟ କୌଣସି ଖେଳାଳି ଗୋଲ ଦେବାରେ ସଫଳ ହୋଇ ନ ଥିଲେ । ଉଭୟ ଦଳ ଅଲିମ୍ପିକ୍ ଗେମ୍ସ ନିୟମ ଅନୁଯାୟୀ ମ୍ୟାଚ୍‌ରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ଖେଳାଇଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଅଗଷ୍ଟ ୧୮/୨୦୧୯ Bhubaneswar, Sunday, August 18/2019

### ବମ୍ବେରେ ନୀତି ଆୟୋଗର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ

# ପ୍ରାଣୀପାଳନ, ମତ୍ସ୍ୟଚାଷ କ୍ଷେତ୍ରକୁ ବୀମାଭୁକ୍ତ କରାଯାଉ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ଆଣିବା ଆବଶ୍ୟକ। କୃଷି କ୍ଷେତ୍ରରେ କୃଷକମାନଙ୍କର ଦକ୍ଷତା ବୃଦ୍ଧି, କୃଷି ଓ କୃଷିଜାତ ଦ୍ରବ୍ୟର ପରିଚାଳନା, କୃଷି ବଜାର ସମ୍ବନ୍ଧୀୟ ଜ୍ଞାନ ଏବଂ ବଳକା କୃଷିଜାତ ଦ୍ରବ୍ୟର ରପ୍ତାନି ସମ୍ବନ୍ଧୀୟ ଜ୍ଞାନକୌଶଳ ଆଦିର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। କୃଷକମାନଙ୍କ ଆୟ ବହୁଗୁଣିତ କରିବା ଦିଗରେ କୃଷି ସହ ଆନୁଷଙ୍ଗିକ କୃଷିର ପ୍ରମୁଖ ଭୂମିକା ରହିଥିବାରୁ ପ୍ରାଣୀପାଳନ ଓ ମତ୍ସ୍ୟଚାଷ ନିମନ୍ତେ କୃଷକମାନଙ୍କୁ ଦିଆଯାଉଥିବା ଫସଲ ଋଣ ଓ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ଦରକାର। ପ୍ରାଣୀପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରକୁ ବୀମାଭୁକ୍ତ କରାଯାଉ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରସ୍ତାବ ଦେଇଛନ୍ତି।

ଶୁକ୍ରବାର ବମ୍ବେରେ ଅନୁଷ୍ଠିତ ନୀତି ଆୟୋଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ରାଜ୍ୟ ପକ୍ଷରୁ ଏହି ପ୍ରସ୍ତାବ ଦେଇଥିଲେ, ଯାହାଦ୍ୱାରା କି କୃଷି ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ପାଇପାରିବ। ଏଥିସହ ଫସଲର ବିବିଧକରଣ ପ୍ରକ୍ରିୟାରେ ପାରମ୍ପରିକ ଧାନଚାଷ ବଦଳରେ ଅଧିକରୁ ଦରକାର ଅର୍ଥକରୀ ଫସଲ ଡାଲି, ତୈଳବୀଜ, ଫଳ, ପନିପରିବା ଓ ସମୟୋପଯୋଗୀ ଚାଷ ନିମନ୍ତେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶାରେ ଚାଷ କାର୍ଯ୍ୟ ନିମନ୍ତେ ସାଟେଲାଇଟ୍ ଇମେଜିଂ, ରିମୋଟ ସେନ୍ସିଂ, ଡାଟା ଆନାଲିସିସ୍ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ କୃଷି କ୍ଷେତ୍ରରେ ବ୍ୟବହାର କରାଯାଉ। ଏହାଦ୍ୱାରା କୃଷିକୁ ଅଧିକ ଅମଳକ୍ଷମ କରାଯିବା ପାଇଁ ମନ୍ତ୍ରୀ ଡ. ସାହୁ ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦେଇଥିଲେ। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍‌ଙ୍କ ଆବାହକତ୍ୱରେ ଅନୁଷ୍ଠିତ ନୀତି ଆୟୋଗର ବୈଠକରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ଗୁଜରାଟର ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସହ ଉତ୍ତରପ୍ରଦେଶର କୃଷି ମନ୍ତ୍ରୀ, ପଞ୍ଜାବର ଅର୍ଥମନ୍ତ୍ରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

ବୈଠକରେ ଏହା ବ୍ୟତୀତ ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ଭିନ୍ନ ଭିନ୍ନ ପଣ୍ୟଦ୍ରବ୍ୟର ବିକ୍ରିକୁ ନିୟନ୍ତ୍ରିତ କରାଯାଉଥିବା ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟରେ କୃଷିଜାତ ଦ୍ରବ୍ୟ ପାଇଁ ଗୋଟିଏ ବଜାର ପ୍ରତିଷ୍ଠା ଦିଗରେ ଆଇନ ପ୍ରଣୟନ କରାଯିବା ଉପରେ ଆଲୋଚନା ହୋଇଥିଲା। ଇ-ନାମ୍ ସହିତ ସବୁ ରାଜ୍ୟର ନିୟନ୍ତ୍ରିତ ବଜାର କମିଟିଗୁଡ଼ିକୁ ଯୋଡ଼ାଯାଇ ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ବିକ୍ରି କରିବାର ସୁଯୋଗ ଦିଆଯିବା ନେଇ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ କଣ୍ଟ୍ରାକ୍ଟ ଫାର୍ମିଂ ଆଇନ ପ୍ରଣୟନ କରି ବଡ଼ ବଡ଼ ମାର୍କେଟିଂ କମ୍ପାନୀଗୁଡ଼ିକ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ କରିବା, ଚାଷୀମାନଙ୍କୁ ଶୋଷଣରୁ ରକ୍ଷା କରିବା, କୃଷି କ୍ଷେତ୍ରରେ ରପ୍ତାନି ବୃଦ୍ଧି ନିମନ୍ତେ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ସଦସ୍ୟ ରାଜ୍ୟ ସହ ଅନ୍ୟ ରାଜ୍ୟଗୁଡ଼ିକ ଏ ଦିଗରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପ୍ରସ୍ତାବ ଦେଲେ ତାହାକୁ ବିଚାର କରି ପରବର୍ତ୍ତୀ ବୈଠକରେ ଚୂଡ଼ାନ୍ତ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଓଡ଼ିଶାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ମଧ୍ୟ ଯୋଗ ଦେଇଥିଲେ।



ବୈଠକରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଅନ୍ୟମାନେ।

### ■ ବେଆଇନ ଗିରଫଦାରି ମାମଲା

# ଡିସିପିଙ୍କଠୁ ମାନବାଧିକାର ଆୟୁକ୍ତଙ୍କ ଜବାବ ତଲବ

**କଟକ ଅଫିସ,୧୭।୮**

ବେଆଇନ ଗିରଫଦାରି ମାମଲାରେ ରାଜ୍ୟ ମାନବାଧିକାର ଆୟୁକ୍ତ କଟକ ଡିସିପିଙ୍କୁ ଜବାବ ତଲବ କରିଛନ୍ତି। କଟକ ଡିପି ଲେନ ଅଞ୍ଚଳର ଅଙ୍କିତ ଅଗ୍ରୱାଲ ଓ ହରିପୁର ଅଞ୍ଚଳର ଅନିଲ କୁମାର ସିମାନୀଙ୍କୁ କମିଶନରେଟ୍ ପୋଲିସ ବେଆଇନଭାବେ ଅଟକ ରଖି ଗିରଫ କରିବା ମାମଲାରେ ବିଚାର କରି ରାଜ୍ୟ ମାନବାଧିକାର ଆୟୁକ୍ତ ଜଷ୍ଟିସ୍ ରଘୁବୀର ଦାଶ ଡିସିପିଙ୍କୁ ପରବର୍ତ୍ତୀ ତାରିଖରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ୯ତାରିଖ ଅପରାହ୍ନରେ ଅଙ୍କିତ ଓ ଅନିଲ ଦୋଳମୁଣ୍ଡାଇସ୍ଥିତ ଓସିଆ ଟାୱାରରେ ଏକ ଉତ୍ସବରେ ଉପସ୍ଥିତ ଥିଲେ। ଏହି ସମୟରେ ପୁରୀଘାଟ ଥାନା ପୋଲିସ ସେମାନଙ୍କୁ ଜୋରଜବରଦସ୍ତ ଡିସିପିଙ୍କ କାର୍ଯ୍ୟାଳୟକୁ ନେଇ ଯାଇଥିଲେ। ସେଠାରେ ଗୋଟିଏ ଦିନ ଉଭୟଙ୍କୁ ଅଟକ ରଖିବା ପରେ ପରଦିନ ଅଦାଲତରେ ହାଜର କରିଥିଲେ। ତେବେ ଏସ୍‌ଡିଜେଏମ୍ କୋର୍ଟ ସେମାନଙ୍କୁ ଜାମିନ ପ୍ରଦାନ କରିଥିଲେ। ସେମାନଙ୍କୁ ବେଆଇନ ଗିରଫ କରାଯାଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ପ୍ରତ୍ୟେକଙ୍କୁ ଏକ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଉଭୟେ ରାଜ୍ୟ ମାନବାଧିକାର ଆୟୁକ୍ତଙ୍କୁ ପ୍ରାର୍ଥନା କରିଥିଲେ। ଆଇନଜୀବୀ କ୍ଷୀରୋଦ ରାଉତ ଉଭୟଙ୍କ ମାମଲା ପରିଚାଳନା କରୁଛନ୍ତି।




# ଜଷ୍ଟିସ ଡ. ଅରିଜିତ ପଶାୟତଙ୍କୁ ଭୂମିଗୌରବ ସମ୍ମାନ



ସାରଳା ଭବନଠାରେ ଜଷ୍ଟିସ ଡ. ଅରିଜିତ ପଶାୟତଙ୍କୁ ଭୂମିଗୌରବ ସମ୍ମାନ ପ୍ରଦାନ କରାଯାଉଛି।

**କଟକ ଅଫିସ,୧୭।୮**

କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ଶନିବାର ସାରଳା ସାହିତ୍ୟ ସଂସଦ ଓ ଚେଲିତୋଳ କଲଚରାଲ ଏକାଡେମୀର ମିଳିତ ଆନୁକୂଲ୍ୟରେ ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଡ.ଅରିଜିତ ପଶାୟତଙ୍କ ୭୫ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଦେବପ୍ରିୟ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂସଦର ପ୍ରତିଷ୍ଠାତା ଡ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜ୍ଞାନପୀଠ ବିଜୟିନୀ ଲେଖିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟ ମୁଖ୍ୟବକ୍ତା ଏବଂ ପୂର୍ବତନ ଆଡଭୋକେଟ ଜେନେରାଲ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଜଷ୍ଟିସ ଡ. ପଶାୟତଙ୍କୁ ଭୂମିଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଜଷ୍ଟିସ ମହାପାତ୍ର କହିଥିଲେ, ଅରିଜିତ ଭାରତବର୍ଷର ଜଣେ ବିଜ୍ଞ ବିଚାରପତି। ସେ ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରାରମ୍ଭରେ କଲଚରାଲ ଏକାଡେମୀର ସଭାପତି ପ୍ରଫେସର ଡ. ନିମାଇଁ ଚରଣ ପରିଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜୟ ଲକ୍ଷ୍ମୀ ନାୟକ ମାନପତ୍ର ପାଠ କରିଥିଲେ। ଶେଷରେ ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଓ ପ୍ରାକ୍ତନ ବିଚାରପତି, ଆଇନଜୀବୀ, ସାହିତ୍ୟିକ, ଶିକ୍ଷାବିତ୍, ଇଞ୍ଜିନିୟର, ଡାକ୍ତର ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଜଙ୍ଗଲ ବିଭାଗର ଭିନ୍ନ ମନ୍ତବ୍ୟ

### ଚିଲିକାରେ ମାଲେସିଆ ଜାହାଜ ଅଟକିବା ଘଟଣା

**ଭୁବନେଶ୍ୱର, ୧୭।୮(ବ୍ୟୁରୋ):** ଯାନ୍ତ୍ରିକ ତ୍ରୁଟି ଯୋଗୁ ମାଲେସିଆର ପଣ୍ୟବାହୀ ଜାହାଜ 'ଟଗ୍ ଜିନ୍ ହୱା ୩୨' ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଚିଲିକା ମୁହାଣର ରାଜହଂସ ଓ ଖିରିସାହି ଗାଁ ନିକଟ ବଙ୍ଗୋପସାଗର ଉପକୂଳରେ ୧୧ଦିନ ହେବ ଅଟକି ରହିଛି। ଜାହାଜରୁ ତେଲ ବାହାର ନ କଲେ ଚିଲିକାର ଜୈବ ବିବିଧତା ପ୍ରତି ବଡ଼ ବିପଦ ରହିଥିବା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ଚିଲିକା ପ୍ରତି ବିପଦ ନ ଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ କହିଛନ୍ତି। ଗୋଟିଏ ବିଭାଗର ଦୁଇ ପ୍ରକାର ମନ୍ତବ୍ୟକୁ ନେଇ ବର୍ତ୍ତମାନ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ମହାପାତ୍ର କହିଛନ୍ତି, ଅଚଳ ବିଦେଶୀ ଜାହାଜଟି ବିପଦ ବଢ଼ାଉଛି। ସମୟ ଗଡ଼ିବା ସହିତ ଭୟ ବଢୁଛି। କାରଣ ଯାନ୍ତ୍ରିକ ତ୍ରୁଟି ଯୋଗୁ ଜାହାଜଟି ଅଟକି ରହିଥିବାବେଳେ ଏଥିରେ ଥିବା ୩୦ ହଜାର ଲିଟର ତେଲ ହିଁ ଚିନ୍ତାର କାରଣ ପାଲଟିଛି। ଉକ୍ତ ପଣ୍ୟବାହୀ ଜାହାଜରୁ ତେଲ ବାହାର ନ କଲେ ଚିଲିକାର ଜୈବ ବିବିଧତା ପ୍ରତି ବଡ଼ ବିପଦ ରହିଛି। ଜାହାଜଟିରୁ କିଭଳି ତେଲ କଢ଼ାଯିବ ସେନେଇ ସମ୍ପୃକ୍ତ କମ୍ପାନୀ ସହ ସେ କଥା ହୋଇଛନ୍ତି। ଏପରିକି ଶୀଘ୍ର ଏହାକୁ ସ୍ଥାନାନ୍ତର କରାଯିବ ବୋଲି ସଚିବ ଆଶ୍ୱାସନା ଦେଇଛନ୍ତି। ଅନ୍ୟପକ୍ଷରେ ସିଡିଏ କର୍ତ୍ତୃପକ୍ଷ ଭିନ୍ନ ମତ ଦେଇଛନ୍ତି। ସିଡିଏର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ଜାହାଜରୁ ତେଲ ଲିକ୍ ସମ୍ଭାବନା କମ୍ ରହିଛି। ଏହା ଉପରେ ପୁରୀ ଜିଲାପାଳ ନଜର ରଖିଛନ୍ତି। ଏଥିସହିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଅନୁସାରେ କାମ ହେଉଛି ବୋଲି ସିଡିଏ କର୍ତ୍ତୃପକ୍ଷ କହିଛନ୍ତି। ଏପରିସ୍ଥଳେ ପ୍ରକୃତ ସ୍ଥିତିକୁ ନେଇ କିଛି ସ୍ପଷ୍ଟ ହେଉନାହିଁ। ଏହା ଚିଲିକା ପ୍ରତି ବିପଦ ସୃଷ୍ଟି ହେବ ନା ନାହିଁ ତାହା ଜଣାପଡୁନାହିଁ। ସେପଟେ ପରିବେଶବିତ୍‌ମାନେ ମଧ୍ୟ ଚିଲିକାର ଜୈବ ବିବିଧତା ପ୍ରତି ବିପଦ ଥିବା ମତପ୍ରକାଶ କରୁଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରୁ ଅଟକିଥିବା ପଣ୍ୟବାହୀ ଜାହାଜଟିରେ ୩୦ ହଜାର ଲିଟର ଡିଜେଲ ସହ ୧ହଜାର ଲିଟର ଲ୍ୟୁବ୍ ଅଏଲ ଓ ୨୦୦ ଲିଟର ହାଇଡ୍ରୋଲିକ୍ ଅଏଲ ମହଜୁଦ ରହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କେନାଲରୁ ଗଳିତ ମୃତଦେହ ଉଦ୍ଧାର

**ସାଲେପୁର,୧୭।୮(ଡି.ଏନ.ଏ.):** ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ରାମେଶ୍ୱର ପଞ୍ଚାୟତସ୍ଥିତ ଉଛଡିହଠାରେ ଥିବା ବ୍ରାଞ୍ଚ୍‌ଟୁ କେନାଲ୍‌ରୁ ଶନିବାର ପୋଲିସ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ହେଲେ ମୃତକଙ୍କ ପରିଚୟ ମିଳି ପାରିନାହିଁ। ପଚ୍ଚାମୁଣ୍ଡାଇ କେନାଲ୍‌ର ବ୍ରାଞ୍ଚ୍‌ଟୁ କେନାଲ୍‌ରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ସକାଳେ ଦେଖି ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ପରେ ତା'କୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନାକୁ ପଠାଇଥିଲା। ମୃତଦେହ ଚିହ୍ନଟ ହୋଇ ନ ଥିବାରୁ ବ୍ୟବଚ୍ଛେଦ ସଂରକ୍ଷଣ ଗୃହରେ ୭୨ଘଣ୍ଟା ପର୍ଯ୍ୟନ୍ତ ରଖାଯିବ ବୋଲି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ସୂଚନା ଦେଇଛନ୍ତି। ମୃତକ ଜଣେ ଯୁବକ ଓ ତାଙ୍କ ବୟସ ପ୍ରାୟ ୩୦ରୁ୩୫ବର୍ଷ ହେବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୧୦/୧୯ରୁଜୁ ହୋଇଛି।

### ମାହାଙ୍ଗା ଜ୍ୟୋତି ସମ୍ମାନ ପାଇଲେ ରବୀନ୍ଦ୍ର ପଣ୍ଡା

**ମାହାଙ୍ଗା,୧୭।୮(ସ୍ୱ.ପ୍ର.):** ସ୍ୱାଧୀନତା ଦିବସ ଅବସରରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଓସ୍ତପୁର ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ତଥା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ପରିବେଶବିତ୍ ରବୀନ୍ଦ୍ରନାଥ ପଣ୍ଡାଙ୍କୁ 'ମାହାଙ୍ଗା ଜ୍ୟୋତି' ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷ ଶରତ ନାୟକ ଯୋଗଦେଇ ପଣ୍ଡାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଉପାଧକ୍ଷା ରସିଦା ବେଗମ୍, ବିଡିଓ ସୁବୋଧଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଦନମୋହନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ଦ୍ୱାରା ୨ ପ୍ରକଳ୍ପ ଶିଳାନ୍ୟାସ

**ସାଲେପୁର,୧୭।୮(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ କଟରପା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷକ ପରାମର୍ଶ କେନ୍ଦ୍ର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦୁଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ନାରାୟଣ ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ଉପାଧକ୍ଷ ଦିଲୀପ ଦାଶ, ସରପଞ୍ଚ ତିଲୋତମା ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ରକ୍ଷାବନ୍ଧନ

**ନିଶ୍ଚିନ୍ତକୋଇଲି,୧୭।୮(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ପାଳିତ ହୋଇଛି। ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥିବାବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନିଆରା ଢଙ୍ଗରେ ଏହି ପର୍ବ ପାଳନ କରାଯାଇଛି। ବିଦ୍ୟାଳୟରେ ଯଥାବିଧି ପୂଜାର୍ଚ୍ଚନା ସହ ଗୋପୂଜନ କରାଯାଇଥିଲା। ପରେ ଏକ ସାଧାରଣ ସଭା ହୋଇଥିଲା। ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଭାଗବତ ସ୍ୱାଇଁ ଯୋଗଦେଇ ରକ୍ଷା ବନ୍ଧନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଗଗନ ବିହାରୀ ବରାଳ, ଅଶୋକ କୁମାର ମହାପାତ୍ର, ବ୍ରହ୍ମାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଗୁରୁଜୀଗୁରୁମା ପରସ୍ପର ମଧ୍ୟରେ ରାଖୀ ବାନ୍ଧିଥିଲେ। ପରେ ଗୁରୁଜୀଗୁରୁମା ନିଶ୍ଚିନ୍ତକୋଇଲି ବଜାର, ଥାନା, ଡାକ୍ତରଖାନା, ତହସିଲ ଅଫିସ ଯାଇ ରାଖୀ ବାନ୍ଧିଥିଲେ। ଶେଷରେ ଛାତ୍ରୀଛାତ୍ର ଓ ଗୁରୁଜୀଗୁରୁମା ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଦଳିତ ସାହିରେ ପହଞ୍ଚି ସମସ୍ତଙ୍କୁ ରାକ୍ଷୀ ବାନ୍ଧିବା ସହ ଦେଶ ପ୍ରେମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ସୁଶୀଲ ବିଶୋଇ ପରିଚାଳନା କରିଥିଲେ। ଗୁରୁଜୀଗୁରୁମା କାର୍ଯ୍ୟ ସମ୍ପାଦନ କରିଥିଲେ।

■ ରେଗେଡ଼ା ପଞ୍ଚାୟତ: ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

# ସରପଞ୍ଚ, ଗ୍ରାମବାସୀଙ୍କ ଅଜ୍ଞାତରେ ହେଉଛି କାର୍ଯ୍ୟ

**ନରସିଂହପୁର,୧୭।୮(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅଧୀନ ରେଗେଡ଼ା ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଛି। ଏପରି କି ପଞ୍ଚାୟତରେ ଯେତେସବୁ କାର୍ଯ୍ୟ ହେଉଛି ସେ ସମ୍ପର୍କରେ ସରପଞ୍ଚ କିମ୍ବା ଗ୍ରାମବାସୀ ଜାଣିପାରୁନାହାନ୍ତି। ଏନେଇ ସରପଞ୍ଚ ସନ୍ତୋଷ କୁମାର ବେହେରା ଓ ଗ୍ରାମବାସୀ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ କରି ଆସୁଛନ୍ତି। ହେଲେ ଦୁର୍ନୀତି କମିବା ବଦଳରେ ବଢ଼ିବାରେ ଲାଗିଛି। ଏଥିରେ ରୋକ୍ ଲଗାଯାଇ ପାରୁନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଆଗକୁ ଯଦି ଏ ଦିଗରେ ଉଚ୍ଚ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଜନ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୨୦୧୮-୧୯ରେ ଏକ ଚେକ୍ ଡ୍ୟାମ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବାବେଳେ ବର୍ଷେ ନ ପୁରୁଣୁ ତାହା ଭାଙ୍ଗିଗଲାଣି। ସେହିପରି ୨ ଲକ୍ଷ୍ୟ ଟଙ୍କା ବ୍ୟୟରେ କଇଁଆ ପୋଖରୀ ହୁଡାରେ ଦୁଇଟି ଗାଧୁଆଘର ଅତି ନିମ୍ନମାନର ନିର୍ମାଣ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ତିନି ଲକ୍ଷ ବ୍ୟୟରେ ଏକ ସଭାଗୃହର ମୁଳଦୁଆ ପଡିଥିଲେ ହେଁ ଅଦ୍ୟାବଧି ତାହାର ବିଲ୍ ମିଳୁନାହିଁ। ଏପରିସ୍ଥଳେ ଫନୀ ବାତ୍ୟାରେ ରେଗେଡ଼ା ପ୍ରାଥମିକ ବିଦ୍ୟାଳୟର ଦୁଇ ବଖରା ଆଜବେଷ୍ଟ୍ ଘର ଭାଙ୍ଗି ଯାଇଥିଲା। ବର୍ତ୍ତମାନ ତାହାକୁ ଦୁଇଲକ୍ଷ ଟଙ୍କା ଅନୁଦାନରେ ମରାମତି କରାଯାଉଛି। ହେଲେ ଏ ସମ୍ପର୍କରେ ବିଦ୍ୟାଳୟର ପରିଚାଳନା କମିଟି କିମ୍ବା ଗ୍ରାମବାସୀଙ୍କୁ ନ ଜଣାଇ ବିଭାଗୀୟ ଯନ୍ତ୍ରୀ ନିଜ ନାମରେ ୱାର୍କ ଅର୍ଡର ରଖି ମନଇଚ୍ଛା କାମ କରୁଛନ୍ତି ବୋଲି ପରିଚାଳନା କମିଟି ସଭାପତି ସୁଧାକର ଜେନା ଅଭିଯୋଗ କରିଛନ୍ତି। ରେଗେଡା ପଞ୍ଚାୟତକୁ ଯେତେସବୁ କାମ ଆସୁଛି ଆମେ ଗ୍ରାମବାସୀ ଜାଣୁନାହୁଁ, ଗ୍ରାମସଭା ହେଉନାହିଁ। ବିଭାଗୀୟ ଯନ୍ତ୍ରୀ ହାତ ଗଣତି କେତେଜଣ ଲୋକଙ୍କୁ ଧରି କାମ କରୁଛନ୍ତି ବୋଲି ଗ୍ରାମର ବରିଷ୍ଠ ନାଗରିକ ଭାଗିରଥି ଜେନାଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୁର୍ନୀତି ସମ୍ପର୍କରେ ତହସିଲଦାର, ବିଡିଓଙ୍କୁ ବହୁ ଅଭିଯୋଗ କରାଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବ'ର ଅଧିକରୁ ଅଧିକ ଦୁର୍ନୀତି ବଢିଚାଲିଛି ବୋଲି ଯୁବନେତା ରାଜୀବ ଲୋଚନ ଦାସ କହିଛନ୍ତି। ୧୦ଲକ୍ଷ ଟଙ୍କା ବ୍ୟୟରେ ହାଇସ୍କୁଲ୍ ସଭା ଗୃହ ନିର୍ମାଣ କରାଯାଇଛି ଏବଂ ପଞ୍ଚାୟତରେ ହେଉଥିବା ଅନେକ କାମକୁ ବିଭାଗୀୟ ଯନ୍ତ୍ରୀ ନିଜ ନାମରେ ରଖି କାମ କରୁଛନ୍ତି। ମୁଁ ସରପଞ୍ଚ ଥିଲେ ମଧ୍ୟ ଜଣାଉନାହାନ୍ତି ବୋଲି ସରପଞ୍ଚ ବେହେରା ଅଭିଯୋଗ କରିଛନ୍ତି। ସେହିପରି ବିଡିଓଙ୍କଠାରୁ ଆରମ୍ଭ କରି ବ୍ଲକ୍ ଅଧକ୍ଷ ଓ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ହେଁ ଫଳ ଶୂନ ବୋଲି ବେହେରା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଶାନ୍ତ କୁମାର ତରାଇଙ୍କୁ ପଚାରିବାରେ ସେ କହିଥିଲେ, ମୁଁ ସେହି ପଞ୍ଚାୟତକୁ ଯାଇ ସମସ୍ତ କାର୍ଯ୍ୟ ଦେଖିବି। ସହକାରୀ ଯନ୍ତ୍ରୀଙ୍କୁ ତଦନ୍ତ ଦାୟିତ୍ୱ ଦେବି। ତଦନ୍ତ ରିପୋର୍ଟ ଆସିଲେ ଯଦି ଦୁର୍ନୀତି ହୋଇଥିବା ଜଣାପଡ଼ିବ ତେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ବିଭାଗୟୀ ଯନ୍ତ୍ରୀ ହେମନ୍ତ କୁମାର ସାମନ୍ତରାୟ କହିଛନ୍ତି, କାର୍ଯ୍ୟ ଠିକ୍‌ରେ ଚାଲିଛି। କିଛି ଦୁର୍ନୀତି ହେଉନାହିଁ। ବିଭାଗୀୟ ଆଦେଶ ଅନୁସାରେ ଯନ୍ତ୍ରୀଙ୍କ ନାଁରେ କାର୍ଯ୍ୟାଦେଶ ରହୁଛି। ସେହି ଗ୍ରାମର କେତେଜଣ ଲୋକଙ୍କୁ ରଖାଯାଇ କାର୍ଯ୍ୟ କରାଯାଉଛି।

**ନରସିଂହପୁର ବ୍ଲକ**



ରେଗେଡ଼ା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି କରାଯାଉଛି।

- ■ ଗ୍ରାମସଭା ବସୁ ନ ଥିବା ଅଭିଯୋଗ
- ■ ବଢୁଛି ଜନ ଅସନ୍ତୋଷ
- ■ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି



ବିଧାୟକ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ବାଙ୍କୀ,୧୭।୮(ସ୍ୱ.ପ୍ର./ବି.ପ୍ର.)**

ବାଙ୍କୀ ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ୩୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଆୟୋଜିତ ସଭାରେ ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ସଭାପତିତ୍ୱ କରିଥିଲେ। ଜିଲାପରିଷଦ ସଦସ୍ୟ ତ୍ରିଲୋଚନ ରାଉତ, ପୁଷ୍ପାଞ୍ଜଳି ପ୍ରଧାନ, ବ୍ଲକ ଅଧକ୍ଷ ଶଶାଙ୍କ ଶେଖର ସ୍ୱାଇଁ, ଉପାଧକ୍ଷା ରେବତୀ ଜେନା, ଏବିଡିଓ ପ୍ରଦୀପ କୁମାର ମହାପାତ୍ର, ସହକାରୀ ଯନ୍ତ୍ରୀ ପ୍ରଭାତ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଧାୟକ ତ୍ରିପାଠୀ କାର୍ଯ୍ୟାଦେଶ ବଣ୍ଟନ କରିବା ସହ କିପରି ହିତାଧିକାରୀ ନିର୍ଦ୍ଦିଷ୍ଟ ସମୟରେ ଘର ସମ୍ପୂର୍ଣ୍ଣ କରିପାରିବେ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ୧୭ ପଞ୍ଚାୟତର ସମିତିସଭ୍ୟାସଭ୍ୟ ଏବଂ ସରପଞ୍ଚମାନେ ଉପସ୍ଥିତ ଥିଲେ।

### ବେଆଇନ ଗୋଡ଼ି ଓ କ୍ରସର ଗୁଣ୍ଡ ଚାଲାଣ

## ୫ ହାଇୱା ଜବତ, ୫୦ ହଜାର ଜରିମାନା ଆଦାୟ

**ମାହାଙ୍ଗା,୧୭।୮(ସ୍ୱ.ପ୍ର.)**

ବେଆଇନଭାବେ ଗୋଡି ଓ କ୍ରସର ଗୁଣ୍ଡ ଚାଲାଣ କରୁଥିବା ୫ ହାଇୱାକୁ ମାହାଙ୍ଗା ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଜବତ କରାଯାଇଛି। ଏଥିସହିତ ପ୍ରତ୍ୟେକ ଗାଡ଼ିଠାରୁ ୧୦ ହଜାର ଲେଖାଏ ଜରିମାନା ଆଦାୟ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଭାରପ୍ରାପ୍ତ ତହସିଲଦାର ଦିଲୀପ କୁମାର ନାୟକ ଗୁରୁବାର ରାତିରେ ଜୟପୁରଠାରେ ଚଢାଉ କରି ଏହି ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଶନିବାର ସେମାନଙ୍କଠାରୁ ଜରିମାନା ଆଦୟ କରାଯାଇଛି।

## ଗଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

**ଆଠଗଡ଼,୧୭।୮(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ବେତଖୋଲିଠାରେ ଶନିବାର ରାତି ପ୍ରାୟ ୧୦ଟାରେ ୨ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଧୀନ ଅନନ୍ତପୁରର ରସାନନ୍ଦ ପତ୍ରୀଙ୍କ ପୁଅ ରଶ୍ମିରଞ୍ଜନ(୧୯) ଓ ଗୁରୁତର ହେଲେ ବଡ଼ସୁଆଁଳ ଗ୍ରାମର ବୁଦ୍ଧିବନ୍ତ ବେହେରାଙ୍କ ପୁଅ ବୃନ୍ଦାବନ(୨୨)। ଉଭୟ ଏକ ବାଇକ୍‌ରେ କଟକରୁ ଘରକୁ ଫେରୁଥିଲେ। ବେତଖୋଲିସ୍ଥିତ ଡାଳଖାଇ ଠାକୁରାଣୀଙ୍କ ମନ୍ଦିର ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇ ଯାଇଥିଲା। ଘଟଣାସ୍ଥଳରେ ରଶ୍ମିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ବୃନ୍ଦାବନ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୃନ୍ଦାବନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା।

### ଶିଶୁ ସାହିତ୍ୟିକଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି,୧୭।୮(ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଶିଷ୍ଟ ଶିଶୁ ସାହିତ୍ୟିକ ବୈକୁଣ୍ଠ ନାଥ ପୃଷ୍ଟିଙ୍କ ଶନିବାର ସକାଳେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ହୋଇଥିଲା। ସେ ଅଞ୍ଚଳରେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତିଭାବେ ବେଶ୍ ଜଣାଶୁଣା ଥିଲେ। ଓଡ଼ିଶାର ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶିଶୁ ସାହିତ୍ୟିକ ହିସାବରେ ସମ୍ମାନିତ କରାଯାଇଥିଲା। ପୃଷ୍ଟି ସ୍ଥାନୀୟ ମା'ପାଟେଶ୍ୱରୀ ସାହିତ୍ୟ ସଂସଦ ସଭାପତି ରହିବା ସହ ବହୁ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଜଡ଼ିତଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ଶିଶୁ ସାହିତ୍ୟିକ ଓ ଗାଳ୍ପିକ ଗଭୀର ଶୋକପ୍ରକାଶ କରିଛନ୍ତି।

## ସରିଲା ଜଳସଂରକ୍ଷଣ, ବ୍ୟବହାର ସମ୍ପର୍କିତ କର୍ମଶାଳା




କର୍ମଶାଳା ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥି।

**ବାଙ୍କୀ,୧୭।୮(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ କୁସୁନ୍ଦା ପଞ୍ଚାୟତ ଅଧୀନ କଲରାଅଣ୍ଟା ଗ୍ରାମରେ ଚାଲିଥିବା ୩ ଦିନିଆ ଜଳ ସଂରକ୍ଷଣ ଓ ତା'ର ବ୍ୟବହାର ସମ୍ପର୍କିତ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚକାପଦା ଆଦର୍ଶ ଯୁବପରିଷଦ ଦ୍ୱାରା ଆୟୋଜିତ କର୍ମଶାଳାରେ କଲରାଅଣ୍ଟା, କରବର, ଶିଶୁଆ, ଦୋଲଣାପୁର, ଅରପୁର, ଗୋବିନ୍ଦପୁର ଓ କୁସୁନ୍ଦା ଆଦି ଗ୍ରାମର ଶତାଧିକ ଶିବିରାର୍ଥୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ସମରେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ପ୍ରମୋଦ ସାହୁ, ସାମାଜିକ କର୍ମୀ ପ୍ରଦୀପ ଜେନା, ଯୁବବନ୍ଧୁ ପ୍ରକାଶ ଚନ୍ଦ୍ର ପ୍ରଧାନ, କୁବେର ପ୍ରଧାନ, ଗଦାଧର ବେହେରା ପ୍ରମୁଖ ଅଂଶଗ୍ରହଣ କରି ଜଳର ସଂରକ୍ଷଣ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଶିବିରାର୍ଥୀଙ୍କ ମଧ୍ୟରେ ଗୋଷ୍ଠୀ ଆଲୋଚନା, କ୍ଷୁଦ୍ର ନାଟକ, (ସ୍ୱଚ୍ଛ ଭାରତ) ଏବଂ ନୃତ୍ୟ ଓ ସଂଗୀତ ମାଧ୍ୟମରେ ସଚେତନତା କରାଯାଇଥିଲା। ଅପରାହ୍ନରେ କର୍ଣ୍ଣେଇକୋଳି ଡ୍ୟାମ ଓ କଙ୍କଡାଝର ଝରଣା ନିକଟକୁ ସମସ୍ତ ଶିବିରାର୍ଥୀ ଗସ୍ତକରି ସେଠାରେ ଜଳ ସଂରକ୍ଷଣ କିପରି କରାଯାଇଛି ତାହା ଦେଖିଥିଲେ। କାର୍ଯ୍ୟକ୍ରମରେ ସୁଜିତ ସାହୁ, ତ୍ରିନାଥ ପରିଡା, ବଳଭଦ୍ର ଦେହୁରି ଓ ରାଜେଶ ପ୍ରଧାନ ସହଯୋଗ କରିଥିଲେ।

## ଚାରାରୋପଣ, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି,୧୭।୮(ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସୁକରପଡ଼ା ଡାକବଙ୍ଗଳା ନିକଟ କଟକ-ଚାନ୍ଦବାଲିରାସ୍ତା ପାର୍ଶ୍ୱରେ ନ୍ୟୁଜ ୧୧ ଅନୁଷ୍ଠାନ ପକ୍ଷରୁ ଶନିବାର ଚାରାରୋପଣ କରାଯାଇଛି। ଏଥିସହିତ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସକାଳେ ଅନୁଷ୍ଠାନ ପକ୍ଷରୁ ୫ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା। ପରେ ସୁକରପଡା ଡାକବଙ୍ଗଳାଠାରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜନ ନାୟକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ବ୍ଲକ ଏବିଡିଓ ସୁଶାନ୍ତ ରଣା, ଗୀତିକାର ପ୍ରେମାନନ୍ଦ, ଗିରିଷ ମହାପାତ୍ର, ମିହିର ମିଶ୍ର, ଇଫ୍‌କୋର ଅଧିକାରୀ ପ୍ରସନ୍ନ ବେହେରା, ଜ୍ୟୋତି ପ୍ରକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ପୁସ୍ତକ 'ମୂର୍ଚ୍ଛନା'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଅଧକ୍ଷ ଇଂ. ନଳିନୀକାନ୍ତ ରଥ ପରିଚାଳନା କରିଥିଲେ।



ଅତିଥି ପୁସ୍ତକ ମୂର୍ଚ୍ଛନାକୁ ଉନ୍ମୋଚନ କରୁଛନ୍ତି।

## ମେଧାବୀ ଅଭିନନ୍ଦନ-୨୦୧୯ କାର୍ଯ୍ୟକ୍ରମ

**ବଡ଼ମ୍ବା,୧୭।୮(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ପଞ୍ଚାୟତସ୍ଥିତ ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବ ବରିଷ୍ଠ ନାଗରିକ ମଞ୍ଚର ମେଧାବୀ ଅଭିନନ୍ଦନ-୨୦୧୯ କାର୍ଯ୍ୟକମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରିୟଦର୍ଶିନୀ ସ୍ମୃତି ବାଳିକା ସ୍କୁଲ ପରିସରରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥିଭାବେ ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ର ସୁନାଗରିକ ହେବାର ଏହା ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଦୁର୍ଗାପ୍ରସାଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ଆବାହକ ମାୟାଧର ରାଉତ ସଂଯୋଜନା କରିଥିବାବେଳେ ବରିଷ୍ଠ ନାଗରିକ ଗୋପୀନାଥ ସାମନ୍ତରାୟ, ଘନକିଶୋର ମହାନ୍ତି, ଗୋପାଳ ରଣା, ନରହରୀ ମଲ୍ଲିକ, ଗଙ୍ଗାଧର ମଲ୍ଲିକ, କୃପାସିନ୍ଧୁ ମଲ୍ଲିକ, କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପରମାନନ୍ଦ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ବିଦ୍ୟାଳୟସ୍ତରରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

### ନୂଆପାଟଣା ପ୍ରକଳ୍ପ ହାଇସ୍କୁଲରେ ମଧ୍ୟାହ୍ନଭୋଜନ ଅବ୍ୟବସ୍ଥା ଘଟଣା

## ବଦଳିଲେ ପ୍ରଧାନଶିକ୍ଷକ

**ନରସିଂହପୁର,୧୭।୮(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ନୂଆପାଟଣା ପ୍ରକଳ୍ପ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥାକୁ ନେଇ ଶୁକ୍ରବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବିରୋଧରେ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଶନିବାର ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଶନିବାର ବଦଳି କରାଯାଇଛି। ମଧ୍ୟାହ୍ନଭୋଜନ ଅବ୍ୟବସ୍ଥା ନେଇ ଶୁକ୍ରବାର ଅପରାହ୍ନରେ ଶିକ୍ଷା କମିଟି ସଦସ୍ୟ ଓ ଅଭିଭାବକ ତୀବ୍ର ବିରୋଧ କରିଥିଲେ। ଏପରି କି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ବେହେରା, ସିଆରସିସି ଲକ୍ଷ୍ମୀଧର ବେହେରା ଘଟଣାର ତଦନ୍ତ ପାଇଁ ସ୍କୁଲକୁ ଯାଇଥିବା ବେଳେ ଅଭିଭାବକ ଓ ଯୁବଗୋଷ୍ଠୀ ସେମାନଙ୍କୁ ତାଲା ପକାଇ ଅଟକ ରଖିଥିଲେ। ସେମାନେ ଅଭିଯୋଗ କରିଥିଲେ, ପ୍ରଧାନଶିକ୍ଷକ ସନ୍ତୋଷ ବେହେରା ଦରଖାସ୍ତ ନ ଦେଇ ଛୁଟିରେ ରହୁଛନ୍ତି, ପିଲାଙ୍କୁ ମଧ୍ୟାହ୍ନଭୋଜନ ଦେବାରେ ବହୁ ଅବ୍ୟବସ୍ଥା ସୃଷ୍ଟି କରିବା ସହ ବିଭିନ୍ନ ଅସୁବିଧାର ସମାଧାନ କରୁନାହାନ୍ତି। ତେଣୁ ଶିକ୍ଷା କମିଟି ସଭାପତି ପୁରୁଷୋତ୍ତମ ପିହାଣ ପ୍ରଧାନଶିକ୍ଷକଙ୍କ ବଦଳି ଦାବି କରି ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନଶିକ୍ଷକ ବେହେରାଙ୍କୁ ବାଲିସାହି ପଞ୍ଚାୟତର ନଖପଡା ପ୍ରକଳ୍ପ ନୋଡାଲ ମଧ୍ୟ ଇଂଲିଶ ବିଦ୍ୟାଳୟକୁ ବଦଳି କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ବେହେରା କହିଛନ୍ତି।

■ ଗୋପବନ୍ଧୁ ବିଜ୍ଞାନ କଲେଜ ଜମି ସମସ୍ୟା ସମାଧାନ ବାଟ ଖୋଲିଲା

# ଷ୍ଟାମ୍ପ ଦେୟ ଛାଡ଼ ନିଷ୍ପତ୍ତି ପରେ ଆଠଗଡ଼ବାସୀ ଆନନ୍ଦିତ

**ଆଠଗଡ଼,୧୭।୮(ସ୍ୱ.ପ୍ର.)**

ଆଠଗଡ଼ରେ ୧୯୬୩ମସିହାରେ ତତ୍‌କାଳୀନ ବିଧାୟକ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋପବନ୍ଧୁ ବିଜ୍ଞାନ କଲେଜର ଜମି ସମସ୍ୟା ସମାଧାନ ବାଟ ଖୋଲିଛି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି କଲେଜର ଜମି କିଣା ରେଜିଷ୍ଟ୍ରେଶନ ଉପରେ ଷ୍ଟାମ୍ପ ଦେୟ ଛାଡ଼ କରିବା ପାଇଁ ନିଷ୍ପତ୍ତି ନିଆଯିବାପରେ ଆଠଗଡ଼ବାସୀ ଆନନ୍ଦିତ ହୋଇଛନ୍ତି। କଲେଜ ପରିଚାଳନା ପରିଷଦ ସଭାପତି, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କଲେଜର ଏହି ଜମି ବିବାଦ ସମାଧାନ ପାଇଁ ଦୀର୍ଘ ଦିନ ହେଲା ଉଦ୍ୟମ ଜାରି ରଖିଥିଲେ। ଏପରି କି ସେ ଜମି କିଣା ବାବଦ ଷ୍ଟାମ୍ପ ଦେୟ ଛାଡ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି ଏଠାରେ ଚର୍ଚ୍ଚା ହେବା ସହ ଏଥିପାଇଁ ଆଠଗଡ଼ ବୁଦ୍ଧିଜୀବୀ ଓ କଲେଜ ପୁରାତନ ଛାତ୍ରୀଛାତ୍ର ମନ୍ତ୍ରୀ ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗୋପବନ୍ଧୁ ବିଜ୍ଞାନ କଲେଜ ଆଠଗଡ଼ ସହରଠାରୁ ୫କିମି ଦୂର ଖୁଣ୍ଟକଟାଠାରେ ଚାଲୁଥିବାବେଳେ ଏଠାରୁ ଛାତ୍ରଛାତ୍ରୀ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ତତ୍‌କାଳୀନ ବିଧାୟକ ଡ. ରଥ ତତ୍‌କାଳୀନ ଆଠଗଡ଼ ରାଜାଙ୍କଠାରୁ ତାଙ୍କର ରାଜପ୍ରାସାଦକୁ କ୍ରୟକରି କଲେଜକୁ ୧୯୭୯ରେ ଏଠାକୁ ସ୍ଥାନାନ୍ତରିତ କରିଥିଲେ। ହେଲେ ସେତେବେଳେ ଚୁକ୍ତି ଅନୁଯାୟୀ ଆଉ ଏକ ଲକ୍ଷ ଟଙ୍କା ରାଜାଙ୍କୁ ଦେବାପରେ ଉକ୍ତ ରାଜପ୍ରାସାଦ ଓ ତତ୍‌ସଂଲଗ୍ନ ପ୍ରାୟ ୧୩.୫ଏକର ଜମି କଲେଜ ନାମରେ ପଞ୍ଜୀକରଣ କରାଯାଇଥାନ୍ତା। ହେଲେ ୧୯୮୦ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆଠଗଡ଼ର ବିଧାୟକ ଭାବେ ନିର୍ବାଚିତ ହେବା ପରେ ଡ. ରଥଙ୍କୁ ଗୋପବନ୍ଧୁ ବିଜ୍ଞାନ କଲେଜର ପରିଚାଳନା ପରିଷଦର ସଭାପତି ପଦବୀରୁ ଅବ୍ୟାହତି ଦେଇଥିଲେ। ସେହିଦିନଠାରୁ ଆଠଗଡ଼ କଲେଜର ରାଜାଙ୍କ ସହିତ ଜମି ସମସ୍ୟା ସମାଧାନ ପାଇଁ କେହି ଉଦ୍ୟମ କଲେ ନାହିଁ। ଇତିମଧ୍ୟରେ ଆଠଗଡ଼ ରାଜାଙ୍କ କିଛି ଉତ୍ତରାଧିକାରୀ କଲେଜ ଅଧୀନରେ ଥିବା ଜମିରୁ କିଛିଅଂଶ ସ୍ଥାନୀୟ ଲୋକଙ୍କୁ ବିକ୍ରି କରିଥିବା ଜଣାପଡିବା ପରେ ଏଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ଉକ୍ତ ଜମିକୁ କଲେଜ ନାମରେ ରେଜେଷ୍ଟ୍ରି କରିବା କଲେଜ ପରିଚାଳନା ପରିଷଦ ବୈଠକର ନିଷ୍ପତ୍ତିକ୍ରମେ ମନ୍ତ୍ରୀ ସ୍ୱାଇଁ ଓ ଅନ୍ୟ ସଦସ୍ୟ ରାଜାଙ୍କ ତଥାକଥିତ ଉତ୍ତରାଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ କଲେଜ ଜମିର ବର୍ତ୍ତମାନର ମୂଲ୍ୟ ଅନୁଯାୟୀ ପ୍ରାୟ ୧.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଷ୍ଟାମ୍ପ ଦେୟ ବାବଦରେ ଦେବାକୁ ପଡିବ ବୋଲି ଜାଣିବା ପରେ ବିଧାୟକ ସ୍ୱାଇଁ ଜମିକ୍ରୟ ଉପରେ ଷ୍ଟାମ୍ପ ଦେୟ ଛାଡ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
- ଭଲଟାୟର



## ସଂକ୍ଷେପରେ

### କାର ପଛକୁ ଧକ୍କାଦେଲା ଟ୍ରକ୍

**କଟକ ଅଫିସ,୧୭।୮:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁରରେ ଶନିବାର ଏକ କାର ପଛକୁ ଏକ ଟ୍ରକ୍ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ କାର ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଡ୍ରାଇଭର ଟଟନ୍ ମଲ୍ଲିକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଜଗତପୁର ପଟୁ ଟ୍ରକ(ଏପି ୨୬ୱାଇ ୨୫୧୦) ଓ କାର(ଓଆର୧୫କେ ୪୯୪୯) କଟକ ଅଭିମୁଖେ ଆସୁଥିଲେ। ଶିଖରପୁର ଟ୍ରାଫିକ ପାଖରେ ଟ୍ରକ ସାମ୍ନାରେ ଥିବା କାର ପଛକୁ ଧକ୍କା ଦେଇଥିଲା ଫଳରେ ଉକ୍ତ କାରଟି କିଛିବାଟକୁ ଗଡିଯାଇ ଆଉ ଏକ କାରରେ ବାଡେଇ ହୋଇଥିଲା। ଦୁର୍ଘଟଣାରେ କାର ପଛ ପାଖ ଭାଙ୍ଗିଯାଇଛି।

### ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ସ୍ମୃତିସଭା

**କଟକ ଅଫିସ,୧୭।୮:** ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ସଂଘର ପୂର୍ବତନ ସଭାନେତ୍ରୀ ଆଶାଲତା ଦେବୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ ଡ. ମନୋରମା ମହାପାତ୍ର ସଭାରେ ଅଧ୍ୟକ୍ଷତା କରି ଆଶାଲତାଙ୍କ ବିୟୋଗରେ ସଂଘର ଅପୂରଣୀୟ କ୍ଷତି ଘଟିଛି। ତାଙ୍କର ସାରା ଜୀବନକୁ ସେ ସମାଜସେବାରେ ନିୟୋଜିତ କରିଥିଲେ ବୋଲି କହିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆଭା କାନୁନ୍‌ଗୋ, ଉପସଭାନେତ୍ରୀ ପ୍ରତିମା ସାମଲ, ନମିତା ପଣ୍ଡା, ମିନାକ୍ଷୀ ମିଶ୍ର, ଗୀତାଶ୍ରୀ ଦାସ, ନନ୍ଦିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସାତସାହି କଟକ ନୃତ୍ୟୋତ୍ସବ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୧୭।୮:** ସାତସାହି କଟକ ନୃତ୍ୟୋତ୍ସବ ପାଇଁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ପ୍ରୀୟଦର୍ଶିନୀ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ନୃତ୍ୟୋତ୍ସବ ଆସନ୍ତା ସେପ୍ଟେମ୍ବର ୧୧ରୁ ୧୮ ପର୍ଯ୍ୟନ୍ତ ସ୍ଥାନୀୟ ରାଜାବଗିଚା ଖେଳପଡିଆରେ ଆୟୋଜନ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସାତସାହି କଟକ ନୃତ୍ୟୋତ୍ସବ କମିଟି ସଭାପତି ରବି ନାରାୟଣ ନନ୍ଦ, ସମ୍ପାଦକ ଦୀପେଶ କୁମାର ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗୀର ଅଧିକାରୀ ଉପସ୍ଥିତ ଥିଲେ।

### ଯୁଗଜ୍ୟୋତି କ୍ଲବର ସୁବର୍ଣ୍ଣ ଜୟନ୍ତୀ

**କଟକ ଅଫିସ, ୧୭।୮:** ଜଗତ୍‌ପୁର ଥାନା ଅଧୀନ ପାଟପୁରସ୍ଥିତ ଯୁଗଜ୍ୟୋତି କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ପରିସରରେ ଅନୁଷ୍ଠିତ ଉତ୍ସବରେ କ୍ଲବ ସଭାପତି ଶରତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କ୍ଲବର ପ୍ରଥମ ସଭାପତି ପ୍ରଫୁଲ୍ଲ କୁମାର ରାଉତରାୟ ଯୋଗଦେଇଥିଲେ। ଏହି ଅବସରରେ ହରିବନ୍ଧୁ ମହାନ୍ତି, ସୁକାନ୍ତ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଗୋପବନ୍ଧୁ ମହାନ୍ତି, ବୃନ୍ଦାବନ ସାମଲ, ଲିଙ୍ଗରାଜ ମହାନ୍ତି, ଦୀପକ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଯଯାତି ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପାଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା।

### ରକ୍ତଦାନ ଶିବିର

**କଟକ ଅଫିସ,୧୭।୮:** ଜଗତ୍‌ପୁରସ୍ଥିତ ଓଡ଼ିଶା ଶିଳ୍ପସଂଘ ସମ୍ମିଳନୀ କକ୍ଷରେ ଓଡ଼ିଶା ଶିଳ୍ପସଂଘ ଓ କମିଶନରେଟ୍ ପୋଲିସର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏମଏସଏମଆଇ-ଡିଆଇ ନିର୍ଦ୍ଦେଶକ ଡ. ସୁକାନ୍ତ ସାହୁ ଓ କମିଶନରେଟ୍ ପୋଲିସ ହେଡ୍‌କ୍ୱାର୍ଟର ଏସିପି ଲଲାଟେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଳ୍ପସଂଘର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଉପସଭାପତି ରାଜେଶ୍ କାନୁନ୍‌ଗୋ, ବିନୀତା ଦାସ, ଅନିରୁଦ୍ଧ ପୁହାଣ, ଚନ୍ଦ୍ରଜିତ୍ ମହାନ୍ତି, ଅଜୟ ମହାନ୍ତି ଓ ରମାବଲ୍ଲଭ ନାୟକ ଉପସ୍ଥିତ ଥିଲେ।

## ଏସ୍‌ସିବି ମେଡିକାଲ

# ୧୦ ଦିନ ହେବ ଥାଇରଏଡ ମେଶିନ ଅଚଳ

**କଟକ ଅଫିସ,୧୭।୮**

### ଅସୁବିଧା ଭୋଗୁଛନ୍ତି ରୋଗୀ




କଟକ ଏସ୍‌ସିବି ମେଡିକାଲରେ ଗତ ୧୦ଦିନ ହେବ ଥାଇରଏଡ ମେଶିନ ଅଚଳ ହୋଇପଡିଥିବା ଅଭିଯୋଗ ହୋଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ମେଶିନ ଅଚଳ ହେବା ଯୋଗୁ ରୋଗୀମାନଙ୍କୁ ବାହାରେ ଅଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପରୀକ୍ଷା କରୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଉକ୍ତ ମେଶିନ ଅଚଳ ହେବା ସମ୍ପର୍କରେ ମେଡିକାଲ ଅଧିକାରୀ ଅବଗତ ନାହାନ୍ତି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଓଜନ ବଢିବା କିମ୍ବା କମିବା, ମୁହଁ ଫୁଲିବା, ଗଳାଫୁଲିବା, ଡାଇବେଟିସ୍, ଆୟୋଡିନ କମିବା ବ୍ୟତୀତ ଅନ୍ୟାନ୍ୟ ରୋଗର ପରୀକ୍ଷା ପାଇଁ ରୋଗୀମାନେ ଏସ୍‌ସିବି ମେଡିକାଲରେ ଥିବା ଥାଇରଏଡ ମେଶିନ ଉପରେ ନିର୍ଭର କରିଥାନ୍ତି। ହେଲେ ଏହି ମେଶିନ ଅଚଳ ଯୋଗୁ ରୋଗୀମାନେ ବାହାରେ ୫୦୦ରୁ ୧୦୦୦ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପରୀକ୍ଷା କରୁଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁରର ଶୁଭନାରାୟଣ ନାୟକ କହିଛନ୍ତି, ଆମେ ଦୁଇଦିନ ହେବ ରୋଗୀ ନେଇ ଆସିଛୁ। ପ୍ରଥମ ଦିନ ଡାକ୍ତର ଚିକିତ୍ସା କରିବା ପରେ ବିଭିନ୍ନ ପ୍ରକାର ପରୀକ୍ଷା କରିବାକୁ କହିଥିଲେ। ଫଳରେ ଆମେ ରୋଗୀକୁ ନେଇ ଏସ୍‌ସିବି ମେଡିକାଲର ଇମ୍ୟୁନୋଏସେ ପରୀକ୍ଷାଗାର ନିକଟରେ ପହଞ୍ଚିଥିଲୁ। କିନ୍ତୁ ସେଠାକାର କବାଟରେ ଲଗାଯାଇଥିବା କାଗଜରେ ଥାଇରଏଡ ମେଶିନ ଖରାପ ଅଛି ବୋଲି ଲେଖାଯାଇଥିଲା। ଫଳରେ ଆମେ ଭିତରେ ପଚାରିବାରୁ ମେଶିନ ଖରାପ ଅଛି ବୋଲି କହିଥିଲେ। ପରେ ଆମେ ବାହାରେ ପରୀକ୍ଷା କରିଥିଲୁ। ତିନିପ୍ରକାର ପରୀକ୍ଷା କରିବା ପାଇଁ ୫୦୦ ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଥିଲେ। ସେହିପରି କେନ୍ଦୁଝରରୁ ଆସିଥିବା ରେବତୀ ପ୍ରଧାନ କହିଛନ୍ତି, ମୋ ପେଟରେ ଷ୍ଟୋନ ହୋଇଛି। ଡାକ୍ତରଙ୍କୁ ଦେଖାଇବା ପରେ ସେ ବିଭିନ୍ନ ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ। ସବୁ ପରୀକ୍ଷା କରିବା ପରେ ଥାଇରଏଡ ମେଶିନ ସହାୟତାରେ ପରୀକ୍ଷା କରିବା ପାଇଁ ଆସିଥିଲି। ମେଶିନ ଖରାପ ଥିବାରୁ ଆସନ୍ତା ସୋମବାର ଅସିବା ପାଇଁ କୁହାଯାଇଥିଲା। ସୋମବାର ମେଶିନ ମରାମତି ହୋଇଯାଇଥିଲେ ପରୀକ୍ଷା କରାଯିବ। ନଚେତ ବାହାରେ ପରୀକ୍ଷା କରିବା ପାଇଁ ସେଠାକାର କର୍ମଚାରୀ କହିଥିଲେ। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରି ନ ଥିଲେ। ପରେ ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ବିଭାଗ ଅଧ୍ୟକ୍ଷ ଡା. ଭୁବନାନନ୍ଦ ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ଏହି ବିଷୟରେ ଆମ ପାଖରେ କିଛି ଖବର ନାହିଁ। ତଥାପି ମୁଁ ଏ ସମ୍ପର୍କରେ ବୁଝିବା ପରେ ପଦକ୍ଷେପ ଗ୍ରହଣ କରାଯିବ।



କଟକ ନରାଜ ଆନିକଟଠାରେ ଶନିବାର ମାଛ ଧରୁଥିବା ଧୀବରମାନେ।

## ଗ୍ରାମୀଣ ଆବାସ, ପକ୍କାଘର ସର୍ଭେ ରିପୋର୍ଟରେ ତାଳମେଳ ନାହିଁ

**କଟକସଦର, ୧୭।୮(ଡି.ଏନ୍.ଏ.)**

### କଟକ ସଦର ବ୍ଲକ୍

କଟକସଦର ବ୍ଲକର ୨୩ଟି ପଞ୍ଚାୟତରେ ପକ୍କା ଘର ସର୍ଭେ ଜୋରସୋରରେ ଚାଲିଛି। ଅଗଷ୍ଟମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରୋଭିଜନାଲ ଲିଷ୍ଟରେ ହିତାଧିକାରୀଙ୍କ ସଂଖ୍ୟା ୪ହଜାରରେ ପହଞ୍ଚିଛି। ମାତ୍ର ୨୦୧୭ ଗ୍ରାମୀଣ ଆବାସ ଯୋଜନା ସର୍ଭେ ରିପୋର୍ଟରେ ଚାଞ୍ଚଲ୍ୟକର ତଥ୍ୟ ରହିଥିବା ଜଣାପଡ଼ିଛି। ଉକ୍ତ ବ୍ଲକରେ ପକ୍କାଘର ପାଇଁ ନୀଳରଙ୍ଗ ଫର୍ମରେ ୧୫ହଜାର ୨୧୭ଜଣ ଆବେଦନ କରିଥିଲେ। ତାଲିକାରେ ସ୍ୱଚ୍ଛତା ଆଣିବା ପାଇଁ ବାଙ୍କୀ ବ୍ଲକରୁ କର୍ମଚାରୀମାନେ ଘର ଘର ବୁଲି ସର୍ଭେ କରିଥିଲେ। ଏଥିରେ ମାତ୍ର ୩୨୦ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ। ଏହି ତାଲିକା ଏଯାବତ ପଞ୍ଚାୟତିରାଜ ବିଭାଗ ଓ ବ୍ଲକ କାର୍ଯ୍ୟାଳୟରେ ରହିଛି। ଅନ୍ୟପକ୍ଷରେ ୨୦୧୧ସାମାଜିକ, ଅର୍ଥନୈତିକ ଓ ଜାତିଭିତ୍ତିକ ଜନଗଣନାରେ ସ୍ୱଚ୍ଛଳବର୍ଗ ଓ ପକ୍କା ଘରଥିବା ପରିବାରଗୁଡ଼ିକ ସର୍ଭେ ବେଳେ ନିଜ ନିଜ ନାମ ଚଢ଼ାଇବାରେ ସକ୍ଷମ ହୋଇପାରିଛନ୍ତି। ଏଥିପାଇଁ ଗାଁ ଗାଁରେ ମଧ୍ୟସ୍ଥମାନେ ବୁଲି ଟଙ୍କା ଆଦାୟ କରୁଥିବା ଧରିଣା ଗ୍ରାମର ବୁଦ୍ଧିଆ ପ୍ରଧାନ କହିଛନ୍ତି। ବାପର କୋଠାଘର ଥିଲେ ମଧ୍ୟ ପୁଅମାନେ ଗରିବ ଦର୍ଶାଇ ନିଜ ନାମ ସାମିଲ କରୁଛନ୍ତି। ପ୍ରାଥମିକ ସ୍ତରରେ ସର୍ଭେ ଷ୍ଟାଫମାନେ ରାଶନ କାର୍ଡ ଓ ଆଧାର କପି ସଂଗ୍ରହ କରୁଛନ୍ତି। ନେଣଦେଣ କାରବାର ଚାଲିଲେ ପ୍ରକୃତ ହିତାଧିକାରୀମାନେ ଏଥିରୁ ବାଦ୍ ପଡ଼ିବେ ବୋଲି ୪୨ମୌଜାର ରାମଚନ୍ଦ୍ର ଗୋଚ୍ଛାୟତ କହିଛନ୍ତି। ବିଶେଷ କରି ତଫସିଲଭୁକ୍ତ ଜାତିର ଅନେକ ପରିବାର ଭୂମିହୀନ ହୋଇଥିବାରୁ ସେମାନଙ୍କ ନାମ ସର୍ଭେ ତାଲିକାରୁ ବାଦ୍ ଦିଆଯାଉଛି ବୋଲି ଗୋଚ୍ଛାୟତ ଅଭିଯୋଗ କରିଛନ୍ତି। ଚଳିତ ସର୍ଭେବେଳେ ୨୦୧୧ର ଅର୍ଥନୈତିକ ଓ ଜାତିଭିତ୍ତିକ ସର୍ଭେ ରିପୋର୍ଟ ତର୍ଜମା କରିବା ପାଇଁ ନିର୍ଦ୍ଦେଶ ଥିଲେ ସୁଦ୍ଧା ଏହା କଟକସଦର ବ୍ଲକରେ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି।



**ପରିବେଶ ଚିନ୍ତା:** ଫନୀରେ କଟକରେ ବହୁ ସଂଖ୍ୟାରେ ଗଛ ନଷ୍ଟ ହେବା ସହ ସୌନ୍ଦର୍ଯ୍ୟ ଲୋପ ପାଇଛି। ଏହାର ସୌନ୍ଦର୍ଯ୍ୟକୁ ପୁଣି ଥରେ ଫେରାଇ ଆଣିବା ଉଦ୍ଦେଶ୍ୟରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆମର କଜନ୍' ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମର ଉଦ୍ୟାନରେ ଚାରାରୋପଣ କରାଯାଉଛି।

## ନମାଜ ପାଠ ପାଇଁ ମିଳିଲାନି ପୋଲିସ ସୁରକ୍ଷା

**କଟକ ସଦର,୧୭।୮(ଡି.ଏନ୍.ଏ.)**

କନ୍ଦରପୁର ଥାନା ଅନ୍ତର୍ଗତ ଦାମୋଦରପୁର-୨ ମୁସଲିମ ବସ୍ତିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସ୍ଥାନୀୟ ପୋଲିସ ଇଦ୍-ଉଲ-ଜୁହା ନମାଜ ପାଠ ପାଇଁ ଆବଶ୍ୟକୀୟ ସୁରକ୍ଷା ଯୋଗାଇ ଦେଇ ନ ଥିବା ଜଣାପଡିଛି। ଫଳରେ ବହୁ ସଂଖ୍ୟକ ମୁସ୍‌ଲିମ ଧର୍ମାବଲମ୍ବୀ ଅନ୍ୟ ସ୍ଥାନରେ ନମାଜ ପାଠ ପାଇଁ ସୋମବାର ଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଶନିବାର ଦାମୋଦରପୁର-୨ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେଖ୍ ଅବ୍ଦୁଲ ରେହେମାନ, ରଫିକ ଖାଁ, ମହମ୍ମଦ ମୋବିନ, ମହମ୍ମଦ ଓଷିଉଲ୍ଲା ପ୍ରମୁଖ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ବସ୍ତିରେ ବିବାଦ ଲାଗି ରହିଥିବାରୁ ନମାଜ ପାଠ ବେଳେ ଦାମୋଦରପୁର-୨ ମସ୍‌ଜିଦରେ ପୋଲିସ ସୁରକ୍ଷା ଦେବା ପାଇଁ ମୁସ୍‌ଲିମ ଧର୍ମାବଲମ୍ବୀମାନେ କନ୍ଦରପୁର ଥାନା ଅଧିକାରୀଙ୍କ ସମେତ କଟକ ଡିସିପିଙ୍କୁ ଅନୁରୋଧ କରିଥିଲେ। ନମାଜର ପୂର୍ବଦିନ ତଥା ଗତ ୧୧ତାରିଖରେ ଅନ୍ୟ ଗୋଷ୍ଠୀସହ ଏକାଠି ପ୍ରାର୍ଥନା ପାଇଁ ପୋଲିସ କହିଥିଲା। ଅନ୍ୟପକ୍ଷରେ ଏ ସମ୍ପର୍କରେ କନ୍ଦରପୁର ଥାନା ଅଧିକାରୀ ସତ୍ୟଜିତ୍ ଦାସ କୁହନ୍ତି, ଗୋଟିଏ ମସ୍‌ଜିଦରେ ଏକ ଦିନରେ ଦୁଇ ଥର ନମାଜ ପାଠ ହୋଇପାରିବ ନାହିଁ ବୋଲି ଜାଣିବା ପରେ ଉଭୟ ପକ୍ଷକୁ ଶାନ୍ତିର ସହ ପ୍ରାର୍ଥନା କରିବା ପାଇଁ କୁହାଯାଇଥିଲା। ତଦନୁଯାୟୀ, ମସ୍‌ଜିଦ ଆଖପାଖରେ ଏସିପିଙ୍କ ସମେତ ବହୁ ପୋଲିସ ଷ୍ଟାଫ ମୁତୟନ ହୋଇଥିଲେ। ହେଲେ ସମ୍ପୃକ୍ତ ଗୋଷ୍ଠୀ ନମାଜ ପାଇଁ ଆସି ନ ଥିଲେ ବୋଲି କନ୍ଦରପୁର ଥାନା ଅଧିକାରୀ ଦାସ କହିଛନ୍ତି।



କଟକ ଗୌରୀଶଙ୍କର ପାର୍କ ନିକଟରେ ଖୁଦୁରୁକୁଣୀ ମୃଣ୍ମୟ ମୂର୍ତ୍ତିକୁ କିଣୁଥିବା ଦୁଇ ଯୁବତୀ।

## ଭାଜପାର ସଦସ୍ୟତା ଅଭିଯାନ ଓ ବୁଦ୍ଧିଜୀବୀ ସମ୍ମିଳନୀ

**ନିଆଳି,୧୭।୮(ଡି.ଏନ୍.ଏ.)**

ଭାଜପାର ସଦସ୍ୟତା ଅଭିଯାନ ଓ ବୁଦ୍ଧିଜୀବୀ ସମ୍ମିଳନୀ ନିଆଳିସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ରାଜ୍ୟ ପ୍ରବକ୍ତା ନ୍ୟାୟବ୍ରତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅଶ୍ୱିନୀ ବୈଷ୍ଣବ, ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜପାର ଉପସଭାପତି ନୟନ ମହାନ୍ତି, ରାଜ୍ୟ ସମ୍ପାଦକ ଦିଲ୍ଲୀପ ମଲ୍ଲିକ, କଟକ ଜିଲା ସଭାପତି ହେମନ୍ତ ଚୌଧୁରୀ,ଭାଜପା ନେତା ପ୍ରକାଶ ବେହେରା, ଛବି ମଲ୍ଲିକ, ସୁଶାନ୍ତ ମଲ୍ଲିକ, ଯାଜ୍ଞସେନୀ ଜେନା ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହା ସହ ଭାଜପା ଦଳରେ ସଂଖ୍ୟାଧିକ ସଦସ୍ୟ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ଭାଜପାର ଯୁବନେତା ସୁକାନ୍ତ ବିଶ୍ୱାଳ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କଟକ ଜିଲା ଯୁବମୋର୍ଚ୍ଚା ସଭାପତି ଭକ୍ତ ବତ୍ସଳ ବସ୍ତିଆ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ମିଶ୍ର, ତ୍ରିଲୋଚନ ବେହେରା, ପ୍ରଦୀପ ନାୟକ, ଯୋଗେନ୍ଦ୍ର ସାହୁ, ବିଭୂତି ଭୂଷଣ ନାୟକ, ରାଜା ସିଂହ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟିତ

**ଚୌଦ୍ୱାର,୧୭।୮(ଡି.ଏନ୍.ଏ.)**

ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ଆନୁକୂଲ୍ୟରେ ଚୌଦ୍ୱାର ବ୍ରାହ୍ମଣ ସାହିଠାରେ ନିର୍ମିତ ରାମଲୀଳା ଗୋଷ୍ଠୀ ଉନ୍ନୟନ ମଣ୍ଡପ, ଦୌଲତାବାଦରେ ଏକ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଓ ଆଗ୍ରାହଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏକ ପାନୀୟଜଳ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଇମ୍ପାର ବରିଷ୍ଠ ଉପ-ସଭାପତି ବିଜୟାନନ୍ଦ ମହାପାତ୍ର ଏହି ପ୍ରକଳ୍ପ ଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ପୃଷ୍ଟି, ବୈକୁଣ୍ଠନାଥ ପୃଷ୍ଟି, ପୂର୍ବତନ ଉପ ନଗରପାଳ ଅଜୟ ବେହେରା, ତୋଫାନୀ ନାୟକ, ହାଡ଼ିବନ୍ଧୁ ନାୟକ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ନାୟକ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁ, ଉମେଶ ମହାରଣା, କବିଳ ଚନ୍ଦ୍ର ବେହେରା, ହେମାନନ୍ଦ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ତ୍ରିପାଠୀ,ବିନୟ ଅଗ୍ରୱାଲ, ଲଲାଟ କେଶରୀ ମହାପାତ୍ର, ରବୀନ୍ଦ୍ର ବେହେରା, ସୁଶାନ୍ତ ନାୟକ, ମାନସ ରଞ୍ଜନ ପ୍ରଧାନ, ଆଶିଷ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ଉତ୍ସବକୁ ପରିଚାଳନା କରିଥିଲେ।

## ସିଟି ହସ୍ପିଟାଲର ସମସ୍ୟା ସମାଧାନ ପାଇଁ ଦାବିପତ୍ର



ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ କଂଗ୍ରେସ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

**କଟକ ଅଫିସ,୧୭।୮**

କଟକ ସିଟି ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ଶନିବାର କଂଗ୍ରେସ ପକ୍ଷରୁ ସିଡିଏମ୍‌ଓ ଅଫିସ ଘେରାଉ କରାଯାଇଥିଲା। ଡେଣ୍ଟାଲ ବିଭାଗରେ ରୋଗୀସେବା ନିମନ୍ତେ ସମସ୍ତ ଯନ୍ତ୍ରପାତି ଥାଇ ମଧ୍ୟ କାର୍ଯ୍ୟକାରୀ ନ ହେବାରୁ ଅଚଳା ଅବସ୍ଥା ସୃଷ୍ଟି ହୋଇଛି। ମେଡିକାଲରେ ୧୩୦ଶଯ୍ୟା ବିଶିଷ୍ଟ ଥିଲେ ମଧ୍ୟ ପ୍ରାୟ ୨୫ଜଣଙ୍କୁ ରଖାଯାଇ ଅନ୍ୟମାନଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇ ଦିଆଯାଉଛି। ଡାଇବେଟିସ ରୋଗୀମାନଙ୍କୁ କୌଣସି ଇଞ୍ଜେକ୍‌ଶନ କିମ୍ବା ଟାବଲେଟ ଦିଆଯାଉନାହିଁ। ଏହାର ପ୍ରତିକାର ନିମନ୍ତେ କଂଗ୍ରେସର ବରିଷ୍ଠ ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଭୂତି ଭୂଷଣ ନାୟକଙ୍କୁ ଭେଟି ଆଲୋଚନା କରିଥିଲେ। ଏହା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ଲିଙ୍ଗରାଜ ସାହୁ, ବିପନ ପଶାୟତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ବେହେରା, ଶିଶିର ରଥ, ସୁକାନ୍ତ ରାଉତ, ଚନ୍ଦ୍ର ଶେଖର ସାହୁ, ଉତ୍ତମ ବେହେରା, ରାଜୀବ ମହାନ୍ତି, ରାଜେଶ ସ୍ୱାଇଁ, ମାନସ ନାୟକ, ଗଣେଶ୍ୱର ମଲ୍ଲିକ, ଅରବିନ୍ଦ ମହାନ୍ତି, ସଚ୍ଚିଦାନନ୍ଦ ରାଉତ ପ୍ରମୁଖ ସାମିଲ ଥିଲେ।

## ଗଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

**ଆଠଗଡ଼,୧୭।୮(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ବେତଖୋଲି ଠାରେ ଶନିବାର ରାତି ପ୍ରାୟ ୧୦ଟାରେ ୨ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଧୀନ ଅନନ୍ତପୁରର ରସାନନ୍ଦ ପତ୍ରୀଙ୍କ ପୁଅ ରଶ୍ମିରଞ୍ଜନ(୧୯) ଓ ଗୁରୁତର ହେଲେ ବଡ଼ସୁଆଁଳ ଗ୍ରାମର ବୁଦ୍ଧିବନ୍ତ ବେହେରାଙ୍କ ପୁଅ ବୃନ୍ଦାବନ(୨୨)। ଉଭୟ ଏକ ବାଇକ୍‌ରେ କଟକରୁ ଘରକୁ ଫେରୁଥିଲେ। ବେତଖୋଲିସ୍ଥିତ ଡାଳଖାଇ ଠାକୁରାଣୀଙ୍କ ମନ୍ଦିର ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇ ଯାଇଥିଲା। ଘଟଣାସ୍ଥଳରେ ରଶ୍ମିରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ବୃନ୍ଦାବନ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୃନ୍ଦାବନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା।

## ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ବିଧାୟକଙ୍କ ବୈଠକ

**ଚୌଦ୍ୱାର,୧୭।୮(ଡି.ଏନ୍.ଏ.)**

ଚୌଦ୍ୱାର ପୌରାଞ୍ଚଳ ଓ ଆଖପାଖ ଗ୍ରାମାଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଶନିବାର ଚୌଦ୍ୱାର- କଟକ ବିଧାୟକ ସୌଭିକ୍ ବିଶ୍ୱାଳ ସମୀକ୍ଷା କରିଛନ୍ତି। ଓଟିଏମ୍ ବଜାର ନିକଟସ୍ଥ ବ୍ୟାଘ୍ରବାହିନୀ ପଡ଼ିଆସ୍ଥିତ ଆରଏଣ୍ଡବି ଡାକ ବଙ୍ଗଳାରେ ଆୟୋଜିତ ଏହି ବୈଠକରେ ବିଧାୟକ ବିଶ୍ୱାଳ ଗତ ୨ବର୍ଷ ଭିତରେ କରାଯାଇଥିବା ୩୨ଟି ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ପାଇଁ ୯କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ଏବଂ ୩୨ଟି ପ୍ରକଳ୍ପ ମଧ୍ୟରୁ ୨୬ଟି ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହୋଇଛି। ଆଉ ୬ଟି ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହେଲେ ଚୌଦ୍ୱାରରେ ବିଦ୍ୟୁତ୍ ସମସ୍ୟା ସମାଧାନ ହୋଇପାରିବ ବୋଲି ସେସୁ ଏସ୍‌ଡିଓ ବେଣୁଧର ଦାସ କହିଥିଲେ। ସେହିପରି ୧୧କୋଟି ଟଙ୍କା ବ୍ୟୟରେ ମହାନଦୀର ଚଷାପଡ଼ା ଘାଟଠାରେ ନିର୍ମିତ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ପୌରାଞ୍ଚଳର ପ୍ରତି ପରିବାରକୁ ପାଇପ୍ ଲାଇନ୍ ବିଛାଇବା ପାଇଁ ଆଉ ୬କୋଟି ମଞ୍ଜୁର କରାଯାଇଥିବା ବିଧାୟକ ସୂଚନା ଦେଇଥିଲେ। ଏହି କାର୍ଯ୍ୟ ୩ମାସ ମଧ୍ୟରେ ଶେଷ କରିବାକୁ ପିଏଚଡି ଏସ୍‌ଡିଓ ବିଳାସ କୁମାର ବେହେରାଙ୍କୁ ପରାମର୍ଶ ଦେଇଥିଲେ। ଚୌଦ୍ୱାର ପୌରାଞ୍ଚଳରେ ଆଲୋକ ଓ ସ୍ୱଚ୍ଛତା ରଖିବାକୁ ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ଟାଙ୍ଗୀ-ଚୌଦ୍ୱାର ଶିକ୍ଷକ ସଂଘ ପକ୍ଷରୁ ବିଧାୟକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବାଳକୃଷ୍ଣ ମହାନ୍ତି, ସୁବୋଧ ନାୟକ, ଶୁଭେନ୍ଦୁ ସାମଲ, କରୁଣାକର ସାହୁ, ବିଷ୍ଣୁ ଚରଣ ପରିଡ଼ା,ଅର୍ଜୁନ ପଣ୍ଡା, ଭରତ ସାହୁ ପ୍ରମୁଖଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି ଯୋଗଦେଇଥିଲେ।



ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ଅନ୍ୟ ଅଧିକାରୀ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ,
ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
-ଭଲଟାୟର



## ସଂକ୍ଷେପରେ

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ବେଗୁନିଆ,୧୭।୮(ଡି.ଏନ.ଏ.):** ଜଣେ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗରେ ଶନିବାର ବେଗୁନିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକ ଜଣକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ରାହୁଲ ସ୍ୱାଇଁ (୨୧)। ପୋଲିସ ସୂଚନା ଅନୁସାରେ, ରାହୁଲ ନୟାପଲ୍ଲୀ ଅଞ୍ଚଳରେ ୧୬ ବର୍ଷୀୟା ସଂଖ୍ୟାଲଘୁ ଛାତ୍ରୀଙ୍କୁ ଭଲ ପାଉଥିଲେ। ମାତ୍ର ଛାତ୍ରୀ ଜଣଙ୍କ ଗତ ଏପ୍ରିଲରେ ବେଗୁନିଆ ଅଞ୍ଚଳକୁ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ରାହୁଲ ବେଗୁନିଆ ଆସି ଉକ୍ତ ଛାତ୍ରୀଙ୍କୁ ଅପହରଣ କରି ନେଇଥିଲେ। ଗତ ଏପ୍ରିଲ ୨୭ ରେ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ନଂ. ୫୭/୧୯ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଥିଲା।

### ଜଟଣୀର ବିଭିନ୍ନ ମନ୍ଦିରରୁ ଚୋରି

**ଜଟଣୀ,୧୭।୮(ଡି.ଏନ.ଏ.):** ଜଟଣୀରେ ପୁଣି ବିଭିନ୍ନ ମନ୍ଦିରକୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରିଛନ୍ତି। ଦେଢ଼ବର୍ଷ ପୂର୍ବେ ଜଟଣୀ ଥାନା ଅଞ୍ଚଳରେ ଏହିପରି ମନ୍ଦିରଗୁଡ଼ିକରୁ ବାରମ୍ବାର ଚୋରି ହେଉଥିଲା। ମଝିରେ ଏହି ଚୋରି କମିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଜଟଣୀ ଥାନା ଅନ୍ତର୍ଗତ ଟ୍ରାଫିକ୍ କଲୋନୀ ବାଲୁଙ୍କେଶ୍ୱର ମନ୍ଦିର, ସେସୁ କାର୍ଯ୍ୟାଳୟ ନିକଟ ଆଖଣ୍ଡଳମଣି ମନ୍ଦିର ଓ ଏହାର ପରିସରରେ ଥିବା ମା'ସନ୍ତୋଷୀଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ଚୋରି କରିଥିଲେ। ଆଖଣ୍ଡଳମଣି ଓ ମା' ସନ୍ତୋଷୀଙ୍କ ମନ୍ଦିରରେ ଥିବା ୨ଟି ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଛନ୍ତି। ସେହିପରି ବାଲୁଙ୍କେଶ୍ୱର ମନ୍ଦିରରୁ ଠାକୁରଙ୍କ ପିତଳ ପୂଜା ଉପକରଣ ଚୋରି ହୋଇଛି। ମନ୍ଦିର ଗେଟ୍ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଉଭୟ ମନ୍ଦିରର ପୂଜକ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଆସିଛି।

### ଚାରାରୋପଣ

**ଖୋର୍ଦ୍ଧା ଅଫିସ,୧୭।୮:** ଖୋର୍ଦ୍ଧା ତାଲୁକ ଆଇନ ସେବା ପକ୍ଷରୁ ଜାଗୁଲାଇପାଟଣା ଜଗନ୍ନାଥ ମଠ ପରିସରରେ ପ୍ରଥମ ଅତିରିକ୍ତ ଜିଲାଜଜ ତଥା ତାଲୁକ ଆଇନ ସେବା କମିଟିର ଚେୟାରମ୍ୟାନ ଧନୁର୍ଦ୍ଧର ସେନାପତିଙ୍କ ପୌରୋହିତ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ ଦିଗମ୍ବର ପୃଷ୍ଟି, ଜିଲାପାଳ ସୀତାଂଶୁ କୁମାର ରାଉତ, ୨ୟ ଅତିରିକ୍ତ ଜିଲାଜଜ ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

### ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

**ଖୋର୍ଦ୍ଧା ଅଫିସ,୧୭।୮:** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାର ବାଜପେୟୀଙ୍କର ପ୍ରଥମ ପୂଣ୍ୟତିଥିରେ ଖୋର୍ଦ୍ଧା ସହରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଇନଜୀବୀ ଶକ୍ତିଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ଭାଜପା ନେତା ସୁବାସ ଗନ୍ତାୟତ, ରଶ୍ମି ମହାପାତ୍ର ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

### ଜଟଣୀ କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତିଙ୍କ ପରଲୋକ

**ଜଟଣୀ,୧୭।୮(ଡି.ଏନ.ଏ.):** ଜଟଣୀ କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ଜୟକୃଷ୍ଣ ମହାନ୍ତି(୫୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଶନିବାର ପରଲୋକ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ। ଜଟଣୀ ବ୍ଲକ କୁଶମାଟି ଛଣଘର ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟ, ଜଟଣୀ ବ୍ଲକ ପୂର୍ବତନ ଅଧକ୍ଷ ଦୀପକ ଜେନା, ମ୍ୟୁନିସିପାଲିଟି ପୂର୍ବତନ ପୌରାଧକ୍ଷ ସଂଗ୍ରାମ ରାଉତରାୟ, ସରପଞ୍ଚ ସୁନୀଲ ରାଉତରାୟ, ସମିତି ସଭ୍ୟ ହରମୋହନ ରାଉତରାୟ ଓ ଗ୍ରାମବାସୀ ଉପସ୍ଥିତ ରହିବା ସହ ଶୋକ ପ୍ରକାଶ କରିଛନ୍ତି।

■ ଗୋଡ଼େଇ ଗୋଡ଼େଇ ପିଟିଲେ

# ଅଣଛାତ୍ର, ୫ ଇଞ୍ଜିନିୟରିଂ କଲେଜର ଛାତ୍ର ଆହତ

**ଖୋର୍ଦ୍ଧା ଅଫିସ,୧୭।୮**

ଖୋର୍ଦ୍ଧା ବଣିଆଟାଙ୍ଗିସ୍ଥିତ ଇଞ୍ଜିନୟରିଂ କଲେଜ ସମ୍ମୁଖ ଚା ଦୋକାନରେ ଜଣେ ଅଣଛାତ୍ର ଓ ୫ରୁ ଊର୍ଦ୍ଧ୍ୱ ବି-ଟେକ ଛାତ୍ରଙ୍କୁ ଗୋଡେଇ ଗୋଡେଇ ପିଟିଥିବା ଅଭିଯୋଗ ହୋଇଛି। ଏହି ମାରପିଟ୍ ଘଟଣା ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷଙ୍କ ନେତୃତ୍ୱରେ ହୋଇଛି। ସଭାପତିଙ୍କୁ ଛାଡି ୩୦ ଜଣ ଏଥିରେ ସାମିଲ ଥିଲେ। ଏହି ମାରପିଟ୍‌ରେ ବେରୁଆଁ ଗାଁର ଅଣଛାତ୍ର ରିଷି ମଙ୍ଗରାଜଙ୍କ ସହ ବି' ଟେକ ୨ୟ ବର୍ଷ ଛାତ୍ର ଅଭିଷେକ ପଣ୍ଡା ଅନୁରୂପ ଆହତ ହୋଇଛନ୍ତି। ଅନ୍ୟ ୪ ଜଣ ଆହତ ହୋଇଥିଲେ ମଧ୍ୟ ସେମାନଙ୍କର ନାମ ଜଣାପଡିନାହିଁ। ନ୍ୟାୟ ପାଇବାକୁ ଇଞ୍ଜିନିୟରିଂ କଲେଜର ଛାତ୍ରମାନେ ଶନିବାର ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ, ବେରୁଆଁର ରିଷି ବଣିଆଟାଙ୍ଗିସ୍ଥିତ ଇଞ୍ଜିନିୟରିଂ କଲେଜର କେତେଜଣ ଛାତ୍ରଙ୍କ ସହ ମିଶି ଚା ଦୋକାନରେ ଶୁକ୍ରବାର ସନ୍ଧ୍ୟାରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷ ୨୦ରୁ ୩୦ଜଣ ଯୁବକଙ୍କୁ ଧରି ପହଞ୍ଚିଥିଲେ। ୧୦ରୁ ଊର୍ଦ୍ଧ୍ୱ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ରିଷିଙ୍କଠାରୁ ମୋବାଇଲ, ୫ ହଜାର ଓ ସୁନାଚେନ ଛଡାଇ ନେବାକୁ ଉଦ୍ୟମ କରାଯାଇଥିଲା। ଏହି ସମୟରେ ପ୍ରତିବାଦ କରିବାରୁ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷଙ୍କ ନିର୍ଦ୍ଦେଶରେ ମାରପିଟ୍ କରାଗଲା। ଏପରିକି ଜୀବନରେ ମାରିଦେବାକୁ କହିଥିଲେ। ଗୋଡେଇ ଗୋଡେଇ ପିଟିବା ବଳେ ରିଷି ଖସି ଯାଇଥିଲେ। ସେହିପରି ଅଭିଷେକ ପଣ୍ଡାଙ୍କ ସମେତ ୫ଜଣ ଇଞ୍ଜିନିୟର ଛାତ୍ର ଅନୁରୂପ ଭାବେ ମାଡ ଖାଇ ଖସି ଯାଇଥିଲେ। ଶନିବାର କଲେଜ ଛାତ୍ରଙ୍କ ସହ ରିଷି ଯାଇ ଜିଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର ଦେଇଥିଲେ । ସେହିଭଳି ରିଷିଙ୍କ ବାପା ନଳିନୀକାନ୍ତ ମଙ୍ଗରାଜ ଜିଲାପାଳ ଓ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରିଛନ୍ତି।



ମାଡରେ ଆହତ ହୋଇଥିବା ଛାତ୍ରଦ୍ୱୟ।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଛାତ୍ରମାନେ।

■ ଜିଲାପରିଷଦ ଚେୟାରମ୍ୟାନଙ୍କ ଇଙ୍ଗିତରେ ମାଡ ଅଭିଯୋଗ

■ ଜିଲାପାଳ, ଏସ୍‌ପି ଫେରାଦ

### ପାଓ ଅଭିଯୁକ୍ତଙ୍କୁ ଧରାଇବାରୁ ବିବାଦ

ବଣିଆଟାଙ୍ଗିସ୍ଥିତ ଇଞ୍ଜିନୟରିଂ କଲେଜରେ ଜଣେ ଅଣଛାତ୍ର ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ବ୍ରାଉନସୁଗାର ବ୍ୟବସାୟୀଙ୍କୁ ସ୍ଥାନୀୟ ଲୋକ କାବୁ କରି ଅଟକ ରଖିଥିଲେ। ପରେ ଖବର ସମ୍ପର୍କରେ ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳାଇଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ଅଧକ୍ଷ ପୋଲିସକୁ ଯୋଗାଯୋଗ କରି ହସ୍ତାନ୍ତରର ବ୍ୟବସ୍ଥା କରାଇଥିଲେ। ଯିଏ ବ୍ରାଉନସୁଗାର ବିକ୍ରି କରୁଥିଲା ସିଏ ମୋ ବିରୋଧରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗର ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବାକୁ ଜିଲା ପରିଷଦ ଅଧକ୍ଷ ଦଳାଇ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ କେତେଜଣ ବିରୋଧୀ ଏହାକୁ ରାଜନୈତିକ ରୂପ ଦେଇ ମୋତେ ବଦନାମ କରିବାକୁ ଚେଷ୍ଟା କରିଛନ୍ତି ବୋଲି ଜିଲା ପରିଷଦ ଅଧକ୍ଷ ଦଳାଇ କହିଛନ୍ତି।

### କୁଆରେ ପଡି ଶିଶୁକନ୍ୟା ମୃତ

**ଟାଙ୍ଗୀ (ଖୋର୍ଦ୍ଧା), ୧୭।୮ (ଡି.ଏନ.ଏ.)**

କୁଆରେ ପଡି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ବାଣପୁର ଥାନା ଅନ୍ତର୍ଗତ ବେଲେଡି ଗ୍ରାମର ସନାତନ ସାହୁଙ୍କ ୪ ବର୍ଷ ବୟସର ଝିଅ ନନ୍ଦିନୀ ତାଙ୍କ ମାଆଙ୍କ ସହିତ ମାମୁଘର ଟାଙ୍ଗୀ ଥାନା କୁରୁମୀ ଗ୍ରାମକୁ ବୁଲିବାକୁ ଆସିଥିଲେ । ଶିଶୁକନ୍ୟା କାହାକୁ କିଛି ନକହି ମାମୁଁଘର ବାଡିପଟକୁ ଚାଲିଯାଇଥିଲେ । ସେଠାରେ ଥିବା କୁଆରେ ପଡିଯିବା ଫଳରେ ଗୁରୁତର ହୋଇଥିଲେ । ପରିବାର ଲୋକେ କୁଆରୁ ଉଦ୍ଧାର କରି ନନ୍ଦିନୀଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଭାରପ୍ରାପ୍ତ ମେଡିକାଲ ଅଫିସର ଜିତେନ୍ଦ୍ର କୁମାର ସାହୁ ପ୍ରକାଶ କରିଥିଲେ ।

### ଶ୍ରୀଅରବିନ୍ଦଙ୍କ ଜୟନ୍ତୀ

**ଖୋର୍ଦ୍ଧା ଅଫିସ,୧୭।୮:** ଖୋର୍ଦ୍ଧାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦଙ୍କର ଜୟନ୍ତୀ ଉତ୍ସବ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ ଯୋଗ ଦେଇଥିଲେ। ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ଧନ୍ୟବାଦ ଦେଇଥିଲେ । ଅନ୍ୟପକ୍ଷେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା ।

## ୪୧୦ ଏକର ଧାନ ଫସଲ ଜଳମଗ୍ନ

**ବେଗୁନିଆ,୧୭।୮(ଡି.ଏନ.ଏ.)**

**ବେଗୁନିଆ ବ୍ଲକ**

ହୀରାକୁଦ ଗେଟ୍ ଖୋଲିବା ପରେ ମହାନଦୀରେ ବନ୍ୟା ଜଳ ଆସି ବେଗୁନିଆ ବ୍ଲକର ୪୧୦ ଏକର ଧାନ ଫସଲ ଜଳମଗ୍ନ ହୋଇଛି। ଏ ନେଇ କୃଷି ବିଭାଗ ପକ୍ଷରୁ ଶନିବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ହେଲେ ପାଣି ଛାଡିବା ପରେ କ୍ଷୟକ୍ଷତିର ଆକଳନ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ଅବଗତ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ କହିଛନ୍ତି। ମହାନଦୀ ପଠା ବାଙ୍କୀ ମୁହାଣକୁ ସଂଯୋଗ କରିଥିବା ବାଘମାରୀ ଶାଖା ନଈରେ ପାଣି ଆସି ତୁଳସୀପୁର, ପୋଡାଡିହ, ଦିନିଆରୀ, ପାଇସାହି, କାଠଖୁଣ୍ଟିଆ ଗାଁର ଧାନ ଫସଲରେ ଗତ ୫ ଦିନ ହେଲା ପାଣି ଭରିହୋଇ ରହିଛି। ଚାଷୀମାନେ ଏବେ ଧାନ ତଳି ରୁଆ ପୋତା କରିଥିଲେ। ପାଣି ବୁଡି ରହିଥିବାରୁ ଧାନ ତଳି ନଷ୍ଟ ହୋଇ ଯାଇଥିବାର ଆଶଙ୍କା ରହିଛି ବୋଲି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସୂଚନାଥାଉ କି ବ୍ଲକ ଅଞ୍ଚଳରେ ଚାଷୀଙ୍କ ଉପରେ ସର୍ବଦା ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। କେତେବେଳେ ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା, ରୋଗପୋକ ଦାଉରୁ ମୁକ୍ତି ପାଇ ପାରୁ ନ ଥିବା ଏହି ବ୍ଲକର ଚାଷୀଙ୍କୁ କୃଷି କାର୍ଯ୍ୟରୁ ମୁହଁ ଫେରାଇବା ପାଇଁ ବାଟ ଫିଟାଉଛି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡା କୁହନ୍ତି, କୃଷି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଯୁଗ୍ମ କ୍ଷତି ଆକଳନ କରାଯାଇ ବିଧିବଦ୍ଧ ସହାୟତା ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବ।



ଜଳମଗ୍ନ ଚାଷ ଜମିକୁ କୃଷି ଅଧିକାରୀ ବୁଲି ଦେଖୁଛନ୍ତି।

## କାରକୁ ଅଟକାଇ ସୁନା ଅଳଙ୍କାର,ଟଙ୍କା ଲୁଟ୍

**ନିରାକାରପୁର,୧୭।୮(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକ ନିକଟ ନୂଆ ଜଗନ୍ନାଥ ସଡକରେ ଶନିବାର ଭୋର ସମୟରେ ଏକ ପର୍ଯ୍ୟଟନ କାରରୁ ଲୁଟ୍ ହୋଇଛି। କାରରେ ଥିବା ୨ ପରିବାର ସଦସ୍ୟଙ୍କଠାରୁ ଦୁର୍ବୃତ୍ତମାନେ ସୁନାଅଳଙ୍କାର, ମୋବାଇଲ ଓ ଟଙ୍କା ଲୁଟି ନେଇଛନ୍ତି ।

ପ୍ରକାଶ ଯେ, ଗଞ୍ଜାମ ଜିଲା ଚିକିଟି ଓ କେ-ନୂଆଗାଁର ଦୁଇଟି ପରିବାର ଶ୍ରୀଜଗନ୍ନାଥ ଦର୍ଶନ ଓ କୋଣାର୍କ ବୁଲିବା ପାଇଁ ଭଡା କରି ଏକ ଜାଇଲୋ କାର (ନଂ.ଓଡି-୦୨ୟୁ୯୨୭୩) ଯୋଗେ ଯାଉଥିବା ବେଳେ ପଛପଟୁ ଦୁଇଟି ବାଇକ୍(କଳା ରଙ୍ଗର ପଲସର ଓ ଆପାଚି)ରେ ୫ଜଣ ଲୁଟେରା ଆସି ଗାଡି ଅଟକାଇବା ପାଇଁ କହିଥିଲେ । ଗାଡି ଚାଳକ ଦ୍ରୁତ ଗତିରେ ଗାଡିନେଇ ଚାଲିଯାଉଥିବାବେଳେ ଆଗରୁ ଗାଈପଲ ଆସୁଥିବାରୁ ଗାଡିକୁ ଆଗକୁ ନେଇ ପାରି ନ ଥିଲେ। ଫଳରେ ଲୁଟେରାମାନେ ସେଠାରେ ପହଞ୍ଚି ମାରଣାସ୍ତ୍ର ଦେଖାଇ ଗାଡି ଭିତରେ ବସିଥିବା ଦଣ୍ଡପାଣି ନାୟକଙ୍କଠାରୁ ମୋବାଇଲ, ୩୭୦୦ଟଙ୍କା ଓ ଗଙ୍ଗାଧର ନାୟକଙ୍କଠାରୁ ସୁନାଚେନ, ୨୦୦୦ ଟଙ୍କା, ମୋବାଇଲ ଓ ତାଙ୍କ ସ୍ତ୍ରୀଙ୍କଠାରୁ ସୁନାହାର,ଗୋଟିଏ ମୋବାଇଲ ଲୁଟି ନେଇଥିଲେ। ସେହିପରି ତାଙ୍କ ବୁଢୀ ମା' ବେକରେ ଲଗାଇଥିବା ତୁଳସୀ ମାଳିକୁ ସୁନା ଭାବି ନେଉଥିବା ବେଳେ ତାଙ୍କ ବେକରେ ସାମାନ୍ୟ ଆଘାତ ଲାଗିଛି । ଗଙ୍ଗାଧର ଓ ଦଣ୍ଡପାଣି ଉଭୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବୋଲି ଜଣାପଡିଛି। ଲୁଟ୍ କରିବା ପରେ ଦୁର୍ବୃତ୍ତମାନେ ଦ୍ରୁତଗତିରେ ଚାଲିଯାଇଥିଲେ।

■ ଗ୍ୟାସ ସିଲିଣ୍ଡର ପରିବହନ ଟ୍ରକରୁ ଛଟେଇ

## କାମ ହରାଇଲେ ୪୦ ଟ୍ରକ ହେଲ୍‌ପର

**ଖୋର୍ଦ୍ଧା ଅଫିସ,୧୭।୮**

**ପୁନଃ ନିୟୋଜନ ପାଇଁ ଜିଲାପାଳଙ୍କୁ ଫେରାଦ୍**

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ବିପିସିଏଲ ପ୍ଲାଣ୍ଟରେ ଗ୍ୟାସ ସିଲିଣ୍ଡର ପରିବହନ ଟ୍ରକରେ ନିୟୋଜିତ ୪୦ ଟ୍ରକ ହେଲପରଙ୍କୁ କାର୍ଯ୍ୟରୁ ଛଟେଇ କରାଯାଇଛି। ଛଟେଇର କାରଣ ଅବଗତ କରାଯାଇନାହିଁ। ତେବେ ୪୦ ଟ୍ରକ ହେଲପରଙ୍କୁ ଛଟେଇ ପରେ ସମ୍ପୃକ୍ତ ପରିବାରରେ ଏବେ ଚୁଲି ଜଳୁନି। ଏଭଳିସ୍ଥଳେ ପୁନଃ ନିୟୋଜନ ପାଇଁ ସମ୍ପୃକ୍ତ ଡ୍ରାଇଭରମାନେ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ କେହି ପଦକ୍ଷେପ ନେଉନାହାନ୍ତି। ଶ୍ରମ ଅଧିକାରୀଙ୍କଠାରୁ ନିରାଶ ହେବା ପରେ ହେଲପରମାନେ ଶନିବାର ଜିଲାପାଳଙ୍କୁ ଫେରାଦ୍ ହୋଇ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ବିପିସିଏଲ ପ୍ଲାଣ୍ଟରେ ଗ୍ୟାସ ସିଲିଣ୍ଡର ପରିବହନ ଟ୍ରକରେ ୪୦ଜଣ ହେଲପର ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟ କରି ଆସୁଛନ୍ତି। ତେବେ ଗତ ୧୦ତାରିଖରେ କାମକୁ ନ ଆସିବାକୁ ଟ୍ରକର ଡ୍ରାଇଭରମାନେ ମନା କରିଦେଲେ। କାରଣ ପଚାରିବାରୁ ବିନା ହେଲପରରେ ବିପିସିଏଲ ପ୍ଲାଣ୍ଟକୁ ଟ୍ରକ ଯିବାକୁ ମାଲିକ କହିଥିବା ଉତ୍ତର ମିଳିଥିଲା। ଏହାପରେ ବିପିସିଏଲ ପ୍ଲାଣ୍ଟ ଡ୍ୟୁଟି ଅଫିସରଙ୍କୁ ହେଲପରମାନେ ଅଭିଯୋଗ କରିଥିଲେ। ବିନା ହେଲପରରେ କାମ ସମ୍ଭବ ନ ଥିବାରୁ ସେ କାଢ଼ି ନ ଥିବା ଡ୍ୟୁଟି ଅଫିସର କହିଥିଲେ। ତେବେ ଟ୍ରାନ୍ସପୋର୍ଟ ମାଲିକଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ପରେ ହେଲପରମାନେ ଟ୍ରାନ୍ସପୋର୍ଟ ମାଲିକଙ୍କ ସହ ଆଲୋଚନା କରିଥିଲେ। ହେଲେ କିଛି ଉତ୍ତର ନ ମିଳିବାରୁ ବହୁ କଷ୍ଟରେ କାଳାତିପାତ କରୁଥିବା ହେଲପରମାନେ ଦର୍ଶାଇଛନ୍ତି। ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ବିପିସିଏଲ ପ୍ଲାଣ୍ଟ ଜାତୀୟ ସ୍ତରର ସଂସ୍ଥା ହୋଇଥିବାରୁ ସେ ଅସମର୍ଥ ପ୍ରକାଶ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ହେଲପରମାନେ।

## ଡିଏମ୍ୟୁ, ମେମୁ ଟ୍ରେନ୍‌ରେ ଅଧିକ ବଗି ଲଗାଇବାକୁ ଦାବି

**ଚିଲିକା,୧୭।୮(ଡି.ଏନ.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନରେ ପ୍ରତ୍ୟହ ଦକ୍ଷିଣ ଓଡ଼ିଶାରୁ ୩ଟି ସକାଳୁଆ ପାସେଞ୍ଜର ଟ୍ରେନ୍ (ପଲାସା-କଟକ), ବ୍ରହ୍ମପୁର-କଟକ-ପାରାଦୀପ (ମେମୁ), ପଲାସା-ଭୁବନେଶ୍ୱର ଟ୍ରେନ୍ ଚଳାଚଳ କରୁଛି । ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ କର୍ମଚାରୀ, ସ୍କୁଲ କଲେଜ ଶିକ୍ଷାର୍ଥୀ, ବ୍ୟବସାୟୀମାନଙ୍କ ପାଇଁ ଏହି ଟ୍ରେନଗୁଡ଼ିକ ଖୁବ୍ ଉପଯୋଗୀ ହେଉଥିଲା। ଟ୍ରେନ୍‌ଗୁଡ଼ିକ ଭୁବନେଶ୍ୱରରେ ପୂର୍ବରୁ ପୂର୍ବାହ୍ନ ୯.୩୦ରୁ ୧୦.୩୦ ମଧ୍ୟରେ ପହଞ୍ଚୁଥିଲା । ମାତ୍ର କିଛିବର୍ଷ ହେଲା ସମୟ ପରିବର୍ତ୍ତନ କରାଯାଇ ୧ମ ଟ୍ରେନ୍‌ଟି ୯ଟା ୩୦ରୁ ୧୦ ମଧ୍ୟରେ, ୨ୟ-୩ୟ ଟ୍ରେନ୍ ଦିନ ୧୧ରୁ ୧୨.୩୦ ମଧ୍ୟରେ ପହଞ୍ଚୁଛି । ୧ମ ଟ୍ରେନ୍ ପରେ ୨ୟ ମେମୁ ଟ୍ରେନ୍‌ରେ ଯାତ୍ରୀ ଭିଡ଼ ହେଉଛି। ଅନ୍ୟପକ୍ଷରେ ୩ୟ ଟ୍ରେନଟି ଏକ ଚତୁର୍ଥାଂଶ ଯାତ୍ରୀଙ୍କୁ ନେଇ ଦିନ ୧୨ରୁ ଗୋଟାଏ ମଧ୍ୟରେ ଭୁବନେଶ୍ୱରରେ ପହଞ୍ଚୁଛି । ମେମୁ ଟ୍ରେନ୍‌ରେ ସ୍ଥାନାଭାବକୁ ନେଇ ପ୍ରତ୍ୟହ ପୂର୍ବରୁ ସିଟ୍‌ରେ ବସି ଆସିଥିବା ଲୋକ ଓ ବିଭିନ୍ନ ଷ୍ଟେଶନ୍‌ରେ ଚଢୁଥିବା ଲୋକମାନଙ୍କ ମଧ୍ୟରେ ଉଚ୍ଚବାଚ, ମାରପିଟ ଭଳି ଘଟଣା ଘଟୁଛି। ଏହାକୁ ଦୃଷ୍ଟିରେ ରଖି ୧ମ ଓ ୨ୟ ଟ୍ରେନ୍‌ରେ ୨୦ରୁ ୨୫ମଧ୍ୟରେ ବଗି ଲଗାଇବା ବ୍ୟବସ୍ଥା ସହ ସାଢ଼େ ଦଶଟା ମଧ୍ୟରେ ଭୁବନେଶ୍ୱର କିମ୍ବା କଟକ ରେଳଷ୍ଟେଶନ୍‌ରେ ଟ୍ରେନକୁ ପହଞ୍ଚାଇଲେ ଯାତ୍ରୀମାନେ ବିଶେଷ ଉପକୃତ ହୋଇପାରନ୍ତେ। ଏହି ମର୍ମରେ ଚିଲିକା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ସ୍ୱାଧୀନ କୁମାର ପଣ୍ଡା ଓ ରେଳବାଇ ଯାତ୍ରୀ କଲ୍ୟାଣ ପରିଷଦ ପକ୍ଷରୁ ପୂର୍ବତଟ ରେଳବାଇ ସାଧାରଣ ପ୍ରବନ୍ଧକ, ଖୋର୍ଦ୍ଧାରୋଡ୍ ଡ଼ିଆରଏମ୍, ପୂର୍ବତଟ ରେଳବାଇ ଲୋକସମ୍ପର୍କ ଅଧିକାରୀଙ୍କୁ ଲିଖିତ ଆବେଦନ କରାଯାଇଛି ।

## ଆମ ପୋଲିସ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବା

**ବାଲୁଗାଁ,୧୭।୮(ଡ଼ି.ଏନ.ଏ.)**

ଶୁକ୍ରବାର ବାଲୁଗାଁ ପୋଲିସ୍ ତରଫରୁ ଏନଏସି କଲ୍ୟାଣ ମଣ୍ଡପ ଠାରେ ଆମ ପୋଲିସ୍ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୭ଜଣ ବରିଷ୍ଠ ନାଗରିକ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ଡ଼ାକ୍ତରଙ୍କ ସହ ଯୋଗାଯୋଗ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଡ଼ା.ଅକ୍ଷୟ କୁମାର ସାହୁ, ଡ଼ା.ରଞ୍ଜନ ସାହୁ, ଡ଼ା.ଆକାଶ ପଣ୍ଡା, ଡ଼ା.ରମେଶ ବାରିକ ଓ ଡ଼ା.ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପେଜ୍ ଓଡ଼ିଆର ନିର୍ଦ୍ଦେଶକ ରବୀନ୍ଦ୍ର ସାହୁ ଆୟୋଜନ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜୟମାତାଦୀ ୟୁଥ୍ କ୍ଲବ୍ ଏହାକୁ ପରିଚାଳନା କରିଥିଲା। ଏହି ଅବସରରେ ବାଲୁଗାଁ ଥାନା ଅଧିକାରୀ ରମାକାନ୍ତ ମହାଲିକ୍, ଚିଲିକା ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ କୁମାର ପ୍ରଧାନ, ଉପଦେଷ୍ଟା ଆର୍ତ୍ତତ୍ରାଣ ଜାଲି, ଅବସରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଲକ୍ଷ୍ମୀଧର କର, ରୋଟାରୀ ସଭ୍ୟ କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ ।

## ଆତ୍ମବିଶ୍ୱାସ ଦିବସରେ ଶପଥ ନେଲେ ଛାତ୍ରୀଛାତ୍ର

**ଟାଙ୍ଗୀ (ଖୋର୍ଦ୍ଧା), ୧୭।୮ (ଡି.ଏନ.ଏ.)**

ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆତ୍ମବିଶ୍ୱାସ ଦିବସ ପାଳିତ ହୋଇଯାଇଛି । ଆତ୍ମବିଶ୍ୱାସ ହେଉଛି ଏପରି ଶକ୍ତି ଯାହା ମଣିଷକୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ କରିଥାଏ । ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଏହି ଦିବସର ତାତ୍ପର୍ଯ୍ୟ ତଥା ଆତ୍ମବିଶ୍ୱାସ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅନୁପ୍ରାଣିତ କରାଇ ସେମାନଙ୍କୁ ଏହା ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଶପଥ କରାଇଥିଲେ । ଏହି ବ୍ଲକ୍‌ର ଅଚ୍ୟୁତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁସୁମୀ ରାଉତପଡା ୟୁଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜଗନ୍ନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଡିଆ ୟୁଜି ୟୁପି ସ୍କୁଲ ସମେତ ଅଧିକାଂଶ ବିଦ୍ୟାଳୟରେ ଆତ୍ମବିଶ୍ୱାସ ଦିବସ ପାଳିତ ହୋଇଯାଇଛି ।



ଅଚ୍ୟୁତପୁର ୟୁପି ସ୍କୁଲର ପିଲାମାନେ ଶପଥ ନେଉଛନ୍ତି।

■ ବିଦ୍ୟାଳୟ ବନ୍ଦ, ୧୬ ଛାତ୍ରୀଛାତ୍ର ପଢ଼ା ଛାଡ଼ିଲେ

## ଗ୍ରାମବାସୀଙ୍କ ନବୀନ ନିବାସ ଘେରାଉ ଚେତାବନୀ

**ଚିଲିକା,୧୭।୮(ଡି.ଏନ.ଏ.)**

ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ବହୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରସଂଖ୍ୟା କମ୍ ଥିବାରୁ ସେଗୁଡ଼ିକୁ ବନ୍ଦ କରାଯାଇ ନିକଟତମ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଛି । ଏହାକୁ ନେଇ ବହୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଡ଼ୋରି ବନ୍ଧାହେବାକୁ ବସିଛି। ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଚିଲିକା ବ୍ଲକ୍ ପ୍ରାଣଦେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟଟି ଚଳିତ ଶିକ୍ଷାବର୍ଷରୁ ବନ୍ଦ ହୋଇ ନିକଟସ୍ଥ ସରଳସିଂହ ସରକାରୀ ପ୍ରାଥମିକ ବିଦ୍ୟାଳୟ ସହ ମିଶିଯାଇଛି। ହେଲେ ପ୍ରଥମରୁ ଅଧ୍ୟୟନ କରୁଥିବା ୧୬ ଛାତ୍ରୀଛାତ୍ର ଅନ୍ୟ ବିଦ୍ୟାଳୟକୁ ନ ଯାଇ ଘରେ ବସି ରହିଛନ୍ତି। ଏହାର ସମାଧାନ ନ ହେଲେ ଗ୍ରାମବାସୀ ନବୀନ ନିବାସ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।

୨୦ରୁ କମ୍ ପିଲାଥିବା ଦର୍ଶାଯାଇ ଚଳିତ ଶିକ୍ଷାବର୍ଷରେ ଚିଲିକା ବ୍ଲକର ୧୦ ପ୍ରାଥମିକ ବିଦ୍ୟାଳୟକୁ ପାଖ ସ୍କୁଲ ସହିତ ମିଶାଇ ଦିଆଯାଇଛି। ଚିଲିକା ପଞ୍ଚାୟତ ଅନ୍ତର୍ଗତ ପ୍ରାଣଦେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧୬ ପିଲା ଥିବାରୁ ତାହାକୁ ବନ୍ଦ କରାଯାଇ ସରଳସିଂହ ପ୍ରାଥମିକ ବିଦ୍ୟାଳୟ ସହ ମିଶାଇ ଦିଆଗଲା। ଗ୍ରାମବାସୀ ଏହାର ପ୍ରତିବାଦ କରି ବ୍ଲକ ଶିକ୍ଷାଧିକାରୀ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ, ଜିଲାପାଳ ପ୍ରମୁଖଙ୍କୁ ଜଣାଇବା ପରେ ମଧ୍ୟ ସୁଫଳ ମିଳି ନ ଥିଲା। ପିଲାଙ୍କ ନିରାପତ୍ତା ଦୃଷ୍ଟିରୁ ଅଭିଭାବକମାନେ ୧୬ନଂ ଜାତୀୟ ରାଜପଥ ଓ ରେଳଲାଇନ୍ ଅତିକ୍ରମ କରାଇ ଅନ୍ୟ ସ୍କୁଲକୁ ଛାଡ଼ିଲେ ନାହିଁ। ଫଳରେ ଉକ୍ତ ଗ୍ରାମର ଅର୍ପଣ ବେହେରା, ମହେଶ ବେହେରା, ଓମ୍ ବେହେରା, କୌଶଲ୍ୟା ବେହେରା, ବର୍ଷାରାଣୀ ଦାସ, ଅଜିତ୍ ବେହେରା ପ୍ରମୁଖ ୧୬ ଛାତ୍ରୀଛାତ୍ର ପାଠପଢ଼ା ଛାଡ଼ି ଘରେ ବସିଛନ୍ତି । ଗ୍ରାମବାସୀ ତୁରନ୍ତ ଉକ୍ତ ବିଦ୍ୟାଳୟ ଚାଲୁ କରାଯାଇ ଅନ୍ୟ ବିଦ୍ୟାଳୟକୁ ନିଆଯାଇଥିବା ୨ଜଣ ଶିକ୍ଷକଙ୍କୁ ମୂଳ ସ୍କୁଲକୁ ଫେରାଇ ପିଲାମାନଙ୍କୁ ଶିକ୍ଷା ଦେବାକୁ ଦାବି କରିଛନ୍ତି । ଶେଷପନ୍ଥା ସ୍ୱରୂପ ଛାତ୍ରୀଛାତ୍ରଙ୍କୁ ନେଇ ନବୀନ ନିବାସ ଘେରାଉ କରିବେ ବୋଲି ପଦ୍ମଚରଣ ବେହେରା, ଶିବ ବେହେରା, ଭାଗୀରଥି ରଣା, କୃପାସିନ୍ଧୁ ଦାସ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଚିଲିକା ବିଇଓ ନଗେନ୍ଦ୍ର ସ୍ୱାଇଁ କୁହନ୍ତି, ଯଦି ଉଚ୍ଚପଦସ୍ଥ ଅଧିକାରୀ ଅନୁସନ୍ଧାନ କରି ପୁନଃ ଖୋଲିବା ପାଇଁ ଅନୁମତି ଦିଅନ୍ତି ତେବେ ସ୍କୁଲ ଖୋଲିବ, ନଚେତ୍ ଛାତ୍ରୀଛାତ୍ର ସାର୍ଟିଫିକେଟ୍ ନେଇ ଅନ୍ୟତ୍ର ନାମ ଲେଖି ପଢ଼ିବେ।



ପଢା ଛାଡିଥିବା ପ୍ରାଣଦେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଅଗଷ୍ଟ, ୨୦୧୯



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।
-ଭଲଟାୟର



## ସଂକ୍ଷେପରେ

### ବଙ୍ଗୋପସାଗର ଉପକୂଳରେ ଲାଗିଥିବା ଜାହାଜ କର୍ମଚାରୀ ଆହତ



ବ୍ରହ୍ମଗିରି,୧୭।୮(ଡି.ଏନ.ଏ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ଠାରେ ଲାଗିଥିବା ମାଲେସିଆ ଜାହାଜର ଜଣେ କର୍ମଚାରୀ ଶୁକ୍ରବାର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବଙ୍ଗୋପ ସାଗରରେ ଯାଉଥିବା ମାଲେସିଆର ଏକ ପଣ୍ୟବାହୀ ଜାହାଜର ଯାନ୍ତ୍ରିକ ତ୍ରୁଟି ଯୋଗୁ ୧୧ଦିନ ହେବ ରାଜହଂସ ନିକଟରେ ଲାଗିଛି। ଏଥିରେ ଥିବା କର୍ମଚାରୀଙ୍କ ମଧ୍ୟରୁ ଜଣେ ଶୁକ୍ରବାର ଜାହାଜକୁ ଯାଉଥିବା ସମୟରେ ସମୁଦ୍ରର ଏକ ଲହଡା ଆସି ଜାହାଜରେ ମାଡ ହୋଇଥିଲା। ଫଳରେ ଉକ୍ତ କର୍ମଚାରୀ ଜଣଙ୍କ ଭାରସାମ୍ୟ ହରାଇ ଖସିପଡିବାରୁ ଜାହାଜରେ ଲାଗିଥିବା ଏକ ପ୍ଲେଟରେ ମାଡ ହୋଇ ଆହାତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡିଛି।

### ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ କ୍ଷୋଭ

ଡେଲାଙ୍ଗ,୧୭।୮(ଡି.ଏନ.ଏ): ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଜଣ ବିଶେଷଜ୍ଞଙ୍କ ସହ ୫ଜଣ ଡାକ୍ତର ପଦବୀ ଖାଲି ଥିବାବେଳେ ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦରମା ନେଇ ପୁରୀ ଜିଲା ଚିକିତ୍ସାଳୟରେ ଜଣେ ବିଶେଷଜ୍ଞ ସେବା କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ବିଧାୟକ ପ୍ରଦୀପ ମହାରଥୀ ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ଉକ୍ତ ଡାକ୍ତରଙ୍କୁ ତୁରନ୍ତ ଡେଲାଙ୍ଗ ପଠାଇବା ପାଇଁ ଦାବି କରିଛନ୍ତି। ଡେଲାଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ଶନିବାର ଏକ ରୋଗୀ କଲ୍ୟାଣ ସମିତି ବୈଠକ ବିଧାୟକ ମହାରଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧକ୍ଷ ପ୍ରସନ୍ନ ସାହୁ, ସମିତି ସମ୍ପାଦକ ଡା. ସନ୍ତୋଷ କୁମାର ତ୍ରିପାଠୀ, ବିପିଏମ୍ ଦିଲୀପ କୁମାର ପରିଡ଼ା, ଜନସ୍ୱାସ୍ଥ୍ୟ ଶିକ୍ଷାଧିକାରୀ ସ୍ମିତିଲତା ବିଶ୍ୱାଳ, ବ୍ଲକ୍ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, ଜଳ ଓ ପରିମଳ ଯନ୍ତ୍ରୀ ବିଜୟଲକ୍ଷ୍ମୀ ଓଝା ଓ ସ୍ୱାଗତିକା ପ୍ରଧାନ, ଶିଶୁ ବିକାଶ ଅଧିକାରୀ କାମିନୀ ପ୍ରଭା ସ୍ୱାଇଁ, ମିଶନ ଶକ୍ତି ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ପାଇଁ ସ୍ୱାସ୍ଥ୍ୟ ମିଶନର ଅନୁଦାନ ସମ୍ପର୍କରେ ବିଷଦ ଚର୍ଚ୍ଚା ହୋଇ ୬ଲକ୍ଷ ୫୪ ହଜାର ୯ ଶହ ଟଙ୍କାର ବଜେଟ ଅନୁମୋଦନ କରାଯାଇଥିଲା ।

### ୧୫୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ନିମାପଡ଼ା,୧୭।୮(ଡି.ଏନ୍.ଏ.): ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ଏକ କାର୍ଯ୍ୟାଦେଶ ବଣ୍ଟନ ମେଳା ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ୩୨ପଞ୍ଚାୟତର ୧୫୭ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଅତିଥିଭାବେ ବିଡିଓ ସୂର୍ଯ୍ୟବଂଶୀ ମୟୂରୀ ବିକାଶ, ପୂର୍ବତନ ବିଡିଓ ଶ୍ରୀଧର ବିଶ୍ୱାଳ, ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଉପାଧକ୍ଷ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

### ମାନସିକ ବିକାରଗ୍ରସ୍ତ ଯୁବତୀ ଜନ୍ମ ଦେଲେ ସନ୍ତାନ

ସାକ୍ଷୀଗୋପାଳ,୧୭।୮(ଡି.ଏନ୍.ଏ.): ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ଗତ ମଙ୍ଗଳବାର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ସନ୍ତାନ ଜନ୍ମ ଦେଇଥିବା ଜଣାପଡିଛି। ଯୁବତୀ ଓ ନବଜାତ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତର କହିଛନ୍ତି। ସୂଚନା ଅନୁଯାୟୀ, ସାକ୍ଷୀଗୋପାଳ ଅଞ୍ଚଳରେ ଯୁବତୀଜଣଙ୍କ ତାଙ୍କ ମା' ବାପା ସହ ରୁହନ୍ତି। ତାଙ୍କ ମା' ଓ ବାପା ଦିନ ମଜୁରିଆ ଭାବେ କାମ କରନ୍ତି। ସେମାନେ ଦିନରେ କାମ କରିବାକୁ ଯାଉଥିବା ବେଳେ ଯୁବତୀ ଏକାକୀ ଘରେ ରହିବା ସହ ଆଖପାଖରେ ବୁଲାବୁଲି କରେ ବୋଲି ତାଙ୍କ ମା' କହିଛନ୍ତି। ଗର୍ଭବତୀ ହେବା ପରେ ଖବରପାଇ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀମାନେ ସମ୍ପୃକ୍ତା ଯୁବତୀଜଣଙ୍କ ଯତ୍ନ ନେଇଥିଲେ। ପୁରୀ ସିଡିଏମଓ ଏବଂ ଡିଏସବ୍ଲୁଙ୍କ ସହ ସ୍ଥାନୀୟ ଡାକ୍ତର ଓ ସିଡିପିଓ ଆଲୋଚନା କରିଥିବା କହିଛନ୍ତି। ସମ୍ପୃକ୍ତା ଯୁବତୀଙ୍କୁ ପ୍ରଲୋଭିତ କରି କେହି ଅସାମାଜିକ ବ୍ୟକ୍ତି ଏଭଳି ଘଟଣା ଘଟାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

■ ଫନୀର ୧୦୦ଦିନ ପରେ

# କୋଠଘର, ପଞ୍ଚାୟତ ଗୋଦାମରେ ମୁଣ୍ଡ ଗୁଞ୍ଜିଛନ୍ତି ବିପନ୍ନ

■ବାତ୍ୟାରେ ୩୦ହଜାରରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ଯାଇଥିଲା

■ଘରଭଙ୍ଗା ତଦନ୍ତରେ ଅନିୟମିତତା ଅଭିଯୋଗ

ନିମାପଡ଼ା,୧୭।୮(ଡି.ଏନ୍.ଏ.):

ବାତ୍ୟା 'ଫନୀ'ରେ ପୁରୀ ଜିଲା ନିମାପଡ଼ା ବ୍ଲକରେ ବ୍ୟାପକ କ୍ଷତି ଘଟିଥିଲା। ବ୍ଲକର ୩୨ପଞ୍ଚାୟତ ଓ ଏନ୍ଏସିର ୧୧ୱାର୍ଡର ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିରୁଜି ଯାଇଥିଲା। ତଦନ୍ତ ପରେ ପୁନଃ ତଦନ୍ତ ଚାଲିଛି। ଘରଭଙ୍ଗା ସହାୟତା ମିଳି ନ ଥିବାରୁ ବିପନ୍ନ ପରିବାର ସେମାନଙ୍କ ଅସଜଡା ଘରକୁ ସଜାଡି ନ ପାରି ବାହାରେ ଆଶ୍ରୟ ନେଉଛନ୍ତି। ଫଳରେ ହଜାର ହଜାର ବିପନ୍ନଙ୍କ ପାଇଁ ଘରଭଙ୍ଗା ସହାୟତା ଅପହଞ୍ଚ ପାଲଟିଛି।

ପ୍ରକାଶଥାଉ କି, ଫନୀର ୧୦୦ଦିନ ପରେ ବି ନିମାପଡ଼ା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତର ଉହାଙ୍ଗ ଗ୍ରାମର ଗୌରାଙ୍ଗ ନାୟକ ଘରଭଙ୍ଗା ସହାୟତା ପାଇ ନ ଥିବାରୁ ଅସଜଡା ଘରକୁ ସଜାଡି ପାରି ନାହାନ୍ତି। ଫଳରେ ସେ ତାଙ୍କ ସ୍ତ୍ରୀ ମଞ୍ଜୁଲତା, ଦୁଇ ପୁଅ ଗଣେଶ ଓ କାର୍ତ୍ତିକଙ୍କୁ ନେଇ ପରିବାରବର୍ଗ ଗ୍ରାମର ମା' ସାହାରାଇ କୋଠଘରେ ଆଶ୍ରୟ ନେଇଛନ୍ତି। ସେହିପରି ଧଳେଶ୍ୱର ଗ୍ରାମର ଜଟ ସାହୁ, ତାଙ୍କ ସ୍ତ୍ରୀ ସୁପ୍ରିୟା ସାହୁ, ଝିଅ ରାଜଶ୍ରୀ ସାହୁ ଓ ବୃଦ୍ଧା ମା ବସି ସାହୁଙ୍କ ସମେତ ପରିବାରବର୍ଗ ଧଳେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମ ଗୃହରେ ଆଶ୍ରୟ ନେଇଛନ୍ତି। ଏ ନେଇ ରାଜସ୍ୱ ବିଭାଗର ନିଘା ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଘରଭଙ୍ଗା ତଦନ୍ତ ସରିଥିବା ବେଳେ ଗୌରାଙ୍ଗଙ୍କ ତଦନ୍ତ ତାଲିକାରେ ନାମ ନ ଥିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଦୁଇ ପରିବାର ଘରଭଙ୍ଗା ସହାୟତା ପାଇଁ ପୁନଃ ଆବେଦନ କରିଥିବା ଜଣାପଡିଛି।



କୋଠଘରେ ଆଶ୍ରୟ ନେଇଥିବା ଗୌରାଙ୍ଗ ନାୟକ ଓ ତାଙ୍କ ପରିବାର ।

ନିମାପଡ଼ା ତହସିଲ ଅଞ୍ଚଳରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ସରପଞ୍ଚ ପ୍ରତାପ ସେନ ସ୍ୱାଇଁ, ପୁଷ୍ପଲତା ରାଉତରାୟ, ବାଷ୍ପଲତା ପ୍ରଧାନ, ପ୍ରୀତିରେଖା ବେହେରାଙ୍କ ସମେତ ଭାଜପା ଓ କଂଗ୍ରେସ ଦଳର ନେତୃବୃନ୍ଦମାନେ ଅଭିଯୋଗ କରିଛନ୍ତି। ଘରଭଙ୍ଗା ତଦନ୍ତରେ ଅନିୟମିତତା ଓ ଅଦ୍ୟାବଧି ବିପନ୍ନମାନେ ଘରଭଙ୍ଗା ସହାୟତା ପାଇ ନ ଥିବା ଶଗଡ଼ା ପଞ୍ଚାୟତର ଅମିତା ମଲ୍ଲିକ, ସମିତିସଭ୍ୟ ଗଙ୍ଗାଧର ପଲେଇଙ୍କ ସମେତ ଶତାଧିକ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଆଗାମୀ ୧୦ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର କମଲଜିତ ଦାସ କୁହନ୍ତି, ପୁନଃ ତଦନ୍ତ ସରିଛି। ବାହାରେ ଆଶ୍ରୟ ନେଉଥିବା ଜଟ ଓ ଗୌରାଙ୍ଗଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯିବ। ଫନୀରେ ୨୮,୨୩୪ଜଣ ଲୋକଙ୍କ ଘର ଭାଙ୍ଗିଥିବା ତଦନ୍ତରୁ ଜଣାପଡିଛି। ଘର ଭାଙ୍ଗିଥିବା ବିପନ୍ନଙ୍କୁ ୧୩କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଘରଭଙ୍ଗା ତଦନ୍ତରେ କୌଣସି ଅନିୟମିତତା ହୋଇନାହିଁ। ସରକାରୀ ନିୟମ ଅନୁଯାୟୀ ଘରଭଙ୍ଗା ତଦନ୍ତ କରାଯାଇଥିବା ତହସିଲଦାର ଦାସ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡାଙ୍କ ୧୨୫ ତମ ଜୟନ୍ତୀ

କଣାସ, ୧୭।୮(ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡ଼ାଙ୍କ ୧୨୫ତମ ଜୟନ୍ତୀ କଣାସ ବିକାଶ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ବିଡିଓ ପ୍ରତିଭା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କଣାସ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ମହାନ୍ ଆତ୍ମାଙ୍କ ସ୍ୱପ୍ନକୁ ପୂରାକରି ଏକ ସମୃଦ୍ଧ କଣାସ ଗଠନ କରିବାକୁ ଯୁବ ସମାଜ ଆଗେଇ ଆସନ୍ତୁ ବୋଲି ବିଡିଓ ସାହୁ କହିଥିଲେ। ବ୍ଲକ ସମ୍ମୁଖରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ବିକାଶ ପରିଷଦର ସଭାପତି ପ୍ରଭାକର ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶ୍ୱନାଥଙ୍କ ସ୍ୱପ୍ନ ତଥା ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କଣାସରୁ ନିଶା ନିବାରଣ ସହିତ କୃଷି , ଶିକ୍ଷା ତଥା ଯୁବ ଶକ୍ତିର ବିକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ଉମାକାନ୍ତ ସ୍ୱାଇଁ, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ବୈକୁଣ୍ଠନାଥ ନରେନ୍ଦ୍ର, ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ସରପଞ୍ଚ ବଳରାମ ପଲାଇ, ପୂର୍ଣ୍ଣଚନ୍ଦ୍ର ରାଉତ, କ୍ୟାପ୍ଟେନ୍ ପ୍ରଶନ୍ନ କୁମାର ପଟ୍ଟନାୟକ, ଭାଗୀରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ଆକାଂକ୍ଷା ପଟ୍ଟନାୟକ, ଶିକ୍ଷକ କୃପାସିନ୍ଧୁ ସେଠୀ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ କଣାସ ବିଡିଓ ପ୍ରତିଭା ସାହୁ ଏବଂ ଅନ୍ୟମାନେ ।

# ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ହରଚଣ୍ଡୀସାହି ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀ ଛାତ୍ରମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ପୁରୀ ଅଫିସ, ୧୭।୮ :

ମଧୁବନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଚଣ୍ଡେଶ୍ୱର ମହାପାତ୍ର, ଅଭିମନ୍ୟୁ ପ୍ରଧାନ, ସର୍ବେଶ୍ୱର ବିଶୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ସୁରେଶ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ କନିଷ୍ଠ ବିଭାଗରେ ୫୧, ଶିଶୁ ବର୍ଗରେ ୭୩, ବାଲ ବର୍ଗରେ ୧୧୩, କିଶୋର ବର୍ଗରେ ୫୯ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ୨୪ ତାରିଖରେ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ସେହିପରି ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ଜ୍ଞାନ ବିଜ୍ଞାନ ମେଳାକୁ ଅଧ୍ୟାପିକା ଡ. ଭି.ଶାରଦା ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଦୀନବନ୍ଧୁ ତ୍ରିପାଠୀ, ସ୍ୱର୍ଣ୍ଣଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରେ ୧୩୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।

### ଖବରଦାତାଙ୍କୁ ଆକ୍ରମଣ, ହତ୍ୟା ଧମକ

ପୁରୀ ଅଫିସ, ୧୭।୮ :

ଏକ ଛାପା ଗଣମାଧ୍ୟମର ଚନ୍ଦନପୁର ପ୍ରତିନିଧି ସରୋଜ ବେହେରାଙ୍କୁ ଜନୈକ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଆକ୍ରମଣ ସହ ହତ୍ୟା ଧମକ ଦେଇଥିବା ନେଇ ଶନିବାର ଚନ୍ଦନପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ସରୋଜ ଦର୍ଶାଇଛନ୍ତି ଯେ, ଶିରୁଳୀ ମହାବୀର ଗ୍ରାମରେ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଖବର ପ୍ରଚାରିତ ହୋଇଥିଲା। ଏହାର ଖବର ସଂଗ୍ରହ ଲାଗି ଶନିବାର ମଧ୍ୟାହ୍ନ ୧୨ଟାରେ ସରୋଜ ଅନ୍ୟ ଜଣେ ଖବରଦାତାଙ୍କ ସହିତ ସେଠାକୁ ଯାଇଥିଲେ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜନୈକ ବ୍ୟକ୍ତି ଏବଂ ତାଙ୍କର ଜଣେ ସହଯୋଗୀ ହଠାତ୍ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ। ଏ ସମ୍ପର୍କିତ କୌଣସି ଖବର ପରିବେଷଣ କରାଗଲେ ଲୋକ ଲଗାଇ ଗୋଡାଇ ଗୋଡାଇ ହାଣି ହତ୍ୟା କରିବି ବୋଲି ଧମକ ଦେଇଥିବା ନେଇ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ଖବରଦାତା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି। ପୁରୀ ଜିଲା ସାମ୍ବାଦିକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଲେଙ୍କା, ଓଡ଼ିଶା ଜର୍ଣ୍ଣାଲିଷ୍ଟ ୟୁନିୟନର ଜିଲା ସଭାପତି ବିଜୟ କୁମାର ମିଶ୍ର ଏହାର ତୀବ୍ର ବିରୋଧ କରିଛନ୍ତି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଲାଗି ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# ଗୋଶାଳାର ବିକାଶ ଲାଗି ଗୁରୁତ୍ୱ ଦିଆଯାଉ

ପୁରୀ ଅଫିସ, ୧୭।୮ :

ପ୍ରଳୟଙ୍କରୀ ବାତ୍ୟା ଫନୀରେ ପୁରୀ ଜିଲାର ବ୍ୟାପକ କ୍ଷତି ଘଟିଥିଲା। ଏଥିରେ ବହୁ ଗୋଶାଳା ପ୍ରଭାବିତ ହୋଇଥିଲା। ଅନେକ ଗୋଶାଳା ଛାତ ଆଜବେଷ୍ଟସ, ଛାଳ ଛପର ଘର ଉଡିଯାଇଛି। ଗୋଶାଳାଗୁଡିକର ସବୁଜିମା ପରିବେଶ ନଷ୍ଟ ହୋଇଛି। ଗୋଶାଳାଗୁଡିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। କ୍ଷତିଗ୍ରସ୍ତ ଗୋଶାଳା ଗୁଡିକୁ ଅର୍ଥ ଯୋଗାଇ ଦେବା ଲାଗି କୁମାର ଉତ୍ସବ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ପଣ୍ଡା କହିଛନ୍ତି। ସେ କହିଲେ ଯେ, ଗୋବଂଶ ଦେଶର ଆର୍ଥିକ ମେରୁଦଣ୍ଡ। ଭାରତୀୟ ସଂସ୍କୃତିର ପ୍ରତୀକ। ଗୋମାତା ଦେହରେ ୩୩କୋଟି ଦେବୀଦେବତା ନିବାସ କରନ୍ତି। ସମାଜ ପ୍ରତି ଗୋଶାଳାଗୁଡିକର ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏହି ଅବସରରେ ଗୋଭକ୍ତ ଗଜେନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ବେହେରା, ନୃସିଂହ ସୁଆର, ସତ୍ୟ ନାରାୟଣ ଗୁରୁ, ଭଗବାନ ସୁଆର, ଅରକ୍ଷିତ ସାହୁ, କୃଷ୍ଣଚନ୍ଦ୍ର ପ୍ରତିହାରୀ, ମାଧବ ପଲେଇ, ଶୁଶାନ୍ତ କୁମାର ପ୍ରଧାନ, ବାହାଦୁର ବେହେରା, ରମେଶ ପଞ୍ଚ, ନୃସିଂହ ଦାଶ, ଚିନ୍ମୟୀ ଦେଓ ଓ ବାପି ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୁନୀଲ ପୂଜାପଣ୍ଡା, ପ୍ରଦୀପ୍ତ କୁମାର ମିଶ୍ର, ମର୍କତ କେଶରୀ ଜେନା, ଭରତ ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ।

# ପ୍ରତିଭା କଳା ପ୍ରତିଷ୍ଠାନ ପକ୍ଷରୁ ପ୍ରତିଯୋଗିତା

ଗୋପ, ୧୭।୮(ଡି.ଏନ୍.ଏ.)

ଲୁଚି ଯାଉଥିବା ଗାଁର ପ୍ରତିଭା ମାନଙ୍କୁ ଆଗକୁ ଆସିବାର ସମୟ ଆସିଛି ବୋଲି ଶନିବାର ପ୍ରତିଭା କଳା ପ୍ରତିଷ୍ଠାନ ପକ୍ଷରୁ ଗଣେଶ୍ୱରପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସାମାଜିକ କର୍ମୀ ତଥା ଯୁବନେତା ଧର୍ମେନ୍ଦ୍ର ସାହୁ ମତବ୍ୟକ୍ତ କରିଥିଲେ। ଏଥିରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଦୁଇ ଦିନ ବ୍ୟାପୀ ସ୍ଥାନୀୟ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସୁଚିସ୍ମିତା ଦାସ ପ୍ରଥମ ହୋଇଥିବାବେଳେ ସ୍ୱପ୍ନାରାଣୀ ଜେନା ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ସୌଦାମିନୀ ସେଠୀ ତୃତୀୟ ସ୍ଥାନ ହାସଲ କରିଥିବାବେଳେ କନିଷ୍ଠ ବିଭାଗରେ ରାଜଲକ୍ଷ୍ମୀ ଭଞ୍ଜ, ସ୍ୱୟଂଶ୍ରୀଶୁଭ୍ରା ପାଇକରାୟ ଦ୍ୱିତୀୟ ଓ ମିଳିତ ଭାବେ ଅନ୍ୱେଷା ପ୍ରିୟଦର୍ଶିନୀ ମଲ୍ଲିକ୍, ସନମ ଜଗଦୀଶ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ଉତ୍ସବରେ ପ୍ରତିଭା କଳା ପ୍ରତିଷ୍ଠାନ ସମ୍ପାଦକ ସଂଗ୍ରାମ କେଶରୀ ଭୋଳ, ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦ, ସମିତି ସଭ୍ୟ କରୁଣାକର ସାହୁ, ସରପଞ୍ଚ ଦେବବ୍ରତ ସାହୁ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ସୁଇଟ୍ ସଲ୍ୟୁସନ୍ ପ୍ରାଇଭେଟ୍ ଲିଃ. ନିର୍ଦ୍ଦେଶକ ଅବିନାଶ ଗ୍ରହାଚାର୍ଯ୍ୟ, ସିଇଓ ଇନ୍ଦୁମତି ଓଝା, କର୍ମକର୍ତ୍ତା କାମାକ୍ଷାପ୍ରସାଦ ଦଳବେହେରା, ସବ୍ୟସାଚୀ ଦଳାଇ, ବିଭୂପ୍ରସାଦ ସାହୁ ଓ ଦେବରାଜ ମହାରଣା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିବାବେଳେ ବିଦ୍ୟାଳୟରୁ ଠିକ୍ ଭାବେ ଜ୍ଞାନ ଆହରଣ କରି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।

■ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ

# ଚନ୍ଦ୍ରଭାଗାକୁ ହରାଇ ଅଚ୍ୟୁତପୁର ଚାମ୍ପିୟନ

କୋଣାର୍କ, ୧୭।୮(ଡି.ଏନ୍.ଏ.)

ଜନମଙ୍ଗଳ ଯୁବ ସଂଗଠନ, କୋଣାର୍କ ଏନ୍ଏସି ଓ ନେହେରୁ ଯୁବକେନ୍ଦ୍ର ପୁରୀର ମିଳିତ ସହଯୋଗରେ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ କୋଣାର୍କ ଏନ୍ଏସି ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋଣାର୍କଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ ଯୋଗଦେଇଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିଥି ଭାବରେ ପୁରୀଜିଲା ଯାଦବ ମହାସଂଘର ସଭାପତି ଗୋପାଳଚନ୍ଦ୍ର ବେହେରା, କୋଣାର୍କ ସୁରକ୍ଷା ସମିତିର ସଭାପତି ବାଦଲ ଦାଶ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହିନୀପତି, ଜନମଙ୍ଗଳ ଯୁବ ସଂଗଠନର ସଭାପତି ବ୍ରଜକିଶୋର ସାହୁ, ନେହେରୁ ଯୁବକେନ୍ଦ୍ର ପୁରୀର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ବିଚିତ୍ରାନନ୍ଦ ଦାଶ, ପୂର୍ବତନ କାଉନସିଲର ପଦ୍ମଚରଣ ବେଉରା, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ କୋଣାର୍କ, ଜୁଣେଇଁ, ନିମାପଡା, ଚନ୍ଦ୍ରଭାଗା ଓ ଅଚ୍ୟୁତପୁର କ୍ଲବ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଅଚ୍ୟୁତପୁର କ୍ଲବ ଚନ୍ଦ୍ରଭାଗାକୁ ୨-୦ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଆନ୍ତର୍ଜାତିକ ଭଲିବଲ ରେଫରି ସୁଦର୍ଶନ ପଟ୍ଟନାୟକ, ପୂର୍ବତନ କାଉନସିଲର ରଣଜିତ ରାଉତରାୟ, ସଂଗଠକ ଶତ୍ରୁଜିତ ରାଉତରାୟ, ଯୁବକ୍ରୀଡାବିତ୍ ପ୍ରଶାନ୍ତ ବଡପଣ୍ଡା ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।



ଟ୍ରଫି ସହ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଖେଳାଳିମାନେ ।

■ ବିପଦ ସଙ୍କେତ ଉପରେ ଦୟାନଦୀ

# ବହୁ ସ୍ଥାନରେ ଘଳିଆ, ପ୍ରଶାସନ ସଜାଗ

କଣାସ,୧୭।୮(ସ୍ୱ.ପ୍ର./ଡି.ଏନ୍.ଏ.)

ମହାନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ବନ୍ୟାଜଳ କଣାସ ବ୍ଲକରେ ଦୟା, ରାଜୁଆ, ମଲାଗୁଣି, ମକରା, କାଣିଆ, ଲୁଣାନଦୀରେ ପ୍ରଭାବିତ ହେବାସହ ବିପଦ ସଙ୍କେତ ବହୁ ଉପରେ ଟପିଯାଇଥିବାରୁ ଲୋକମାନଙ୍କ ମନରେ ଭୟ ସୃଷ୍ଟି ହେଉଛି। କଣାସଠାରେ ଦୟାନଦୀର ବିପଦ ସଙ୍କେତ ୩.୯୯ମି.ମି ଥିବାବେଳେ ଶୁକ୍ରବାର ତାହା ୫.୧୭ମି.ମି ବନ୍ୟାଜଳ ପ୍ରଭାବିତ ହେଉଥିଲା। ଶନିବାର ତାହା ୪.୬୨ମି.ମିରେ ପ୍ରଭାବିତ ହେଉଛି। ବନ୍ୟାଜଳର ବେଗ ତୀବ୍ର ଥିବାରୁ ଅଧିକାଂଶ ନଦୀବନ୍ଧରେ ଗଳିଆ ସୃଷ୍ଟି ହୋଇଯାଇଛି। ଫଳରେ ଗଳିଆ ପଡିଥିବା ସ୍ଥାନଗୁଡ଼ିକରେ କଣାସ ଜଳସେଚନ ବିଭାଗ ପକ୍ଷରୁ ବାଲିବସ୍ତା ପକାଯାଇ କର୍ମଚାରୀମାନେ ସଜାଗ ରହିଛନ୍ତି। ଉପରମୁଣ୍ଡର ବର୍ଷାଜଳ ସାମାନ୍ୟ କମୁଥିବାବେଳେ ହୀରାକୁଦର ଛଡାଯାଇଥିବା ଜଳ ରବିବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିବ ବୋଲି କଣାସ ଜଳସେଚନ ବିଭାଗ ଏସ୍‌ଡିଓ ମକର ବେହେରା ସୂଚନା ଦେଇଛନ୍ତି।

